ବ୍ରିଟିଶ୍ ଶକ୍ତିର ସାହାଯ୍ୟ ନେଇ ବିଶ୍ୱାସଘାତକତାର ପଥ ଦେଇ ରାଜା ନରେନ୍ଦ୍ରଙ୍କ ମୁଣ୍ଡକାଟ କଲେ । ଘଟଣା ୧୮୨୩-୧୮୩୨ ସାଲ ମଧ୍ୟରେ ଘଟି । ଟେଣ୍ଟୋପୋଷିଠାରେ ରାଜା ନରେନ୍ଦ୍ରଙ୍କ ସାନ ଭାଇ ମାଧବ ଦାସ ମହାପାତ୍ର ସଭରକର (ଗାଁ ପ୍ରଧାନମାନଙ୍କ ମୁଖ୍ୟ) ଥିଲେ । ମୟୂରଭଞ୍ଜ ମହାରାଜା ଓ ଟେଣ୍ଟୋପୋଷି ସଭରକରଙ୍କ ମଧ୍ୟରେ ଲମ୍ବାପତ୍ର ଲଢ଼େଇ ଚାଲିଲା (୧୮୩୨-୧୮୩୫) । ସମସ୍ତ ନଥିପତ୍ର British Govt. of Bengal ପାଖରେ ଥିଲା । ବର୍ତ୍ତମାନ (୨୦୧୫) ଭାରତ ସରକାରଙ୍କ ପାଖରେ ଥିବ । ଗବେଷଣା କାମରେ ଲାଗିବ । ଗୋଣ୍ଡ ସଭରକର ମାଧବ ଦାସ ଭଞ୍ଜ ରାଜାଙ୍କଠାରେ ମୁଣ୍ଡ ନୁଆଇଁ ନ ଥିଲେ । ଶେଷରେ ମୟୂରଭଞ୍ଜ ମହାରାଜା ଓ ମାଧବ ଦାସଙ୍କ ମଧ୍ୟରେ ଟେଣ୍ଟୋକୋଷିଠାରେ ୧୮୩୫ ସାଲରେ ଭୟଙ୍କର ସମ୍ମୁଖ ରକ୍ତାକ୍ତ ଯୁଦ୍ଧ ହେଲା । ଟେଣ୍ଟୋପୋଷି ଦୁର୍ଗ ନିକଟରେ ବହି ଯାଇଥିବା କାହ୍ନୁ ନଈ ପାଣି ଲାଲ ହେଲା । ଶେଷରେ ଗୋଣ୍ଡମାନେ ପରାସ୍ତ ହେଲେ । ମୟୂରଭଞ୍ଜ ମହାରାଜା ବ୍ରିଟିଶ ଶକ୍ତିର ସାହାଯ୍ୟ ନେଇ ତଥା କରଞ୍ଜିଆ ବାଥୁଡ଼ି ଜମିଦାର ଡୁଗୁଲୁ ଦାସଙ୍କ ସହଯୋଗରେ ବିଜୟୀ ହୋଇଥିଲେ । ଗୋଣ୍ଡମାନେ ପରାସ୍ତ ହେବା ଜାଣି କରଞ୍ଜିଆ ଜମିଦାର ଡୁଗୁଲୁ ଦାସ ଟେଣ୍ଟୋପୋଷି ଦୁର୍ଗରେ ପ୍ରବେଶ କରିଥିଲେ । ତେବେ ଜଣେ ସାହସୀ ଗୋଣ୍ଡ ରମଣୀର ଧାନକୁଟା ହାତ ପାହାରୁଣୀ ଆକ୍ରମଣରେ ଆହତ ହୋଇ ଜୀବନ ଦେଲେ । ଜମିଦାର ଡୁଗୁଲୁଙ୍କ ମୃତ୍ୟୁ ଘଟଣା ଏବେ ମଧ (୨୦୧୫) କରଞ୍ଜିଆ ଜମିଦାର ବଂଶ ମନେ ରଖିଛନ୍ତି ଓ ଲେଖିକା ସୁକାନ୍ତି ନାୟକଙ୍କୁ କହନ୍ତି । ଗୋଣ୍ଡମାନେ ପରାସ୍ତ ହେଲାପରେ ବାମନଘାଟୀ ପାଣି ପିଇବେ ନାହିଁ ବୋଲି ଶପଥ ନେଇ, ପଥର କାଟି ସ୍ଥାନ ତ୍ୟାଗ କଲେ । ସଭରକର ମାଧବ ଦାସ ମହାପାତ୍ର, ଦାମୋଦର ଦାସ ମହାପାତ୍ର ଗାଦିଚ୍ୟୁତ ହେଲେ । ଗୋଣ୍ଡମାନେ ପରାସ୍ତ ହୋଇ ସିଂହଭୂମ ପୋଡ଼ାହାଟ ରାଜ୍ୟ ଓ କେନ୍ଦୁଝର ବୈତରଣୀ ଅବବାହିକାକୁ ଚାଲିଯାଇଥିଲେ । ମୟୂରଭଞ୍ଜ ଗୋଣ୍ଡ ଶକ୍ତିକୁ ପରାଜିତ କରିବା ପାଇଁ ମୟୁରଭଞ୍ଜ ମହାରାଜାଙ୍କୁ ବେଶ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥିଲା । ଏଣୁ ଏହି ଘଟଣା ମୟୁରଭଞ୍ଜ ଇତିହାସରେ ବାରମ୍ବାର ଉଲ୍ଲେଖ କରାଯାଇଛି । ବାମନଗାଟୀ ଗୋଣ୍ଡ ରାଜପରିବାର ନିଜ ରାଜ୍ୟ ଫେରି ପାଇବା ପାଇଁ ବ୍ରିଟିଶ ଶକ୍ତିଠାରେ ବାରମ୍ବାର ପତ୍ର ଆବେଦନ କରିଥିବା ଜଣାଯାଏ । ତେବେ ଭଞ୍ଜ ରାଜାଙ୍କ ବିରୋଧ ହେତୁ ସମ୍ଭବ ହେଲା ନାହିଁ ।

୧୮୬୬ ସାଲରେ ଓଡ଼ିଶାରେ ନ'ଅଙ୍କ ଦୁର୍ଭିକ୍ଷ ପଡ଼ିଲା । ମୟୁରଭଞ୍ଜ ରାଜ୍ୟ ମଧ୍ୟ ଦୁର୍ଦ୍ଦଶା ଭୋଗିଲା । ଭଞ୍ଜ ରାଜା ଶ୍ରୀନାଥ ଭଞ୍ଜଙ୍କ ବିରୋଧରେ ବାମନଘାଟୀ ଇଲାକାର (କରଞ୍ଜିଆ ମଧ୍ୟ ସାମିଲ) କୋହ୍ଲ, ଭୂମିଜ, ସାନ୍ତାଳ ପ୍ରଜା ରାଜା ବିରୋଧୀ ଭୟଙ୍କର ମେଳି କଲେ । ଭୋକ ଦାଉରେ ସ୍ଥାନୀୟ ଦିନୁମାନଙ୍କ ଘରଦ୍ୱାର ପୋଡ଼ିଲେ, ଗୋଡ଼ ହାତ, ହାଣିଲେ । ଧାନ ଚାଉଳ ନେଇ ଖାଇଲେ । ମେଳି ଭୟଙ୍କର ହେଲଶ ଓ ଦୀର୍ଘ ଦିନ ଚାଲିଲା । କଟକର ବ୍ରିଟିଶ କମିଶନର ଟି.ଇ. ରେଭେନ୍‌ସା ସାହେବ ମୟୁରଭଞ୍ଜ ଆସିଲେ (ସୂଚନା ଯୋଗ୍ୟ ଯେ ଓଡ଼ିଶାର ରାଜାମାନେ ବ୍ରିଟିଶ୍ ସରକାର ଅଧିନରେ ଥିଲେ ୧୮୦୩ ସାଲରୁ) । ମେଳିର ନେତୃତ୍ୱ ନେଉଥିବା ଲୋକମାନଙ୍କ ଠିକଣା କରିବାରେ ସମର୍ଥ ହେଲେ । ମେଳିରେ ନେତୃତ୍ୱ ରାଜା ନରେନ୍ଦ୍ରଙ୍କ ବଂଶଧର ଭଗବାନ ଦାସ ଏବଂ ତାଙ୍କ ପୁତ୍ର ମଦନ ବାବୁ ନେଉଥିଲେ । ସେମାନେ ନିଜର ପୂର୍ବ ରାଜ୍ୟ ଫେରି ପାଇବା ପାଇଁ ରାଞ୍ଚି ପାଖ 'କୁଣ୍ଡୁ'ଠାରେ ଆସି ନେତୃତ୍ୱ ନେଉଥିଲେ । ତେବେ ମେଳିକୁ କଠୋର ହସ୍ତରେ ଦମନ କରାଗଲା । ମେଳିର ନେତୃତ୍ୱ ନେଉଥିବା ଗୋଣ୍ଡ ବୀରଙ୍କୁ ଗିରଫ କରି, ଚାଇଁବସା ନେଇ ଫାଶି ଦିଆଗଲା । ରାଜ୍ୟ ପରିଚାଳନାରେ ଅସମର୍ଥ ହେଉଥିବା ମହାରାଜା ଶ୍ରୀନାଥ ଭଞ୍ଜଙ୍କୁ ରେଭେନ୍‌ସା ସାହେବ ତାଗିଦ୍ କରିଥିଲେ ।

ଏହି ମେଳିର ସୁଦୂର ପ୍ରସାରୀ ପ୍ରଭାବ ଥିଲା । ମେଳି ପରେ ମହାରାଜା ଓ ତାଙ୍କ ଦିକୁ ଦରବାରୀ ସଂଜତ ହୋଇ ଯାଇଥିଲେ । ଖଜଣା ଆଦାୟ ନୀତିର ପରିବର୍ତ୍ତନ ଆଣିଥିଲେ । ଗୋଣ୍ଡ ନେତୃତ୍ୱରେ ମେଳି ଦେଖି ବାମନଘାଟୀ ରାଜ୍ୟକୁ ଦୁଇଭାଗ କରି ଦିଆଗଲା । ୧୮୮୪ ସାଲରେ 'ଉପରଭୋଗ' ବା 'ପାଞ୍ଚପିଢ଼ ଉପଖଣ୍ଡ' ହେଡ୍‌କ୍ୱାର୍ଟର କରଞ୍ଜିଆ ସ୍ଥାପନ କରାଗଲା । ୧୮୩୫-୧୮୩୬ ବେଳକୁ ମୟୁରଭଞ୍ଜ ରାଜ୍ୟ ଗୋଣ୍ଡ ଶୂନ୍ୟ ହୋଇ ପଡ଼ିଥିଲା । ୧୮୯୧ ଜନଗଣନା ଅନୁସାରେ ମାତ୍ର ୧୦୮ ଗୋଣ୍ଡ ମୟୂରଭଞ୍ଜ ରାଜ୍ୟରେ ଥିଲେ ବୋଲି ଜଣାଯାଏ । ୧୮୬୬ ମେଳି ପରେ ରାଜ୍ୟର ରାଜନୈତିକ ସ୍ଥିତି ବଦଳିଗଲା । ଗୋଣ୍ଡମାନେ ଧୀରେ ଧୀରେ ମୟୁରଭଞ୍ଜ ରାଜ୍ୟରେ ପ୍ରବେଶ କଲେ । କ୍ରମେ ଅନ୍ୟାନ୍ୟ ବ୍ଲକରେ ମଧ୍ୟ ବାସ କରୁଛନ୍ତି । ୨୦୦୧ ଜନଗଣନା ଅନୁସାରେ ମୟୁରଭଞ୍ଜ ରାଜ୍ୟରେ ୨୫-୩୦ ହଜାର ଗୋଣ୍ଡ ବାସ କରୁଥିବା ଜଣାଯାଏ । ମୟୂରଭଞ୍ଜରେ ୩୭ଟି ଆଦିବାସୀ ଗୋଷ୍ଠୀ ମଧ୍ୟରୁ ସଂଖ୍ୟା ଦୃଷ୍ଟିରୁ ସାନ୍ତାଳ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, ଗୋଣ୍ଡଙ୍କ ସ୍ଥାନ ଷଷ୍ଠ ଅଟେ । ଗୋଣ୍ଡମାନେ ଲଢୁଆ ମିଲିଟାରୀ ଜାତି ହୋଇଥିବାରୁ ହିଁ ରାଜା ନରେନ୍ଦ୍ର ସ୍ୱାଧୀନ ଭାବରେ ଶାସନ କରିବା ପାଇଁ ସମର୍ଥ ହୋଇଥିଲେ । ମୟୂରଭଞ୍ଜ ଗୋଣ୍ଡ ଜାତିଙ୍କ ଲଢୁଆ ମନଭାବ ପୂର୍ବ ପରି ରହିଛି । ଗଣତନ୍ତ୍ର ରାଜନୀତି ଦୃଷ୍ଟିରୁ ଯଶିପୁର

ନିର୍ବାଚନ ମଣ୍ଡଳୀରେ ଗୋଣ୍ଡଙ୍କ ପ୍ରଭାବ ରହିଛି । ତେବେ ଦିକୁ (Non-tribal) ମାନଙ୍କ ହୀନ ରାଜନୀତି ଏମାନଙ୍କୁ ସକ୍ରିୟ ରାଜନୀତିକୁ ହରେଇ ରଖୁଛି । ଗୋଣ୍ଡମାନେ ସକ୍ରିୟ ହେଲେ ତାଙ୍କ ପୂର୍ବ ଗୌରବ ଫେରି ପାଇ ପାରିବେ । ଆଦିବାସୀ ସମାଜକୁ ଦିଗ୍ ଦର୍ଶନ, ନେତୃତ୍ୱ ଦେଇ ପାରିବେ । ଆମେ ପ୍ରଗତିଶୀଳ ଗୋଣ୍ଡ ଗାଁ ଗାଲୁସାହି ସମ୍ବନ୍ଧରେ କିଛି ଜାଣିବା ।

### ଐତିହାସିକ ଗୋଣ୍ଡ ଗାଁ 'ଗାଲୁସାହି' :

ମୟୁରଭଞ୍ଜ ଜିଲ୍ଲା ଶୁକୃଳି ବ୍ଲକ୍ (ଖୂଚିଂ ପାଖରେ) ଗାଲୁସାହି ଗାଁଟି ରହିଛି । ଏହା ଏକ କୋହ୍ଲ ଆଦିବାସୀ ଗାଁ ଅଟେ । 'ଗାଲୁ' କୋହ୍ଲଙ୍କ ନାଁ ଅନୁସାରେ 'ଗାଲୁସାହି' ନାମକରଣ ହୋଇଛି । ୧୮୭୦-୧୮୮୦ ଦଶକରେ କେନ୍ଦୁଝର ରାଜ୍ୟରୁ ୬ ଦେଓ ଓ ଝାଡଖଣ୍ଡ ପୋଡ଼ାହାଟ (ସିଂହଭୂମ ଜିଲ୍ଲା) ଇଲାକାରୁ ୪ ଓ ୫ ଦେଇ ଏମିତି ମୋଟ ତିନୋଟି ପରିବାର ଘଟଣା କ୍ରମେ ଗାଲୁସାହିରେ ଆସି ବସବାସ କଲେ । ୪ ଦେଓ ଗୋଣ୍ଡ ଡ଼ମ୍ବରୁଧର ନାୟକଙ୍କ ବଂଶଧର ଟେଣ୍ଟୋପୋଷି ଯୁଦ୍ଧରେ ପ୍ରାଣ ଦେଇଥିବା ଜଣାଯାଏ । ସେ ଯାହା ହେଉ, ୬ ଦେଓ ଗୋଣ୍ଡ ଶ୍ୟାମ ନାୟକ ଗାଁର 'ପ୍ରଧାନୀ' କାମ ତୁଲାଇଲେ । ଗାଁର ଶାନ୍ତି ଶୃଙ୍ଖଳା ରକ୍ଷା କଲେ । ମୟୂରଭଞ୍ଜ ମହାରାଜାଙ୍କ ସହ ସୁସମ୍ପର୍କ ରଖିବାରେ ମଧ୍ୟ ସମର୍ଥ ଥିଲା । ୧୮୯୧ ସାଲରେ କେନ୍ଦୁଝର ରାଜ୍ୟରେ ଭୟଙ୍କର ଭୂୟାଁ ମେଳି ହୋଇଥିଲା । ପାଟଣା ବ୍ଲକ୍ ଖୁରେଇଟାଙ୍ଗିରୀ "ଗାଁ ପ୍ରଧାନ" ତିନିଦେଓ ଗୋଣ୍ଡ ଚକ୍ରଧର ଭୁଜବଳ ସେହି ମେଳିରେ ପ୍ରମୁଖ ଭୂମିକା ଲିଭାଇ ଥିଲେ । ମେଳି ଭାଙ୍ଗିବା ପରେ ତାଙ୍କୁ ଗିରଫ କରିବା ପାଇଁ ବ୍ରିଟିଶ୍ ସରକାର ବାର ବର୍ଷିଆ ପରୱାନା ଜାରି କରିଥିଲେ । ସାହସୀ, ଚତୁର ଭୁଜବଳ କୌଶଳରେ ଗାଁ ତ୍ୟାଗ କରି ମୟୁରଭଞ୍ଜ, ପୋଡ଼ାହାଟ ଇଲାକାରେ ଆତ୍ମଗୋପନ କଲେ । ସେ ଗାଲୁସାହି ଗାଁରେ ଗୋଣ୍ଡ ପରିବାର ଭିତରେ କିଛି ଦିନ ଆତ୍ମଗୋପନ କରିଥିବା ଗାଲୁସାହି ଗୋଣ୍ଡ ଇତିହାସରୁ ଜଣାଯାଏ । ଜିଦ୍‌ଖୋର ଗୋଣ୍ଡମାନେ ସରକାରର କୌଣସି ପ୍ରଲୋଭନରେ ନ ପଡ଼ି ତାଙ୍କୁ ଶେଷ ପର୍ଯ୍ୟନ୍ତ ସାହାଯ୍ୟ କରିଥିଲେ । ଚକ୍ରଧର ଭୁଜବଳ କେବେ ହେଲେ ଧରାପଡ଼ି ନଥିଲେ ।

୧୯୨୦ ଦଶକରେ ଗାଲୁସାହି ଗାଁରେ ଚାଟଶାଳୀ ମାଧ୍ୟମରେ ଶିକ୍ଷାର ଆଲୋକ ପ୍ରବେଶ କରି ସାରିଥିଲା । ୧୯୨୮ ସାଲରେ ଶାମ୍ ନାୟକଙ୍କ ନାତି ମହେଶ୍ୱର ନାୟକ କଟକ ରେଭେନ୍ସା କଲେଜରେ ଇଂରାଜୀରେ ଏମ୍.ଏ. କରୁଥିବା ଜଣାଯାଏ । ସେହି ସମୟରେ ମୟୁରଭଞ୍ଜ ରାଜାଙ୍କ ଡ଼ାକରା ପାଇ ରାଜ କର୍ମଚାରୀ ଭାବରେ ଯୋଗ ଦେଲେ । ଭାରତର ସ୍ୱାଧୀନତା ସଂଗ୍ରାମ ଚାଲିଥିଲା । ଗଣତନ୍ତ୍ରର ତରଙ୍ଗ ବହୁଥିଲା । ଘଟଣା ଚକ୍ରରେ ପଡ଼ି ମୟୁରଭଞ୍ଜ ମହାରାଜା ମହେଶ୍ୱର ନାୟକଙ୍କୁ (S.T. ଭାବରେ ମନ୍ତ୍ରୀ) ଶିକ୍ଷା ମନ୍ତ୍ରୀ କରିବା ପାଇଁ ୧୯୪୭ରେ ବାଧ୍ୟ ହେଲେ । ମହେଶ୍ୱର ନାୟକ ଗାଲୁସାହି ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଶିକ୍ଷାନୁଷ୍ଠାନ ମାନ ଖୋଲିଲେ । ଦେଶ ସ୍ୱାଧୀନ ହେଲା ବେଳେ ଆଦିବାସୀ ରାଜନୀତିର ଢ଼େଣା ମେଲି ସାରିଥିଲା । ବିହାର ରାଜ୍ୟର ଜୟପାଲ ସିଂ ମୁଣ୍ଡା ଆଦିବାସୀ ରାଜ୍ୟ ଦାବୀ କରୁଥିଲେ । ଆଦିବାସୀ ନେତା ଭାବରେ ମହେଶ୍ୱର ନାୟକ ଭାରତର ପ୍ରୋଭିଜିନାଲ୍ ପାର୍ଲିଆମେଣ୍ଟରେ ସଭ୍ୟ ପଦ ତୁଲାଇବା ସୁଯୋଗ ପାଇଲେ । ୧୯୫୦-୧୯୫୨ ପର୍ଯ୍ୟନ୍ତ (ଭାରତର ପ୍ରଥମ ନିର୍ବାଚନ ୧୯୫୨ରେ ହେଲା) ଗୋଣ୍ଡ ସଭରକର ମାଧବ ଦାସ ମହାପାତ୍ର ନିଜ ରାଜ୍ୟ ଫେରି ପାଇବା ପାଇଁ ବହୁ ଚେଷ୍ଟା କରିଥିଲେ, ବ୍ରିଟିଶ୍ ସରକାରଠାରେ । ତେବେ ମୟୁରଭଞ୍ଜ ମହାରାଜାଙ୍କ ବିରୋଧ ହେତୁ ଅସମର୍ଥ ହେଲେ । ମହେଶ୍ୱର ନାୟକଙ୍କ ଉତ୍‌ଥାନ ସେହି କ୍ଷତିକୁ ପୂରଣ କଲା । ସେ ସମୟରେ ମଧ୍ୟ ଭାରତର ଅନେକ ରାଜଗୋଣ୍ଡ ସମ୍ବିଧାନରେ ଆଦିବାସୀ ଶ୍ରେଣୀଭୁକ୍ତ ହେବା ଅପମାନ ଜନକ ଭାବୁଥିଲେ । ଆଦିବାସୀ ତାଲିକାରୁ 'ଗୋଣ୍ଡ' ନା ଉଚ୍ଛେଦ ପାଇଁ ଦାବୀ କରୁଥିଲେ । ମହେଶ୍ୱର ନାୟକ ତଥା ଅନ୍ୟାନ୍ୟ ବିଜ୍ଞ ଗୋଣ୍ଡ ନେତାଗଣ 'ଗୋଣ୍ଡ ସମାଜ ଆଦିବାସୀ ଶ୍ରେଣୀଭୁକ୍ତ ହେବା ଉଚିତ୍ ବୋଲି ଯୁକ୍ତି ବାଢିଲେ । ଯାହା ହେଉ ସେହି ବିଜ୍ଞ ଗୋଣ୍ଡଙ୍କ ପାଇଁ ଗରିବ ଗୋଣ୍ଡ ସମାଜ ଆଦିବାସୀ ଶ୍ରେଣୀଭୁକ୍ତ ହୋଇ ଲାଭ ଉଠାଇ ପାରୁଛନ୍ତି । ମହେଶ୍ୱର ନାୟକ ଉଚ୍ଚ ଶିକ୍ଷିତ ଗୋଣ୍ଡ ଆଦିବାସୀ ଭାବରେ କଂଗ୍ରେସ୍ ଦଳରୁ ୧୯୫୬-୬୨ ପର୍ଯ୍ୟନ୍ତ ରାଜ୍ୟସଭା ସଦସ୍ୟ, ୧୯୬୨ରୁ ୧୯୬୭ ପର୍ଯ୍ୟନ୍ତ ମୟୁରଭଞ୍ଜ ଲୋକସଭା ସଦସ୍ୟ ରହିଥିଲେ । ରାଜନୀତି ସହିତ ସାହିତ୍ୟ କ୍ଷେତ୍ରରେ ମଧ୍ୟ ମହେଶ୍ୱର ନାୟକଙ୍କ ଅବଦାନ ରହିଛି ।

ସେହିପରି ଗାଲୁସାହି ଗାଁରୁ ୪ ଦେଓ ଗୋଣ୍ଡ ଡ଼ମ୍ବରୁଧର ନାୟକଙ୍କ ପୁତ୍ର ଅନୁକୂଳ ନାୟକଙ୍କ ଶିକ୍ଷା ପ୍ରତି ପ୍ରବଳ ଅନୁରାଗ ଥିଲା । ସେ ନିଜ ପୁତ୍ର ପଦ୍ମଲୋଚନଙ୍କୁ (ଲେଖିକାଙ୍କ ପିତା) ଗାଲୁସାହି ଗାଁ ଚାଟଶାଳୀ ଶିକ୍ଷାଦେଇ କରଞ୍ଜିଆ, ବାରିପଦାରେ ଉଚ୍ଚ ଶିକ୍ଷାର ବ୍ୟବସ୍ଥା କରିଥିଲେ । ସେ ୧୯୩୯ ସାଲରେ ଶିକ୍ଷକତା ଚାକିରୀକୁ ଆଦରୀନେଇ ଗାଲୁସାହି ଗାଁ, ସେହି ଇଲାକା ତଥା ଆତ୍ମିୟସ୍ୱଜନଙ୍କ ମଧ୍ୟରେ ଶିକ୍ଷାର ଆଲୋକ ବୁଣିବାରେ ପ୍ରମୁଖ ଭୂମିକା ଲିଭାଇ ଥିଲେ । ଗାଲୁସାହିର ପାଞ୍ଚ ଦେଓ ଗୋଣ୍ଡ ଜୟରାମ ନାୟକଙ୍କ ପୁତ୍ର ପୂର୍ଣ୍ଣଚନ୍ଦ୍ର ନାୟକ ୧୯୬୦ ଦଶକରେ ରାଜନୀତି କ୍ଷେତ୍ରରେ ସରପଞ୍ଚ ହେବା ସହ ଶୁକୃଳି ବ୍ଲକ୍ ଚେୟାରମ୍ୟାନ ହୋଇ ପାରିଥିଲେ ସେ

ବିନା ସଂରକ୍ଷଣ ଯୁଗରେ (ଏସ୍.ଟି.ଙ୍କ ପାଇଁ ପଞ୍ଚାୟତି ରାଜ ବିଭାଗରେ ସଂରକ୍ଷଣ ସୁବିଧା ୧୯୯୨ରେ ଯୋଡ଼ାଗଲା) ସେ ବିକାଶ ମୂଳକ କାମ କରିବା ସହ ରାଜନୀତି କ୍ଷେତ୍ରରେ ସଚେତନତା ଆଣିବାରେ ପ୍ରମୁଖ ଭୂମିକା ଲିଭାଇ ଥିଲେ । ଉପରଲିଖିତ ଯୁଗଜନ୍ମା ବ୍ୟକ୍ତିଙ୍କ ପୁତ୍ର କଢ଼୍ୟା, ନାତି-ନାତୁଣୀମାନେ ୧୯୫୦ରୁ ୧୯୬୦ ଦଶକ ବେଳକୁ ରାଜ୍ୟ ତଥା ଜାତୀୟ ସ୍ତରରେ ଉଚ୍ଚ ପଦ ପଦବୀରେ ଅବସ୍ଥାପିତ ହୋଇଥିବା ଜଣାଯାଏ । ମହେଶ୍ୱର ନାୟକଙ୍କ ବଡ ପୁଅ ବ୍ରଜେନ୍ଦୁ ନାୟକ ୧୯୬୦ ଦଶକରେ ଭାରତ ସରକାରଙ୍କ ତରଫରୁ ଇଂଲଣ୍ଡରେ କିଛି ବର୍ଷ କାର୍ଯ୍ୟରତ ଥିଲେ । ୨୦୧୦ ଦଶକ ବେଳକୁ ଗାଲୁସାହି ଗାଁର ଗୋଣ୍ଡ ପରିବାର ବଢି କୋଡ଼ିଏରେ ପହଞ୍ଚିଲାଣି । ଚାରି ପାଞ୍ଚଟି ପରିବାର ପରେ ମିଶିଛନ୍ତି ମଧ୍ୟ । ଗାଲୁସାହି ଗାଁ ୨୦୧୦ ଦଶକ ବେଳକୁ ଶିକ୍ଷା ଓ ସରକାରୀ ଚାକିରୀ କ୍ଷେତ୍ରରେ ଅଧିକ ସଫଳତା ପାଇଛନ୍ତି । ବିଶେଷ ଭାବରେ ଇଂଜିନିୟରିଂ କ୍ଷେତ୍ରରେ ଅଧିକ ସଫଳତା ପାଇଛନ୍ତି । ସରକାରୀ ଚାକିରିଆ ପରିବାରର ଆର୍ଥିକ କ୍ଷେତ୍ରରେ ପ୍ରଗତି ଘଟିଥିଲେ ମଧ ବ୍ୟବସାୟ କ୍ଷେତ୍ରରେ ଏ ପର୍ଯ୍ୟନ୍ତ କେହି ପ୍ରବେଶ କରି ନାହାନ୍ତି । ରାଜନୀତି ଓ ବ୍ୟବସାୟ ଯୋଡ଼ି ହୋଇଥିବାରୁ ସଂଗଠିତ ନହେଲା ପର୍ଯ୍ୟନ୍ତ ଗୋଣ୍ଡ ଜାତିର ଲୋକ କୋଟି କୋଟି ଟଙ୍କାର ମାଲିକ ହୋଇ ପାରିବେ ନାହିଁ । ଗାଲୁସାହି ଗାଁର ଅଧା ଗୋଣ୍ଡ ପରିବାର ଶୃଙ୍ଖଳା ଓ ଶିକ୍ଷାର ପରିଶ୍ରମର ଅଭାବ ହେତୁ ପଛରେ ପଡ଼ିଛନ୍ତି ।

ଗାଲୁସାହି ଗାଁରେ ପ୍ରଗତିର ଭିତ୍ତିଭୂମି ୧୯୬୦ ଦଶକରୁ ପଡ଼ି ସାରିଛି । ୧୯୬୦ ଦଶକରୁ ଗାଁରେ ଏମ୍.ଇ.ସ୍କୁଲ୍ ପର୍ଯ୍ୟନ୍ତ ଶିକ୍ଷାର ସୁବିଧା, ଗ୍ରାମ ପଞ୍ଚାୟତ ଅଫିସ୍ କେନ୍ଦ୍ର ହୋଇଥିବାରୁ ଗ୍ରାମ ସେବକ, ନର୍ସ, ପୋଷ୍ଟ ଅଫିସ୍ ସୁବିଧା ପାଇଛି । ୧୯୭୬ରୁ ବିଜୁଳି ସୁବିଧା ଅଛି; ୨୦୧୦ ବେଳକୁ ପାଇପ୍ ପାଣି ଯୋଗାଣ ହେଉଛି । ୧୯୬୦ରୁ ହାଇସ୍କୁଲ୍ ଚାଲିଛି । ୨୦୧୦ ବେଳକୁ କନ୍ୟାଶ୍ରମ ସ୍ଥାପିତ ହୋଇଛି । ରାସ୍ତାଘାଟ ସୁବିଧା ଅଛି । ତେବେ ବଡ଼ କଥା ଗାଁର ବିସ୍ତୃତ ଜଳ ଜଙ୍ଗଲ, ଜମି ଓ ମାନବ ସମ୍ବଳରେ ବିନିଯୋଗ ଦିଗରେ ମନୁବାଦୀ ସରକାରୀ ଅବହେଳା ପାଇଁ ପଛରେ ପଡ଼ିଛି । ଦାରିଦ୍ର୍ୟ ବସା ବାନ୍ଧି ରହିଛି । ଏ ଦିଗରେ ଗଠନମୂଳକ କରିବାର ଅଛି ।



# ଗୋଁଡ୍ କେବଳ ଏକ ସଂପ୍ରଦାୟ ନୁହଁ ଗୋଁଡ୍ ମାନବ ସଭ୍ୟତାର ଅତି ପ୍ରାଚୀନତମ ଇତିହାସ

ପ୍ରାଣ ବଲ୍ଲଭ ନାୟକ



ଇତିହାସ ମାନବ ଜାତିର ବତୀଘରର ବତୀ ସଦୃଶ୍ୟ (Light house lite) ଏହି ବତୀର ଆଲୋକ ଆଭାକୁ ବହୁ ଦୂରରୁ ଅନିସା କରି ମହାପାରବାରରେ ମେଲିଥିବା ତରିର ନାବିକ ସମୁଦ୍ରର ଉତ୍ତାଳ ତରଙ୍ଗ ମାଳାରେ ଦିଗହଜା ହୋଇ ନିଜକୁ ବିପନ୍ନ ଅବସ୍ଥାରୁ ଉଧାର ହେବା ପାଇଁ ମନରେ ଯେପରି ଆଶା ସଞ୍ଚାର କରି କୂଳ ଆଡ଼କୁ ଅଗ୍ରସର ହୋଇ ଲକ୍ଷସ୍ଥଳରେ ପହଞ୍ଚେ ଠିକ୍ ସେମିତି ଯେ କୌଣସି ଜାତିର ଐତିହ୍ୟ ବ୍ୟକ୍ତିକୁ ଆଗକୁ ଅଗ୍ରସର ହେବାରେ ସହାୟକ ହୋଇଥାଏ । ଏକ ଲକ୍ଷ ଏକମନ ଭାବନା, ଏକ ଐକାନ୍ତିକ ଇଚ୍ଛା ଶକ୍ତିର ଆହୁଲା ଦ୍ୱାରା ବିମାନ ଦୁର୍ମିଳ ଅନ୍ଧକାରକୁ ଭେଦ କରାଯାଇପାରେ । ଉତ୍ତମ ଅନୁକରଣ ଓ ଅନୁସରଣ ହିଁ ସର୍ବଦା ମହାନତା ଆଡ଼କୁ ବାଟ ବଢ଼ାଇ ନେଇଥାଏ । ଆମର ଉତ୍ତର ପୁରୁଷ ଆମଠାରୁ ଆମେ ପି.... ପ୍ରପିତା ମହଙ୍କ ପାଖରୁ ଏବଂ ସେମାନେ ସେମାନଙ୍କ ପୂର୍ବଜଙ୍କ ପାଖରୁ ଏହି କ୍ରମରେ ଆମେ ପଛକୁ ଫେରିପାରିବା ଓ ଏହି ପଛ ବା ଅତୀତକୁ ଖ୍ୱନ୍‌ଭିନ୍ କରି ଖୋଜା ଗଲେ, ଦୁଧରୁ ଲହୁଣୀ ପାଇଲାଭଳି ଏଥିରୁ ଆମେ ଐତିହ୍ୟ ହିଁ ପାଇବା । ଏହା ହିଁ ତ ଇତିହାସ । ଏହାରି ଭିତରେ ଲୁଚିଥିବା ପରଂପରା ଓ ସଂସ୍କୃତିକୁ ପାଇବା ହିଁ ତ ଆମର ଧ୍ୟେୟ । ଏ ପାର୍ଥିବ ଜଗତର ଅତି ପ୍ରାଚୀନତମ ଅଧ୍ୟାୟକୁ ଆଲୋଡ଼ନ କରାଗଲେ ଆମେ ଏପରି ତଥ୍ୟ ପାଇବା ଯାହାକି ସମଗ୍ର ମାନବଜାତି ବିସ୍ମୟାବିମୁଢ଼ ହିଁ ହୋଇଯିବ । କେବଳ କଥାରେ କିମ୍ବା ଭାଷଣ ଛଳରେ କହିଦେଲେ ତାହା ଯଥେଷ୍ଟ ହେବନାହିଁ । ପ୍ରାଚୀନତମ ଗୋଁଡ୍‌ୱାନା ଭୂଖଣ୍ଡର ଅବସ୍ଥା ଓ ବ୍ୟାପକତା ସମ୍ବନ୍ଧରେ ଅନେକ ଗବେଷକଙ୍କ ମତରେ ଏହା ସମଗ୍ର ଭୂମଣ୍ଡଳର ନେଇ ଗଠିତ ହୋଇଥିବା କଥା ଉଲ୍ଲେଖ କରାଯାଇଅଛି । ଦକ୍ଷିଣ ଆମେରିକା, ଆଫ୍ରିକା, ଆରବିଅନ, ମାଦାଗାସ୍କର, ଭାରତ, ଅଷ୍ଟ୍ରେଲିଆ ଏବଂ ଆଣ୍ଟାର୍କଟିକା ପ୍ରମୁଖକୁ ନେଇ ପ୍ରିକେମେବ୍ରିଆନ ସମୟରେ ଏହାପରେ ପରେ ଯେଉଁ ସଭ୍ୟତା ଆସିଲା ସେତେବେଳକୁ ଏହା ସଙ୍କୋଚିତ ହୋଇ ଭାରତ, ପାକିସ୍ତାନ, ଆବର ଓ ଆଫ୍ରିକାର କିଛି ଅଂଶ ଭିତରେ ସିମିତ ରହିବାର ଅନୁମାନ ହୁଏ । ଏହି ସମୟରେ ମଧ୍ୟ ଗୋଁଡମାନଙ୍କର ଅବସ୍ଥିତି ଓ ସଭ୍ୟତା ପ୍ରତିଷ୍ଠା ଲାଭ କରିଥିଲା ଏବଂ ସମ୍ଭବତଃ ଗୋଁଡ଼ମାନେ ମୁଖ୍ୟତଃ ଓ ଅନ୍ୟମାନେ ଦ୍ରାବିଡ଼ିଆନ ଭାବରେ ପରିଚିତ ଥିଲେ । ଏମାନଙ୍କ ମଧ୍ୟରୁ ଅନେକ ପ୍ରଗତିଶୀଳ ଜୀବନ ଧାରାରେ ନିଜକୁ ନିୟୋଜିତ କରିଥିଲେ ଏବଂ ଏମାନଙ୍କ ମଧ୍ୟରୁ କିଛି ପ୍ରଭାବଶାଳୀ ଶାସକ ଗୋଷ୍ଠୀ ଭାରତର ପଶ୍ଚିମକୁ ଗତିକରି ରାଜ୍ୟମାନ ସ୍ଥାପନ କରିଥିଲେ । ସେମାନଙ୍କ ଦ୍ୱାରା ମହେଞ୍ଜୋଦାର, ହରପ୍ପା ଓ ସିନ୍ଧୁ ସଭ୍ୟତା ଭଳି ପ୍ରାଚୀନ ସଭ୍ୟତା ଗଢ଼ି ଉଠିଥିବା ଜଣାଯାଏ । ଏହି ସବୁ ସଭ୍ୟତାମାନଙ୍କର ଯେଉଁ ସବୁ ସିମ୍ବଲିକ୍ ଚିତ୍ର, କାରୁକାର୍ଯ୍ୟ ବା ଚିତ୍ର ଗାତ୍ରରେ ଅକ୍ଷରମାନ ପାଲି ଭାଷାରେ ଅଙ୍କିତ ହୋଇଛି, ସେ ସବୁ ଅକ୍ଷର ଓ ଗୋଁଡ଼ ଭାଷାର ଅକ୍ଷର ମଧ୍ୟରେ କୌଣସି ସାମଞ୍ଜସ୍ୟ ନାହିଁ । ଏଥିରୁ ସ୍ପଷ୍ଟ ହେଉଛି ଯେ ପ୍ରାଚୀନ ପାଲ୍ଲି ଲିପି ଆଧାରରେ ଗୋଁଡ଼ ଲିପି ପ୍ରଚଳିତ ହୋଇ ଆସୁଅଛି ।

କାଳକ୍ରମେ ଏହି ଗୋଁଡ଼ୱାନା ଲ୍ୟାଣ୍ଡ (ପୂର୍ବ ପରିକଳ୍ପିତ)ର ଅବସ୍ଥା ଆହୁରି ସଙ୍କୋଚିତ ହୋଇଗଲା ଓ ଶେଷରେ ଏହା ଭାରତ ମଧ୍ୟରେ ହିଁ ସୀମାବଦ୍ଧ ହୋଇଗଲା । ଗୋଁଡ୍‌ୱାନା ଲ୍ୟାଣ୍ଡ ବୋଲି ଯେଉଁ ବିସ୍ତୀର୍ଣ୍ଣ ଅଞ୍ଚଳ ଥିଲା ବିଭିନ୍ନ ରାଜ୍ୟ ଗଠନ କାଳରେ (ପ୍ରାକ୍ ଐତିହାସିକ ଯୁଗ) ଭୂମିକ୍ଷେତ୍ର ବିଭିନ୍ନ କ୍ଷେତ୍ରରେ ମିଶି ଯାଇଥିଲେ ମଧ୍ୟ ଗୋଁଡ଼ୱାନା ସଭ୍ୟତା, ଗୋଁଡ଼ଜାତି ଓ ଗୁଣ୍ଡି ଭାଷାର ସତ୍ତା ପୂର୍ବଭଳି ଉଜ୍ଜିବିତ ହୋଇ ରହିଲା । ଭାଷାବିତ୍‌ମାନେ ଦକ୍ଷିଣ ଭାରତ ଓ ପଶ୍ଚିମ ଭାରତରେ ପ୍ରଚଳିତ ଅନେକ ଭାଷାର ସାମଞ୍ଜସ୍ୟକୁ

ଲକ୍ଷ୍ୟକରି କହିଛନ୍ତି ସେ ସବୁ ଭାଷାର ମୂଳ ଉଛ ହିଁ ଗୁଣ୍ଡି ଭାଷା । ରାଜ୍ୟଗଠନ କାଳରେ ଗୋଁଡ଼ମାନେ ସେମାନଙ୍କ ଅବସ୍ଥିତି ଅନୁଯାୟୀ ବିଭିନ୍ନ ରାଜ୍ୟର ବାସିନ୍ଦା ହୋଇ ସେମାନେ ରାଜ୍ୟର ଭାଷା ଅନୁଯାୟୀ ନିଜକୁ ସେଥିରେ ଖାପଖୁଆଇ ନେଲେ ସେଠାରେ ପ୍ରଚଳିତ ଭାଷାକୁ ନିଜର କରିନେଇଥିଲେ ମଧ୍ୟ କେତେକ ରାଜ୍ୟରେ ଗୁଣ୍ଡି ଭାଷାକୁ ଅଦ୍ୟାବଧି ଗୋଁଡ୍ ଲୋକମାନେ ପ୍ରଚଳିତ ରଖି ଅଛନ୍ତି । ଏହି ଗୁଣ୍ଡିଭାଷା ଏବେ ମଧ୍ୟ ପଶ୍ଚିମ ଓ ଦକ୍ଷିଣ ଭାରତର ଅନେକ ରାଜ୍ୟରେ ଗୁଣ୍ଡିଭାଷା ସଚଳ ରହିଅଛି ।

ଗୋଁଡଓ୍ୱାନା ଲ୍ୟାଣ୍ଡ, ଗୋଁଡ ଜାତି ଓ ଗୁଣ୍ଡି ଭାଷା ଏ ସବୁଗୁଡ଼ିକ ଏପରି ଭାବେ ଜଡ଼ିତ ଯେ ସେ ସବୁ ଅଧ୍ୟୟନ ସାପେକ୍ଷ । ସମୁଦ୍ର କୂଳରେ ଠିଆ ହୋଇ ତା'ର ବିଚିରେ ଜମା ହୋଇଥିବା କୁଢ଼ କୁଢ଼ ବାଲିଗରଡ଼ା ମଧ୍ୟରୁ ଗୋଟିଏ ହାତରେ ଧରି ସେଥିରୁ ସମୁଦ୍ରକୁ କଳନା କରିବା ଯାହା କୌଣସି ଜଣେ ଗୋଁଡ୍ ଲୋକର କଥନକୁ ଅନୁଧାନ କରିବା ତାହା । ଏଥିପାଇଁ ପୃଥିବୀର ସୁନାମଧନ୍ୟ ଐତିହାସିକଙ୍କର ନିସ୍ପତ୍ତି ଓ ସେମାନଙ୍କ ଦ୍ୱାରା ରଚିତ ଇତିହାସକୁ ଏକ ଭାଷା ବୋଲି ବିବେଚନା କରଯାଏ ନାହିଁ । ଏହା ଗୁଣ୍ଡି ଧର୍ମ ନାମରେ ମଧ୍ୟ ପ୍ରସିଦ୍ଧ ଲାଭ କରିଥିଲା ।

ଗୋଁଡ ଜାତିର ଐତିହ୍ୟ, ସଂସ୍କୃତି, ପରାକ୍ରମ, ରାଜନୀତି, ସାମାଜିକ ଚଳନି ଓ ପରମ୍ପରା ଇତ୍ୟାଦି ଜାଣିବାକୁ ଐତିହାସକାରଙ୍କର ରଚନାକୁ ଦେଖନ୍ତୁ ଓ ପଢ଼ନ୍ତୁ । ନିକଟରେ ଆମ୍ଭମାନଙ୍କୁ ଛାଡ଼ି ପରପାରିକୁ ଚାଲିଯାଇଥିବା ଆମ ସମସ୍ତଙ୍କର ପ୍ରିୟ ଡ଼କ୍ଟର ମୋତୀରାବଣ କାଙ୍ଗାଲିଙ୍କ ରଚିତ ଇତିହାସ History of Gonds ଏବଂ Pari Kupar Lingu Gondi Punem Darshan ଇତ୍ୟାଦି ଇତିହାସ ଗ୍ରନ୍ଥ ପଢ଼ିବା ଦରକାର । ୧୮୧୨ ମସିହାରୁ ୧୯୧୮ ମସିହା ମଧ୍ୟରେ ଗୋଁଡ ରାଜାମାନେ ମଧ୍ୟ ଭାରତର ଅନେକ ରାଜ୍ୟର ରାଜଗାଦି ସମ୍ଭାଳିଥିଲେ । ଓଡ଼ିଶାରେ ଏହାର ଧାରା ୧୯୩୫ ଯାଏ ବଳବତ୍ତର ରହିଥିବା ଜଣାଯାଏ । ଆନ୍ଧ୍ର, ତାମିଲନାଡୁ, ମହାରାଷ୍ଟ୍ର, ଗୁଜୁରାଟ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଛତିଶଗଡ଼, ବିହାର, ଉତ୍ତରପ୍ରଦେଶ, ବେଙ୍ଗଲ ପ୍ରଭୃତି ରାଜ୍ୟଗୁଡ଼ିକର ପାଖପାଖି ଅଂଶକୁ ମିଶାମିଶି କରାଯାଇ ଯେଉଁ ରାଜ୍ୟମାନ ଥିଲା କିମ୍ବା କେଉଁ କେଉଁ ରାଜ୍ୟର ପୂର୍ଣ୍ଣାଙ୍ଗ ଭାଗକୁ ନେଇ ଅତୀତରୁ ଗଣ୍ଡଓ୍ୱାନା ଲ୍ୟାଣ୍ଡ ହିଁ ଗଠିତ ଥିଲା । ଏହାକୁ କିଏ କେବେ ନାମିତ କରିଥିଲେ ତା'ର ନିର୍ଦ୍ଦିଷ୍ଟ ତଥ୍ୟ ନ ଥିଲେ ମଧ୍ୟ ଏହା ଗଣ୍ଡଓ୍ୱାନା ମାନବ ସଭ୍ୟତା ନାମରେ ପ୍ରସିଦ୍ଧି ଅର୍ଜନ କରିଥିଲା । ଏଠାରେ ଗଢ଼ିଉଠିଥିବା ସଭ୍ୟତା ହିଁ ଗୋଁଡସଭ୍ୟତା । ଇତିହାସର ଉତ୍ଥାନ ପତନ ଭିତରେ ଗୋଁଡ୍ ନରପତି ଓ ଗୋଁଡ୍ ଜମିଦାରୀ ଓ ଗୋଁଡ ସେନାମାନେ ଯେ ନିଜର ଶାସନ, ରାଜ୍ୟ, ଭିଟାମାଟି ପ୍ରଭୁଙ୍କୁ ରକ୍ଷା କରିବା ସକାଶେ ପ୍ରାୟତଃ ଶତ୍ରୁମାନଙ୍କ ସହିତ ସବୁବେଳେ ଲଢ଼େଇର ସମ୍ମୁଖୀନ ହେଉଥିଲେ ମରହଟ୍ଟା, ମୋଗଲ ଓ ଇଂରେଜମାନଙ୍କ ସହିତ ଗୋଁଡ ରାଜାମାନଙ୍କର ଯୁଦ୍ଧ ଲାଗି ରହୁଥିଲା । ଯୁଦ୍ଧ ନ ଥିବା ସମୟରେ ଗୋଁଡ ନରପତି ମାନେ ଲୋକ ହିତକର କାମରେ ନିଜ ନିଜ ରାଜ୍ୟରେ ଲାଗି ରହିଥିଲେ ।

ସ୍ୱାଧୀନତ୍ତର କାଳରେ ଦେଖିବାକୁ ଗଲେ ଓଡ଼ିଶା, ବେଙ୍ଗଲ, ଉତ୍ତରପ୍ରଦେଶ, ଆସାମ ପ୍ରଭୃତି ରାଜ୍ୟକୁ ପୂର୍ବରୁ ଚାଲିଆସି ବାସକରୁଥିବା ଗୋଁଡ୍ ଲୋକମାନେ ଗୁଣ୍ଡିଭାଷା ବା ଧର୍ମଠାରୁ ଦୂରେଇ ଗଲେ । ଏମାନେ ରାଜ୍ୟ ଅନୁଯାୟୀ ପ୍ରଚଳିତ ଭାଷାକୁ ନିଜର ଭାଷା ଭାବରେ ଗ୍ରହଣ କରିନେଲେ । କିନ୍ତୁ ଗୁଣ୍ଡି ଭାଷାର ପ୍ରଭାବ ତଥାପି ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ ଇତ୍ୟାଦି ରାଜ୍ୟମାନଙ୍କରେ ବାସ କରୁଥିବା ଗୋଁଡ ଲୋକମାନଙ୍କ ପାଖରେ ବଳବତର ଅଦ୍ୟାବଧି ରହିଅଛି । ଓଡ଼ିଶାର ପ୍ରାନ୍ତୀୟ କଳାହାଣ୍ଡି, ନୂଆପଡ଼ା, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାମାନଙ୍କରେ ଅଦ୍ୟାବଧି ଗୋଁଡ଼ି ଭାଷାରେ ନିଜ ନିଜ ମଧ୍ୟରେ ବ୍ୟବହାର ହେଉଥିବାର ଦେଖିବାକୁ ମିଳୁଅଛି ।

ଗୋଁଡ ନରପତିମାନେ ମଧ୍ୟ ଭାରତର ତେଲେଙ୍ଗାନା, ଛତିଶଗଡ଼, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ବିହାର, କର୍ଣ୍ଣାଟକ ଓ ଗୁଜୁରାଟ ରାଜ୍ୟର ମିଶାମିଶି ଇଲାକାରେ ପ୍ରଭାବ ବିସ୍ତାର କରି ରାଜ୍ୟମାନ ଗଠନ କରିଥିଲେ ଓ ପୁରୁଷାନୁସାରେ ଶାସନଭାର ବହନ କରିଥିଲେ ମଧ୍ୟ ଭାରତରେ ପ୍ରଥମେ ରାଜ୍ୟ ଗଠନ କରିଥିଲେ । ପ୍ରଥମ ଗୋଁଡ ଶାସକ ଓଡ଼ିଶାର ସୀମାକୁ ଲାଗି ମଧ୍ୟପ୍ରଦେଶର ପ୍ରାନ୍ତୀୟ ଇଲାକାରେ ଶିରିପୁର ରାଜ୍ୟ ଗଠନ କରିଥିଲେ ଏବଂ ଏହାର ପ୍ରଥମ ରାଜା ଭିଲ ସିଂହ ଥିବା କଥା ଅନୁସନ୍ଧାନରୁ ଜଣାପଡ଼େ । ତାଙ୍କ ପରେ ଭୀମ ସିଂହ ଖର୍ଜାବଲ୍ଲଭ ସିଂହ ଓ ହୀର ସିଂହ ରାଜଗାଦି ସମ୍ଭାଳି ଥିବାର ପ୍ରମାଣ ମିଳେ । କେବଳ ଶିରିପୁର ନୁହଁ ଏହା ପରେ ପରେ ଅନେକ ରାଜ୍ୟ ଗୋଁଡ ବୀରମାନଙ୍କ ଦ୍ୱାରା ଗଠିତ ହୋଇ ଗୋଁଡ ନରପତିମାନେ ମଧ୍ୟ ଭାରତରେ ଶାସନ ଦାୟିତ୍ୱ ବହନ କରିଥିଲେ । ଏହିଭଳି ଖେରଲା ରାଜ୍ୟ ଗଠିତ ହୋଇଥିଲା । ନରସିଂହ ରାଇ (୧୩୯୮) ଏହାର ପ୍ରଥମ ରାଜା ହୋଇଥିଲେ । ଅନ୍ୟ ପ୍ରମୁଖ ରାଜ୍ୟଗୁଡ଼ିକ ଯଥା: ଛିନ୍ଦିଓ୍ୱାଡ଼ା ରାଜ୍ୟ ରାଜଧାନୀ ଦେବଗଡ଼, ନାଗପୁର, ମାଣ୍ଡାଲା, ଚନ୍ଦ୍ରପୁର, ରାଇଗଡ଼, ସାରଙ୍ଗଗଡ଼, ଉଦୟପୁର, ଗଙ୍ଗପୁର, ବୈରାଗଡ଼, ରତନପୁର, ବିଲାସପୁର ପ୍ରଭୃତି ରାଜ୍ୟ ଗଠନ

କରି ଗୋଁଡ଼ ରାଜାମାନେ ଶାସନଭାର ବହନ କରିଥିଲେ । ମାଣ୍ଡଲା ରାଜ୍ୟ ସେତେବେଳେ ସମୃଦ୍ଧଶାଳୀ ଥିଲା । ଏଥିପାଇଁ ଏହି ରାଜ୍ୟକୁ ଦଖଲ କରିବା ପାଇଁ ମୋଗଲମାନେ ବାରମ୍ବାର ଆକ୍ରମଣ କରୁଥିଲେ । ମାଣ୍ଡଲା ରାଜ୍ୟର ରାଜାଙ୍କର ଯୁଦ୍ଧରେ ବୀରଗତି ପରେ ତାଙ୍କ ରାଣୀ ପ୍ରବଳ ପରାକ୍ରମୀ ଦୁର୍ଗାବତୀ ମହାସମରର ମଙ୍ଗ ନିଜେ ଧରି ବିଶାଳ ପଟୁଆର ସୈନ୍ୟ ସାମନ୍ତଙ୍କୁ ନେଇ ଶତ୍ରୁପକ୍ଷଙ୍କ ସହ ଲଢ଼ି ସମସ୍ତଙ୍କୁ ହତବାକ୍ କରିଦେଇଥିଲେ ।

ଚନ୍ଦ୍ରପୁର ରାଜ୍ୟ ଗଠନ ହେବା ଦିନଠାରୁ ଏହାର ଗୋଁଡ଼ଶାସକ ବର୍ଗ ଦ୍ୱାଦଶ ଶତାବ୍ଦୀରୁ ଅଠରଉମ ଶତାବ୍ଦୀ ପର୍ଯ୍ୟନ୍ତ ନିରଙ୍କୁସ ଶାସନ କରିଥିଲେ । ନାଗପୁର ରାଜ୍ୟ ଗୋଁଡ଼ ରାଜାଙ୍କ ଦ୍ୱାରା ଶାସିତ ହୋଇ ଅଷ୍ଟାଦଶ ଶତାବ୍ଦୀଯାଏଁ ପ୍ରଭାବଶାଳୀ ରହିଥିଲା । କେବଳ ଏତିକି ନୁହଁ ଆହୁରି ଅନେକ ରାଜ୍ୟ ଓ ଜମିଦାରୀ ଗୋଁଡ଼ ବୀରଙ୍କ ଦ୍ୱାରା ଗଠନ କରାଯାଇ ଲୋକଙ୍କୁ ସୁଶାସନ ଦେବାର ପ୍ରମାଣ ମାନ ରହିଅଛି । ଛତିଶଗଡ଼ ଇଲାକାର ଗୋଁଡ଼ମାନେ ଓଡ଼ିଶାକୁ ପ୍ରବେଶ କରିଥିବା କଥା ଇତିହାସରୁ ଜଣାପଡ଼େ । ସେମାନେ ପ୍ରଥମେ ସମ୍ବଲପୁର ଅଞ୍ଚଳର ସପ୍ତପୁରା, ପାହାଡ଼ ଇଲାକା ଦେଇ ବେଲପାହାଡ଼ ପର୍ଯ୍ୟନ୍ତ ଗମନ କରି ସ୍ଥିତି ସମ୍ଭାଳିଥିଲେ । ରାଇଗଡ଼ ଓ ସାରଙ୍ଗ ଗଡ଼ର ଚୌହାନ ରାଜବଂଶର ପୃଷ୍ଟପୋଷକତାରେ ଓଡ଼ିଶାର ସମ୍ବଲପୁରଠାରେ ଚୌହାନ ଗୋଁଡ଼ ବଂଶର ରାଜ୍ୟ ୧୬୧୭ ମସିହାରେ ପ୍ରତିଷ୍ଠା ହୋଇଥିଲା । ସମ୍ବଲପୁର ଦେଇ ଓଡ଼ିଶାକୁ ଯେଉଁ ଗୋଁଡ଼ମାନେ ଆସିଥିଲେ ସେମାନେ ପ୍ରଥମେ ଦୁଇ ଭାଗରେ ବିଭକ୍ତ ହୋଇ ଆସିଥିଲେ । ଯେଉଁମାନେ ସଂଗ୍ରାମୀ ଥିଲେ ସେମାନେ ରାଜଗୋଁଡ଼ ଓ ଅନ୍ୟମାନେ ଧରୁଆଗୋଁଡ଼ ନାମରେ ନାମିତ ଥିଲେ । ଏହି ରାଜଗୋଁଡ଼ମାନେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ରାଜ୍ୟମାନ ସ୍ଥାପନ କରି ଶାସନଭାର ନିଜେ ବହନ କରିଥିବା ଜଣାଯାଏ । ସମ୍ବଲପୁରର ରାଜାମାନେ ନିଜକୁ ମାଟିର ସନ୍ତାନ ଭାବେ ପ୍ରତିପାଦିତ ହୋଇଥିଲେ ଓ ସେମାନେ ନିଜକୁ ସାଇ ବଂଶର ପ୍ରତିଷ୍ଠାତା ହିସାବରେ ଗଣା ହେଲେ । ଏହି ବଂଶର ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ୧୮୦୯ ମସିହାରେ ଜାନୁୟାରୀ ମାସ ୯ ତାରିଖରେ ଧର୍ମ ସିଂହଙ୍କର ସପ୍ତମ ସନ୍ତାନ ଥିଲେ । ସେ ଲାଫଙ୍ଗା ନିକଟସ୍ଥ ଖିଣ୍ଡା ନାମକ ଗ୍ରାମରେ ଜନ୍ମଲାଭ କରିଥିଲେ । ସେ ଅଶେଷ ସ୍ୱାଧୀନ ଚେତା ଓ ସଂଗ୍ରାମୀ ଥିଲେ । ରାଜପୁତ୍ ଗୋଁଡ଼ମାନଙ୍କ ଦ୍ୱାରା ପ୍ରଥମେ ସମ୍ବଲପୁର ଗଠିତ ହେଲା । ତତ୍ ସଂଗେ ସଂଗେ ଓଡ଼ିଶାର ବଡ଼ଗଡ଼, ଫୁଲଝରଗଡ଼, ବୋଡ଼ାସମ୍ବର, ଖଡ଼ିଆଳ, ଶକ୍ତିଗଡ଼, କଳାହାଣ୍ଡି, ପାଟଣା, ସୋନପୁର, ବୈଦ, ଆଠମଲ୍ଲିକ, ନୂଆପଡ଼ବେନ୍ଦ୍ର, ବାମଣ୍ଡାଗଡ଼, ପାଲହଡ଼ା, ରେଢ଼ାଖୋଲ ଓ ସାରଙ୍ଗଗଡ଼ ପ୍ରମୁଖ ଗଠିତ ହୋଇ ଗୋଁଡ଼ ନରପତିଙ୍କ ଦ୍ୱାରା ଶାସିତ ହେଉଥିଲା । ଏସବୁ ରାଜ୍ୟ ଓ ପ୍ରମୁଖ ରାଇଗଡ଼ ପ୍ରଭୃତି ସମ୍ବଲପୁର ରାଜ୍ୟର ଦେଶୀୟ ରାଜ୍ୟ ଭାବରେ ପରିଗଣିତ ହେଉଥିଲା । ସମ୍ଭବତଃ ଏହି ସବୁ ରାଜ୍ୟ ଏବଂ ଗଠିତ ହୋଇଥିବା ଆଠଟି ଜମିଦାରୀ ଇଲାକାରୁ ଗୋଁଡ଼ମାନେ ଓଡ଼ିଶାର ଅନ୍ୟ ଜିଲ୍ଲା ତଥା ଅଞ୍ଚଳମାନଙ୍କୁ ଗମନ କରି ବିଭିନ୍ନ ସ୍ଥାନରେ ସ୍ଥାୟୀ ଭାବେ ବସତି ସ୍ଥାପନ କରିଛନ୍ତି ।

ଗୋଡ଼ମାନେ ଅତି ବିଚାର ସଂପନ୍ନ ଅଟନ୍ତି । ପ୍ରାଚୀନ କାଳରୁ ଆଦିମାନବ ହିସାବରେ ସେମାନେ ନିଜକୁ ବିଚାରିଥାନ୍ତି । ଅତି ସଭ୍ୟ ମଣିଷ ଭାବରେ ଆବହମାନ କାଳରୁ ସେମାନେ ନିଗୁଢ଼ ଭାବେ ବିଶ୍ୱାସ କରି ଆସୁଥିବା ସଂସ୍କୃତିକୁ ଗଣ୍ଠିଧନ କରି ରଖିଛନ୍ତି । ଅଦ୍ୟାବଧି ଯିଏ ଯେଉଁଠି ଥାଆନ୍ତୁନା କାହିଁକି ଗୋଁଡ଼ ଜାତିର ପରମ୍ପରା ସେମାନଙ୍କ ଦ୍ୱାରା ଉଜ୍ଜିବିତ ରହିଅଛି । ସେଥିଯୋଗୁଁ ଗୋଁଡ଼ମାନଙ୍କର ରୁଚିପୂର୍ଣ୍ଣ ଚାଲିଚଳନ, ଜୀବନଧାରଣ, ଘରକରଣା, ସମାଜବୋଧ, ଷୋଡ଼ଷ କର୍ମ କର୍ମାଣି ନିଷ୍ଠାର ପାଳନ କରିବାରେ କେବେ ଉଣା ହୋଇନଥାଏ । ମହିଳାଙ୍କ ପ୍ରତି ଗୋଁଡ଼ ସମାଜର ପ୍ରଗାଢ଼ ଶ୍ରଦ୍ଧା ପ୍ରଦର୍ଶନ ଅତିବ ଆଦର୍ଶନୀୟ, ଏଥିରେ ଏ ଜାତି ଅଗ୍ରଗଣ୍ୟ । ଗୋଁଡ଼ମାନଙ୍କ ମଧ୍ୟରେ ସମଗ୍ର ରାଜ୍ୟ କାହିଁକି ସମଗ୍ର ରାଷ୍ଟ୍ର କୁହନ୍ତୁ ବା ଅନ୍ୟ ଦେଶ କହନ୍ତୁ ଯିଏବା ଯେଉଁଠାରେ ଥାଉ ସମସ୍ତେ ପରମ୍ପରାକୁ ସମ୍ମାନ ଦେବାକୁ ବାଧ୍ୟ ଓ ଯେଉଁ ସଂସ୍କୃତି ଜାତି ଉତ୍ପତ୍ତି କାଳରୁ ରହିଅଛି ସେଥିପ୍ରତି ସମସ୍ତେ ସଚେତନ ଥାଆନ୍ତି । ଗୋଁଡ଼ ସମାଜ ମଧ୍ୟରେ କଦାକାଳେ ନିଜ ଗୋତ୍ର ମଧ୍ୟରେ ବିବାହ କାର୍ଯ୍ୟ ସଂପନ୍ନ ହୋଇନଥାଏ । ଗୋଁଡ଼ମାନଙ୍କର ଗୋତ୍ର ସେମାନଙ୍କର ଦେବ ସଂସ୍କୃତି (ଦିଆ)ରୁ ଜଣା ପଡ଼ିଥାଏ । ଓଡ଼ିଶାରେ ଯେଉଁ ଗୋଁଡ଼ମାନେ ବାସ କରୁଛନ୍ତି ସେମାନେ ଷଡ଼ବଂଶୀ ଭାବରେ ପରିଚିତ । ତିନି ଦେଓ ପାଖରୁ ସାତ ଦେଓ ମଧ୍ୟରେ ଯେଉଁ ଛଅଟି ବଂଶ ରହିଲା (ଛଅ ଦେଓ ଦୁଇ ଭାଗରେ ବିଭକ୍ତ) ଯଥା : ତିନି ଦେଓ, ଚାରି ଦେଓ, ପାଞ୍ଚ ଦେଓ, ଛଅ ଦେଓ ଓ ସାତ ଦେଓ । ସେମାନେ ହେଉଛନ୍ତି ଷଡ଼ବଂଶୀ ଗୋଁଡ଼ । ଏତଦ୍ ଭିନ୍ନ ଦକ୍ଷିଣ ଭାରତର କେତେକ ରାଜ୍ୟରେ ଏକ ଦେଓରୁ ଆରମ୍ଭ କରି ଆଠ ଦେଓ ପର୍ଯ୍ୟନ୍ତ ଗୋଁଡ଼ ଭାଇ ଭଉଣୀମାନେ ଥିବାର ଜଣାଯାଏ ଏବଂ ଭାରତ ବାହାରେ ଆଫ୍ରିକା ଓ ଅଷ୍ଟ୍ରେଲିଆ ପ୍ରଭୃତି ଦେଶରେ ଏକ ଦେଓରୁ ଆରମ୍ଭ କରି ଦ୍ୱାଦଶ ଦେଓ (ବାର) ପର୍ଯ୍ୟନ୍ତ ଗୋଁଡ଼ ଭାଇ ଭଉଣୀମାନେ ଥିବାର ଗବେଷକମାନେ ମତ ପ୍ରଦାନ କରିଛନ୍ତି । ସମଗ୍ର ଭାରତ ବର୍ଷର ଗୋଁଡ଼ମାନେ ଅତୀତରୁ ପୁରୁଷ ଲୋକମାନେ ପବିତ୍ର ରଥବିତ ପରିଧାନ କରିବା ପରଂପରା ରହିଅଛି । ପ୍ରତ୍ୟେକ ପରିବାରରେ ପୁଅମାନଙ୍କର ବ୍ରତକର୍ମ କରାଯିବାର ପରଂପରା

ରହିଅଛି । କିନ୍ତୁ ଏବେ କେତେକ ଗୋଁଡ଼ ପରିବାର ଏଥିରେ ବ୍ୟତିକ୍ରମ କରୁଛନ୍ତି । କିନ୍ତୁ ଏହା ଏ ଜାତିର ଆବାହମାନ କାଳରୁ ଆସୁଅଛି । ଓଡ଼ିଶାକୁ ଛାଡ଼ିଦେଲେ ଦକ୍ଷିଣ ଭାରତରେ ବିଭିନ୍ନ ରାଜ୍ୟରେ ଏ ପରଂପରା ବଜାୟ ରହିଅଛି । ଗୋଁଡ଼ ଜାତି ସମାଜର ଅନ୍ତର୍ନିହିତ ରହସ୍ୟ ଅତି ଚମତ୍କାର ଏ ସବୁ ରହସ୍ୟ ବୈଜ୍ଞାନିକ ସମ୍ମତ । ହଜାର ହଜାର ବର୍ଷଧରି ଅଦ୍ୟାବଧି ପର୍ଯ୍ୟନ୍ତ ଗୋଁଡ଼ ସମାଜର ପ୍ରଚଳିତ ପରମ୍ପରା ଉଜ୍ଜିବିତ ରହିଅଛି । ତାହା ହିଁ ଏ ଜାତିର ବୈଶିଷ୍ଟ । ଏଥିପାଇଁ ଏ ଜାତି ପରିଚିତ, ଶୋଧିତ ଓ ପ୍ରଖ୍ୟାତ ।

ଶେଷରେ ଏତିକି କହିବି, ଏ ପ୍ରବନ୍ଧ ଅନୁସନ୍ଧାନ ମୂଳକ ପ୍ରବନ୍ଧ । ଲେଖକ ଯେତିକି ପାଇଛନ୍ତି ସେତିକି ମାତ୍ର ଏଠାରେ ଉପସ୍ଥାପିତ ହୋଇଅଛି । ଅନ୍ୟ ଗବେଷକ ବନ୍ଧୁଙ୍କ ପାଖରେ ଅଧିକ କିଛି ତଥ୍ୟଥିଲେ ତାହା ମଧ୍ୟ ପରବର୍ତ୍ତୀ ସମୟରେ ଲେଖା ପାଇ ସାଦରେ ଗ୍ରହଣ କରାଯିବ ।

ପୂର୍ବତନ ବିଧାୟକ
ଛାମୁଣ୍ଡା, ତେଲକୋଇ
ଜଗମୋହନପୁର, କେନ୍ଦୁଝର
ଫୋନ : ୭୭୫୦୯୩୫୧୭୩

**ସୂଚନା :**

- Wiki Pedia Link to Raigarh (princely state)

  http://en.Wikipedia.org/Wiki Raigarh

  Share on Facebook

  Share on Twitter

  Share on Linkedin

  Share on Google
- Welcome to Indian Rajput.come
- Gond kingdoms of Central India
- Gondwana Encyclopaedia Britannika,

  Gondwana Encyclopaedia Britannika online.
- Military History of India
- India and its native princes
- History of Gonds, Pari Kupar Lingo Gondi

  Punem Darshan by Dr. Moti Raban Kangali
- Indian Rajaput.come



# ୪୫୦୦ ଘର ଗୋଁଡ଼ ସମାଜର ତାତ୍ପର୍ଯ୍ୟ

କେଶରୀ କୁଅଁର

**ଓଁ ଅକାର ଉକାର ମକାର ନିରାକାର ନିରଞ୍ଜନ,**
**ଶୂନ୍ୟ ଶୂନ୍ୟ ମହାଶୂନ୍ୟ, ନାହିଁ ଧରତୀ, ନାହିଁ ପୃଥ୍ୱୀ,**
**ନାହିଁଜଳ, ନାହିଁସ୍ଥଳ, ନାହିଁମେଘ, ନାହିଁମାଳ,**
**ନାହିଁଚନ୍ଦ୍ର, ନାହିଁସୂର୍ଯ୍ୟ, ନାହିଁଦଶ ଦିଗପାଳ,**
**ନାହିଁପବନ, ନାହିଁଆକାଶ, ନାହିଁରୂପ, ନାହିଁରେଖ,**
**ବ୍ରହ୍ମଦାରୁ ବଡ଼ଦେଓ ନମୋ ନମଃ ॥**



ବିଶ୍ୱସ୍ରଷ୍ଟାଙ୍କ ସୃଷ୍ଟିରୁ ପୃଥିବୀ ପୃଷ୍ଠର ଜଳ, ସ୍ଥଳ, ଆକାଶ, ଅଗ୍ନି ଓ ପୃଥିବୀ ଏଇ ପଞ୍ଚଭୂତର ମହାସମ୍ମିଶ୍ରଣରେ ଅଣ୍ଡଜ, ଜରାୟୁଜ, ଉଦ୍ଭିଦଜ ପ୍ରଭୃତିରୁ କୀଟପତଙ୍ଗ, ପଶୁପକ୍ଷୀ, ମନୁଷ୍ୟ, ବୃକ୍ଷଲତା, ତରୁତୃଣ, ବିଭିନ୍ନ ପ୍ରକାର ଛପନ କୋଟୀ ପ୍ରକାର ଜୀବ ନିଜର ଆତ୍ମ ପରିଚୟ ପାଇ ବିଭିନ୍ନ ପ୍ରକାର ନାମ ଧାରଣ କରି ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇଅଛନ୍ତି । ସେଥିମଧ୍ୟରୁ ମନୁଷ୍ୟ ବିବେକୀ, ଜ୍ଞାନୀ, ବିଚାରବନ୍ତ ହୋଇ ଗୋଷ୍ଠୀ ତଥା ସମାଜ ଗଠନ କରି ପୃଥିବୀର ବିଭିନ୍ନ ପ୍ରାନ୍ତରରେ ବସବାସ କରୁଅଛି ।

ଭୌଗୋଳିକବିତ୍‌ମାନଙ୍କ ମତରେ ଜଳମଗ୍ନ ପୃଥିବୀରେ ପ୍ରଥମେ ଯେଉଁ ଦୁଇଟି ସ୍ଥଳଭାଗ ଉତ୍ପନ୍ନ ହୋଇଥିଲା । ତାହାହେଲା ପ୍ରଥମଟି ଲୋରାସିଆ ଓ ଅନ୍ୟଟି ଗଣ୍ଡୱାନାଲ୍ୟାଣ୍ଡ । ଲୋରାସିଆ ଅଞ୍ଚଳଟି ଆଫ୍ରିକା, ଇଉରୋପ ଓ ଦକ୍ଷିଣ ଆମେରିକାର କିଛି ଅଂଶ ଅନ୍ତର୍ଭୁକ୍ତ ହୋଇଛି । ମଧ୍ୟଭାରତ ଅଞ୍ଚଳଗୁଡ଼ିକ ମଧ୍ୟରେ ବର୍ତ୍ତମାନର ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଓଡ଼ିଶା, ଉତ୍ତରପ୍ରଦେଶ, କର୍ଣ୍ଣାଟକ, ଗୁଜୁରାଟ, ରାଜସ୍ଥାନ ଓ ବିହାର ଅନ୍ତର୍ଭୁକ୍ତ ଅଟେ । ଉକ୍ତ ଗଣ୍ଡୱାନାଲ୍ୟାଣ୍ଡ ଅଞ୍ଚଳ ଯଥା: ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ପ୍ରଥମେ ଯେଉଁ ମାନବ ଜାତି ବସବାସ କଲେ ତାକୁ ଗୋଁଡ଼ କୁହାଯାଏ, ସେମାନଙ୍କ ଭାଷାକୁ ଗୋଣ୍ଡିଭାଷା ଓ ସେମାନଙ୍କ ଧର୍ମକୁ ଗୋଣ୍ଡି ଧର୍ମ କୁହାଯାଏ । ଏହି ଗୋଁଡ଼ମାନେ ଭାରତର ଏକ ଆଦିମ ଅଧିବାସୀ ଓ ଏମାନେ ଦ୍ରାବିଡ଼ ସମ୍ପ୍ରଦାୟ ଅଟନ୍ତି । ସାରାଭାରତ ବର୍ଷରେ ବର୍ତ୍ତମାନ ଗୋଁଡ଼ମାନଙ୍କ ସଂଖ୍ୟା ପ୍ରାୟ ୧୨ କୋଟି । ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ର ବ୍ୟତୀତ ଛତିଶଗଡ଼, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଓଡ଼ିଶା, ବିହାର, ଝାରଖଣ୍ଡ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗର କିଛି ଅଂଶ ତଥା ରାଜସ୍ଥାନର କିଛି କିଛି ଅଞ୍ଚଳରେ ଏହି ଗୋଁଡ଼ ଅଞ୍ଚଳରେ ଏହି ଗୋଁଡ଼ ଜାତିର ଲୋକମାନେ ବସବାସ କରନ୍ତି । ଅଞ୍ଚଳ ତଥା ଭାଷାଭାଷୀ ଭିତ୍ତିରେ ଏହି ଗୋଁଡ଼ମାନଙ୍କୁ କେତେକ ଅଞ୍ଚଳରେ କୋୟାତୁର, କେତେକ ଅଞ୍ଚଳରେ କୋୟା, କେତେକ ଅଞ୍ଚଳରେ ଗୁଣ୍ଡିଆ, କେତେକ ଅଞ୍ଚଳରେ ରାଜ ଗୋଁଡ଼, କେତେକ ଅଞ୍ଚଳରେ ଲେଗେ, କେତେକ ଅଞ୍ଚଳରେ ଧୂଳି ଗୋଁଡ଼ କହନ୍ତି । ଆମ ଓଡ଼ିଶାରେ ମୁଖ୍ୟତଃ ଏହି ଜାତିର ଲୋକଙ୍କୁ ଗଣ୍ଡ ବା ଗୋଣ୍ଡ ଜାତି କହନ୍ତି ।

ଆମ ବଲାଙ୍ଗିର ଜିଲ୍ଲା ହେଉଛି ଏକ ଗଡ଼ଜାତ ଅଞ୍ଚଳ । ଏହି ଅଞ୍ଚଳଟି ବହୁ ରାଜାଙ୍କ ଦ୍ୱାରା ଶାସିତ ହୋଇଛି । ପୂର୍ବ କାଳରେ ଏହି ଅଞ୍ଚଳର ପ୍ରଜାମାନେ ରାଜାଙ୍କ ଯୁଦ୍ଧ ଯାତ୍ରା ସମୟରେ ଯୋଗଦାନ କରୁଥିଲେ । ଯୁଦ୍ଧ ସମୟରେ ଯେଉଁ ଜାତିର ଲୋକେ ଯେତେ ଜଣ ଯୋଗ ଦେଉଥିଲେ ସେହି ଜାତିର ଲୋକଙ୍କୁ ସେତେ ଘରିଆ ବୋଲି ନାମିତ କରାଯାଉଥିଲା । ଯଥା: ଗୌଡ଼ମାନଙ୍କୁ ୧୨୦ ଘରିଆ, କେଉଟମାନଙ୍କୁ ୨୦ ଘରିଆ, ସହଁରାମାନଙ୍କୁ ୮୦ ଘରିଆ, ଅଘରିଆମାନଙ୍କୁ ୮୪ ଘରିଆ ଓ ଗଣ୍ଡାମାନଙ୍କୁ ଲକ୍ଷେ ଘରିଆ ଇତ୍ୟାଦି କହିଥାନ୍ତି । ଡୁମାଳ ଜାତିକୁ ୬୦ ଘରିଆ ଓ "କୁଡ଼ା, କିଷାନ ବା ମିର୍ଦ୍ଧା"ମାନଙ୍କୁ ୨୦ ଘରିଆ କହନ୍ତି ।

ଆମ୍ଭ ଗୋଁଡ଼ ଜାତିର ଲୋକଙ୍କୁ ୪୫୦୦ ଘର ଗୋଁଡ଼ ସମାଜ କହନ୍ତି ଓ ଆମେ ବର୍ତ୍ତମାନ "ନିଖିଳ ଉତ୍କଳ" ୪୫୦୦ ଘର ଗୋଁଡ଼ ସମାଜ ବଲାଙ୍ଗିର" ବୋଲି ପରିଚିତ ହୋଇ ଆସୁଅଛି । ୪୫୦୦ ଘର କାହିଁକି ଓ କିପରି ନାମିତ ହୋଇଅଛି ତା'ର ବିବରଣୀ ନିମ୍ନରେ ପ୍ରଦତ୍ତ କରାଯାଉଛି ।

ବଲାଙ୍ଗିର ଜିଲ୍ଲା ଗୋଁଡ଼ମାନଙ୍କୁ ଷଡ଼ବଂଶୀ ଗୋଁଡ଼ ବୋଲି କହନ୍ତି । ଯଥା: ୩ ଦେଓ ନେଟୀ, ୪ ଦେଓ ମରପାଚି, ମରକାମ୍, ୫ ଦେଓ ପରେଖ୍, ୬ ଦେଓ ଅଟୀ, ୬ ଦେଇ ଜଗତ୍, ୭ ଦେଓ ନାଗବଂଶୀ, ମରେହୀ, ଏହିପରି ଷଡ଼ବଂଶୀ ଅଟନ୍ତି । ଭାଇବଂଶ ଅନୁସାରେ ପରଗନିଆଁ ଅଛନ୍ତି । ଏହା ବ୍ୟତୀତ ପରଗନିଆଁମାନଙ୍କ ଉପରେ 'ମାନା' ବୋଲି ଜଣେ ଅଛନ୍ତି । ପ୍ରତ୍ୟେକ ସଗାଭାଇଙ୍କର ଅଲଗା ଅଲଗା ଖଳା ବା ଗୁଡ଼ି ରହିଛି । ବର୍ଷର ପ୍ରାରମ୍ଭର ପୌଷମାସ ଶୁକ୍ଳମାସ ଶୁକ୍ଳପକ୍ଷ ପଞ୍ଚମୀଠାରୁ ପୂର୍ଣ୍ଣମୀ ମଧରେ ନିଜ ନିଜ ଇଷ୍ଟଦେବତା ବୁଢ଼ାଦେଓଙ୍କ ବାର୍ଷିକ ପୁଷ୍ୟାଭିଷେକ ବା ବାର୍ଷିକୋତ୍ସବ ହୋଇଥାଏ । ଏହି ସମୟରେ ୪ ଜଣଙ୍କ ସମ୍ପୃକ୍ତି ନିହାତି ଆବଶ୍ୟକ ହୋଇଥାଏ । ଯଥା: (୧) ମାନା, (୨) ପରଗନିଆଁ ବା ବାନା, (୩) କୁମ୍ଭାର ଓ (୪) ଗଣ୍ଡା – ବାଦ୍ୟକାର । ତେଣୁ ଯେତେ ଦେଓ ଭାଇ ଅଛନ୍ତି ତାଙ୍କ ସହିତ ଏହି ଚାରି ଜଣଙ୍କ ସମ୍ପୃକ୍ତି ବାର୍ଷିକୋତ୍ସବରେ ନିହାତି ଆବଶ୍ୟକ ହୋଇଥାଏ । ଏହାକୁ ଏହିପରି ଭାବରେ ମିଶ୍ରଣ କରାଯାଏ ।

ଯଥା: ୩ ଦେଓ + ୪ = ୭
୪ ଦେଓ + ୪ = ୮
୫ ଦେଓ + ୪ = ୯
୬ ଦେଓ + ୪ = ୧୦
୭ ଦେଓ + ୪ = ୧୧

ଏ ସମସ୍ତଙ୍କ ଯୋଗ କଲେ ୪୫ ହେବ । ଏହି ୪୫ ଜଣଙ୍କୁ ୪୫ଟି ଦଳ ରୂପେ ଗଣ୍ୟ କରାଯାଇଛି । ପ୍ରତ୍ୟେକ ଦଳରୁ ଯୁଦ୍ଧ ସମୟରେ ୧୦୦ ଜଣ ଲେଖାଏଁ ଯୋଗ ଦେବାକୁ କୁହାଯାଇଥିଲା ।

ତେଣୁ୪୫x୧୦୦=୪୫୦୦ ଘର ହେଲା ।

ଏଣୁ ଏହାର ତାତ୍ପର୍ଯ୍ୟ ଏହି ଯେ, ବଲାଙ୍ଗିର ଜିଲ୍ଲାର ଗୋଁଡ଼ମାନଙ୍କୁ ଷଡ଼ବଂଶୀ ୪୫୦୦ ଘର ଗୋଁଡ଼ ସମାଜ ବୋଲି କୁହାଯାଏ । ଏହି ଜାତିର ଐତିହ୍ୟ ନୀତି, ଶୃଙ୍ଖଳା, ସଂସ୍କୃତି, ପରମ୍ପରା, ଗୌରବ ଅତୀତରେ ଥିଲା, ବର୍ତ୍ତମାନ ଅଛି ଏବଂ ଭବିଷ୍ୟତକୁ ଜିଲ୍ଲାର ଆଗାମୀ ପିଢ଼ି ଏହି ୪୫୦୦ ଘର ଗୋଁଡ଼ ସମାଜ ବଲାଙ୍ଗିରର ଉଚ୍ଚାରଣକୁ କେତେଦୂର ପର୍ଯ୍ୟନ୍ତ ଆଗେଇ ନେବେ ତାହା ସମୟ କହିବ ।

ଜୟ ବୁଢ଼ାଦେଓ

ଅବସରପ୍ରାପ୍ତ ଶିକ୍ଷକ
ଅମାମୁଣ୍ଡା, ମନହିରା, ଲୋଇସଂହା, ବଲାଙ୍ଗିର ଜିଲ୍ଲା କମିଟି ସଭ୍ୟ,
ବଲାଙ୍ଗିର ଜିଲ୍ଲା ଗୋଁଡ଼ ସମାଜ



# ଆଦିବାସୀ ମଧ୍ୟରେ ଗୋଁଡ଼ : ଏକ ପରିସଂଖ୍ୟାନ ଦୃଷ୍ଟିପାତ

ମୀନକେତନ ମାଝୀ



ଗୋଁଡ଼/ଗୋଣ୍ଡ ଜାତି ଏସିଆ ମହାଦେଶରେ ଜନ ଜାତି ମଧ୍ୟରେ ଅଧିକ, ଏପରିକି ପୃଥିବୀରେ ସର୍ବାଧିକ । ଗୋଁଡ଼ମାନେ ପ୍ରାୟତଃ ଭାରତର ମଧ ପ୍ରଦେଶର ଗୋଣ୍ଡୱାନା ଅଞ୍ଚଳରେ ନବମରୁ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ ଗଡ଼ ମଣ୍ଡଳୀ, ଦେଓ ଗଡ଼, ଚାନ୍ଦା ଗଡ଼ ଓ ଖେରଲ ରାଜ୍ୟରେ ରାଜତ୍ୱ କରୁଥିଲେ । ମରାଠା ଶକ୍ତି ୧୭୪୦ ଖ୍ରୀଷ୍ଟାବ୍ଦରେ ଗୋଁଡ଼ ରାଜାମାନଙ୍କୁ ବିତାଡ଼ିତ କରି ଶାସନ ଆରମ୍ଭ କରିଥିଲେ ।

ଗୋଁଡ଼/ଗୋଣ୍ଡ ଜାତି ବିଶେଷ ଭାବରେ ସ୍ୱାଭିମାନୀ । ଗୋଁଡ଼ମାନଙ୍କ ଇଷ୍ଟ ଦେବତା "ବଡ଼ ଦେଓ" ଅନ୍ୟ ନାମରେ କୁନ୍ଦା ଦେଓ, ଭଗବାନ, ଶ୍ରୀ ଶମ୍ଭୁ ମହାଦେବ ଓ ପରସା ପେନ୍ ନାମରେ ପରିଚିତ । ଗୋଁଡ଼ମାନେ ବିଭିନ୍ନ କ୍ଷେତ୍ରରେ ଉନ୍ନତି କରିଥିଲେ ମଧ୍ୟ ଅନ୍ୟ ଜାତି ଅପେକ୍ଷା ବହୁତ ପଛରେ । ସ୍ୱତନ୍ତ୍ର ଭାବରେ ଏହି ଜାତି ଉପରେ ସର୍ଭେ ତଥା ଅନୁଧ୍ୟାନ ଆବଶ୍ୟକ । କୌଣସି ଜାତି/ସମାଜ ବିଷୟରେ ତାର ସ୍ଥିତି ଜାଣି ଯୋଜନା କରିବା ପାଇଁ ପରିସଂଖ୍ୟାନ ଏକାନ୍ତ ଆବଶ୍ୟକ । ଉପଲବ୍ଧ ପରିସଂଖ୍ୟାନକୁ ନେଇ ଦୃଷ୍ଟିପାତ କଲେ ଜାତି ସ୍ଥିତି ଅନୁମାନ କରାଯାଇପାରେ ।

ଭାରତରେ ପଞ୍ଜାବ ଓ ଚଣ୍ଡିଗଡ଼ ବ୍ୟତୀତ ସମସ୍ତ ଅଞ୍ଚଳରେ ୬୪୫ ପ୍ରକାର ଆଦିବାସୀ / ଜନଜାତି ବାସ କରୁଛନ୍ତି । ୨୦୧୧ ଜନଗଣନା ଅନୁଯାୟୀ ଭାରତରେ ୧୦.୪୩ କୋଟି ଆଦିବାସୀ ଯାହାକି, ମୋଟ ଜନସଂଖ୍ୟାର ୮.୬% ଅଟେ । ଗ୍ରାମାଞ୍ଚଳରେ ୮୯.୯୭% ଓ ସହରାଞ୍ଚଳରେ ୧୦.୦୩% ବାସ କରୁଛନ୍ତି । ଜନସଂଖ୍ୟା ବୃଦ୍ଧି ହାର ୨୦୦୧ରୁ ୨୦୧୧ ମଧ୍ୟରେ ୧୭.୬୯%ରୁ ୨୩.୬୬%କୁ ବୃଦ୍ଧି ହୋଇଛି । ଲିଙ୍ଗ ଅନୁପାତକୁ ଲକ୍ଷ୍ୟ କଲେ ସମଗ୍ର ଜନସଂଖ୍ୟାରେ ୧୦୦୦ ପୁରୁଷରେ ୯୪୦ ମହିଳା ଥିବା ବେଳେ, ଜନଜାତି ମଧ୍ୟରେ ପ୍ରତି ୧୦୦୦ ପୁରୁଷରେ ୯୯୦ ମହିଳା ଅଛନ୍ତି । ଏହାକୁ ସମାଜରେ ମହିଳାଙ୍କୁ ସମ୍ମାନର ନିଦର୍ଶନ ବୋଲି ବିଚାର କରାଯାଇପାରେ । ଆଦିବାସୀମାନେ ପ୍ରାୟ ମଧ୍ୟଭାରତୀୟ ଓ ଉତ୍ତରପୂର୍ବ ଭାରତରେ ବହୁଳ ଭାବରେ ବାସ କରୁଛନ୍ତି । ରାଜ୍ୟ ହିସାବରେ ମଧ୍ୟପ୍ରଦେଶରେ ୧୪.୬୯%, ମହାରାଷ୍ଟ୍ରରେ ୧୦.୦୮%, ଓଡ଼ିଶାରେ ୯.୨%, ରାଜସ୍ଥାନରେ ୮.୮୬%, ଗୁଜୁରାଟରେ ୮.୫୫%, ଛତିଶଗଡ଼ରେ ୭.୫% ଓ ଆନ୍ଧ୍ରପ୍ରଦେଶରେ ୫.୭% ତଥା ଉତ୍ତରପୂର୍ବାଞ୍ଚଳରେ ବହୁଳ ଭାବରେ ବାସ କରୁଛନ୍ତି । ଆଶ୍ଚର୍ଯ୍ୟ ଭାବରେ ବାସ କରୁଛନ୍ତି । ଆଶ୍ଚର୍ଯ୍ୟ ଭାବରେ ଓଡ଼ିଶାରେ ସର୍ବାଧିକ ୬୨ ପ୍ରକାର ଓ ସିକିମ୍‌ରେ ସର୍ବନିମ୍ନ ୪ ପ୍ରକାର ଆଦିବାସୀ ବାସ କରୁଛନ୍ତି । ନିମ୍ନ ତାଳିକାରେ ଆଦିବାସୀଙ୍କର ଜନସଂଖ୍ୟା ବୃଦ୍ଧି ଶତକଡ଼ାରେ ପ୍ରଦାନ କରାଗଲା ।

| ଜନଗଣନା ବର୍ଷ | ଭାରତ | | | ଓଡ଼ିଶା | | |
|---|---|---|---|---|---|---|
| | ମୋଟ ଜନସଂଖ୍ୟା (କୋଟିରେ) | ଆଦିବାସୀଙ୍କ ସଂଖ୍ୟା (କୋଟିରେ) | ଆଦିବାସୀ ଶତକଡ଼ାରେ (%) | ମୋଟ ଜନସଂଖ୍ୟା (ଲକ୍ଷରେ) | ଆଦିବାସୀଙ୍କ ସଂଖ୍ୟା (ଲକ୍ଷରେ) | ଆଦିବାସୀ ଶତକଡ଼ାରେ (%) |
| ୧୯୬୧ | ୪୩.୯୨ | ୩.୦୧ | ୬.୮ | ୧୭୫ | ୪୨ | ୨୪.୧ |
| ୧୯୭୧ | ୫୪.୭୯ | ୩.୮୦ | ୬.୯ | ୨୧୯ | ୫୧ | ୨୩.୧ |
| ୧୯୮୧ | ୬୬.୫୩ | ୫.୧୬ | ୭.୮ | ୨୬୪ | ୫୯ | ୨୨.୪ |
| ୧୯୯୧ | ୮୩.୮୬ | ୬.୭୮ | ୮.୧ | ୩୧୭ | ୭୦ | ୨୨.୨ |
| ୨୦୦୧ | ୧୦୨.୮୬ | ୮.୪୩ | ୮.୨ | ୩୬୮ | ୮୧ | ୨୨.୧ |
| ୨୦୧୧ | ୧୨୧.୦୮ | ୧୦.୪୩ | ୮.୬ | ୪୨୦ | ୯୬ | ୨୨.୮ |

ବିଶ୍ୱରେ ବିଭିନ୍ନ ଦେଶରେ ଜନଜାତି ବାସ କରୁଛନ୍ତି । ସେହି ଦେଶର ମୋଟ ଜନସଂଖ୍ୟାର ପପୁ ନିଉଗୁନିଆରେ ପ୍ରାୟ ୭୭%, ବୋଲଭିୟାରେ ୭୦%, ଇକ୍ୱାଡରରେ ୩୮%, ମିଆମାରରେ ୩୩%, ଲାଓସ୍‌ରେ ୩୦%, ମେକ୍ସିକୋରେ ୧୨%, ନିଉଜିଲାଣ୍ଡରେ ୧୨%, ଚିଲିରେ ୯%, ମାଲେସିଆରେ ୪%, କାନାଡ଼ାରେ ୪%, ଅଷ୍ଟ୍ରେଲିଆରେ ୨%, ବ୍ରାଜିଲରେ ୧%, ବାଙ୍ଗଲାଦେଶରେ ୧%, ଥାଇଲାଣ୍ଡରେ ୧% ଓ ଯୁକ୍ତରାଷ୍ଟ୍ର ଆମେରିକାରେ ୧% ଜନଜାତି ବାସ କରୁଛନ୍ତି । ଏହି ସଂଖ୍ୟା ମଧ୍ୟରେ ଗୋଁଡ଼ମାନଙ୍କ ସଂଖ୍ୟା ଜାଣିବା ପାଇଁ ବିଶେଷ ଅନୁସନ୍ଧାନ ସହିତ ଦେଶ ଦେଶର ଜନସାଧାରଣଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ଆବଶ୍ୟକ ଅଟେ । ଏହି ପରିପ୍ରେକ୍ଷୀରେ ଗୋଣ୍ଡୱାନା ଗୋଣ୍ଡ ମହାସଭା ଜାତୀୟ ସ୍ତରରେ ଆୟୋଜନ ଏକ ସର୍ବୋତ୍ତମ ପ୍ରୟାସ ।

ସମଗ୍ର ଦେଶରେ ୧୮୬୦ ବେଳକୁ ପ୍ରାୟ ୧୦୦୦୦୦ ଗୋଁଡ଼ ଥିବାବେଳେ ୧୯୪୧ ବେଳକୁ ୩୨ ଲକ୍ଷ, ୧୯୬୧ରେ ୪୧ ଲକ୍ଷ, ୧୯୯୧ରେ ୯୧ ଲକ୍ଷ, ୨୦୦୧ରେ ୧୦୯ ଲକ୍ଷ ଓ ୨୦୧୧ରେ ୧୨୭ ଲକ୍ଷ ଅଟେ । ଓଡ଼ିଶାରେ ଆଦିବାସୀଙ୍କ ମଧ୍ୟରେ କନ୍ଧ ଜାତି ସର୍ବାଧିକ ୧୭.୧% ଥିବା ବେଳେ, ଗୋଁଡ଼ ଜାତି ୯.୬% ଥାଇ ଦ୍ୱିତୀୟ ବୃହତ୍ତମ ଅଟେ । ଗୋଁଡ଼ ଜାତି ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ୨୦୧୧ରେ ଓଡ଼ିଶାରେ ମୋଟ ୮୮୮୫୮୧ ଜଣ ଗୋଁଡ଼ ଓ ଲିଙ୍ଗ ଅନୁପାତରେ ପୁରୁଷ ଅପେକ୍ଷା ମହିଳା ଅଧିକ ଅଛନ୍ତି । ସହରାଞ୍ଚଳ ଗୋଁଡ଼ ଜାତିରେ ଲିଙ୍ଗ ଅନୁପାତ ଉଦ୍‌ବେଗଜନକ ଅଟେ ।

| ଗୋଁଡ଼ ଜାତି | ପୁରୁଷ | ମହିଳା | ମୋଟ ଜନସଂଖ୍ୟା | ବାସସ୍ଥାନ %ରେ | ଲିଙ୍ଗ ଅନୁପାତ |
|---|---|---|---|---|---|
| ଗ୍ରାମାଞ୍ଚଳ | ୪୩୧୨୧୬ | ୪୩୪୦୩୨ | ୮୬୫୨୪୮ | ୯୭.୪ | ୧୦୦୭ |
| ସହରାଞ୍ଚଳ | ୧୨୦୪୬ | | ୨୩୩୩୩ | ୨.୬ | ୯୩୬ |
| | | ୧୧୨୮୭ | | | |
| ମୋଟ୍ ଜନସଂଖ୍ୟା | ୪୪୩୨୬୨ | ୪୪୫୩୧୯ | ୮୮୮୫୮୧ | ୧୦୦ | ୧୦୦୫ |

ଆମ ଦେଶରେ ଏମିତି କେତେକ ଜିଲ୍ଲା ଅଛି ଯେଉଁଠାରେ ଆଦିବାସୀମାନଙ୍କ ମଧ୍ୟରେ ଗୋଁଡ଼ମାନଙ୍କ ସଂଖ୍ୟା ବହୁତ ଅଧିକ ।

| ରାଜ୍ୟ | ଜିଲ୍ଲା | ଆଦିବାସୀ ମଧ୍ୟରେ ଗୋଁଡ଼ ଜନସଂଖ୍ୟା % ରେ | ରାଜ୍ୟ | ଜିଲ୍ଲା | ଆଦିବାସୀ ମଧ୍ୟରେ ଗୋଁଡ଼ ଜନସଂଖ୍ୟା % ରେ |
|---|---|---|---|---|---|
| କର୍ଣ୍ଣାଟକ | ବିଦାର | ୯୦.୮୩ | ମହାରାଷ୍ଟ୍ର | ଚାନ୍ଦରପୁର | ୭୯.୧୪ |
| ମଧ୍ୟପ୍ରଦେଶ | ସେଓ୍ୱନି | ୯୦.୪୫ | ମହାରାଷ୍ଟ୍ର | ୱାର୍ଦ୍ଧା | ୬୭.୦୫ |
| ବିହାର | ସରନ | ୮୯.୭୦ | ଛତିଶଗଡ଼ | ରାଜନନ୍ଦଗାଁଓ | ୬୬.୯୮ |
| ବିହାର | ଗୋପାଳଗଞ୍ଜ | ୮୯.୭୦ | ଛତିଶଗଡ଼ | ରାୟପୁର | ୬୬.୪୭ |
| ମଧ୍ୟପ୍ରଦେଶ | ନରସିହମ୍ପୁର | ୮୯.୩୭ | ବିହାର | ଭୋଜପୁର | ୬୨.୭୬ |
| ମଧ୍ୟପ୍ରଦେଶ | ଦାମୋହ | ୮୫.୫୯ | ଛତିଶଗଡ଼ | ଦୁର୍ଗ | ୫୫.୬୪ |
| ମଧ୍ୟପ୍ରଦେଶ | ମଣ୍ଡଳା | ୮୪.୧୪ | ମଧ୍ୟପ୍ରଦେଶ | ହେସଙ୍ଗବାଦ | ୫୨.୮୧ |
| ଛତିଶଗଡ଼ | ବସ୍ତର | ୮୪.୧୦ | ମଧ୍ୟପ୍ରଦେଶ | ଜବଲପୁର | ୫୦.୩୪ |
| ମଧ୍ୟପ୍ରଦେଶ | ବାଳାଘାଟ | ୮୩.୮୯ | ଛତିଶଗଡ଼ | ବିଳାସପୁର | ୫୦.୨୩ |
| ରାଜସ୍ଥାନ | ସିଓାନ | ୮୩.୨୨ | ଓଡ଼ିଶା | ନବରଙ୍ଗପୁର | ୨୯.୬ |

ସମାଜରେ ଲିଙ୍ଗ ଅନୁପାତରୁ ସେମାନଙ୍କର ସାମାଜିକ ଦୃଷ୍ଟିଭଙ୍ଗି ଅନୁମାନ କରାଯାଇପାରେ । ଆଦିବାସୀମାନଙ୍କ ଜନସଂଖ୍ୟାରେ ଲିଙ୍ଗ ଅନୁପାତ ଦେଶ ତଥା ରାଜ୍ୟର ସାମଗ୍ରିକ ଲିଙ୍ଗ ଅନୁପାତରୁ ଅଧିକ । କେତେକ ପ୍ରମୁଖ ଜନଜାତି ସହ ଗୋଁଡ଼ ଜାତିର ଲିଙ୍ଗ ଅନୁପାତ ତୁଳନା କରି ସାମାଜିକ ଉତ୍ତର ଦାୟିତ୍ୱ ଲକ୍ଷ୍ୟ କରାଯାଇପାରେ ।

| ଲିଙ୍ଗ ଅନୁପାତ | ଭାରତର ମୋଟ ଜନସଂଖ୍ୟାରେ | ଓଡ଼ିଶା ମୋଟ୍ ଜନସଂଖ୍ୟାରେ | ଗୋଁଡ଼ | କନ୍ଧ | ଶବର | ସଉରା | ମୁଣ୍ଡା | ସାନ୍ତାଳ |
|---|---|---|---|---|---|---|---|---|
| ମୋଟ ଜନସଂଖ୍ୟାରେ | ୯୪୦ | ୯୭୮ | ୧୦୦୫ | ୧୦୨୭ | ୧୦୦୮ | ୧୦୦୭ | ୯୮୨ | ୯୭୬ |
| ୦-୬ ବର୍ଷ | ୯୧୪ | ୯୩୪ | ୯୮୦ | ୯୯୦ | ୯୮୦ | ୯୭୧ | ୯୭୪ | ୯୫୫ |

ଦେଶରେ ଗୋଁଡ଼ମାନେ ନିଜ ଧର୍ମକୁ ଗୋଣ୍ଡି ଧର୍ମ କହୁଥିଲେ ମଧ୍ୟ, ହିନ୍ଦୁ ଧର୍ମ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ । ହିନ୍ଦୁ ଧର୍ମରେ ୯୩.୨୧%, ଖ୍ରୀଷ୍ଟିଆନ ଧର୍ମରେ ୦.୮୦% ଓ ବାକି ୫.୯୯% କୌଣସି ଧର୍ମକୁ ନ ମାନି ଗୋଣ୍ଡି ଧର୍ମ କହନ୍ତି ।

ଜନଗଣନା ୨୦୧୧ରେ ଓଡ଼ିଶାରେ ସାକ୍ଷରତା ହାର ମୋଟ ୭୨.୮୭% ଥିଲାବେଳେ ମହିଳା ସାକ୍ଷର ହାର ୬୨.୪୬% । ଶିକ୍ଷା କ୍ଷେତ୍ରରେ ମଧ୍ୟ ଗୋଁଡ଼ ଜାତି ଅନ୍ୟ ପ୍ରମୁଖ ଆଦିବାସୀମାନଙ୍କ ମଧ୍ୟରେ ପଛରେ ନାହାନ୍ତି କିନ୍ତୁ, ଉଚ୍ଚତର ଶିକ୍ଷାରେ ଗୋଁଡ଼ ଜାତି ସାନ୍ତାଳ ଓ ମୁଣ୍ଡା ଜାତି ପଛରେ ଅଛି ।

| ସାକ୍ଷରତା ହାର% | ଗୋଁଡ଼ | କନ୍ଧ | ଶବର | ସଉରା | ମୁଣ୍ଡା | ସାନ୍ତାଳ |
|---|---|---|---|---|---|---|
| ମୋଟ ଜନସଂଖ୍ୟା | ୪୭.୦ | ୨୭.୧ | ୩୫.୪ | ୪୧.୧ | ୩୯.୭ | ୪୦.୫ |
| ମହିଳା | ୩୦.୮ | ୧୪.୩ | ୧୯.୯ | ୨୫.୭ | ୧୯.୯ | ୨୪.୭ |
| ସାକ୍ଷର | ୫.୪ | ୫.୮ | ୫.୧ | ୪.୬ | ୨.୭ | ୨.୬ |
| ପ୍ରାଥମିକ ତଳକୁ | ୪୦.୪ | ୪୭.୭ | ୪୬.୨ | ୪୩.୯ | ୩୫.୭ | ୩୪.୬ |
| ପ୍ରାଥମିକ | ୨୯.୪ | ୨୮.୨ | ୨୮.୬ | ୩୦.୬ | ୩୦.୮ | ୨୭.୦ |
| ମାଧ୍ୟମିକ | ୧୨.୮ | ୧୦.୪ | ୧୧.୨ | ୧୧.୪ | ୧୫.୪ | ୧୭.୭ |
| ଉଚ୍ଚଶିକ୍ଷା | ୧୦.୩ | ୬.୯ | ୭.୮ | ୮.୩ | ୧୩.୩ | ୧୪.୮ |
| ବୈଷୟିକ ଶିକ୍ଷା | ୦.୪ | ୦.୨ | ୦.୩ | ୦.୩ | ୦.୫ | ୦.୬ |
| ସ୍ନାତକ ଓ ଅଧିକ | ୧.୩ | ୦.୮ | ୦.୮ | ୦.୯ | ୧.୬ | ୨.୬ |

**କୃଷି କ୍ଷେତ୍ରରେ ତୁଳନା କଲେ ଗୋଁଡ଼ମାନେ ଅଧିକ ଚାଷ ଉପରେ ନିର୍ଭରଶୀଳ**

| | | | | | |
|---|---|---|---|---|---|
| ଚାଷୀ | ୩୯.୧ | ୩୮.୧ | ୨୭.୫ | ୨୯.୬ | ୨୩.୪ ୩୨.୩ |
| ଚାଷୀ ଶ୍ରମିକ | ୪୬.୬ | ୪୬.୮ | ୫୫.୩ | ୫୪.୩ | ୪୧.୭ ୪୫.୧ |
| କୁଶଳି ଶ୍ରମିକ | ୩.୩ | ୩.୬ | ୧.୪ | ୨.୮ | ୫.୩ ୯.୩ |
| ଅନ୍ୟ ଶ୍ରମିକ | ୧୧.୦ | ୧୦.୫ | ୧୫.୮ | ୧୩.୩ | ୨୯.୫ ୧୩.୩ |

ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଦିବାସୀମାନଙ୍କ ଅବସ୍ଥା ଜାତୀୟସ୍ତର ଠାରୁ ବହୁତ ପଛରେ । ଆଦିବାସୀମାନଙ୍କ ମଧ୍ୟରେ ଶିଶୁ ମୃତ୍ୟୁ ହାର ୮୪.୨ ପ୍ରତି ୧୦୦୦ ଜୀବିତ ଜାତରେ, ପାଞ୍ଚ ବର୍ଷରୁ କମ୍ ଶିଶୁ ମୃତ୍ୟୁ ହାର ୧୨୬.୬ ପ୍ରତି ୧୦୦୦ ଜୀବିତ ଜାତରେ, କମ୍ ଓଜନ ଶିଶୁ ୫୫.୯%, ରକ୍ତହୀନତା ଶିଶୁ ୭୯.୮%, ଶ୍ୱାସରୋଗୀ ଶିଶୁ ୨୨.୪%, ଝାଡ଼ା ରୋଗରେ ଆକ୍ରାନ୍ତ ଶିଶୁ ୨୧.୧% ଓ ରକ୍ତହୀନତା ମହିଳା ୬୪.୯% ଅଟେ । ଏହି ପରିସଂଖ୍ୟାନ ଗୋଁଡ଼ ଜାତି ପ୍ରତି ପ୍ରଯୁଜ୍ୟ ହେଲେ ମଧ୍ୟ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତ । ସିକେଲ ସେଲ୍ ଜନିତ ରୋଗରେ ଆକ୍ରାନ୍ତ ଆଦିବାସୀମାନଙ୍କ ମଧ୍ୟରେ ସର୍ବାଧିକ ୨୨.୩% ବଇଗା ଜନ ଜାତିରେ ଓ ୧୪% ଭରିଆ ଜନ ଜାତିରେ ଦେଖା ଯାଉଥିବା ବେଳେ, ଗୋଁଡ଼ ଜାତିରେ ୧୪.୨%, ଖଡ଼ିଆ ଜାତିରେ ୭.୪% କନ୍ଧ ଜାତିରେ ୩% ଓ ସାନ୍ତାଳ ଜାତିରେ ୧% ଦେଖାଯାଏ । ପୁଷ୍ଟିହୀନତାରେ ଆଦିବାସୀମାନେ ଆଗରେ । ବୟସ୍କ ପୁଷ୍ଟିହୀନତା ଯାହା ଉଚ୍ଚତା ଅନୁସାରେ ଓଜନ ବି.ଏମ୍.ଆଇ ଆକଳନ କରାଯାଏ ଓ ବି.ଏମ୍.ଆଇ ୧୮.୫-୨୪.୯କୁ ସାଧାରଣ, ୧୮.୧ରୁ କମ୍ ଥିଲେ ପୁଷ୍ଟିହୀନତା କୁହାଯାଏ । ଆଦିବାସୀମାନଙ୍କ ମଧ୍ୟରେ ଭୂୟାଁ ଜାତିରେ ବି.ଏମ୍.ଆଇ ୧୯.୪, ଗୋଁଡ଼ ଜାତିରେ ୧୮.୧ ଓ ସବୁଠାରୁ କମ୍ ପରଜା ଜାତିରେ ୧୭.୩ ଅଛି । ଯେହେତୁ, ପୁଷ୍ଟିସ୍ତର ଖାଦ୍ୟ ଅଭ୍ୟାସ ସହ ସଂପୃକ୍ତ, ଏହି ବିଷୟରେ ଅଧିକ ଅନୁସନ୍ଧାନ ଆବଶ୍ୟକ ଦରକାର ।

ଦରିଦ୍ରତାକୁ ଆଦିବାସୀମାନେ ସତେ ଯେପରି ଆପଣେଇ ନେଇଛନ୍ତି ଓ ଦେଶର ଗରିବୀ ସୀମାରେଖାରୁ ବହୁତ ଆଗରେ । ଉପଲବ୍ଧ ସଂଖ୍ୟାରୁ ମଧ୍ୟ ଆଦିବାସୀମାନେ ଅଧିକ ଥିବା ଅନୁମାନ କରାଯାଏ । ନିମ୍ନ ପରିସଂଖ୍ୟାନ ଗୋଁଡ଼ ଜାତି ପ୍ରତି ମଧ୍ୟ ପ୍ରଯୁଜ୍ୟ ଓ ସ୍ଥିତି ବେଶ ଅନୁମେୟ ।

| ବର୍ଷ | ୧୯୭୭-୭୮ | ୧୯୮୩-୮୪ | ୧୯୭୮-୮୮ | ୧୯୯୩-୯୪ | ୨୦୦୯-୧୦ | ୨୦୧୧-୧୨ |
|---|---|---|---|---|---|---|
| ଦେଶର ମୋଟ ଗରିବି (ବି.ପି.ଏଲ୍) ଜନସଂଖ୍ୟା %ରେ | ୫୧.୨ | ୪୦.୪ | ୩୩.୪ | ୩୭.୨ | ୨୩.୬ | ୨୧.୯ |
| ମୋଟ ଆଦିବାସୀ ଗରିବୀ (ବି.ପି.ଏଲ୍) ଜନସଂଖ୍ୟା %ରେ | ୭୨.୪ | ୫୮.୪ | ୫୨.୬ | ୫୧.୯ | ୪୫.୮ | ୪୫.୩ |

ଏହି ସବୁ ସଂକ୍ଷିପ୍ତ ପରିସଂଖ୍ୟାନ ବିଶ୍ଳେଷଣରୁ ଜଣାଯାଏ ଯେ, ଗୋଁଡ଼ ଜାତି ବିଷୟରେ ବିଶେଷ ଅନୁସନ୍ଧାନ କରି ସମସ୍ୟା ଚିହ୍ନଟ ସହ ଯୋଜନା କରିବାର ଆବଶ୍ୟକତା ଅଛି । ଗୋଁଡ଼ ଜାତିରେ ଏକତା ବଜାୟ ରଖି, ବିଭିନ୍ନ ଯୋଜନା ବିଷୟରେ ସଚେତନ ହୋଇ, ସାମାଜିକ, ଅର୍ଥନୈତିକ, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ମାନ ବୃଦ୍ଧି ପାଇଁ ଚେଷ୍ଟିତ ହେବା ।

ସଦସ୍ୟତା ସଂଖ୍ୟା-୧୦୦୦୦୦୦୦୩୨୧, ପରିସଂଖ୍ୟାନ ଅନୁସନ୍ଧାନକାରୀ
ଜିଲ୍ଲା ପରିବାର କଲ୍ୟାଣ ସଂସ୍ଥା, ବଲାଙ୍ଗୀର
ମୋ - ୯୪୩୭୫୭୦୮୨୩

# ଆମେ ଭାଷା ଭୁଲିଲୁ କିପରି

ଶ୍ରୀ ଉଗ୍ରସେନ ନାୟକ



**ସର୍ବ ମଙ୍ଗଳ ମାଙ୍ଗଲ୍ୟ ବରଣ୍ୟେଂ ବରଦଂ ଶୁଭଂ**
**ନମସ୍ତେ ଗୌରୀ ନନ୍ଦନଂ ଲମ୍ବୋଦର କଳେ ବରଂ**
**ନମସ୍ତେ ଜଙ୍ଗା ଦେବାୟ ସର୍ବସିଦ୍ଧି ପ୍ରଦାୟକମ୍**
**ନମସ୍ତେ ଲିଙ୍ଗାଧିପତି ବୁଢ଼ା ଦେବାୟ ନମୋ ନମାଃ ।**

**"ଉଚ୍ଚ ହେବା ପାଇଁ କର ଯେବେ ଆଶା**
**ଉଚ୍ଚ କର ଆଗେ ନିଜ ମାତୃ ଭାଷା"**

– (କବି ଗଙ୍ଗାଧର ମେହେର)

ଦିନ ଥିଲା ଗୋଁଡ଼ ଜାତିର ଗୌରବ, ଅଖଣ୍ଡ ଗୋଣ୍ଡୱାନା ଭୂଖଣ୍ଡ ମଧ୍ୟରେ ତାହାର କାୟା ବିସ୍ତାର ଲାଭ କରିଥିଲା । ବୈଦେଶିକ ଗବେଷକଙ୍କ ମତରେ ୧୦,୦୦୦ (ଦଶ ହଜାର) ବିଲିୟନ ପୂର୍ବେ ଅଖଣ୍ଡ ଗୋଁଡ଼ୱାନା ଭୂମିର ଅସ୍ତିତ୍ୱ ଥିଲା । ଗୋଁଣ୍ଡୁକୀ ପୁରାଣ ମତ ଅନୁସାରେ (ଯେଉଁ ଗୋଣ୍ଡୁକି ପୁରାଣକୁ ସଂସ୍କୃତରୁ ଉଦ୍ଧୃତ କରଯାଇଅଛି ଏବଂ ପ୍ରାଚୀନ ଗୋଁଡ଼ ଗାଥାବଳିକୁ ଗୋଁଡ଼ ଜାତିର ଭାଇଭଉଣୀ ଓ ଯୁବ ସମାଜର ଜ୍ଞାନକୁ ଆଣିବା ପାଇଁ ପ୍ରୟାସ କରୁଛି ।

ଗୋଣ୍ଡୁକି ପୁରାଣ ମତ ଅନୁସାରେ ପାନ୍ଥାଲାସା ସାଗର ମଧ୍ୟରେ ଦୁଇଗୋଟି ଦ୍ୱୀପ ଥିଲା । ଗୋଟିଏ ଲରେସିଆ ଅନ୍ୟଟି ଗଣ୍ଡୱାନା । କାଳକ୍ରମେ ଗଣ୍ଡୱାନା ଦ୍ୱୀପ ପାଞ୍ଚ ଭାଗରେ ବିଭକ୍ତ ହେଲା, କୋଇମ୍ମୁର ଦ୍ୱୀପ, ଦକ୍ଷିଣ ଆମେରିକା, ଆଣ୍ଟାର୍କଟିକା, ଅଷ୍ଟ୍ରେଲିଆ ଓ ଆଫ୍ରିକା ଆଦି । ପୂର୍ବେ "ଭାରତ"ର ନାମ କୋଇମୁର ଥିଲା । କୋୟା ଶବ୍ଦର ଅର୍ଥ – ଗୁମ୍ଫା, ମୁରୀ–ଶବ୍ଦର ଅର୍ଥ ସନ୍ତାନ, ପ୍ରାଚୀନ କାଳରେ ମାନବ ଗୁମ୍ଫାରେ ବସବାସ କରୁଥିଲା । ପ୍ରାଚୀନ କାଳରେ ଅନେକ ଜନଜାତି ଗୁମ୍ଫା ମଧ୍ୟରେ ଥିଲେ । ସେତେବେଳେ ହର୍ବାକୋଟା ଓ ମୁର୍ବାକୋଟା ଗଣ ରାଜ୍ୟ ଥିଲା – ହର୍ବାକୋଟା ଏବେକାର 'ହରପ୍ପା', ମୁର୍ବାକୋଟା ଏବେକାର 'ମହେଞ୍ଜୋଦାରୋ' ଓ ସିନ୍ଧୁସଭ୍ୟତା ଆଦି ପ୍ରାଚୀନ ପ୍ରସ୍ତର ଯୁଗର କିମ୍ବଦନ୍ତୀ ମାନ ରହିଛି । ଏ ଅଞ୍ଚଳରେ ଯେଉଁ ଆଦିମ ଅଧିବାସୀମାନେ ରହୁଥିଲେ ସେମାନେ ନିଜକୁ ଗୋଁଡ଼ ବୋଲି ପରିଚୟ ଦେଉଥିଲେ । ସେମାନଙ୍କର ଭାଷା ଥିଲା ଗୁଣ୍ଡି । ସେତେବେଳେ ଗୋଣ୍ଡୱାନ ଭୂଗାତ୍ରରେ ଗୁଣ୍ଡି ଧର୍ମର ପ୍ରଚାର ପ୍ରସାର ଲାଭ କରିଥିଲା । ସେତେବେଳର କୋୟା ପୁନମ ଧର୍ମ ସର୍ବ ପୁରାତନ ଅଟେ । ଏହା ସତ୍ୟ ଧର୍ମ ଅଟେ । ପାରିକୁ ପାରି ଲିଙ୍ଗୋ ହେଉଛନ୍ତି ଧର୍ମଗୁରୁ । ପାରିକୁପାରି ଲିଙ୍ଗୋ କୋୟାପୁ

ନେଂ ସତ୍ୟ ଧର୍ମ ଗୋଣ୍ଡୱାନା ଭୂଖଣ୍ଡରେ ପ୍ରଚାର କରିଥିଲେ । ଗୋଁଡ଼ମାନଙ୍କର ଆରାଧ ଦେବ ହେଲେ ଲିଙ୍ଗୋ ଦେଓ, ବଡ଼ା ଦେଓ, ମାତା କାଳୀ କଙ୍କାଳୀ, ଗୌରୀ ଦେବୀ ଗୋଁଡ଼ ଜାତି ପ୍ରକୃତିର ଉପାସକ, ଗୋଁଡ଼ମାନଙ୍କୁ ପ୍ରକୃତିର ଉପାସକ କହିବାର ଉଦ୍ଦେଶ୍ୟ – କାଳକ୍ରମେ ଗୋଣ୍ଡୱାନା ଭୂମି ସଂକୁଚିତ ହୋଇଯାଇଛି ଏହା କାବୁଲ କାନ୍ଦାହାର ଠାରୁ ଆରମ୍ଭ କରି ଅଖଣ୍ଡ ଭାରତକୁ ବୁଝାଉଥିଲା । ଗୋଁଡ଼ ଜାତିର ଦେଓ ୩, ୪, ୫, ୬, ୭ ।

ଏମାନଙ୍କ ନିମ୍ନ ଆକାରରେ ବିଭାଗୀକରଣ :

| ଦେଓ | ବଂଶ | ଗୋତ୍ର | ଖଣ୍ଡାଧ୍ୱଜା | ବାହାନ | ବୃକ୍ଷ |
|---|---|---|---|---|---|
| ସମ ୩ | | ବଶିଷ୍ଠ | | ସିଂହ | |
| ସୂର୍ଯ୍ୟ ୪ | | କାଶ୍ୟପ | | କଚ୍ଛପ | |
| ଗୋଙ୍ଗ ୫ | | ପରାଶର | | ଛଞ୍ଚାଣ | |
| ଗାର୍ଗବି ୬ | | ଭରଦ୍ୱାଜ | | ଗଜ | |
| ବାଗଶା ୭ | | ଗାର୍ଗବ | | | |
| | | ନାଗେଶ୍ୱର | | ନାଗ | |

ଗୋଁଡ଼ ଜାତିର ସୃଷ୍ଟି ଉପରେ ଏଠାରେ ଉଲ୍ଲେଖ କରୁନି, କାରଣ ଗୋଁଡ଼ ଜାତି ଆଜି କେଉଁ ପରିସ୍ଥିତିରେ ପଡ଼ି ନିଜ ଭାଷା ଓ ସଂସ୍କୃତିକୁ ଭୁଲିଯାଇଛି ତାହା ଉପରେ ଉଲ୍ଲେଖ କରୁଛି । ଗୋଣ୍ଡୱାନା ଭୂମିରେ ଯେତବେଳେ ଆର୍ଯ୍ୟମାନଙ୍କ ଆଗମ, ମରହଟ୍ଟାମାନଙ୍କ ସହିତ ସଂଘର୍ଷ, ମୋଗଲମାନଙ୍କ ଆଗମନ ଓ ଘନଘନ ଏ ଜାତି ଉପରେ ଆକ୍ରମଣ ହେଲା । ଆମ ଜାତିର କିଛି ଜାତି ଦ୍ରୋହୀ ବ୍ୟକ୍ତି ନିଜ ସ୍ୱାର୍ଥ ପାଇଁ ମରହଟ୍ଟା ଓ ମୋଗଲମାନଙ୍କ ସହିତ ମିତ୍ରତା କରି ଶତ୍ରୁମାନଙ୍କ ସହିତ ହାତ ମିଳାଇ, ଗୋଣ୍ଡଜାତିର ସର୍ବନାଶ ମାର୍ଗ ଦେଖାଇ ଦେଲେ ସେତେବେଳେ ମଧ ଭାରତରୁ ଗୋଁଡ଼ମାନେ ନିଜ ଭିଟାମାଟି ଛାଡ଼ିବା କଥିତ ଅଛି । ୩୫ ଲକ୍ଷ ଗୋଁଡ଼ ମଧ୍ୟପ୍ରଦେଶରୁ ଓଡ଼ିଶା ବିହାର, ବେଙ୍ଗଲ ଅଞ୍ଚଳକୁ ଚାଲି ଆସିଥିଲେ । ଆସିବା ଅବସ୍ଥାରେ ତତ୍କାଳୀନ ଅବିଭୁକ୍ତ ସମ୍ବଲପୁର ଜିଲ୍ଲା ଲକ୍ଷନପୁର ନିକଟସ୍ଥ ଗୋଣ୍ଡଘୁରା ଠାରୁ କିଛି ଗୋଁଡ଼ ଭାଇ ଆଗକୁ ନ ଆସି, କିଛି ଫେରି ଗଲେ । ଯେଉଁ ସ୍ଥାନରୁ ଫେରିଗଲେ ସେ ସ୍ଥାନର ନାମ ଅଦ୍ୟାବଧି 'ଗୋଣ୍ଡଘୁରା' ନାମରେ ନାମିତ ଅଛି ।

ଯେଉଁ ଗୋଁଡ଼ ଭାଇମାନେ ଆସିଥିଲେ ସେମାନେ ନିଜର ସୁବିଧା ଦୃଷ୍ଟିରୁ ଓଡ଼ିଶା, ବିହାର, ତେଲେଙ୍ଗାନା ବିଭିନ୍ନ ଜିଲ୍ଲାର ଝାଡ଼, ଜଙ୍ଗଲ ଅଞ୍ଚଳରେ ରହିଲେ । ଆଜି ଓଡ଼ିଶାରେ ୧୭ଟି ଜିଲ୍ଲା ମଧ୍ୟରୁ ବିଶେଷ ଭାବେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ଗୋଁଡ଼ ଭାଇମାନଙ୍କର ଐତିହାସିକ ବିଷୟକୁ ଉପସ୍ଥାପନା କରୁଛି । କେନ୍ଦୁଝରକୁ ଯେଉଁ ଗୋଁଡ଼ ଭାଇମାନେ ଆସିଥିଲେ ସେ ସିଧା କେନ୍ଦୁଝର ଓ ମୟୂରଭଞ୍ଜକୁ ପ୍ରବେଶ କରିନଥିଲେ । ସେମାନେ ପ୍ରଥମେ ସମ୍ବଲପୁର ସୁନ୍ଦରଗଡ଼, ବଣେଇ, ଝାରଖଣ୍ଡର ପୋଡ଼ାହାଟ ଆଦି ସ୍ଥାନରେ ରହି ତା ପରେ କେନ୍ଦୁଝର ଓ ମୟୂରଭଞ୍ଜକୁ ପ୍ରବେଶ କଲେ ଭାରତ ସ୍ୱାଧୀନତା ପୂର୍ବରୁ କିମ୍ବଦନ୍ତୀ ଅଛି କେନ୍ଦୁଝର ଜିଲ୍ଲା ସଦର ରାଇସୁଆଁଠାରେ ଗୋଁଡ଼ ଜାତିର ଲୋକ ବହୁ ସଂଖ୍ୟାରେ ବସବାସ କରୁଥିଲେ । ଗୋଁଡ଼ ଜାତି ହେଉଛି ଯୋଦ୍ଧା । ତେଣୁ ସେମାନେ ସନ୍ଧ୍ୟା ହେଲାମାତ୍ରେ ଧ୍ୱଂସା ବାଦ୍ୟ ବଜାଇ ଖଣ୍ଡା, ଢ଼ାଲ, ବର୍ଚ୍ଛା ସାହାଯ୍ୟରେ ଯୁଦ୍ଧ କୌଶଳ ଶିକ୍ଷା କରୁଥିଲେ । ସେତେବେଳେ ରାଜା ଗୋବିନ୍ଦ ଭଞ୍ଜଙ୍କ ରାଜୁତି ଚାଲୁଥିଲା । ଗୋଁଡ଼ ଯୋଦ୍ଧାମାନଙ୍କର ଯୁଦ୍ଧ କୌଶଳକୁ ଗୁପ୍ତଚରମାନେ ରାଜାଙ୍କ ସମ୍ମୁଖରେ ପ୍ରକାଶ କରିବାକୁ କେନ୍ଦୁଝର ରାଜା ଗୋବିନ୍ଦ ଭଞ୍ଜ ରାଇସୁଆଁ ଆସି ଗୋଁଡ଼ ଜାତିର ଯୋଦ୍ଧାମାନଙ୍କ ଯୁଦ୍ଧକୌଶଳ ଅବଲୋକନ କଲାପରେ ମୁଗ୍ଧ ହୋଇ 'ଗଣ୍ଡିବେଡ଼' ନାମରେ ଏକ ପିଢ଼ର ନାମକରଣ କଲେ । ଅଦ୍ୟାବଧି ଏହି 'ଗଣ୍ଡିବେଡ଼' ପିଢ଼ ଅଧିନରେ ରାଇସୁଆଁ ଗ୍ରା.ପ., ମହାଦେଇ ଯୋଡା, ପଦ୍ମପୁର ଗ୍ରା.ପ., ବୀରକିଶୋରପୁର ଗ୍ରା.ପ., ପଳାଶପଙ୍ଗା ଗ୍ରା.ପ., ପର୍ଯ୍ୟନପୁର ଗ୍ରା.ପ., କଣ୍ଡରାପଗି ଗ୍ରା.ପ. ଆଦି ରହିଅଛି । ଯେତେବେଳେ ପୁରୀ ଗଜପତି କାଞ୍ଚି ଅଭିଯାନ ପାଇଁ କେନ୍ଦୁଝର ରାଜା ଗୋବିନ୍ଦ ଭଞ୍ଜଙ୍କୁ ବଛା ବଛା ସୈନ୍ୟ ନେବାପାଇଁ ଆହ୍ୱାନ କଲେ; ସେତେବେଳେ ରାଇସୁଆଁଠାରେ ଥିବା ଗୋଁଡ଼ ଯୋଦ୍ଧାମାନଙ୍କୁ ସଙ୍ଗରେ ଧରି କାଞ୍ଚି ଅଭିମୁଖେ ଯାଇଥିଲେ । କାଞ୍ଚି ନରେଶଙ୍କୁ ଯୁଦ୍ଧରେ ପରାସ୍ତ କରିବା ପାଇଁ ଗୋଁଡ଼ ଯୋଦ୍ଧାମାନେ ଗୁପ୍ତଚର ସାଜି କାଞ୍ଚି ନରେଶଙ୍କ ଦୁର୍ବଳତାକୁ ଜାଣିପାରିଲେ । କାଞ୍ଚିରାଜା 'ମା ତାରିଣୀ'ଙ୍କୁ ଦର୍ଶନ କରି ଯୁଦ୍ଧ କ୍ଷେତ୍ରକୁ ଯାଆନ୍ତି । ଏଣୁ ଗୋଁଡ଼ ଯୋଦ୍ଧାମାନେ ରାଜା ଗୋବିନ୍ଦ ଭଞ୍ଜଙ୍କୁ କହିଲେ ଆମେ ବ୍ରାହ୍ମଣ ବେଶ ଧାରଣ କରି ମନ୍ଦିର ଜଗିବୁ ଏବଂ ରାଜାଙ୍କୁ ବନ୍ଦୀ କରିବୁ । ସମସ୍ତ ଗୋଁଡ଼ ଯୋଦ୍ଧା ବ୍ରାହ୍ମଣ ବେଶ ହେଲେ ଏବଂ କାଞ୍ଚି ନରେଶଙ୍କୁ ବନ୍ଦୀ କଲେ । କାଞ୍ଚିରୁ ଫେରିଲା ପରେ ସେମାନେ ଆଉ କେନ୍ଦୁଝର ନ ଆସି ପୁରୀ ଗଜପତିଙ୍କ ଅଧୀନରେ ରହି ଜଗନ୍ନାଥଙ୍କ ସେବାୟତ ଭାବେ ରହିଲେ ।

ଉକ୍ତ ସୂଚନା ଜାତିପ୍ରେମୀ ୪ କବିରତ୍ନ ସିଂହଙ୍କ ଠାରୁ ମିଳିଥିଲା । ଗୋଁଡ଼ ଭାଇମାନଙ୍କ ଦ୍ୱାରା ଖନନ କରାଯାଇଥିବା ପୋଖରୀ ଓ କୂପ ବର୍ତ୍ତମାନ ସୁଦ୍ଧା ରାଇସୁଆଁଗ୍ରାମରେ ଅଛି ।

କାଳକ୍ରମେ କୌଣସି କାରଣ ବସତ ରାଇସୁଆଁ ଗ୍ରାମ ତ୍ୟାଗ କରି କେନ୍ଦୁଝର ଜିଲ୍ଲାର ବିଭିନ୍ନ ଗ୍ରାମରେ ବସବାସ କରି ରହିଲେ, ତାଙ୍କ ମଧ୍ୟରୁ କେତେକ ଯୋଦ୍ଧା ପୁରୀ ଦର୍ଶନ କରି ମୟୂରଭଞ୍ଜ ବାରିପଦା ହୋଇ କଲିକତା ଦକ୍ଷିଣ କାଳୀ ଦର୍ଶନ କରିବାକୁ ଯିବାବେଳେ ବାରିପଦା ନିକଟରେ ଅଟକି ଥିଲେ । ସନ୍ଧ୍ୟାବେଳେ ସେମାନେ ତାଙ୍କର ଯୁଦ୍ଧକୌଶଳ ପ୍ରଦର୍ଶନ କଲେ । ମୟୂରଭଞ୍ଜ ରାଜାଙ୍କ ନିକଟକୁ ଉକ୍ତ ସୂଚନା ଯିବା ପରେ, ସେ ଆଖଡ଼ାଶାଳକୁ ଆସି ଯୋଦ୍ଧାମାନଙ୍କ ଯୁଦ୍ଧ କୌଶଳ ଦେଖି ଆନନ୍ଦିତ ହୋଇ, ତାଙ୍କ ରାଜ୍ୟରେ ରହିବା ପାଇଁ ଆମନ୍ତ୍ରଣ କଲେ । ରାଜାଙ୍କ ବାକ୍ୟକୁ ଅବମାନନା ନ କରି ଦକ୍ଷିଣ କାଳୀଦର୍ଶନ ପରେ ଆସି, ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଠାରେ ବସତି ସ୍ଥାପନ କରି ରହିଲେ । ସମୟାନୁକ୍ରମେ ଗୋଁଡ଼ମାନଙ୍କର ସେ ଅଞ୍ଚଳରେ ଆଧିପତ୍ୟ ବିସ୍ତାର ଲାଭ କଲା । ବାମନ ଘାଟିଠାରେ 'ନରେନ୍ଦ୍ର ସାଏ' ନାମରେ ଗୋଁଡ଼ ରାଜା ରାଜ୍ୟ ଶାସନ କଲେ । ରାଜା ନରେନ୍ଦ୍ର ସାଏ ଧିରେ ଧିରେ ବହୁ ପରାକ୍ରମୀ ହେଲେ । କଥାରେ ଅଛି – ସ୍ୱର୍ଗରେ ଇନ୍ଦ୍ର, ମର୍ତ୍ତ୍ୟରେ ନରେନ୍ଦ୍ର – ଉକ୍ତ ଉକ୍ତି ଅନୁସାରେ ରାଜା ନରେନ୍ଦ୍ରଙ୍କର ପ୍ରତିପତି ବଢ଼ିବା ଫଳେ ମୟୂରଭଞ୍ଜ ରାଜାଙ୍କ କ୍ରୋଧର ଶିକାର ହେଲେ । ଯେତେ ଥର ବାମନ ଘାଟି ଉପରେ ଆକ୍ରମଣ କରିଛନ୍ତି କେବେ ସଫଳ ହୋଇ ନ ପାରିବାରୁ । ଅସ୍ତ୍ରାଗାର ରକ୍ଷୀ ହିସାବରେ ଜଣେ ମହାନ୍ତି ଥିଲେ । ଅସ୍ତ୍ରାଗାର ରକ୍ଷୀଙ୍କୁ ବାରିପଦା ରାଜାଙ୍କ ଗୁପ୍ତଚରମାନେ ଲାଞ୍ଚ ଦେଇ ନିଜର କରି ସମସ୍ତ ତୋପ, କମାଣରେ ପାଣି ଭର୍ତ୍ତି କରିବା ପାଇଁ ନିର୍ଦ୍ଦେଶ ଦେଇ ନଷ୍ଟ କଲେ । ବାରିପଦା ରାଜାଙ୍କ କପଟତା ଫଳରେ ନରେନ୍ଦ୍ରସାଏ ବନ୍ଦୀ ହେଲେ । ତାଙ୍କ କନ୍ୟା ଯୁଦ୍ଧକ୍ଷେତ୍ରକୁ ବାହାରିବା ବେଳେ ରାଜା ନିଜେ କନ୍ୟାକୁ ହତ୍ୟା କଲେ । ରାଜା ନରେନ୍ଦ୍ରଙ୍କ ସମୟରେ ଯେଉଁ ଯୁଦ୍ଧ ଗୋଁଡ଼ ଯୋଦ୍ଧାଙ୍କ ଦ୍ୱାରା ହୋଇଥିଲା । ତାହା ତେଣ୍ଟପଶି ଯୁଦ୍ଧ କୁହାଯାଏ । ତେଣ୍ଟପଶି ନିକଟରେ ଯେଉଁ ନଦୀ ପ୍ରବାହିତ ହେଉଛି ଗୋଁଡ଼ ଯୋଦ୍ଧାଙ୍କ ରକ୍ତରେ ରଞ୍ଜିତ ହୋଇଯାଇଥିଲା । ତେଣୁ ଗୋଁଡ଼ ଜାତିର ଲୋକମାନେ ସେ ନଦୀରେ ଅଦ୍ୟାବଧି ସ୍ନାନ କରନ୍ତି ନାହିଁ ବୋଲି ଲୋକ ମୁଖରୁ ଶୁଣାଯାଏ ।

କେନ୍ଦୁଝର, ମୟୂରଭଞ୍ଜ, ଝାରଖଣ୍ଡ ଆଦି ଅଞ୍ଚଳ ଗୋଁଡ଼ ଭାଇମାନେ ବହୁ ଦିନରୁ ମଧ୍ୟ ଭାରତରୁ ଚାଲି ଆସିଥିବାରୁ ନିଜର ଯେଉଁ ମୂଳ ଭାଷା ଗୁଣ୍ଡି ଭାଷାକୁ ସଂପୂର୍ଣ୍ଣ ଭାବେ ଭୁଲିଯାଇଛନ୍ତି । ତେଣୁ ଏ ଅଞ୍ଚଳ ଗୋଁଡ଼ ଭାଇଭଉଣୀମାନେ ନିଜର ଗୁଣ୍ଡି ଭାଷାକୁ ଭୁଲି ଯାଇଥିବାରୁ ଦୁଃଖିତ । ଗୁଣ୍ଡି ଭାଷାର ପ୍ରଚଳନ ପାଇଁ ସର୍ବଭାରତୀୟ ଗୋଣ୍ଡୱାନା ଗୋଁଡ଼ ମହାସଭା ଭାରତ ବର୍ଷର ବିଭିନ୍ନ କୋଣ ଅନୁକୋଣରେ ଗୁଣ୍ଡି ଭାଷାର ପ୍ରଚଳନ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଚାପ ପକାଇ ଏବଂ ନିଜ ଗୋଁଡ଼ ସମାଜର ସମନ୍ୱୟ ରକ୍ଷା ଓ ଏକତା ବଦ୍ଧତା ପାଇଁ ଭାଷାଗତ ଆନ୍ଦୋଳନ ଏକାନ୍ତ ଆବଶ୍ୟକ । ଆଜି ସାନ୍ତାଳ, ମୁଣ୍ଡା ଆଦି ଆଦିବାସୀ ସଂପ୍ରଦାୟର ବ୍ୟକ୍ତି ଯେଉଁଠି ରହିଲେ ମଧ୍ୟ ତାଙ୍କ ମଧ୍ୟରେ ଏକ ଭାଷା ଚାଲିଚଳନ ଏକ ଖାଦ୍ୟପେୟ, ପୋଷାକପତ୍ର ଆଦିର ସମାନତା ଲକ୍ଷ୍ୟ କରାଯାଉଛି ।

ତେଣୁ ଉକ୍ତ ଲେଖାଟି ଉପସ୍ଥାପନା କରିବାର ଉଦ୍ଦେଶ୍ୟ ଆଦି ଆମେ ମଧ୍ୟ ଭାରତର ବିସ୍ଥାପିତ ହୋଇ ବିଭିନ୍ନ ପ୍ରଦେଶରେ ବସବାସ କରୁଥିବାରୁ ସେ ଅଞ୍ଚଳରେ ଆଞ୍ଚଳିକ ଭାଷା ଚାଲିଚଳଣୀକୁ ଆଦରି ନେବା ଫଳରେ ଆମ ନିଜ ଗୁଣ୍ଡିଭାଷା, ଗୁଣ୍ଡିଧର୍ମ ଓ ସଂସ୍କୃତିଠାରୁ ଦୂରେଇ ଯାଇଛି । ତେଣୁ ଗୋଁଡ଼ ଜାତିର ପ୍ରତ୍ୟେକ ଶିକ୍ଷିତ / ଶିକ୍ଷିତା ଭାଇଭଉଣୀଙ୍କୁ ଅନୁରୋଧ ଗୋଁଡ଼ ଜାତିର ଉନ୍ନତି ପାଇଁ ଆମ ମାତୃଭାଷା 'ଗଣ୍ଡିଭାଷା'କୁ ଉଚ୍ଚ କରିବା ପାଇଁ ଗୁଣ୍ଡି ଅକ୍ଷର, ଶବ୍ଦାବଳୀ ଶିକ୍ଷା କରି ବ୍ୟବହାର କରିବା ପାଇଁ ଆମେ ଆସିଲେ ଆମର ତଥା ଗୋଁଡ଼ ଜାତିର ନିଶ୍ଚୟ ମଙ୍ଗଳ ହେବ ।

ଜୟ ସେବା
ଜୟ ଲିଙ୍ଗାଦେଓ
ଜୟ ବଡ଼ାଦେଓ

# ପାଠକୀୟ ଦୃଷ୍ଟିରେ "ଗୋଁଡ୍" ସଂପ୍ରଦାୟ ଏକ ବିହଙ୍ଗାବଲୋକନ

**କୌତୁକ ପନ୍ଦର**



ଏସିଆ ମହାଦେଶରେ ଆଦିବାସୀଙ୍କ ପୁରାତନତାକୁ ବିଶ୍ଳେଷଣ ଦୁରୂହ ବ୍ୟାପାର । ଏହି କ୍ରମରେ ଭାରତର ଗୋଣ୍ଡ ସଂପ୍ରଦାୟକୁ ମଧ୍ୟ ଅନୁରୂପ ମତ ଦିଆଯାଇପାରେ । ଯେହେତୁ ସହସ୍ରାଧିକ ବର୍ଷ ପୂର୍ବେ ପୃଥିବୀ ସଂପୂର୍ଣ୍ଣ ଭାବେ ଏକାଠି ଥିଲା ଓ କାଳକ୍ରମେ ଭୂସ୍ଖଳନ, ଅଗ୍ନ୍ୟୁତ୍ପାତ ଓ ପ୍ରାକୃତିକ ପରିବର୍ତ୍ତନ ଦ୍ୱାରା ଏହାର ସ୍ୱରୂପ ଆଜିପର୍ଯ୍ୟନ୍ତ ପରିବର୍ତ୍ତିତ ହେବାରେ ଲାଗିଛି । ସେଥିପାଇଁ ତ ଆଜିର ଏସିଆ ମହାଦେଶଟି ବିଚ୍ଛିନ୍ନ ହେଇ ବିଭିନ୍ନ ଦେଶ ଯଥା : ଭାରତ, ଶ୍ରୀଲଙ୍କା, ଜାପାନ, ଅଷ୍ଟ୍ରେଲିଆ, ସୁମାତ୍ରା, ଇଣ୍ଡୋନେସିଆ, ମାଳୟ, ବର୍ମା, ପାକିସ୍ଥାନ, ଇରାନ୍, ଇରାକ୍, ଭାବେ ପରିଗୃହୀତ ହୋଇଛି ।

ଆଫ୍ରିକୀୟ ମହାଦେଶ ଓ ଏସିୟ ମହାଦେଶର ପୃଷ୍ଟରେ ଥିବା ଅଧିକାଂଶ ଆଦିବାସୀ ଙ୍କ ସାମଞ୍ଜସ୍ୟ ଏହା ଶାରୀରିକ ହେଉ କି ସାଂସ୍କୃତିକ ପ୍ରାୟ ସମାନତା ପରିଲକ୍ଷିତ ହୋଇଥାଏ । ଏବେ ବି ବହୁ ଅନୁସନ୍ଧାନ ଓ ଆବିଷ୍କାରକୁ ନେଇ ଗବେଷକ ଓ ଐତିହାସିକଙ୍କ ମତରେ ଆଫ୍ରିକୀୟ ଦେଶ ହେଉଛି ମଣିଷର ଆଦିବାସ ସ୍ଥାନ ଓ ସେଇଠି ହିଁ ପ୍ରଥମେ ଲୋମଗନନ ଓ ନିଅଣ୍ଡରଥାଲ ମାନବର ବିବର୍ତ୍ତନ ଧାରାରେ ଆଜିର ସଭ୍ୟ ମଣିଷ ସୃଷ୍ଟି ହୋଇଛି । ସେଥିପାଇଁ ତ ଆଫ୍ରିକୀୟ ଓ ଏସୀୟ ମହାଦେଶର ଦକ୍ଷିଣାଞ୍ଚଳ ସ୍ଥିତ ମନୁଷ୍ୟ ଙ୍କ ଶାରୀରିକ ପ୍ରକୃତିରେ ସମାନତା ଲକ୍ଷ କରାଯାଇପାରେ । ଏହାର କାରଣ ଯେ ଭୂପୃଷ୍ଠର ଏ ଅବସ୍ଥିତି ଏହାର ଦ୍ରାଘିମା, ଅକ୍ଷାଂଶ ବୃଷ୍ଟବୃତ୍ତ ମେରୁ ଅଞ୍ଚଳର ଅବସ୍ଥା ଦାୟୀ ତାହା ମଧ୍ୟ ପୁରା ଭାବେ ଅଗ୍ରହଣୀୟ ନୁହେଁ ।

ଏହି ଦୃଷ୍ଟିରୁ ବିଚାର କଲେ ଭାରତର ଦକ୍ଷିଣ ଦିଗସ୍ଥିତ ମନୁଷ୍ୟମାନଙ୍କ ଶାରୀରିକ ଅବସ୍ଥା ସହ ଆଫ୍ରିକିୟ ମଣିଷର ଶାରୀରିକ ଅବସ୍ଥାକୁ ଦୃଷ୍ଟି ଦିଆଯାଇପାରେ । ଭାରତ ଦେଶରେ ଯେ ପ୍ରଥମେ ଆଦିବାସୀ ଥିଲେ ଏହାର ପ୍ରମାଣ ଏ ପର୍ଯ୍ୟନ୍ତ ଏକ ନିଶ୍ଚିତ ସିଦ୍ଧାନ୍ତରେ ଉପନୀତ ହୋଇ ପାରିନି । କେତେକ ଗୋଷ୍ଠୀ ଆଦିବାସୀ ମାନଙ୍କୁ ଭାରତରେ ଆଦି ମାନବ ଓ ମୂଳ ଆଦିବାସୀ ବୋଲି ସ୍ୱୀକାର କରୁଥିବା ବେଳେ ଅନ୍ୟଗୋଷ୍ଠୀ ଏମାନଙ୍କୁ ବହିରାଗତ ବୋଲି ସ୍ୱୀକାର କରୁଛନ୍ତି ।କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ଆଦିବାସୀ/ଉପଜାତି/ଗିରିଜନ ମାନେ ଯେ ଭାରତର ମୂଳ ବାସିନ୍ଦା ଏହା ବିନା ଦ୍ୱିଧାରେ ସ୍ୱୀକାର କରିବାକୁ ପଡିବ । କାରଣ ଏବେ ବି ଏମାନେ ଆଣ୍ଡାମାନ, ନିକୋବର କିମ୍ବା



ଆଫ୍ରିକୀୟ ଦେଶରେ ଆଦିମ ଅଧିବାସୀଙ୍କ ପରି ନିଜର ବାସସ୍ଥାନକୁ ଜାହିର କରି ଅଗମ୍ୟ ପାର୍ବତ୍ୟ ଓ ଅତି ଅଣଆଲୋକିତ ସ୍ଥାନରେ ରହି ଆଦିମାନବ ପରି କାଳାତିପାତ କରୁଛନ୍ତି । ଆମର ପୂର୍ବପୁରୁଷ ମାନେ ଯେ ଗଛର ବଲ୍‌କଲ୍ ଓ ଫଳମୂଳ ଖାଇ ବଞ୍ଚୁଥିଲେ ବୋଲି ଯଦି ଆମେ ସ୍ୱୀକାର କରିବା ତେବେ ଅଧୁନା ମଧ୍ୟ ଆଦିବାସୀଙ୍କ ଏପରି ରହିବାର ଉଦାହରଣ ଆମେ କଳାହାଣ୍ଡି, ମାଲକାନ୍‌ଗିରି, କୋରାପୁଟ, ନବରଙ୍ଗପୁର, ମୟୁରଭଞ୍ଜ, କନ୍ଧମାଳ, ଗଜପତି ଇତ୍ୟାଦି ଜିଲ୍ଲାର ପାର୍ବତ୍ୟାଞ୍ଚଳରେ ଦେଖିବାକୁ ପାଇବା । ଏମାନଙ୍କୁ ବ୍ୟବହାର ଆଚାର ବିଚାର, ବେଶ ପୋଷାକ, ଖାଦ୍ୟ ପେୟ, ଦୈନନ୍ଦିନ ଜୀବନଚର୍ଯ୍ୟାକୁ ଦେଖିଲେ ଏମାନେ ଯେ ଆମର ପୂର୍ବ ବଂଶଜ ଅସ୍ୱୀକାର କରିବାକୁ ଜଣେ ସାଧାରଣ ଲୋକ ମଧ୍ୟ ନାଚାର, ଯଦି ଆମେ ଡାରଭିନ୍ ଙ୍କ ବିବର୍ତ୍ତନ ମତବାଦ ମାଙ୍କଡରୁ ମଣିଷ ଙ୍କ ଉଚିତ୍ ସମ୍ମାନ ଦେଉ ।

ଭାରତର ଆଦିବାସୀଙ୍କ ସ୍ଥିତିକୁ ଲକ୍ଷ୍ୟକଲେ ଜଣାଯାଏ ପ୍ରାୟ ୪୧୫ଟି ବିଭିନ୍ନ ଆଦିବାସୀ ଗୋଷ୍ଠୀ ଏଠାରେ ପରିଲକ୍ଷିତ ହୁଅନ୍ତି ଏବଂ ୨୦୧୧ ଜନଗଣନାନୁସାରେ ୧୨୦କୋଟି ଭାରତର ମୋଟ ଜନସଂଖ୍ୟାର ପ୍ରାୟ ୧୧ ମିଲିୟନ ହେଉଛନ୍ତି ଏମାନେ । ୨୦୧୧ ଜନଗଣନାନୁସାରେ ୮.୬ ପ୍ରତିଶତ ହେଉଥିବାବେଳେ ତୁଳନାତ୍ମକ ଦୃଷ୍ଟିରୁ ଯଦି ୧୯୭୧ ମସିହାର ଜନଗଣନାକୁ ଦେଖାଯାଏ ଖୁସିର ବିଷୟ ଯେ ଏମାନଙ୍କ ଜନସଂଖ୍ୟାରେ ଅଭିବୃଦ୍ଧି ଘଟିଥିବା ବେଳେ ଆଣ୍ଡାମାନ୍ ନିକୋବରରେ ଥିବା ଆଦିମ ଅଧିବାସୀ ଙ୍କ ସଂଖ୍ୟ କମିବାରେ ଲାଗିଛି ।

ଭାରତରେ ସର୍ବାଧିକ ଆଦିବାସୀ ଅଧୁକ୍ଷିତ ରାଜ୍ୟ ମଧ୍ୟରେ ମିଜୋରାମ ଥିବା ବେଳେ ହରିଆଣା ସର୍ବନିମ୍ନ ଭାବେ ପରିଲକ୍ଷିତ ହୁଏ । ପୂର୍ବାଞ୍ଚଳ ରାଜ୍ୟ ଗୁଡିକ ବ୍ୟତୀତ ଭାରତରେ ସର୍ବାଧିକ ଆଦିବାସୀ ଅଧୁକ୍ଷିତ ରାଜ୍ୟ ମଧ୍ୟରେ ମିଜୋରାମ ଥିବା ବେଳେ ହରିଆଣା ସର୍ବନିମ୍ନ ଭାବେ ପରିଲକ୍ଷିତ ହୁଏ । ପୂର୍ବାଞ୍ଚଳ ରାଜ୍ୟ ଗୁଡିକ ବ୍ୟତିତ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଛତିଶଗଡ଼, ଝାରଖଣ୍ଡ, ଓଡିଶା, ବିହାର, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଇତ୍ୟାଦି ରାଜ୍ୟ ଗୁଡିକରେ ଏମାନେ ବସତି ସ୍ଥାପନ କରିଛନ୍ତି । ଦେଖାଯାଉଛି ଯେ, ଆର୍ଯ୍ୟଙ୍କ ଆଗମନ ପରେ ଏମାନେ ଉତ୍ତରଭାରତ ରୁ ଧୀରେ ଧୀରେ ଦକ୍ଷିଣ ଭାରତ ଅଭିମୁଖୀ ହୁଅନ୍ତି । ଏମାନଙ୍କ ଭାଷା ଯେପରି ସର୍ବପୁରାତନ ତାଙ୍କର ପର୍ବପର୍ବାଣୀ, ରୀତିନୀତି, ସାମାଜିକ କାର୍ଯ୍ୟକ୍ରମ ଓ ଦୈନନ୍ଦିନୀ ଜୀବନଚର୍ଯ୍ୟା ମଧ୍ୟ ସେହିପରି ଆଶ୍ଚର୍ଯ୍ୟ ଓ ଅନନ୍ୟ ।

ଓଡିଶା ରାଜ୍ୟର ଗୋଣ୍ଡ ଆଦିବାସୀଙ୍କ ଆଜିର ସ୍ଥିତି ଓ ପରିଚୟକୁ (ଶିକ୍ଷାଓସାମାଜିକ) ଯଦି ପାଠକୀୟ ଦୃଷ୍ଟିରୁ ବିଚାର କରାଯାଏ ତେବେ ଆମକୁ ବେଶି କିଛି ଆପ୍ଲୁତ କିମ୍ବା ଆନନ୍ଦ ଦିଏ ନାହିଁ । ଓଡିଶା ରେ ଥିବା ୬୨ ପ୍ରକାର ର ଆଦୀବାସୀ ଙ୍କ ଭିତରୁ ଗୋଣ୍ଡ (ବା ଗୋଁଡ/ଗଣ୍ଡ/ଗଣ) ଆଦିବାସୀ ହେଉଛନ୍ତି ଅନ୍ୟତମ । ୧୩ ପ୍ରକାର ଆଦିମ ଆଦିବାସୀ ଙ୍କ ପରି ଏମାନଙ୍କୁ ବିଚାର କୁ ନିଆନଗଲେ ମଧ୍ୟ ଏମାନେ ଯେ ଏକ ନିଆରା ଓଐତିହାସିକ ଜାତି ମାନିବାକୁ ବାଧ୍ୟ । କାରଣ ସାରାଭାରତରେ ଦିନେ ଯେଉଁ ଆଦିବାସୀ ଜାତି ନିଜର ସାହାସିକତା, ଐତିହାସିକତା ଓ ମୂଳ ପରମ୍ପରାର ସାମାଜିକତା ଦେଖାଇଥିଲେ ତାହାର ଭୁରିଭୁରି ପ୍ରମାଣ ରାମାୟଣ, ମୋଗଲ୍, ବ୍ରିଟିଶ୍ ସମୟର ବିଭିନ୍ନ ଶାସନ, ଯୁଦ୍ଧ ଓ ଐତିହାସିକତା ରୁ ମିଳିଥାଏ । ଦଳପତି ଶାହ, ରାଣୀ ଦୁର୍ଗବତୀ, ରାମ୍‌ଜୀ ଗଣ୍ଡ, ବୀର ସୁରେନ୍ଦ୍ର ସାଏ, ଛବିଳ ସାଏ ଇତ୍ୟାଦି ଶାସକ ସ ବୀରତ ଭାରତର ଇତିହାସର ଏକ ଏକ ଜାଜ୍ୱଲ୍ୟମାନ ଦୀପ୍ତିସ୍ତମ୍ଭ ! କାଳର କରାଳ କପୋଳରେ ରକ୍ତର ଅବିନଶ୍ୱର ପ୍ରଜ୍ୱୋଳିତ ଟୀକା !

୧୩ ଶହରୁ ୧୯ଶହ ଶତାବ୍ଦୀ ମଧ୍ୟରେ ଭାରତ ବିଭିନ୍ନ ରାଜା ଯଥା ଗଡ-ମଣ୍ଡଳା, ଦେଓଗଡ, ଚାନ୍ଦ, ଖେରଲ(କେନ୍ଦ୍ର ଭାରତ) ଓ ଗଣ୍ଡଓ୍ୱାନା (ପୂର୍ବ ମଧ୍ୟପ୍ରଦେଶ) ସମ୍ବଲପୁର, ଓଡିଶା, ପ୍ରଭୃତି ଗୋଣ୍ଡ୍ ରାଜା ଏବଂ ଜମିଦାରଙ୍କ ଦ୍ୱାରା ଶାସିତ ଓ ପରିଚାଳିତ ହେଉଥିଲା । ମଧ୍ୟଭାରତର ବିସ୍ତୃତ ଅଞ୍ଚଳ ଯାହାକି ଗୋଣ୍ଡଓ୍ୱାନା ବୋଲି ବର୍ତ୍ତମାନ ମଧ୍ୟ ନାମିତ ତାହା ଦିନେ ଗୋଣ୍ଡ ରାଜାଙ୍କ ହାତରୁ ଅତି ଚତୁର ଓ ଧୂର୍ତ୍ତ ଭାବେ ମରାଠା ରାଜାଙ୍କ ହାତକୁ ଚାଲିଯାଏ ୧୭୪୦ ମସିହାରେ ! ଆଜିବି ୫୩ ଟି ଦୁର୍ଗର ଅଧିଶ୍ୱରୀ ରାଣୀ ଦୁର୍ଗବତୀ ଙ୍କ ଶାସିତ ରାଜ୍ୟ ଗୋଣ୍ଡଓ୍ୱାନା ରେ ଦେବଗଡ କିଲ୍ଲା ଇତିହାସ ଛାତିରେ ସଗର୍ବେ ଦଣ୍ଡାୟମାନ ଓ ଗୋଣ୍ଡ ଆଦିବାସୀଙ୍କ ପରାକ୍ରମ ଓ ବୀରତ୍ୱର ଗାଥା ଗାଇଚାଲିଛି । ସେପଟେ ଓଡିଶାର ବୀର ସୁରେନ୍ଦ୍ର ସାଏଙ୍କ କିର୍ତ୍ତୀ ଓ ଯଶ ଭାରତୀୟ ସ୍ୱାଧୀନତାର ସଂଗ୍ରାମର ରକ୍ତ ରଞ୍ଜିତ ଛାତିରେ ଚୀର ଦୀପ୍ତିମନ୍ତ ଅଲିଭା ଲେଲିହାନ ବିଚ୍ଛୁରିତ ଶିଖା ।

ଓଡିଶାର ପଶ୍ଚମାଞ୍ଚଳ ସୁନ୍ଦରଗଡ, ଦେଓଗଡ, ସମ୍ବଲପୁର, ଝାରସୁଗୁଡା, ବରଗଡ, ବଲାଙ୍ଗିର, ବଉଦ, କଳାହାଣ୍ଡି, କନ୍ଧମାଳ, ନୂଆପଡା, ଠାରୁ ଦକ୍ଷିଣ ଓଡିଶାର କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଜିଲ୍ଲା ପର୍ଯ୍ୟନ୍ତ ଗୋଁଡ୍ ଆଦିବାସୀ ମାନେ ବସବାସ କରୁଛନ୍ତି । ଓଡିଶାରେ ଜନସଂଖ୍ୟାର ଏକ ମୁଖ୍ୟ ଅଂଶ ହେଉଛନ୍ତି ଏମାନେ ।

ଏମାନେ ୭ଦେଓରେ ବିଭକ୍ତ ୧ମ ଦେଓ-ଦେବତା, ୨ୟଦେଓ-ପରଘନିଆ, ଭାଟ ବା ପ୍ରଧାନ ଯିଏ କି ଗଣ୍ଡ ଜାତିର ଇତିହାସ ସହିତ ସମ୍ପ୍ରଦାୟର ଗାଥା ପରିବେକ୍ଷଣ କରିଥାଏ । ନେଟି, ମାରପାଚି, ପରେଖି, ଜଗତ, ଅଟିଁ (ଉଟି), ମରେହୀ, କ୍ରମାଗତ ଭାବେ ୩,୪,୫,୬,୭ ଦେଓ ଭାବେ ବିଭକ୍ତ । ଲୋକ କଥାନୁସାରେ ଗୋଁଡ଼/ଗଣ୍ଡ ମାନେ ହେଲେ ୭ ଭାଇ । ପଡିଆରେ ଯଅ ବୁଣିଥିଲେ । ବିସ୍ତୃତ ପଡିଆରେ ଯଅ ଲହଡି ମାରୁଥିଲା । ଜଗିଥିବା ସମୟରେ ଏକ ଧଳା ଅଶ୍ୱରେ ରମଣୀୟ ଯୁବକ ଅତି ଦୃତ ଗତିରେ ଧାବମାନ ହେଉଥିଲା । ଭାଇମାନଙ୍କୁ କ୍ରୋଧ ଆସିଲା କାରଣ କ୍ଷେତର ଶସ୍ୟ ଏହା ଦ୍ୱାରା ନଷ୍ଟ ହେଉଛି । ସେମାନେ ଅଶ୍ୱ ପଛରେ ଧାଇଁଲେ । କିଛି ନ ବିଚାରି ଅଶ୍ୱ ଚାଳକ ଯୁବକ ଅଶ୍ୱ ସହ ଏକ ଶାହାଜ ଗଛରେ ଲୁଚିଗଲା, ଆଉ ଦେଖାଗଲା ନାହିଁ । ଭାଇଙ୍କ ଭିତରେ ଭାଳେଣି ପଡିଲା ଯେ ସେମାନେ ନିଶ୍ଚୟ ଇଷ୍ଟ ଦେବଙ୍କୁ ଅପମାନ କରିଛନ୍ତି । ସେଥିପାଇଁ ଗଛମୂଳରେ ଏକ ଚଉତରା ତିଆରି, ଡାଲି, ଧଳା କୁକୁଡା ଓ ମଦ ଅର୍ପଣ କରି- ଆକୁଳ ପ୍ରାର୍ଥନା କରିଲେ ବି ବୁଢାଦେଓ ବା ବଡଦେଓ ରାଗିଗଲେ ଓ କିଛି ପ୍ରତ୍ୟୁତ୍ତର ଦେଲେ ନାହିଁ । ଏପଟେ ଛୋଟ ଭାଇର ପେଟ ବହୁତ କଷ୍ଟ ହେଲା । ସେ ଏକ ନାଳକୁ ପାଣି ପାଇଁ ଯାଇଥିବା ସମୟରେ ଏକ ଶବ୍ଦ ଶୁଣିଲା ଓ ସେହି ଅନୁସାରେ ଖିରରାନୀ ଗଛର ଡାଳକୁ ଏକ ଦଉଡିରେ ବାନ୍ଧି ସାରଙ୍ଗୀ ତିଆରି (ବାନ) ବାଦ୍ୟ ବଜାଇଲା ତେଣୁ ବଡଦେଓ ତୃପ୍ତ ହେଲେ ଓ ସେମାନଙ୍କୁ ଦୃଷ୍ଟିଦେଇ କହିଲେ ଯେ "କୌଣସି ବିପଦ ସମୟରେ ଏହି ବାନ (ସାରଙ୍ଗୀ) ବାଦ୍ୟ କରି ମୋତେ ଡାକିଲେ ମୁଁ ଉପସ୍ଥିତ ହେବି ଓ ସେ ପୁଣି ଅନ୍ତର୍ଦ୍ଧାନ ହୋଇଗଲେ ।"

ଉପରୋକ୍ତ ଲୋକ କଥାରୁ ଏତିକି ସ୍ୱଷ୍ଟ ହୁଏ ଯେ ଏହାଙ୍କ ମୁଖ୍ୟ ଦେବତା ହେଉଛନ୍ତି ବଡଦେୱ/ବୁଢାଦେୱ କେହି କେହି ଏହାକୁ କୁନ୍ଦାଦେଓ (ମୁକଦେବତା) ବୋଲି କହନ୍ତି କାରଣ ଏହି ଦେବତା ପାଟି ଫିଟାଏ ନାହିଁ କେବଳ ଠାର ମାଧ୍ୟମରେ ନିଜର ଭାବ ବ୍ୟକ୍ତ କରିଥାଏ ।

ଗୋଁଡ଼୍ ବା ଗଣ୍ଡ ମାନଙ୍କ ଖଳାଯାତ୍ରା ବା ବଡଦେଓ ଯାତ୍ରା/ କୁନ୍ଦାଦେଓ ଯାତ୍ରା ପ୍ରତିବର୍ଷ ପୌଷ ମାସର ଶୁକ୍ଳପକ୍ଷର ଯେ କୌଣସି ସମୟରେ ହୋଇଥାଏ ।ଏକ ଖୋଲା ସ୍ଥାନରେ ନିଜର ବଂଶର ଭାଇ ମାନେ ଯିଏ ଯେତେ ଦେଓ ବା ସାଗା ଭାବେ ପରିଚିତ) ଏକାଠି ହୋଇ ଏହି ଯାତ୍ରାଟି ପାଳନ କରିଥାନ୍ତି । ପିତ୍ତଳ ଗୁଚ୍ଛର ପ୍ରତୀକରେ କୁନ୍ଦାଦେଓ ବା ବଡଦେଓ କାଳିସୀ ମାଧ୍ୟମରେ ଅବତିର୍ଣ୍ଣ ହୋଇଥାନ୍ତି । ଆବାଳ ବୃଦ୍ଧ ବନୀତା ଏଠାରେଯ ନିଜର ଇଷ୍ଟ ଦେବଙ୍କ ହାତରୁ "ପାଦୁକା" ପାଇବା ପାଇଁ ରୁଣ୍ଡ ହୋଇଥାନ୍ତି ।ଏହା ହେଉଛି ଏମାନଙ୍କ ମୁଖ୍ୟ ପର୍ବ । କାରଣ ଏହା ପରେ ହିଁ ଗୋଣ୍ଡ ସଂପ୍ରଦାୟର ବିବାହ ଆରମ୍ଭ ହୋଇଥାଏ । ପିତୃ ପୁରୁଷ ଙ୍କ ଆତ୍ମାକୁ ମଧ୍ୟ ଏହି ଖଳାରେ ଏକ ନୂତନ ପଥର ମାଧ୍ୟମରେ ସ୍ଥାପନା କରାଯାଇଥାଏ ଓ ପ୍ରତିବର୍ଷ ସେମାନଙ୍କ ଆତ୍ମାକୁ ସନ୍ତୁଷ୍ଟି ପାଇଁ ଏକାଠି ହୋଇଥାନ୍ତି । ସେ ଯା ହେଉନା କାହିଁକି ଉକ୍ତ ଖଳାଯାତ୍ରା (ସ୍ଥାନନୁସାରେ) ବଡଦେଓ/ କୁନ୍ଦାଦେୱ/ବୁଢାଦେଓ ଯାତ୍ରା ଯେ ଏକ ଭାବାଗତ ସମ୍ପର୍କର ଦୃଢ ରଜ୍ଜୁ ତିଆରିବା ସହ ଏହାଙ୍କ ପ୍ରକୃତିପ୍ରତି ନିଜର ନିଷ୍ଠା ପ୍ରତିପାଦିତ କରିଥାଏ କହିବା ବାହଲ୍ୟ ।

ଏହି ଦେଓ/ଦିଆ ମାଧ୍ୟମରେ ଏମାନଙ୍କ ବିବାହ ସ୍ଥିରୀକୃତ ହୋଇଥାଏ । ଏମାନେ ସମଗୋତ୍ରିୟ ବିବାହକୁ ନିଷେଧ କରିଥାନ୍ତି । ଯାହାକି ଆଜି ବି ବିଜ୍ଞାନ ଏହାର ତର୍ଜମାରୁ ବିଭିନ୍ନ ରୋଗ ବ୍ୟାଧିର କାରଣ ଖୋଜି ପାଇଛି : ସଗୋତ୍ରରେ ବିବାହ ନିଷେଧ !

ଆଞ୍ଚଳିକତା, ସ୍ଥାନୀୟତା ଓ ସାମାଜିକତା ଅନୁସାରେ ଆଜିର ଗୋଁଡ଼/ଗଣ୍ଡ ମାନଙ୍କ ମଧ୍ୟରେ ବିଶେଷ ପ୍ରଭେଦତା ବାରି ହୋଇପଡେ । କନ୍ଧମାଳରେ ଖଳାଯାତ୍ରା ବା ବଡଦେଓ ପୂଜା ନ ଥିବା ବେଳେ କଳାହାଣ୍ଡି, ବଲାଙ୍ଗିର ପରି ପଶ୍ଚିମାଞ୍ଚଳରେ ଏହାର ଉପଯୋଗ ବିଶେଷ ହୋଇଥାଏ । ଏହାଦ୍ୱାରା ଯେ ଗୋଁଡ଼ ମାନଙ୍କୁ ବିବାହର ବିଶେଷ ଅସୁବିଧା ଉପୁଜୁଛି ।

ପଶ୍ଚିମାଞ୍ଚଳର ସମୃଦ୍ଧ ନଗର ହେଉଛି ସମ୍ବଲପୁର ଜିଲ୍ଲା । ଏକଦା ମୋଗଲ, ମରହଟ୍ଟା ଓ ବ୍ରିଟିଶ୍ ପୂର୍ବରୁ ଏହା ୧୭ଟି ଜମିଦାରୀ ରେ ବିଭକ୍ତ ହୋଥିଲା ଓ ସେଥିମଧ୍ୟରୁ ୧୨ଟି ଜମିଦାରୀ (Estate) କେବଳ ଗୋଁଡ଼/ଗଣ୍ଡ ଜମିଦାରଙ୍କ ଦ୍ୱାରା ଶାସିତ ହେଉଥିଲା । ଏହାର ସ୍ୱତ୍ତ୍ୱାଧିକାର ଅନ୍ୟାନ୍ୟ ସଂପ୍ରଦାୟଙ୍କ ହାତକୁ ଚାଲିଗଲା । ବୀର ସୁରେନ୍ଦ୍ର ସାଏ ୧୮୫୭ ପୂର୍ବରୁ ବ୍ରିଟିଶ ଙ୍କ ବିରୁଦ୍ଧରେ ନିଜର ମାତୃଭୂମିକୁ ନେଇ ପ୍ରଥମ ଜାତୀୟ ସଂଗ୍ରାମର ସ୍ୱରତୋଳନ କରିଥିଲେ ଏବଂ ଦୀର୍ଘ ୩୫ ବର୍ଷ ଭାରତର ସର୍ବାଧିକ କାରାଗାର ଭୋଗୀଥିବା ମୁକ୍ତି ସଂଗ୍ରାମୀ ବୋଲି ପରିଗଣିତ ହୁଅନ୍ତି ।

ଶିକ୍ଷା ଯେ କୌଣସି ଜାତି, ଗୋଷ୍ଠୀ କିମ୍ବା ବ୍ୟକ୍ତିର ଅଗ୍ରଗତି, ଅଭିବୃଦ୍ଧି ଓ ଭୁୟୋବିକାଶ ପାଇଁ ନିତାନ୍ତ ଜରୁରୀ କହିବା ବାହୁଲ୍ୟମାତ୍ର । ବିଶେଷକରି ନାରୀ ଶିକ୍ଷା ଉପରେ ପ୍ରାଧାନ୍ୟ ଦେଲେ ଗୋଁଡ଼ ସମ୍ପ୍ରଦାୟ ଯେ ନିଜର ହୃତ ଗୌରବକୁ ପୁଣିଫେରି ପାଇବେ ଏହା ସୁନିଶ୍ଚିତ ।

ଗୋଁଡ଼ ସମ୍ପ୍ରଦାୟର ଏକ ନିଜସ୍ୱ ଭାଷା ହେଉଛି ଗୋଣ୍ଡି ଭାଷା, ଏବଂ ଏହାର ଲିପି ଗୋଣ୍ଡି ଏହାକୁ ୧୯୨୮ ମସିହାରେ ମୁନ୍‌ସୀ ମଙ୍ଗଲ୍ ସିଙ୍ଗ୍ ମାସାରାମ ବ୍ରାହ୍ମୀ ଲିପି ଅନୁସାରେ ତିଆରି କରିଥିଲେ

ମଧ୍ୟ ବର୍ତ୍ତମାନ ସୁଦ୍‌ଗୁନ୍‌ଜାଲା ଗୋଣ୍ଡି ଲିପିକୁ ହିଁ ବ୍ୟବହାର ଉପଯୋଗୀ କରାଯାଉଛି ।

ଛତିଶଗଡ, ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଇତ୍ୟାଦି ରାଜ୍ୟର ଅଧିକାଂଶ ଲୋକ ଗୋଣ୍ଡି ଭାଷା ଓ ଲିପି ବ୍ୟବହାର କରୁଥିଲେ ହେଁ, କଳାହାଣ୍ଡି, ନୂଆଁପଡା, ବଲାଙ୍ଗୀର, ବରଗଡ, ସମ୍ବଲପୁର ପରି ଜିଲ୍ଲା ଗୁଡିକରେ ଏହି ଭାଷା ଅବ୍ୟବହୃତ, ଅନୁପଯୋଗୀ ଓ ମୃତ୍ୟୁ ହୋଇସାରିଛ । ତଥାପି ଏମାନେ ଓଡିଆଭାଷାରେ ନିଜର ପରମ୍ପରା, ସଂସ୍କୃତି ଓ ସାମାଜିକତାକୁ ବଜାୟ ରଖିଛନ୍ତି ।

ଭାରତୀୟ ସମ୍ବିଧାନର ଧାରା ୩୪୨ କ୍ଲଜ୍ ୧ ଅନୁସାରେ ପ୍ରଦତ୍ତ ଆଦିବାସୀର ମାନ୍ୟତା ପାଇଥିବା ଏହି ଗୋଷ୍ଠୀ ଓଡିଶାରାଜ୍ୟର ନବରଙ୍ଗପୁର ଜିଲ୍ଲାରେ ସର୍ବାଧିକ । ୨୦୦୧ ଜନଗଣନାନୁସାରେ ଓଡିଶାର ଗୋଁଡ ବା ଗଣ୍ଡ ସଂପ୍ରର୍ଦାୟର ଜନସଂଖ୍ୟା ପ୍ରାୟ ୭୮୨,୧୦୪ ଯାହାକି ରାଜ୍ୟର ମୋଟ ଜନସଂଖ୍ୟାର ୯.୬ ପ୍ରତିଶତ । ଓଡିଶାର ଦ୍ୱିତୀୟ ସର୍ବାଧିକ ଏହି ଆଦିବାସୀ ଗୋଷ୍ଠୀଙ୍କ ସାକ୍ଷରତା ହାର (୨୦୦୧ ଜନଗଣନାନୁସାରେ ପୁରୁଷ ୪୭.୦% ଥିବାବେଳେ ମହିଳା ସାକ୍ଷରତା ହାର ୩୦.୮% । ସେମିତି ଅଣଆନୁଷ୍ଠାନିକ ଶିକ୍ଷିତ ସଂଖ୍ୟା ୫.୪%, ନିମ୍ନ ପ୍ରାଥମିକ ଶିକ୍ଷିତ ସଂଖ୍ୟା ୪୦.୪% ପ୍ରାଥମିକ ଶିକ୍ଷା ୨୯.୦%, ଉନ୍ନିତ ମାଧ୍ୟମିକ ଶିକ୍ଷା ୧୨.୮%, ମାଟ୍ରିକ ଓ ତତ୍‌ଉର୍ଦ୍ଧ୍ୱ ୧୦.୩%, ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷାରେ ୧୩% ଓ ବୈଷୟିକ ଶିକ୍ଷାରେ ୦.୪% ରହିଛନ୍ତି ।

ଗୋଁଡ ସଂପ୍ରଦାୟର ଲୋକେ ଗୋଣ୍ଡି ଭାଷା ଛଡା ଓଡିଆ, ହୀନ୍ଦି, ତାମିଲ, ତେଲୁଗୁ, ମରାଠୀ, ପାର୍ଶୀ ତଥା ଅନ୍ୟାନ୍ୟ ଦ୍ରାବିଡୀୟ ଗୋଷ୍ଠୀର ଭାଷାକୁ ନିଜର ଭାବବ୍ୟକ୍ତରେ ଉପଯୋଗ କରନ୍ତି । ଆଧୁନିକତା ନାଁ ରେ ଏହି ଗୋଷ୍ଠୀ ଯେ ନିଜସ୍ୱ ସଂସ୍କୃତି, ପରମ୍ପରା ଓ ସାମାଜିକତାକୁ ଘୃଣାକ୍ଷରରେ ତୁଚ୍ଛମଣି ଝକଚକ୍ୟଭରା ଅନ୍ୟ ସଂସ୍କୃତିକୁ ଆପଣାଉଛନ୍ତି ଏହା ଅନୁଚିତ୍ ହେବା ବାଞ୍ଛନୀୟ । କେହି ବି ମାଟିକୁ ଛାଡି ସଦାସର୍ବଦା ଉଚ୍ଚାକାଶରେ ଉଡିପାରେ ନାହିଁ ତାର ମୃତ୍ୟୁ ଅବଶମ୍ଭାବୀ । ଏଣୁ ନିଜସ୍ୱ ସଂସ୍କୃତି ଓ ପରମ୍ପରାକୁ ସମ୍ମାନଦେଇ ଅପରକୁ ଗ୍ରହଣ କରିବା ଯେ ସବୁଠୁ ବୁଦ୍ଧିମାନର କାମ ହୃଦ୍‌ବୋଧ କରିବା ରହି ।

ସରକାରୀ ମହାବିଦ୍ୟାଳୟ, ବଲାଙ୍ଗିର
ମୋ: ୯୪୩୯୧୧୯୩୩୯
Email : kpandar@gmail.com



# ସମାଜର ବିଭୀଷିକା : ଏକ ରକ୍ତକ୍ଷରା ଆହ୍ୱାନ

ଶ୍ରୀ ବାବୁଲାଲ ସିଂହ (ଶିକ୍ଷକ)

ଭବିଷ୍ୟତକୁ ଆଖି ଆଗରେ ରଖି ବର୍ତ୍ତମାନକୁ ରକ୍ତାକ୍ତ କରିବାର ଅନ୍ୟନାମ ବିପ୍ଳବ । ମନରୁ ଭଲକୁ ପରିବର୍ତ୍ତନ, ଭୂଲରୁ ଠିକ୍‌କୁ ସଂଶୋଧନ ଓ କାର୍ଯ୍ୟକୁ ଚିରନ୍ତନ ସମୟରେ ପରୀକ୍ଷୀତ ସତ୍ୟର ସମ୍ମୁଖୀନ । ବିପ୍ଳବ ନ ହେଲେ ପରିବର୍ତ୍ତନ ଆସେ ନାହିଁ । ପରିବର୍ତ୍ତନ ନ ଆସିଲେ ପ୍ରଗତି ଅସମ୍ଭବ ତେଣୁ ଆମକୁ ବିପ୍ଳବ କରିବାକୁ ହେବ ସଂଗଠିତ ଭାବରେ ପ୍ରଗତି ହାସଲ ପାଇଁ । ପରିବର୍ତ୍ତନ ନିଜ ପରିବାରରୁ ଆରମ୍ଭ ହୁଏ । ସ୍ୱର ଉଠାଇଲେ ପରିବର୍ତ୍ତନ ନିଶ୍ଚୟ ଆସିବ । ସମାଜର ପ୍ରତ୍ୟେକ ଲୋକ ପ୍ରଥମେ ନିଜସ୍ଥିତି ସମ୍ପର୍କରେ ନିଜେ ସଚେତନ ହେବା ଆବଶ୍ୟକ । ନୈତିକ ଶୃଙ୍ଖଳା, ଧର୍ମୀୟ ସମଭାବତ୍ୱ, ରାଷ୍ଟ୍ରୀୟ ନିରାପତ୍ତା ଓ ଅର୍ଥନୈତିକ ଅଭିବୃଦ୍ଧି ସବୁର ମୂଳ ହିଁ ବ୍ୟକ୍ତି । ତେଣୁ ଉନ୍ନତ ଜାତି ପାଇଁ ଉନ୍ନତ ପରିବାରଟିଏ ଓ ଉନ୍ନତ ପରିବାର ପାଇଁ ଉନ୍ନତ ବ୍ୟକ୍ତିଟିଏ ଆବଶ୍ୟକ । ତେଣୁ ଦାୟିତ୍ୱ ପ୍ରକୃତରେ ବ୍ୟକ୍ତିର । ଏବେ ଆମକୁ ଜାତିର ଉନ୍ନତି କରିବାକୁ ହେଲେ ବିଭିନ୍ନ ବିପ୍ଳବ ଓ ପ୍ରଗତି ସହ ଜାତୀୟ ଚରିତ୍ରର ପୁନର୍ଗଠିତ କରିବାକୁ ହେବ । Eternal vigilance is the price of liberty - ନିରନ୍ତର ସତର୍କଶୀଳତା ସ୍ୱାଧୀନତାର ମୂଲ୍ୟ । I have nothing offer but blood, toil, tears and sweat for society - ଅର୍ପଣ କରିବାକୁ ମୋର ରକ୍ତ, ଶ୍ରମ, ଅଶ୍ରୁ ଓ ସ୍ୱେଦ ବ୍ୟତୀତ ଅନ୍ୟ କିଛି ନାହିଁ । ରକ୍ତର ମୋହ ଟାଣ – Blood is thicker than water. ଶକ୍ତି ଶାରୀରିକ ସାମର୍ଥ୍ୟରୁ ଆସେ ନାହିଁ । ଏହା ଆସେ ଦୃଢ଼ ସଂକଳ୍ପରୁ । Strength doesn’t come from physical capacity. It comes from in domitable will. ଅତୀତର ମୂଲ୍ୟବୋଧ ଏବେ ବି ପ୍ରଜୁଯ୍ୟ କେବଳ ତାକୁ କିପରି ଯୁବପିଢ଼ିର ଜୀବନରେ ଓ ଚିନ୍ତାଧାରାରେ ପ୍ରବେଶ କରାଇବାକୁ ହେବ ତାହାହିଁ ବିଚାର କରିବା କଥା । ଯେଉଁମାନେ ଦାୟିତ୍ୱରେ ଅଛନ୍ତି, ସେମାନେ ଚିନ୍ତା କରିବା ଦରକାର କିପରି ଭାବରେ ପରିବର୍ତ୍ତନକୁ ପରିଚାଳନା କରିବେ । କେବଳ ଗୋଟିଏ ସମସ୍ୟା ରୂପରେ ନୁହେଁ, ମାତ୍ର ଗୋଟିଏ ପ୍ରାକୃତିକ ଘଟଣା ହିସାବରେ । କୌଣସି ବିଚାରକୁ କାହା ଉପରେ ଲଦି ଦିଅନି, ତାର ରକ୍ତରେ ସେ ବିଚାରକୁ ଭରି ଦେବାକୁ ଚେଷ୍ଟା କର ।

ଯେଉଁ ଚେନାଏ ସ୍ୱପ୍ନ ବୋହି ଆସିଥିଲି କାନ୍ଧରେ କେଉଁ କାଲୁ, ତା ଭାରରେ ସେ ଭାରାକ୍ରାନ୍ତ । ବଦଳି ଯାଉଛି ସ୍ୱର ପ୍ରତିଶ୍ରୁତିର ଶବ୍ଦ ସମୟର ତାଡ଼ନାରେ । ବଦଳିଛି ବିଶ୍ୱାସର ପରିଧି । ସବୁଠାରୁ ଦୁଃଖ ଦୁର୍ଭାଗ୍ୟ କାରୁଣ୍ୟ ଓ ଜଘନ୍ୟ ତତା ବର୍ବର ମାନସିକତାର ସୁରାକ ମିଳେ ଏଇଠି । ଯିଏ କାରଣ, ସେଇ କରିବ ନିରାକରଣ । ରେ ଯୁବ ଆତ୍ମାନ, ଉଠ ଜାଗ୍ରତ ହୁଅ, ତୁମକୁ ଜାତି ଅପେକ୍ଷା କରିଛି । ଏ ଜାତିର ଏକ ସ୍ୱତନ୍ତ୍ର ସ୍ଥିତି ରହିଛି । କରାଳ ଆଘାତରେ ଏ ଜାତି ହୋଇଯାଇଥିଲା କଙ୍କାଳସାର । ଆଉ ଏ ଜାତିର କଙ୍କାଳର ଦୃଶ୍ୟ ଦେଖିବି ବୋଲି ମୁଁ ପ୍ରସ୍ତୁତ ଥିଲି କିନ୍ତୁ ଆଜି ଯାହା ଦେଖିଲି ତାହା ଆହୁରି ଭୀଷଣ । ଆମ୍ଭେମାନେ ଚିତ୍କାର କରି କହୁଥିଲୁ ଆମେ ଜାତୀୟ ଏକତା ଚାହୁଁ । ଆମ୍ଭମାନଙ୍କ ପାଖରେ ଏକତାର ଅର୍ଥ କ’ଣ ଥାଇପାରେ ? ଏହି କଙ୍କାଳସାର ଜନସାଧାରଣଙ୍କୁ ଉପରକୁ ଉଠାଇବା ପାଇଁ ଭୂମିକମ୍ପ ଭଳି ଆନ୍ଦୋଳନର ବିସ୍ଫୋରଣ ଦରକାର । ଯହିଁରେ, ଅଜ୍ଞାନ ଅନ୍ଧକାରର ଧରଣୀ ଫାଟିବ ଆଉ ଜାଗରଣର ନୂତନ ପ୍ରଭାତ ଉଦୟ ଲାଭ କରିବ । ଏହି ଜାତିର ନିରନ୍ଧ ଅନ୍ଧକାରରେ ଭୂମିକମ୍ପ ଭଳି ଉଚ୍ଛ୍ୱସିତ ଜାଗରଣ ସୃଷ୍ଟି କରି ପୂର୍ବପୁରୁଷଗଣ ଜାଳିଥିଲେ ସ୍ୱାଭିମାନର ଦୀପଶିଖା ଆଉ ବିସ୍ମୃତ ଜାତିକୁ ଦେଇଥିଲେ ଆତ୍ମ ପରିଚୟ । କିନ୍ତୁ ଆଜି ଆମେ ଚୋରେଇ ନେଇଛୁ ଶିଶୁର ମୁହଁରୁ ହସ, ଜୀଇଁବାର ଆଶା । ଏଭଳି ନିଷ୍ଠୁର ଅମଣିଷ କାମ କରିବାରେ ଖୁବ୍ ନାଁ କରିଛନ୍ତି ଆମ ସଂପ୍ରଦାୟମାନେ । ହଜି ଯାଇଛି ତାର ଜାତିର ପରିଚୟ, ସଂସ୍କୃତିର ପରିଚୟ ଆଉ ବିକୃତ କରିଛି ଆହ୍ୱାନର ଲକ୍ଷ୍ୟକୁ । ସମସ୍ୟାର ଜାଲରେ ଯେତେବେଳେ ସମାଜ ଛନ୍ଦିହୋଇ ମୁକ୍ତିର ରାସ୍ତା ଖୋଜେ ସେତେବେଳେ ପ୍ରଧାନ ଓ ପ୍ରଥମ ସ୍ୱରୂପ ହେଲା ଆଦର୍ଶ ଓ ଆଦର୍ଶପ୍ରାଣତା ଏହି ଆଦର୍ଶକୁ କେନ୍ଦ୍ରକରି ଆମ୍ଭେମାନେ ଐକ୍ୟବଦ୍ଧ ହୋଇ ଗଢ଼ିଉଠେ ଏକ ଜାତି ଏକ ପ୍ରାଣ

ଓ ଏକତା । ପରସ୍ପର ପ୍ରତି ସହାନୁଭୂତିର ମଧ୍ୟଦେଇ ଜନ୍ମନିଏ ସଂହତି । ଜାତୀୟ ସଂହତି କଥାଟି ଚିନ୍ତା କରିବାକୁ ହେଲେ ପ୍ରଥମେ ଦେଖିବାକୁ ହେବ ଜାତିର ଉତ୍ସ କିଏ ? ଜାତିର ଉତ୍ସ ହେଉଛି ନାରୀ । ନାରୀର ଶୁଦ୍ଧତା ଉପରେ ଜାତିର ଶୁଦ୍ଧତା ନିର୍ଭର କରେ । ଏ ଜାତିର ସ୍ୱାଭିମାନକୁ ଫେରାଇ ଆଣିବାକୁ ହେଲେ ଏକ ସକାରାତ୍ମକ ଭାବ ସହ ଆଗେଇ ଯିବାକୁ ହେବ । ଗୋଁଡ଼ ଜାତିର ଆତ୍ମିକ ଶକ୍ତିକୁ ସକ୍ରିୟ କରିବାକୁ ହେବ । ତାହାହେଲେ ଏ ଜାତିର ବିଶ୍ୱାସ ଯେତିକି ଦୃଢ଼ହେବ, ପ୍ରୟାସ ସେତିକି ଫଳପ୍ରଦ ହେବ । ଏ ଜାତିର ଅର୍ଥନୈତିକ ଅଭ୍ୟୁଦୟ ଓ ଦାରିଦ୍ର୍ୟ ନିରାକରଣ ବିନା ଗୋଁଡ଼ ଜାତୀୟ ସ୍ୱାଭିମାନ ସମ୍ଭବ ନୁହେଁ ।

ଇତିହାସ ବଡ଼ ନିଷ୍ଠୁର । ସମୟର କଷଟିରେ ଭଲ ଭେଲ ବାଛିନିଏ । ସମୟର କଷଟିରେ ଜାତିର ସନ୍ଧିକ୍ଷଣରେ ସଭ୍ୟତାର ଅନୁବର୍ତ୍ତନରେ ଯୁଗାନ୍ତକାରୀ ସୃଜନୀ ସଂଗୀତ ଗାଉଛ ତମେ ହେ ଶିଳ୍ପୀ, କାରିଗର ମୋ ଜାତିର ନବ ଭାଷ୍ୟକାର । ଏ ଜାତିର ଐତିହ୍ୟ, ସ୍ୱାଭିମାନ ଓ ସଂସ୍କୃତିର ସୁରକ୍ଷା ଦିଗରେ ଆପଣଙ୍କର କର୍ତ୍ତବ୍ୟ କ'ଣ ? ତେଣୁ ଏ ସମ୍ମିଳନୀ ଆଜି ଆହ୍ୱାନ କରୁଛି ହେ ଗୋଁଡ଼ ଜାତିର ସୁଯୋଗ୍ୟ ସନ୍ତାନଗଣ, ଆଗାମୀ ଦିନର ସବ୍ୟସାଚୀଗଣ ଆସ ସମସ୍ତେ ମିଳିମିଶି ଏକତାବଦ୍ଧ ଭାବେ ସମୃଦ୍ଧ ସମାଜ ଗଠନରେ ବ୍ରତୀ ହେବା । ଏ ସମାଜକୁ ଆହୁରି ଆଗକୁ ଆଗେଇ ନେବା । ଜାତିର ସାଂସ୍କୃତିକ ସେତୁବନ୍ଧରେ ବେଶୀ କିଛି ନ ହେଲେ ବି ଗୁଣ୍ଡୁଚିମୂଷା ପରି ବାଲି ଝାଡ଼ିପାରିଲେ ଲକ୍ଷ୍ୟ ନିଶ୍ଚୟ ପୂରଣ ହେବ । ଯଦି ବର୍ଷକୁ ୧୦୦ଟି ଟଙ୍କା ଆମେ ଦେଇପାରୁନୁ ତା ହେଲେ ଖଇ କଉଡ଼ି ସାଙ୍ଗରେ ବିଞ୍ଚାଯାଉଥିବା କିଛି ରେଜା ପଇସା ରାସ୍ତାରୁ ଗୋଟେ ଗୋଟେଇ ଯୋଗାଡ଼ କର ସମାଜ ନିଶ୍ଚିତ ଉଠିବ ।

ଏ କଥା ଭୁଲିଗଲେ ଚଳିବନି । ପୁନଶ୍ଚ ଏ କଥା ସ୍ମରଣ ରଖିବାକୁ ହେବ ଯେ ଆମେ କିଛି ନ କରି ଖାଲି ଆମ ପୂର୍ବପୁରୁଷଙ୍କ ଯଶ ଗୌରବକୁ ନେଇ ଗୌରବାନ୍ୱିତ ହେଉଛୁ, ହେଲେ ଅନାଗତ ଭାବୀ ବଂଶଧର ଆମ ଅବଦାନ ମାଗୁଛି ଯାହାକୁ ନେଇ ସେମାନେ ଗୌରାବାନ୍ୱିତ ହେବେ । ଉଠ କଙ୍କାଳ ଛିଡୁ ଶୃଙ୍ଖଳ ଜାଗ ଦୁର୍ବଳ ଆଜି ଉଠୁ ଗଡ଼ ଗୌରବ, ହୃତ ଗୌରବ ମୃତ ଗୌରବ ରାଜି । ଜାତିର ଅଭିପ୍ରାୟ ଏପରି ଏକ ବାତାବରଣ ସୃଷ୍ଟି କରିବାକୁ ହେବ ଯେଉଁଥିରେ ବ୍ୟକ୍ତି ତାର ବ୍ୟକ୍ତିତ୍ୱର ପୂର୍ଣ୍ଣ ବିକାଶ ପାଇଁ ବିଭିନ୍ନ ସୁଯୋଗ ପାଇବ । ସମାଜରେ ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ଚେତନାର ବିକାଶ ପ୍ରତିଷ୍ଠା ହେଲେ ବ୍ୟକ୍ତି ଉନ୍ନତିରୁ ଉନ୍ନତତର କରିବା ପାଇଁ ବିଶେଷ ସହାୟକ ହେବ । ବ୍ୟକ୍ତି ତାର ଜାତି ପାଇଁ ବିଶେଷ ସଚେତନ ନ ରହିଲେ ଜାତି ଆପେ ଆପେ ଲୋପ ପାଇଯିବ । ବ୍ୟକ୍ତିର ସ୍ୱାଭିମାନୀ ଚେତନା ହିଁ ଜାତିର ବାସ୍ତବ ରକ୍ଷାକବଚ । ଯେଉଁ ଜାତିର ସଂସ୍କୃତି ଯେତେ ଉନ୍ନତ ସେ ଜାତିର ପରିଚୟ ସେତେ ବିସ୍ତୀର୍ଣ୍ଣ । ଆଜି ସାରା ସମାଜରେ ଯେଉଁ ଅବ୍ୟବସ୍ଥା ବ୍ୟାପିଯାଇଛି ତାହା ଆମେ ସମସ୍ତେ ଦାୟୀ । କାରଣ ଆଜିଯାଏ ଆମଠାରେ ଜାତୀୟ ବିଚାରଧାରା ଉତ୍ପନ୍ନ ହୋଇପାରିନାହିଁ । ତେବେ ଆମ୍ଭମାନଙ୍କର ଉନ୍ନତିର ଆଶା କେଉଁଠାରେ । ବ୍ୟକ୍ତିର ଜୀବନଯାପନ ପ୍ରଣାଳୀ ପ୍ରତିଫଳିତ ହୁଏ ସମାଜରେ । ବ୍ୟକ୍ତି ଏବଂ ତାର ଜାତି ମଧ୍ୟରେ ଯେଉଁ ଆଦର୍ଶ ସେତୁଟି ପ୍ରତିଷ୍ଠିତ ହୁଏ ତାହାହିଁ ତାର ଜାତୀୟ ଏକତା । ଏକତା ବିନା କୌଣସି ଭବିଷ୍ୟତ ନାହିଁ । କୌଣସି ଜାତିର ଯଦି ସବୁଠାରୁ ମୂଲ୍ୟବାନ ବସ୍ତୁଥାଏ ତା ହେଲେ ତାର ଏକତା । ଆଉ ମଧ୍ୟ ସମାଜର ନକରାତ୍ମକ ଦିଗଗୁଡ଼ିକ ପ୍ରତି ନୀରବ ରହିବା ବିପଦଜ୍ଜନକ ଏବଂ ପ୍ରତିବାଦର ସ୍ୱର ନ ଉଠିଲେ ସୁସ୍ଥ ସମାଜ ଗଠନ ଅସମ୍ଭବ ।

ଏ ଜାତିର ପ୍ରାଚୀନ ଐତିହ୍ୟ ଏବଂ ଗୌରବର ପୁନଃରୁଦ୍ଧାର ପାଇଁ ଆମେ ସମସ୍ତେ ଆଗେଇ ଆସିବା ଉଚିତ । ଜାତୀୟ ଏକତା, ଅକୁଣ୍ଠ ଜାତିପ୍ରେମ ଅନିର୍ବାଚନୀୟ ସମ୍ବେଦନଶୀଳତା ଓ ନିଷ୍ଠାଦ୍ୱାରା କେବଳ ବ୍ୟକ୍ତି କାହିଁକି ସମାଜର ସର୍ବାଙ୍ଗୀନ ଅଗ୍ରଗତି ସମ୍ଭବପର । ନିତି ଦ୍ୱାରା ବ୍ୟକ୍ତି ଏବଂ ଜାତିର ସୁରକ୍ଷା କରାଯାଏ । ଜାତିମାତୃକାର ସେବା ଓ ସମ୍ମାନପାଇଁ ପ୍ରତ୍ୟେକ ବ୍ୟକ୍ତି ପ୍ରଭୃତ ତ୍ୟାଗ ସ୍ୱୀକାର କରିବା ଉଚିତ । ପ୍ରତ୍ୟେକ ବ୍ୟକ୍ତିର ଅନ୍ତର୍ନିହିତ ଗୁଣ ଯେପରି ପୂର୍ଣ୍ଣବିକଶିତ ହେବ, ସେଥିପାଇଁ ଏ ସମାଜ ଉଦ୍ୟମ କରିବା ଉଚିତ୍ । ନିର୍ଭୟରେ ଏବଂ କାହାରିଠାରୁ କୌଣସି ଅନୁଗ୍ରହ ଆଶା ନ କରି ମନୁଷ୍ୟକୁ ସ୍ୱାଧୀନ ଜୀବନଯାପନ କରିବାର ପନ୍ଥା ଏ ସମାଜ ସୃଷ୍ଟି କରିବା ଉଚିତ୍ । ସମସ୍ତେ ଯେପରି ସତ୍ୟ, ଧର୍ମ ଓ ନ୍ୟାୟ ପଥରେ ପରିଚାଳିତ ହେବେ ତାହା ମଧ୍ୟ ଏ ସମାଜର କର୍ତ୍ତବ୍ୟ ପରିସରଭୁକ୍ତ ହେବା ଦରକାର । ଆନ୍ତରିକତା, ସମ୍ବେଦନଶୀଳତା, ଉଦାରତା ଓ ମାନବୀୟ ମୂଲ୍ୟବୋଧ ଅଭାବରୁ ଜାତିର ଯଦିଓ ଅଧୋପତନ ଘଟୁଛି, ଏବେ ମଧ୍ୟ ଏହି ଅଭାବଗୁଡ଼ିକର ପରିପୂରଣ ପାଇଁ ଯଥେଷ୍ଟ ଉଦ୍ୟମର ଶୁଭାରମ୍ଭ ହୋଇନାହିଁ । ଜନସାଧାରଣ ପ୍ରତି ଶ୍ରଦ୍ଧା ଏବଂ ବିଶ୍ୱାସ ସୃଷ୍ଟି କରିବା ହେଉଛି ପ୍ରଧାନ ଆୟୁଧ । ଯାହାଫଳରେକି ଏ ଜାତି ତାର ଅପରିସୀମା ଅତୀତର ଗୌରବରୁ ଅପରିମିତ ଭବିଷ୍ୟତରେ ପହଞ୍ଚିବାର ଜୟଯାତ୍ରା ଅବ୍ୟାହତ ରଖିବ । ଶକ୍ତି ନ ଥିଲେ ଅଧିକାର ପାଇଁ ଅଥବା ସ୍ଥିତି ପାଇଁ ହେବାକୁ ଥିବା ସଂଗ୍ରାମରେ ଜୟ ଲାଭ କରିବା ଅସମ୍ଭବ । ନିର୍ଭୀକତା ଓ ଦୃଢ଼ତା ପ୍ରତ୍ୟେକ ଲୋକଙ୍କର ଧ୍ୟେୟ ହେବା ଉଚିତ । ଏକତା ଜାତୀୟ ଜୀବନର

ମେରୁଦଣ୍ଡ ପରି କାର୍ଯ୍ୟ କରିଥାଏ । ଏହି ଏକତା ଏପରି ସୃଜନଶୀଳ ଶକ୍ତି, ଯାହା ଜାତିର ଅସ୍ଥିରତା ଏବଂ ଦୁର୍ବଳତା ପରିବର୍ତ୍ତେ ଏକ ସୁସ୍ଥ, ସ୍ଥିର ଓ ଏକୀଭୂତ ଜାତିପ୍ରାଣତା ସୃଷ୍ଟି କରିପାରିବ । କେବଳ ଶ୍ରମ ଏବଂ ତ୍ୟାଗ ଦ୍ୱାରା ଏ ଜାତିର ନବକଳେବର ସମ୍ଭବ । ସମାଜର ସାମୂହିକ ଦାୟିତ୍ୱବୋଧ ଓ ସାମଗ୍ରୀକ କର୍ମକୁଶଳତା ବୃଦ୍ଧି ନ ପାଇଲେ ଲୋକମାନଙ୍କୁ କେବଳ ଆଦର୍ଶର ଫମ୍ପାଧ୍ୱନୀରେ ଏକତ୍ରିତ କରିହେବ ନାହିଁ । ଏ ଜାତିର ସାମାଜିକ ଗ୍ରନ୍ଥିରେ ଗ୍ରନ୍ଥିତ କରି ସେମାନଙ୍କର ମନରେ ଆସନ୍ତୁ ଜାତୀୟତାର ବୀଜ ବପନ କରିବା । ଜଣେ ବ୍ୟକ୍ତି ପକ୍ଷରେ ଯାହା ଅସମ୍ଭବ ହୁଏ ସହଯୋଗ ମାଧ୍ୟମରେ ତାହା ସହଜରେ ସମ୍ଭବ ହୁଏ । ଏକତା, ସ୍ୱୟଂସଂପୂର୍ଣ୍ଣ, ପାରସ୍ପରିକ ସହଯୋଗ, ଗଠନ ମୂଳକ ଦୃଷ୍ଟିଭଙ୍ଗୀ, ନୈତିକ ମୂଲ୍ୟବୋଧ, ଆତ୍ମୋତ୍ସର୍ଗ ଓ କଠିନ ପରିଶ୍ରମ ଦ୍ୱାରା ହିଁ ଗୋଟିଏ ଜାତି ପ୍ରତିଷ୍ଠିତ ହୋଇପାରିବ । ଲକ୍ଷ୍ୟ ଗୁରୁତ୍ୱ ପୂର୍ଣ୍ଣ ନୁହେଁ, ଯେଉଁ ବାଟ ଦେଇଯିବ ତାହା ଗୁରୁତ୍ୱପୂର୍ଣ୍ଣ – Means is important not the end. ସୁତରାଂ ମହାନ ଲକ୍ଷ୍ୟ ହାସଲ କରିବା ସକାଶେ ମହତ ପଥ ମଧ୍ୟ ଅନୁସରଣ କରିବା ଆବଶ୍ୟକ । ଆମ୍ଭେମାନେ ନିଜେ ହିଁ ସୁଦୃଢ଼ ହେବାକୁ ପଡ଼ିବ ଏବଂ ଏହି ଶକ୍ତି ପରସ୍ପରର ବିରୋଧ କଲେ ମିଳିବ ନାହିଁ । ଏହା କେବଳ ଉଦ୍ଦେଶ୍ୟ ଓ ଲକ୍ଷ୍ୟର ଏକତା ଏବଂ ସମନ୍ୱିତ ଉଦ୍ୟମରୁ ହିଁ ସୃଷ୍ଟି ହୋଇପାରିବ । ଆପଣ କେବଳ ଭାବପ୍ରବଣ ହୋଇ ମୋତେ ଅନୁସରଣ କରନ୍ତୁ ନାହିଁ । ମୋର କଥାଗୁଡ଼ିକ ଯୁକ୍ତିଯୁକ୍ତ ବୋଲି ଯଦି ଆପଣମାନଙ୍କର ହୃଦବୋଧ ହେଉଛି ତା' ହେଲେ ତାହା ଗ୍ରହଣ କରନ୍ତୁ ।

ନବଜାତ ଶିଶୁର ପ୍ରଥମ କ୍ରନ୍ଦନ ହିଁ ତା'ର ସହଜାତ ବିଶ୍ୱାସର ଘୋଷଣା । ତା'ର ଅନ୍ତଃସତ୍ତା ଜାଣେ ତାର ସେ ଘୋଷଣା ପ୍ରତି ଧ୍ୟାନ ଦେବା ପାଇଁ ତାକୁ ଉଠାଇ ନେବାପାଇଁ ସହାୟତା ଦେବା ନିମନ୍ତେ । କିନ୍ତୁ ଆମେ ଆମ ଗତାନୁଗତିକ ପଙ୍କିଳତା ଭିତରେ ଛଟପଟ ହେବାକୁ ବିଜ୍ଞତା ବୋଲି ମନେ କରୁଛୁ । ଏହି ଅନିଶ୍ଚିତ ଅବସ୍ଥା ଅବଚେତନା ସ୍ତରରେ ଆମ ନିଜ ନିଜର ଆତ୍ମବିଶ୍ୱାସରେ ଆଘାତ ଦେଉଛି । ଆମେ ଅଧିକାଂଶ ମଣିଷ ଆମ ଚେତନାର ଚଳଚଞ୍ଚଳ ଉପୁରିଆ ସ୍ତରରେ ରହିଥାଉ ଏବଂ ତାକୁ ହିଁ ନିଜର ସମଗ୍ର ଚେତନା ବୋଲି ଧରି ନେଇଥାଉ ଆଉ ଆମ ଚେତନାର ଗହନରେ ନିହିତ ଆମର ପ୍ରକୃତ ପରିଚୟ । ଦୁର୍ବଳ ବିଚାରଧାରା ଶକ୍ତିଶାଳୀ ମନୁଷ୍ୟକୁ ପଙ୍ଗୁ କରିଦିଏ । ତେଣୁ ଆପଣ ଯେଉଁ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି ତା ଉପରେ ଆପଣଙ୍କର ମତ କ'ଣ ? ମଣିଷର ମରମୀ ଦୁଃଖକୁ ବୁଝିବା, ଜୀବନ ଚିନ୍ତାର ଗୁଢ଼ ରହସ୍ୟକୁ ଭେଦିବା ସହଜ ନୁହେଁ । ଲକ୍ଷ୍ୟ ଲକ୍ଷ୍ୟ ଗରିବ ଆଦିବାସୀ ଦିନକେ ବକ୍ତେ ଖାଇବାକୁ ପାଇବା ମଧ୍ୟ ଯେତେବେଳେ କଷ୍ଟସାଧ୍ୟ ସେତେବେଳେ କାହାକୁ ନେଇ ଆମେ ଗର୍ବ କରିବା ? ନୈରାଶ୍ୟ ଅସହାୟତା, ଅସଫଳତାର ଦୀର୍ଘସୂଚୀ ନିଚ୍ଛକ ଗଣ୍ଡଟିକୁ ଦୀର୍ଘଶ୍ୱାସ ଆଣିଦିଏ । ଏ ଜାତିର ସ୍ୱାଭିମାନ ସଂକଳ୍ପହୀନ ସମାଜ ଆଦର୍ଶ ବିଚାର-ବୈରବ-ଦୂରଦୃଷ୍ଟି ବିହୀନ ସାମାଜିକ ମୁରବି, ସ୍ୱାର୍ଥ-ଅହଂକାର ପରିପୂର୍ଣ୍ଣ ମାନସିକତା ଏବଂ ସର୍ବୋପରି ଅଭାବ ଆଳସ୍ୟ ଓ ଜଡ଼ତାରେ ଭରପୂର ସାମାଜିକ ବାତାବରଣ ମନ ଭିତରେ ଥିବା ବିଶ୍ୱାସର ସ୍ତମ୍ଭଟିକୁ ଦୋହଲାଇ ଦିଏ । ଏମାନଙ୍କର ଶାରୀରିକ ଶକ୍ତି ମଧ୍ୟ ଦୁର୍ବଳ । ବାହାରକୁ ଗଲେ ଚିହ୍ନା ପଡ଼ିଯାଏ ତାର ଦୁର୍ବଳ ଶରୀର, ଶୁଖିଲା ମୁହଁରେ ନୈରାଶ୍ୟର ଛିଟା, ଆତ୍ମବିଶ୍ୱାସହୀନ କଥାବାର୍ତ୍ତା । ସତରେ ଯେଉଁ ସରଳ ଆଦିବାସୀମାନେ ଜଙ୍ଗଲର କେନ୍ଦୁ, ମହୁଲ, ବାଉଁଶ କରଡ଼ି, ବଣଛତୁ ଖାଇ ଜୀବନ ଧାରଣ କରୁଛନ୍ତି, ସେହି ସରଳ ଜଙ୍ଗଲୀ ମଧ୍ୟ ଦୀର୍ଘ ୬୮ ବର୍ଷ ପୂର୍ବେ ସ୍ୱାଧୀନତାର ସ୍ୱପ୍ନ ଦେଖୁଥିଲେ । ବଣ ଜଙ୍ଗଲ ପାହାଡ଼ରେ ଫୁଲ ଫୁଟିଲେ ଏମାନଙ୍କ ପ୍ରାଣରେ ପୁଲକ ଖେଳିଯାଏ । କଳାମିଚିମିଚି ମଳିମୁଣ୍ଡିଆ ଲୋକଟିର ଦୁଃଖ କେହି କ'ଣ ବୁଝିପାରିବେ ନାହିଁ ? ସେଇ ପାହାଡ଼ ଗୁମ୍ଫାର ଅନ୍ଧକାର ମଧ୍ୟରେ କ'ଣ ଅଶିକ୍ଷିତ ହୋଇ ସଭ୍ୟତାର ସମସ୍ତ ସୁବିଧାରୁ ବଞ୍ଚିତ ହୋଇ ଲୋକଲୋଚନକୁ ନ ଆସି ସେଇପତ୍ର ଗହଳରେ ଝିଙ୍କାରୀ ଶବ୍ଦ ସହିତ ନିଜର ଦୁଃଖକୁ ଚାପି ଗଙ୍ଗଶିଉଳୀ ଭଳି ଅକାଳରେ ମଉଳିଯିବ । ତା ହେଲେ ଆମର ସ୍ଥିତି, ପ୍ରଗତି, ଉନ୍ନତି କେଉଁଠାରେ । କହିବାର ତାତ୍ପର୍ଯ୍ୟ ଯେଉଁମାନେ ଅବହେଳିତ ସେମାନେ କ'ଣ ଚିର ଅବହେଳିତ । ଏହି ଦରିଦ୍ର ଅସହାୟ ସରଳ ମଣିଷର ସମସ୍ୟା ଛାତି ତଳର ଦୁଃଖ ଜାଣିବାକୁ ହେଲେ, ତାହା ସହ ମିଶିବାକୁ ପଡ଼ିବ । ତା ଜୀବନ ଶୈଳୀକୁ ତନ୍ନ ତନ୍ନ କରି ଲକ୍ଷ୍ୟ କରିବାକୁ ପଡ଼ିବ । ଏ ବିଷୟରେ ଗଭୀର ଚିନ୍ତା କରିବାର ଆବଶ୍ୟକତା ରହିଛି, ନୂଆପନ୍ଥା ଅନ୍ୱେଷଣ କରିବାର ରହିଛି । ଅନାଗ୍ରହ ପରିସ୍ଥିତି ଆମକୁ ଜଟିଳତର କରି ଝଟକା ଦେଇଛି ଏଠି ବିକାଶର ଚରିତ୍ର କହିଲେ – ଶରୀର ଓ ମାନସିକ ଅକ୍ଷମତା ଓ ସଦାରୁଗ୍ଣ ଅବସ୍ଥା । ଜମି ପଶୁସମ୍ପଦ ଓ କୃଷି ଉପକରଣ ଅଭାବ, ମୃତ ଶରୀରକୁ ପୋଡ଼ିବା, ପୋତିବା ପାଇଁ ପଇସାର ଅଭାବ, ପିଲାଙ୍କୁ ସ୍କୁଲ ପଠାଇବାକୁ ଘରେ ପଇସା ନାହିଁ, ଖାଇବା ପାଇଁ ପାଟି ବେଶୀ, କାମ କରିବା ପାଇଁ ହାତ କମ୍ । ଦୁର୍ଦ୍ଦିନରେ ସହାୟତା ପାଇଁ ଘରେ ସମର୍ଥ ଲୋକଙ୍କ ଅଭାବ, ଘର ଛପର ମରାମତି ପାଇଁ କ୍ଷମତା ନାହିଁ ନିଶା ଅଭ୍ୟାସରୁ ଉଦ୍ଧାର ପାଇଁ ଉପାୟ ନାହିଁ, ଆପଦ ବିପଦ ବା ରୋଗରେ ପଡ଼ିଲେ କେହି ସାହାଭରଷା ନାହାନ୍ତି, ଛୋଟ ପିଲାଙ୍କୁ ମୁଲ ଲାଗିବାକୁ ପଡୁଛି ଏହି ପରିବେଶକୁ ନେଇ ଆମ ମଣିଷର

ଘର-ସଂସାର-ସମାଜ । ଏସବୁ ସମସ୍ୟାକୁ ନେଇ ସମାଜ ଆଜି ତା ଦୁଃଖରେ ସେ ଦଣ୍ଡାୟମାନ । ଏଠି ମନରେ ଗୋଟିଏ ପ୍ରଶ୍ନ ଉଙ୍କିମାରୁଛି ସତରେ କ'ଣ ଆମ ସଂସ୍କୃତିର ଆମେ କ'ଣ ଉପଯୁକ୍ତ ଦାୟାଦ ! କଥାଟି ସତ ହେଲେ ସୁଦ୍ଧା ବିଶ୍ୱାସ ନ ହେବା ସ୍ୱାଭାବିକ । କାରଣ ଆତ୍ମବିସ୍ମୃତ ଗୋଁଡ଼ଙ୍କ ପାଇଁ ଆତ୍ମପ୍ରତ୍ୟୟ ସୃଷ୍ଟି କରିବା କଷ୍ଟସାଧ୍ୟ । ଆଜିର କ୍ଷୟଶୀଳ ସାମାଜିକ ଅବସ୍ଥାରେ ଜୀବନଧର୍ମୀ ନୂତନ ମୂଲ୍ୟବୋଧର ସନ୍ଧାନ ଓ ସଂସ୍ଥାପନ ନିମନ୍ତେ ଆପଣମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ମଣିଷର ସାମାଜିକସ୍ଥିତି ଓ ପରିଚୟ ସଙ୍କୁଚିତ ହେବା ସହିତ ଜଣେ ଅଜ୍ଞାନ ମାନବ ସର୍ବସ୍ୱ ନିଃସଙ୍ଗତା ସାଧାରଣ ଜୀବନ ପ୍ରବାହରେ ସର୍ବତ୍ର ପ୍ରତିଫଳନ । ତେଣୁ ଆର୍ଥିକ ଦୃଷ୍ଟିରୁ ଆମେ ଯେତିକି ଦରିଦ୍ର ନୋହୁଁ ଆମର ଦୁଷିତ ମାନସିକତା ତାହାଠାରୁ ଅଧିକ ଦାରିଦ୍ର୍ୟ । ଅମୃତର ଶିଶୁ ଚଳେ ମରଣର ଅଭିସାରେ ଭଗବାନ ତୁମେ ନିଦ୍ରିତ କେଉଁଠାରେ । ମୁଁ ଆଜି କିଛି ବିଫଳ ସ୍ୱପ୍ନକୁ ଜାବୁଡ଼ି ଧରିଥିବା ଜଣେ ଅଭିଶପ୍ତ ନାୟକ । ଆମକୁ ଯେତେ ଝଡ଼ ଆସୁ ବି ଇଗଲ୍ ପରି ବଞ୍ଚିବାକୁ ହେବ ଜିତିବା ହାରିବାର ଶୋଷ ଆଉ ଅବଶୋଷକୁ ନେଇ । ମାନବିକତାର ଅନ୍ତସ୍ୱର ବୁଝିବାକୁ ହେବ ଆମ ଗୋଁଡ଼ ଶବ୍ଦଟିକୁ ପାଥେୟ କରି ତାହା ହେଲେ ପରବର୍ତ୍ତୀ ବଂଶଧରମାନେ ଯଦି ଜଣେ ବ୍ୟକ୍ତିରୂପେ ନୁହେଁ ଏକ ଜାତିର ଜଣେ ରୂପେ ନିଜର ଦାସତ୍ୱ ହୃଦୟଙ୍ଗମ କରନ୍ତି, ତା'ହେଲେ ସେମାନେ ଏ ଦିଗରେ ବହୁତ କାର୍ଯ୍ୟ କରିପାରିବେ । ଜଣେ ମୋତେ କୋମଳମତି ବାଳକ ପଚାରିଲା ଆଗାମୀ ଦଶବର୍ଷ ମଧ୍ୟରେ ଏ ଜାତି ବିକଶିତ ହୋଇପାରିବନି । ଜଣେ କୋମଳମତି ବାଳକର ଏ ପ୍ରଶ୍ନ ମୋତେ ଚହଲାଇ ଦେଇଥିଲା । କାରଣ ଏକ ଉଦ୍‌ବେଳିତ ଉଚ୍ଚାକାଙ୍କ୍ଷୀ କୋମଳ ହୃଦୟର ପ୍ରଶ୍ନ ମୋ ପାଇଁ ଶ୍ରେଷ୍ଠ ଅନୁଭୂତି ପାଲଟି ଯାଇଛି ଓ ମୋର ହୃଦବୋଧ ହେଉଛି ଧାର୍ଯ୍ୟ ସମୟ ପୂର୍ବରୁ ଏ ଜାତି ବିକଶିତ ହେବା ନିଶ୍ଚିତ ଦରକାର । ଆମ ଜାତିର ଭାଗ୍ୟ ମହତ୍ୱ ଓ ମହନୀୟତା ଆମେ ହିଁ ନିର୍ମାଣ କରିବା । ଏହା ହେଲେ ଏ ସମାଜ ଚିରସ୍ଥାୟୀ ହେବ । ଆଉ ସମାଜର ମାନଚିତ୍ର ପ୍ରତିଫଳିତ ହେବ । ଏ ଜାତିର ଭାଗ୍ୟ ରୂପକ ସୂର୍ଯ୍ୟ ଉଦୟ ହେବ । ଏହାର ରଶ୍ମୀ ସମଗ୍ର ଜିଲ୍ଲାକୁ ଆଲୋକିତ କରିବ । ରାଜ୍ୟ ବାହାରକୁ ଏହା ବିଚ୍ଛୁରିତ ହେବ ଓ ଦେଶକୁ ମଧ୍ୟ ଏହା ପ୍ଲାବିତ କରିବ । ସମଗ୍ର ବିଶ୍ୱକୁ ମଧ୍ୟ ଏହା ପ୍ରବାହିତ ହେବ । ଆସନ୍ତୁ ଏ ନିରାଶା ଜନତାଙ୍କ କଣ୍ଠରେ ଭାଷା ଓ ସ୍ୱର ଦେବା । ଲୋକଙ୍କ ସ୍ୱରକୁ ଶାଣିତ କରିବା । ଆଜି ମତେ ସମାଜର ସ୍ମୃତି ସର୍ବଦା ଘାରୁଛି । ବିଶେଷ କରି ଏ ସମାଜର ଦୈନ୍ୟ, ଦାରିଦ୍ର୍ୟ ଓ ଅସ୍ଥିକଙ୍କାଳସାର ଚେହେରାକୁ ଦେଖି । ଜର୍ଜରିତ ଜୀବନ ଜିଇଁବା ବୋଧେ ମୋ ସମାଜର ଭାଗ୍ୟଲିପି । ମୋର ବେଦନାବୋଧ ଜୀବନ ଯନ୍ତ୍ରଣାର ସ୍ୱର, ମନସ୍ତାତ୍ତ୍ୱିକ ଦ୍ୱନ୍ଦ୍ୱ ଏବଂ ଅତୁଟ ମୂଲ୍ୟବୋଧକୁ ସାଥୀରେ ଧରି ଗ୍ଲାନିଯୁକ୍ତ ପିଚ୍ଛଳ ପଥରେ ଚାଲୁଛି ମୁଁ । ଏ ସମସ୍ୟାପ୍ରତି କିଏ ଏକଲା ଓହ୍ଲାଇବ, କିଏ କାହା ହାତଧରି ପାଦରେ ପାଦ ଛନ୍ଦିବ । କୋକାକୋଲାଠାରୁ ଫରେନ ଲିକର ଯାଏ ସବୁ ଏଠି ସୁଲଭ ଦରରେ । ସମାଜଟା ସୁନ୍ଦର ହେବା ଦରକାର । ସୁନ୍ଦରତା ପାଇଁ ନୁହେଁ ଏହାର ମୂଲ୍ୟବୋଧ ପାଇଁ ।

ପର୍ଜଙ୍ଗ, ଢେ଼ଙ୍କାନାଳ
ମୋ - ୮୨୮୦୦୫୯୫୯୫

# ସାଇତା ସ୍ୱପ୍ନ

ଗୀତାଞ୍ଜଳି ସିଂହ (ଶିକ୍ଷୟତ୍ରୀ)

ଯେଉଁ ସମାଜରେ ବ୍ୟକ୍ତି ଯେତେ ସମର୍ଥ ସେ ସମାଜ ସେତେ ଉନ୍ନତ । ଜଣକ ଜୀବନର ବିସ୍ତାରିତ ରୂପ ହିଁ ତାର ପରିବାର, ସମାଜ ଓ ରାଷ୍ଟ୍ର । ସମାଜ ହେଉଛି ପ୍ରତିଷ୍ଠିତ ଚିନ୍ତାଧାରା ଓ ପରମ୍ପରାର ସେହି ଅଂଶ ଯାହା ଜାତିର କ୍ଷମତା ଓ ଶକ୍ତି ସମର୍ଥିତ ନିୟମାବଳୀ ରୂପେ ସ୍ପଷ୍ଟ ସ୍ୱୀକୃତ । ସମାଜର ଅର୍ଥ ମୁଗ୍ଧ ସ୍ୱପ୍ନ, ସମାନ ଅଧିକାର, ସମାନ ସୁଯୋଗ । ସମାଜ ନ ଥିଲେ ମନୁଷ୍ୟ ଜୀବନ ଲକ୍ଷ୍ୟହୀନ ହୋଇପଡ଼େ ଏବଂ ଏହା ସରସ ଓ ସୁନ୍ଦର ହୋଇପାରେ ନାହିଁ । ସମାଜ ଓ ବ୍ୟକ୍ତି ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ । ସମାଜ ମଧ୍ୟରେ ମନୁଷ୍ୟ ତା'ର ଅନ୍ତର୍ନିହିତ ଗୁଣାବଳୀର ବିକାଶ ସାଧନା କରିଥାଏ ସମାଜ ହେଉଛି ମାନବ ପ୍ରଗତିର ପ୍ରତୀକ । ନିଜର ସ୍ୱାର୍ଥପ୍ରତି ସଚେତନ ରହିବା ସଂଗେ ସଂଗେ ଜାତିର ବୃହତ୍ତର ଉଦ୍ଦେଶ୍ୟ ପ୍ରତି ଅନୁରକ୍ତ ହେବାକୁ ପଡ଼ିବ । ସମାଜର କଲ୍ୟାଣ ଓ ବୃହତ୍ତର ଜାତୀୟ ସ୍ୱାର୍ଥପାଇଁ ବ୍ୟକ୍ତିର ଆନୁଗତ୍ୟ ପ୍ରକାଶ ପାଇବା ଓ ତାହା ଠିକ୍ ଭାବରେ ନିୟନ୍ତ୍ରିତ ହେବା ଆବଶ୍ୟକ । ଆନୁଗତ୍ୟଗୁଡ଼ିକ ମଧ୍ୟରେ ଠିକ୍ ସମନ୍ୱୟ ନ ରହିଲେ ସମାଜର କ୍ଷତି ହୋଇଥାଏ । ଏହା ଉପରେ ସମାଜର ସ୍ଥିତି ନିର୍ଭର କରେ । ବ୍ୟକ୍ତିର ସୃଷ୍ଟି, ସମୃଦ୍ଧି ଓ ପ୍ରଗତି ତଥା ପ୍ରତ୍ୟେକ ବ୍ୟକ୍ତିର ଜୀବନକୁ ସରସ, ସୁନ୍ଦର ଓ ସୁଖମୟ କରି ଗଢ଼ିତୋଳିବା ହେଉଛି ସମାଜ ଗଠନର ଲକ୍ଷ୍ୟ । ନଦୀର ସ୍ରୋତ ଯେପରି ବାଲୁକା ରାଶିମଧ୍ୟରେ ସ୍ୱର୍ଣ୍ଣ କଣିକା ଜମା କରେ ସେହିପରି ସମାଜର ସ୍ରୋତ ତା'ର ବାଲୁକା ରାଶି ମଧ୍ୟରେ ବ୍ୟକ୍ତିର ଉନ୍ନତିର ସ୍ୱର୍ଣ୍ଣକଣିକା ସୃଷ୍ଟି କରିଥାଏ । ସାମାଜିକ କଲ୍ୟାଣ ଦ୍ୱାରା ହିଁ ବ୍ୟକ୍ତିର ପ୍ରକୃତ କଲ୍ୟାଣ ସାଧିତ ହୋଇଥାଏ । ଏହା ବ୍ୟକ୍ତିର ଅନ୍ଧକାରକୁ ପ୍ରଜ୍ଜ୍ୱଳିତ କରି ଉନ୍ନତିର ପାହାଚ ଚଢ଼ିବା ପାଇଁ ଇନ୍ଧନ ଯୋଗାଇଥାଏ ଏବଂ ନୈତିକମାନ ପ୍ରତିଫଳିତ ହୋଇଥାଏ । ସମାଜ ମନୁଷ୍ୟର ଚିନ୍ତା, ବ୍ୟବହାର, ଚରିତ୍ର ଏବଂ ବ୍ୟକ୍ତିତ୍ୱରେ ପରିବର୍ତ୍ତନ ଆଣିଥାଏ । ସଂସ୍କୃତି ଚେତନା ମନୁଷ୍ୟକୁ ଉନ୍ନତ ସ୍ୱଭାବ ବିଶିଷ୍ଟ କରିଥାଏ । ବ୍ୟକ୍ତି ଜୀବନ ଭଳି ସମାଜ ଜୀବନ ସହିତ ସଂସ୍କୃତିର ସମ୍ପର୍କ ଅତି ନିବିଡ଼ । ସାଂସ୍କୃତିକ ଜୀବନଧାରା ଉନ୍ନତ ଭାବାଦର୍ଶ, ଆଚାର, ବ୍ୟବହାର, ନମ୍ରତା, ମାର୍ଜିତ ଚାଲିଚଳଣୀ ଧର୍ମ ବିଶ୍ୱାସର ବୈଶିଷ୍ଟ୍ୟ ମଧ୍ୟରେ ସମାଜର ମହତ୍ତ୍ୱ ପ୍ରକଟିତ ହୁଏ । ମୋଟ ଉପରେ କହିବାକୁ ଗଲେ ସଂସ୍କୃତି ମଧ୍ୟରେ ସମାଜ ଜୀବନର ଉନ୍ନତି ବୈଶିଷ୍ଟ୍ୟକୁ ଚିହ୍ନି ହୁଏ । ସଂସ୍କୃତିର ଅବକ୍ଷୟ ଘଟିଲେ ସମାଜ ଜୀବନ ହୁଏ ଲକ୍ଷ୍ୟଚ୍ୟୁତ । ତେଣୁ ସମାଜ ଶରୀର ହେଲେ ସଂସ୍କୃତି ଆତ୍ମା । ମନୁଷ୍ୟ ନିଜକୁ ଗୌରବାନ୍ୱିତ ମନେକରେ ଯେତେବେଳେ ତା ଚତୁର୍ପାର୍ଶ୍ୱର ସଭ୍ୟତା ସଂସ୍କୃତି ନୈତିକ ସୋପାନରେ ପଦାର୍ପଣ କରେ । ସଂସ୍କୃତି ହେଉଛି ଯାହା ଗଢ଼ି ତୋଳିବା ପାଇଁ ବାଟ ଦେଖାଏ । ସଂସ୍କୃତି ଅର୍ଥ ବ୍ୟାପକ ତଥାପି କହିବାକୁ ଗଲେ ଗୋଟିଏ ସୁରୁଚି ସଂପୂର୍ଣ୍ଣ ଜୀବନ ପଦ୍ଧତି । ଆମ ସାମାଜିକ ଜୀବନଧାରାରେ ଯାହା କିଛି ମୂଲ୍ୟବାନ ପ୍ରାଣବନ୍ତ ଶାଶ୍ୱତ ଓ ସୃଷ୍ଟିଶୀଳତାର ଅନ୍ୟନାମ ସଂସ୍କୃତି । ସଂସ୍କୃତି ହେଉଛି ଏକ ଜାତିର ଜୀବନଧାରା ଏକ ଶକ୍ତି ଯାହା ଗୋଟିଏ ସମାଜକୁ ଦିଗଦର୍ଶନ ଦିଏ ଓ ବାଟ କଢ଼ାଇ ଆଗକୁ ନେଇଯାଏ । ସଂସ୍କୃତି ହିଁ ବ୍ୟକ୍ତିର ମୂଲ୍ୟବୋଧକୁ ଅନେକ ପରିମାଣରେ ନିୟନ୍ତ୍ରିତ କରେ । ସଂସ୍କୃତି ମାନବଜୀବନକୁ ପୂର୍ଣ୍ଣତା ଆଣିଦେଇଥାଏ । ପରମ୍ପରା ଓ ଐତିହ୍ୟ ସାଂସ୍କୃତିକ ସ୍ୱାତନ୍ତ୍ର୍ୟର ବାହାକ । ସଂସ୍କୃତି ସାହିତ୍ୟ, କଳା, ନୃତ୍ୟ ଓ ସଂଗୀତକୁ କେବଳ ବୁଝାଏ ନାହିଁ, ତାହା ଏକ ଶାଶ୍ୱତ ଦୃଷ୍ଟିଭଙ୍ଗୀ ଯାହାର ଆଦର୍ଶରେ ସମାଜର ପ୍ରଗତି ସମ୍ଭବପର ହୋଇପାରେ । ବହୁବର୍ଷ ପରେ ମଧ୍ୟ ଆଜି ଆମର ସାମାଜିକ ଅର୍ଥନୈତିକ ମୂଲ୍ୟବୋଧ ସାମାଜିକ କୁସଂସ୍କାର ପ୍ରତି ମୁହୂର୍ତ୍ତରେ ପ୍ରତିହତ ଓ ବିଖଣ୍ଡିତ ହେଉଛି । ହିଂସା, ଅର୍ଥନୈତିକ ବୈଷମ୍ୟ ଏତେ ଅଧିକ ପରିମାଣରେ ବୃଦ୍ଧି ପାଇଛି ଯେ ଯାହାଫଳରେ ସଂସ୍କୃତି ଓ ସଂହତି ପ୍ରତି ଏକ ବିପଦ ଆସିଯାଇଛି । ପ୍ରତ୍ୟେକ ବ୍ୟକ୍ତି ସଂସ୍କୃତି ସଂପନ୍ନ ଓ ସୁନାଗରିକ ହୋଇ ନିଜକୁ ଗଢ଼ିତୋଳନ୍ତି ତାହା ହେଲେ ବହୁ ବିବିଧତା ମଧ୍ୟରେ ଜାତିର ଐକ୍ୟ ଓ ସଂସ୍କୃତି ଅକ୍ଷୁର୍ଣ୍ଣ ରହିପାରିବ । ଆଦିବାସୀମାନେ ଅଶିକ୍ଷିତ, ଦରିଦ୍ର ହୋଇଥାଇପାରନ୍ତି କିନ୍ତୁ ସେମାନଙ୍କର ସଂସ୍କୃତି ଦରିଦ୍ର ନୁହେଁ ।

ଗୋଟିଏ ସମାଜ କେତେ ସଭ୍ୟ, କେତେ ସଂସ୍କୃତି ସମ୍ପନ୍ନ ତା'ର ଏକ ନିର୍ଣ୍ଣୟକ ମାପକାଠି ହେଲା ସେହି ସମାଜରେ ନାରୀର ସ୍ଥାନ । ଯେଉଁ ସମାଜ ନାରୀକୁ ଯେତିକି ଅଧିକ ଉଚ୍ଚସ୍ଥାନ ଦିଏ, ଯେତିକି ଅଧିକ ସମ୍ମାନ ଦିଏ, ସେ ସମାଜ ସେତିକି ସଭ୍ୟ ବୋଲାଏ । ଜଣେ ମନିଷୀ ଡବ୍ଲୁ.ଏସ୍.ରୋସ୍ କହିଛନ୍ତି – ଦ ହ୍ୟାଣ୍ଡ୍ ଦ୍ୟାଟ ରକ୍ସ ଦ କ୍ରେଡ୍‌ଲ ଇଜ୍ ଦ ହ୍ୟାଣ୍ଡ ଦ୍ୟାଟ୍ ରୁଲସ୍ ଦ ୱ୍ରଲ୍ଡ୍ । ଅର୍ଥାତ୍ ଯେଉଁ ହାତ ଶିଶୁର ଝୁଲଣା ଝୁଲାଏ ସେହି ହାତ ହିଁ ବିଶ୍ୱର ଭାଗ୍ୟ ନିୟନ୍ତା । ଜଣେ ଉତ୍ତମ ଜନନୀ – ଏକ ଶତ ବିଦ୍ୟାଳୟ ସହିତ ସମାନ । ସଂସ୍କାର କୌଣସି ଶିକ୍ଷାଗତ ଡ଼ିଗ୍ରୀର ପାଠ୍ୟଖସଡ଼ା ମାଧ୍ୟମରେ ବିଶେଷ ଭାବରେ ତିଆରି କରାଯାଇପାରେ ନାହିଁ । ବିଶେଷ ଭାବରେ ତିଆରି କରାଯାଇପାରେ ପାରିବାରିକ ଶିକ୍ଷା ମାଧ୍ୟମରେ । ସଂସ୍କାର ହେଉଛି ଏକ ଉଚ୍ଚ ମାନସିକତା ସକରାତ୍ମକ ଅନୁଚିନ୍ତା । ସଂସ୍କାରର ସରଳ ଅର୍ଥ ହେଉଛି ଶୃଙ୍ଖଳିତ ମନୋଭାବ ବ୍ୟବହାରରେ ବିଚାରବୋଧ, ସଂସ୍କୃତି ପ୍ରତି ଆନ୍ତରିକତା ସର୍ବୋପରି ମଣିଷପଣିଆ ପ୍ରତି ଅନୁରକ୍ତି । ପିଲାଟିଏ ବିଶେଷ କରି ପରିବାରରୁ ରୁଚି, ବ୍ୟବହାର, ଚିନ୍ତା ଓ ଚେତନା ଦୃଷ୍ଟିଭଙ୍ଗୀ ପ୍ରଭୃତି ଶିଖିଥାଏ । ବିଶେଷତଃ ପରିବାରରେ ମାଆ ଯଦି ସଚେତନ ହୋଇଥାଆନ୍ତି ତେବେ ପିଲାଟିଏ ତହିଁରୁ ବହୁ ଭଲକଥା ସହଜରେ ଶିଖିପାରେ । ତେଣୁ ତ କୁହାଯାଏ ଯେ ମାଆଟିଏ ଶିକ୍ଷିତ ହେବା ଅର୍ଥ ପରିବାରଟିଏ ଶିକ୍ଷିତ ହେବା । ପରିବାରରୁ ପିଲାଟିଏ ଶିଖିଥାଏ କର୍ତ୍ତବ୍ୟ ପରାୟଣତା ସମୟାନୁବର୍ତ୍ତିତା, ସମ୍ବେଦନଶୀଳତା, ନିୟମାନୁବର୍ତ୍ତିତା, ସହନଶୀଳତା, ଅଧ୍ୟବସାୟ, ଦେଶପ୍ରଣତା ଏବଂ ବିପଦକୁ ସମ୍ମୁଖୀନ ହେବାର ଦୃଢ଼ତା ପରି ବହୁ ମୂଲ୍ୟବାନ କଥା । ପିଲାଟି ପାଇଁ ପରିବାର ହେଉଛି ପ୍ରଥମ ଶିକ୍ଷାୟତନ । ପିଲାବେଳେ ମାଆଙ୍କ ତୁଣ୍ଡରେ କଥା କିଶୋର ବୟସରେ ମାଆଙ୍କର ଉପଦେଶ କେଇପଦ ପିଲାଟିର ଜୀବନ ଗଢ଼ି ଦେଇପାରେ, ଶିଳାଲେଖା ହୋଇ ହୃଦୟରେ ରହିଯାଇପାରେ ।

ଅତଏବ ପିଲାଟି ପାଇଁ ମାଆ ହେଉଛନ୍ତି ପ୍ରଥମ ଶିକ୍ଷୟିତ୍ରୀ । ପିଲାଟି ପାଇଁ ତାଙ୍କୁ ଅଧିକ ପଢ଼ିବାକୁ ପଡ଼ିବ, ଜୀବନ ଓ ଜଗତକୁ ଅଧିକ ବୁଝିବାକୁ ପଡ଼ିବ । ନିଜେ ନ ବୁଝିଲେ ଅନ୍ୟକୁ ବୁଝାଇ ହେବନାହିଁ କି ନିଜେ ନ ଜାଣିଲେ ଅନ୍ୟକୁ ଜଣାଇ ହେବନାହିଁ । କେବଳ ସେ ଦେଶର ମାମା ମାନଙ୍କର ଅବଦାନ ପାଇଁ । ଯଥାର୍ଥରେ କୁହାଯାଏ ଜନନୀ ସମାନ ବନ୍ଧୁ ନାହିଁ । ଏଥିରୁ ଆମେ ବୁଝି ପାରିବା ଯେ ଖାଇବାକୁ ବାଢ଼ିଦେଲେ ଓ ଜଳଖିଆ ସଜାଡ଼ି ଦେଲେ ତାହା ଯଥେଷ୍ଟ ନୁହେଁ । ପରିବାର ହେଉଛି ଯଥାର୍ଥ ପ୍ରଶିକ୍ଷଣ କେନ୍ଦ୍ର । ସେଇଠାରେ ପରସ୍ପର ପ୍ରତି ସ୍ନେହ, ସଦିଚ୍ଛା, ଶ୍ରଦ୍ଧା, ତ୍ୟାଗ, ସମଭାବ ଇତ୍ୟାଦି ଇତ୍ୟାଦି ବହୁ ଭଗବତ ସଦ୍‌ଗୁଣ ଶିଖିବାକୁ ହୋଇଥାଏ । ପିଲାଟିର ସର୍ବାଙ୍ଗୀନ ବିକାଶର ମୂଳଦୁଆ ପଡ଼ିଥାଏ ପରିବାରରେ । ବ୍ୟକ୍ତିଗତ ଜୀବନ ସାମାଜିକ ଜୀବନ, ରାଷ୍ଟ୍ରାୟତ ଜୀବନର ପ୍ରକାଶ ଘଟିଥାଏ ଏହି ପରିବାରରୁ । ଆମେ ଯେତେ କହିଲେ ମଧ୍ୟ ଦେଶର ବିକାଶ ପାଇଁ ପରିବାରର ଅବଦାନ ଯେ ସର୍ବୋପରି ସର୍ବାପେକ୍ଷା ଅଧିକ ଏହା ସର୍ବବାଦୀ ସମ୍ମତ । ପାରିବାରିକ ଶିକ୍ଷା ଯେତେ ମାର୍ଜିତ ଓ ଋଦ୍ଧିମନ୍ତ ହେବ ସମାଜରେ ଅପରାଧ ପ୍ରବଣତା ସେତେ ହ୍ରାସ ପାଇବ, ଏଥିରେ ସନ୍ଦେହ ନାହିଁ ।

ଆମେ ଏବେ ସମାଜ ପାଇଁ ସକରାତ୍ମକ ଚିନ୍ତାଧାରା ଆଣିବା ଦରକାର । ଏବେ ଆମ ସମାଜରେ ଶକ୍ତି ଅଛି, ମାତ୍ର ବ୍ୟକ୍ତି ନାହାନ୍ତି । ଜୀବନ ଅଛି ମାତ୍ର ଜୀବିକା ନାହିଁ । ସଂଗ୍ରାମ ନିଜ ସ୍ୱାର୍ଥ ପାଇଁ ନ ହୋଇ ସମାଜର ସ୍ୱାର୍ଥପାଇଁ ହେଲେ ଏକ ଉନ୍ନତ ସମାଜ ଗଠନ ସମ୍ଭବ ହୋଇପାରିବ । ସେଥିପାଇଁ ଯୁବକ ଓ ଛାତ୍ରମାନେ ସେମାନଙ୍କର ଦୁର୍ବଳ ମାନସିକତାକୁ ପରିବର୍ତ୍ତନ କରିବା ଉଚିତ୍ । ଏକ ନବଚେତନା ଆଣିବା ଦରକାର । ଏକ ଜାଗରଣଶୀଳ ବିବେକ ରହିବା ଦରକାର । ଯେଉଁ ସମାଜରେ ମନୁଷ୍ୟ ନିଜର ହାନି ଲାଭ ବିଚାର କରି ନିଜର ଉନ୍ନତିର ପଥ ସ୍ଥିର କରେ ସେହି ସମାଜ ପ୍ରଗତିଶୀଳ ହୁଏ । ଖାଦ୍ୟ, ବସ୍ତ୍ର, ବାସଗୃହ ଓ ଶିକ୍ଷାପରି ସୁସ୍ଥ ମନୋରଞ୍ଜନ ପ୍ରତି ମଣିଷର ମୌଳିକ ଅଧିକାର ଯାହା ତାକୁ ବଢ଼ିବାରେ ସାହାଯ୍ୟ କରେ ତାହା ମୋ ସମାଜ ମଣିଷକୁ ମିଳୁନାହିଁ । ଏହା ପରିତାପର ବିଷୟ । ଏ ସମାଜ ଆଗରେ ରହିଛି ବିପୁଳ ସମସ୍ୟାର ପାହାଡ଼ ସେହିପରି ମଧ୍ୟ ସମ୍ଭାବନାର ବିଶାଳ ମହୋଦଧି । ମାତ୍ର ଏଥିପାଇଁ ସ୍ୱପ୍ନ, ସଂକଳ୍ପ, ସାଧନାର ଅଭାବ ରହିଛି । ଆମ୍ଭର ଦାୟାଦମାନେ ଏକ ସମୃଦ୍ଧ, ସଂସ୍କୃତି ସଂପନ୍ନ, ସୁନ୍ଦର ସମାଜ ଯେପରି ଦେଖିବେ, ଅନୁଭବ କରିବେ ସେପରି କାର୍ଯ୍ୟକ୍ରମ ଆମକୁ ପ୍ରସ୍ତୁତ କରିବାକୁ ହେବ । ଭାଷା ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ସ୍ୱାଭିମାନର ସୁରକ୍ଷା ସହ ଉତ୍ତର ପିଢ଼ିକୁ ସ୍ୱାଭିମାନୀ ଭାବେ ଆଜି ଆମକୁ ନିର୍ମାଣ କରିବାକୁ ପଡ଼ିବ । ଗୋଁଡ଼ୱାନା ରାଣୀ ଦୁର୍ଗାବତୀ ଗୋଁଡ଼ର ଜାତୀୟତା ଓ ସ୍ୱାଭିମାନର ପ୍ରତୀକ । ଆଜି ଏ ସମାଜକୁ ତାଙ୍କ ଭାବନା ଚେତନା ଝଙ୍କୃତ କରୁଛି । ଏ ଜାତିର ଗୌରବମୟ ଐତିହ୍ୟ ପରମ୍ପରା ଓ ଅସୀମ ବୀରତ୍ୱର ପରାକାଷ୍ଠାକୁ ଅକ୍ଷୁର୍ଣ୍ଣ ରଖିବାକୁ ପଡ଼ିବ । ଆଉ ଆତ୍ମକୈନ୍ଦ୍ରିକ  ସ୍ୱାର୍ଥପର ଜୀବନ ଛାଡ଼ିବାକୁ ପଡ଼ିବ ଏବଂ ପ୍ରତ୍ୟେକ ବ୍ୟକ୍ତି ସମାଜ ପାଇଁ ପ୍ରତ୍ୟେକ ଦିନ ଅନ୍ୟୁନ ଦଶମିନିଟ୍ ଚିନ୍ତା କରିବାକୁ ପଡ଼ିବ ଉତ୍ସର୍ଗୀକୃତ ମନୋଭାବ ନେଇ । ଆମ ଚେତନାର ଗହନରେ ନିହିତ ଆମର ପ୍ରକୃତ ପରିଚୟ । ଆଜି ଯେହେତୁ ଆମେ ଏକ ବିବର୍ତ୍ତନଗତ ସଙ୍କଟ ମଧ୍ୟଦେଇ ଗତି କରୁଛୁ,

ଏକ ନୂତନ ଚେତନା ଆମ ଭିତରେ ପ୍ରତିଷ୍ଠିତ ନ ହେବା ପର୍ଯ୍ୟନ୍ତ ଆମେ ଏକ ପ୍ରକାର ଅନିଶ୍ଚିତ ଜୀବନଯାପନ କରିବା ସ୍ୱାଭାବିକ । ଜାତିକୁ ଏବେ ଆଇ.ସି.ୟୁରୁ କାଢ଼ିବାକୁ ପଡ଼ିବ । ତେଣୁ ଆମକୁ ବିଭିନ୍ନ କ୍ଷେତ୍ରରେ ସଂସ୍କାର ଆଣିବାକୁ ପଡ଼ିବ ଏବଂ ବହୁ ନୂତନ ବିଚାର ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ ।

କିଛି ନୂଆ କରିବାର ଇଚ୍ଛା ସବୁବେଳେ ନୂଆ ନୂଆ ବିପଦ ବା ଆଶଙ୍କାକୁ ଡ଼ାକି ଆଣିଥାଏ । ବେଳେବେଳେ ଲୋକେ ଭାବନ୍ତି କାହିଁକି ରିସ୍କ ନେବା । ପାଣିକୁ ନ ପଶିଲେ ତୁମେ ସନ୍ତରଣ ଶିଖିବ କିପରି । ରିସ୍କ ନେବାକୁ ନିଷ୍ପତ୍ତି ନେଲେ ହିଁ ଏହି ସଫଳତା ମିଳିଥାଏ । ଜୀବନର ପ୍ରତିଟି କଠିନ ମୁହୂର୍ତ୍ତ ଆମ ପାଇଁ ଗୋଟିଏ ଗୋଟିଏ ସୁଯୋଗ ଏଣୁ ଜୀବନରେ ଯେତେବେଳେ ଯାହାବି କଠିନ ସ୍ଥିତି ଆସୁଛି, ଆମ ଉପରେ ଚାପ ପଡୁଛି, ତାକୁ ଆମେ ସୁଯୋଗ ଭାବେ ଗ୍ରହଣ କରିନେବା ଦରକାର । ତେଣୁ ଆସନ୍ତୁ ଏହି ଅବସରରେ ଆମେ ଏକ ନୂତନ ଲକ୍ଷ୍ୟ, ନୂତନ ଚେତନା ସହିତ ନୂତନ ପ୍ରାଣଶକ୍ତି ସହିତ ଓ ଉତ୍ସାହ ସହିତ ନିଜ ନିଜ ପ୍ରତି ନୂତନ ବିଶ୍ୱାସର ସହିତ ଆଗାମୀ ଯାତ୍ରାକୁ ଏକ ନୂଆରୂପ ଓ ରଙ୍ଗଦେବା ଏବଂ ନିଜ ହୃଦୟରେ ଅନ୍ୟମାନଙ୍କୁ ପାଇବା, ଅନ୍ୟମାନଙ୍କ ହୃଦୟ ମଧ୍ୟରେ ନିଜକୁ ଖୋଜିବା ।

ବାଲିପଟ୍ଟା, ଛେଣ୍ଡିପଦା
ଅନୁଗୁଳ



# ରାଣୀ ଦୁର୍ଗାବତୀଙ୍କ ପ୍ରଣୟ ଗାଥା

**ମାଧବ ଚନ୍ଦ୍ର ଗଡ଼ନାୟକ**

ରାଜା ରାଜୁଡ଼ା ସମୟର କଥା ସେତେବେଳେ ଭାରତବର୍ଷରେ ବାଦ୍‌ଶାହା ଆକବରଙ୍କ ଶାସନ ଚାଲୁଥାଏ । ତାଙ୍କ ଅଧୀନରେ ପୁରା ଭାରତବର୍ଷ ଛୋଟ ବଡ଼ ରାଜ୍ୟରେ ପରିଣତ ହୋଇଥାଏ ।

ବର୍ତ୍ତମାନ ମଧ୍ୟପ୍ରଦେଶର ସେହି ସମୟରେ ଏକ ଛୋଟ ଗଡ଼ଜାତ ଥିଲା ଗଡ଼ା ମଣ୍ଡଳା । ଦଳପତ ଶାହା ଏହି ଗଡ଼ାମଣ୍ଡା ଗଡ଼ଜାତର ରାଜକୁମାର ଥିଲେ । ଦିନେ ତାଙ୍କ ପାଖକୁ ମହୋବା ରାଜ୍ୟର ରାଜକୁମାରୀ ଦୁର୍ଗାବତୀଙ୍କ ଏକ ବିଶେଷ ଦୂତ ଏକ ପତ୍ର ନେଇ ଆସିଲେ । ଦଳପତ ଶାହା ପତ୍ରକୁ ଉତ୍ସୁକତା ସହ ଖୋଲିଲେ ।

ଲେଖାଥିଲା -

ପ୍ରାଣନାଥ,

"ମୁଁ ଆପଣଙ୍କ ପାଖରେ ସଂପୂର୍ଣ୍ଣ ଅପରିଚିତ, କିନ୍ତୁ ମୁଁ ଆପଣଙ୍କୁ ଆପଣଙ୍କ ଚିତ୍ରପଟ ମାଧ୍ୟମରେ ଭଲ ଭାବରେ ପରିଚିତ ହୋଇସାରିଛି । ଏକ ବର୍ଷ ପୂର୍ବେ ମୁଁ ଆପଣଙ୍କ ଚିତ୍ର ଦେଖିଥିଲି । ସେହି ଚିତ୍ରରେ ମୁଁ ଆପଣଙ୍କ ସୁନ୍ଦରତା, ବୀରତା ଓ ସାହାସର ଯଥାର୍ଥ ଚିତ୍ରଣ ଦେଖିବାକୁ ପାଇଲି । ଆପଣଙ୍କର ବୀରତ୍ୱରେ ମୁଗ୍ଧହୋଇ ମୁଁ ଆପଣଙ୍କୁ ମନେ ମନେ ଭଲପାଇ ବସିଲି । ଆପଣଙ୍କୁ ଯଥାର୍ଥରେ ପାଇବା ମୋ ପାଇଁ ବଡ଼ ମୁସ୍କିଲ । ମୋର ବାବା ଆପଣ ଓ ମୋର ସମ୍ବନ୍ଧକୁ କେବେ ବି ସ୍ୱୀକାର କରିବେ ନାହିଁ, କାହିଁକିନା ମୁଁ ଚନ୍ଦ୍ରବଂଶୀ ରାଜକୁମାରୀ କିନ୍ତୁ ଆପଣ ଗୋଁଡ଼ ରାଜବଂଶୀ ।"

"ମୁଁ ସ୍ୱତନ୍ତ୍ର ବିଚାରଶିଳା ରାଜକୁମାରୀ, ଜାତି-ପାତକୁ ମୁଁ ମାନେନାହିଁ, କିନ୍ତୁ ବାପାଙ୍କ ଧାରଣା ବଦଳାଇବା ଏକ ସାଧାରଣ କଥା ନୁହେଁ । ବର୍ତ୍ତମାନ ଏକମାତ୍ର ଉପାୟ ଅଛି, ଆପଣ ମତେ ରୁକ୍ମଣୀଙ୍କ ପରି ହରଣ କରିନିଅନ୍ତୁ । ଯେଉଁ ପ୍ରକାର ରୁକ୍ମଣୀ ଶ୍ରୀକୃଷ୍ଣଙ୍କୁ ନିଜର ହରଣ ବିଷୟରେ ଯୋଜନା ବତାଇଥିଲେ, ଠିକ୍ ସେହିପରି ମୁଁ ଆପଣଙ୍କୁ ନିମନ୍ତ୍ରଣ କରୁଅଛି ।"

"ବସନ୍ତ ପଞ୍ଚମୀର ଗୋଧୂଳୀ ବେଳାରେ ମୋର ବିବାହ ପନ୍ନାର ରାଜକୁମାରଙ୍କ ସହ ହେବାର ଅଛି । ବିବାହର ଏକ ସପ୍ତାହ ପୂର୍ବରୁ ମୁଁ ଗୌରୀ, ଗଣେଶ ଓ ଶିବଙ୍କୁ ପୂଜା କରିବା ପାଇଁ କୀର୍ତ୍ତି ସାଗର ନିକଟରେ ନିର୍ମିତ ମନ୍ଦିରକୁ ଯିବି । ମୋ ସହିତ କିଛି ସଖି ଓ ସୈନିକ ଥିବେ । ଆପଣ ଚାହିଁଲେ, ଠିକ୍ ଏହି ସମୟରେ ଆକ୍ରମଣ କରି ମୋତେ ହରଣ କରିନେଇପାରନ୍ତି । ମୁଁ ଆପଣଙ୍କୁ ନିଜର ପତିରୂପେ ସ୍ୱୀକାର କରିନେଇଛି ।"

ଆପଣଙ୍କ ପ୍ରାଣପ୍ରିୟା

**"ଦୁର୍ଗାବତୀ"**



ପତ୍ର ପଢ଼ି ଦଳପତ ଶାହା ହୃଦୟରେ ଶତ କଦମ୍ବର ରୋମାଞ୍ଚ ସୃଷ୍ଟି ହେଲା । ମନ ମଧ୍ୟରେ ପ୍ରେମର ସପ୍ତରଙ୍ଗର ବର୍ଣ୍ଣାଳୀରେ ଭରିଗଲା । ସେ ଦୁର୍ଗାବତୀର ସୁନ୍ଦରତା ଓ ବୀରତା ବିଷୟରେ ଆଗରୁ ଶୁଣିଥିଲେ ଓ ଦୁର୍ଗାବତୀଙ୍କୁ ବିବାହ କରିବାକୁ ଇଚ୍ଛୁକ ଥିଲେ । କିନ୍ତୁ ତାଙ୍କୁ ଜଣାଥିଲା, ଚନ୍ଦ୍ରବଂଶୀ ରାଜା କେବେ ନିଜର କନ୍ୟା ଦେବେ ନାହିଁ । ସେଥିପାଇଁ ମନର କଥା ମନରେ ରଖି ଚୁପଚାପ୍ ରହିଯାଇଥିଲେ । ବର୍ତ୍ତମାନ ଦୁର୍ଗାବତୀଙ୍କ ପତ୍ର ତାଙ୍କର ଆଶା ଆକାଂକ୍ଷାକୁ ପୁରା କରି ଦେଲା । ଦଳପତ ଶାହା ସନ୍ଦେଶ ବାହକକୁ ଆଶ୍ୱସ୍ତ କରି କହିଲେ, ଠିକ୍ ସମୟ ଓ ତିଥିରେ ସେ ନିଶ୍ଚୟ କୀର୍ତ୍ତିସାଗର ମନ୍ଦିର ନିକଟରେ ପହଞ୍ଚିବେ ।

ଦଳପତ ଶାହାଙ୍କ ପିତା ରାଜା ସଂଗ୍ରାମ ସିଂହ ବୃଦ୍ଧ ହୋଇଯାଇଥିଲେ । ରାଜ୍ୟର ସୈନ୍ୟ ସଂଚାଳନ ବ୍ୟବସ୍ଥା ଦଳପତ ଶାହାଙ୍କ ହାତରେ ଥିଲା । ଠିକ୍ ସମୟରେ ପାଞ୍ଚଶହ ଅଶ୍ୱାରୋହୀ ସୈନିକ ସହିତ କୀର୍ତ୍ତିସାଗର ନିକଟରେ ଥିବା ଜଙ୍ଗଲରେ ଲୁଚିଛପି ଅପେକ୍ଷାରେ ରହିଲେ ।

ନିର୍ଦ୍ଧାରିତ ସମୟରେ ରାଜକୁମାରୀ ଦୁର୍ଗାବତୀ ନିଜର ସଖୀ ଓ କିଛି ସୈନ୍ୟମାନଙ୍କ ଗହଣରେ ପାଲିଙ୍କିରେ ବସି ମନ୍ଦିର ଦିଗକୁ ଯାଉଥିଲେ । ଯେମିତି ସେମାନେ ମନ୍ଦିର ନିକଟରେ ପହଞ୍ଚିଛନ୍ତି, ଦଳପତ ଶାହା ନିଜର ସୈନ୍ୟମାନଙ୍କ ଦ୍ୱାରା ହଠାତ୍ ଆକ୍ରମଣ କରିଦେଲେ ।

ଭୀଷଣ ଯୁଦ୍ଧ ହେଲା । ମହୋବାର ଅଧିକାଂଶ ସୈନିକ ମୃତ୍ୟୁବରଣ କଲେ । ଯିଏ ବଞ୍ଚିଲେ, ପ୍ରାଣ ବିକଳରେ ପଳାୟନ କଲେ । କିଛି ସମୟ ପରେ ଦଳପତ ଶାହା ଦୁର୍ଗାବତୀଙ୍କ ପାଲିଙ୍କି ସମ୍ମୁଖରେ ଦଣ୍ଡାୟମାନ ହେଲେ । ଦୁର୍ଗାବତୀ ଅପଲକ ନୟନରେ ଦଳପତ ଶାହାଙ୍କୁ ଚାହିଁଲେ । ଉଭୟଙ୍କ ନୟନର ମିଳନ ହେଲା ଓ ହୃଦୟର କମଳ ପ୍ରସ୍ଫୁଟିତ ହେଲା । ସେତିକିବେଳେ ମହୋବାର ରାଜା କୀର୍ତ୍ତି ସିଂହ ବିପୁଳ ସୈନ୍ୟ ଧରି ସେଠାରେ ପହଞ୍ଚିଗଲେ । ସେ ଦଳପତ ଶାହାର ଛାତିରେ ତରବାରୀ ରଖିଦେଲେ । ଦଳପତ ଶାହା କିଛି କହିବା ପୂର୍ବରୁ, ତା ପୂର୍ବରୁ ଦୁର୍ଗାବତୀ ନିଜର ପାଲଙ୍କିରୁ ଉଠିଆସି ନିଜର ପିତାଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ କହିଲେ, "ବାପା ତାଙ୍କୁ ମାରିବା ପୂର୍ବରୁ ଆପଣଙ୍କୁ ମୋ ଶବ ଉପରେ ଯିବାକୁ ପଡ଼ିବ ।"

ରାଜକୁମାରୀଙ୍କ ଏହି କଥା ଶୁଣି ରାଜା କୀର୍ତ୍ତି ସିଂହ ନିଜର ତରବାରୀ ଉଠାଇନେଲେ ଓ କହିଲେ, "ଦୁର୍ଗା ମୁଁ ଏ କଣ ଶୁଣୁଅଛି । ତୁ ଚନ୍ଦ୍ରବଂଶୀ ହୋଇ ଏକ ଗୋଁଡ଼ ଆଦିବାସୀର ପତ୍ନୀ ହେବୁ ?"

"ବାପା ମୁଁ ତାଙ୍କୁ ଏଠାକୁ ଆମନ୍ତ୍ରଣ କରିଥିଲି ମୋତେ ହରଣ କରିବା ପାଇଁ । ମୁଁ ତାଙ୍କୁ ସ୍ୱାମୀ ରୂପେ ସ୍ୱୀକାର କରି ସାରିଛି । ଏହା ହରଣ ନୁହେଁ ବରଂ ବର୍ତ୍ତମାନ ମୋର ସ୍ୱୟମ୍ବର ହୋଇସାରିଛି ।"

କିଛି ସମୟ ବାତାବରଣ ଶାନ୍ତ ରହିବା ପରେ ରାଜା କୀର୍ତ୍ତିସିଂହ ରାଜକୁମାରୀଙ୍କ ଜିଦ୍ ଆଗରେ ନିଜର ମଥାନତ କରି ଫେରିଗଲେ ।

ଦଳପତ ଶାହା ଦୁର୍ଗାବତୀଙ୍କୁ ଧରି ନିଜର ରାଜ୍ୟ ଗଡ଼ାମଣ୍ଡଳା ଫେରି ଆସିଲେ । ତା ପରେ ଧୂମ୍‌ଧାମ ସହିତ ଉଭୟଙ୍କ ବିବାହ ସମ୍ପନ୍ନ ହେଲା ।

ଇତିହାସ ଏହାର ମୁକ ସାକ୍ଷୀ, ଦଳପତଶାହାଙ୍କ ମୃତ୍ୟୁ ପରେ ଦୁର୍ଗାବତୀ ରାଜ୍ୟର ଶାସନ ଭାର ସମ୍ଭାଳିଥିଲେ । ସୁଚାରୁ ରୂପେ ଶାସନ କାର୍ଯ୍ୟ ତୁଲାଇଥିଲେ । ସେ ଗୋଁଡ଼ ଜାତିର ଚିର ନମସ୍ୟ ।




# ଦାରୁବ୍ରହ୍ମ

ଅନନ୍ତ ଚରଣ ନାୟକ

**ଓଁ ଶୂନ୍ୟ ଶୂନ୍ୟ ମହାଶୂନ୍ୟ ଆଦି ଅନଳଦି ବ୍ରହ୍ମ**
**ଶ୍ରୀ ଶ୍ରୀ ଜଙ୍ଘା ଦେବାୟ ନମଃ**
**ଲିଙ୍ଗାୟ ପତୟେ ନମଃ**
**ବୁଢ଼ା ଦେବାୟ ନମଃ**

ପୁଣ୍ୟ ଭୂମି ଜମ୍ବୁଦ୍ୱୀପ ଭାରତ ବର୍ଷ । ତହିଁ ମଧ୍ୟସ୍ଥ ହୃଦୟ ସ୍ୱରୂପୀ ଅମାପ କଳା କୁଶଳତା ତଥା ମର୍ତ୍ତ୍ୟ ବୈକୁଣ୍ଠ ଜଗା ଓ ଜଙ୍ଘା ଧାମକୁ ନିଜ ବକ୍ଷରେ ବହନ କରି ଗର୍ବରେ ମସ୍ତକ ଭାରୋତ୍ତଳନ କରିଥିବା ଆମ ଉତ୍କଳ । ପୁନଶ୍ଚ ତାର ମଧ ଭାଗରେ ଥିବା ଅବିଭକ୍ତ ଢ଼େଙ୍କାନାଳ ଜିଲ୍ଲାର ପବିତ୍ର ଆମ୍ବସରମୁଣ୍ଡା ଗ୍ରାମ । ତା'ର ଦକ୍ଷିଣ ଦିଗରେ ଅବସ୍ଥିତ ସୁବିଶାଳ ପାଷାଣ ଉପରେ ବିଦ୍ୟମାନ ଦେବଭୂମି ଜଙ୍ଘା ଜଗନ୍ନାଥ ଧାମ । ଆଜି ଏ ଘୋର କଳିରେ ଭକ୍ତ ଉଦ୍ଧାର ଉଦ୍ଦେଶ୍ୟରେ ଉଭା ଥିବା ଭକ୍ତରଙ୍କ ଶ୍ରୀ ଶ୍ରୀ ଜଙ୍ଘା ବଡ଼ଦେଓଙ୍କ ଆଦେଶକୁ ମଥାପାତି ବହନ ପୂର୍ବକ ତାଙ୍କର ପ୍ରଶସ୍ତୀ ନେଇ କିଛିଟା ଲେଖିବାର ଦୁଃସାହସ ଏ ଅଧମ ପୋଷଣ କରେ । ଅତୀତକୁ ଭିତ୍ତି ପ୍ରସ୍ତର ଭାବେ ଗ୍ରହଣ କରି ମୂଳଦୁଆ ସ୍ଥାପନ କରିବା ବର୍ତ୍ତମାନକୁ ଗାତ୍ର ବନାଇ ତହିଁରେ ଭବିଷ୍ୟତର ରଙ୍ଗ ବୋଳି ସୁବିଶାଳ "ଗୋଁଡ଼ୱାନା ଗୋଁଡ଼୍ ସାଂସ୍କୃତିକ ସୌଧ" ନିର୍ମାଣ ହିଁ ଆଜି ଏ ପ୍ରୟାସର ଚରମ ଲକ୍ଷ୍ୟ ମାତ୍ର ।

ବର୍ତ୍ତମାନ ପବିତ୍ର ମହାଭାରତର କଥାବସ୍ତୁକୁ ପାଥେୟ କରି ଏ ଅଧମ ସଂକ୍ଷେପରେ କିଛିଟା ଉଲ୍ଲେଖ କରିବାର ଆଶା ରଖେ । ଦ୍ୱାପର ଯୁଗର ଅବସାନ ହେବା ଉପରେ । ମହାଭାରତ ଯୁଦ୍ଧର ନାୟକ ଶ୍ରୀକୃଷ୍ଣଙ୍କର ଲୀଳା ଖେଳାର ପରି ସମାପ୍ତି ଘଟିଛି । ଶିଆଳୀ ଲତାରେ ଝୁଲି ସବୁଜ ବନାନୀର ପ୍ରାକୃତିକ ଶୋଭା ଅବଲୋକନ କଲାବେଳେ ପୂର୍ବରୁ ଆଦେଶ ପ୍ରାପ୍ତ ଜାରା ଶବର ଶରାଘାତରେ ତାଙ୍କର ଦେହାନ୍ତ ହୋଇଛି ପାଣ୍ଡବମାନେ ତାଙ୍କର ଶେଷକୃତ୍ୟ ସମ୍ପାଦନ କଲାବେଳେ ଦେଖନ୍ତି ଯେ ତାଙ୍କର ଅକ୍ଷୟ ନାଭିବ୍ରହ୍ମ ତଥା ଅଜର ଅମର ଶରୀରକୁ ଅଗ୍ନିଦେବତା ଦଗ୍ଧ କରିବାକୁ ସମ୍ପୂର୍ଣ୍ଣ ଅକ୍ଷମ ହୋଇଛନ୍ତି । ତହିଁ ଉତ୍ତାରେ ସେମାନେ ନାଭି ବ୍ରହ୍ମକୁ ଅଥଳ ସମୁଦ୍ରରେ ନିକ୍ଷେପ କରି ନିଶ୍ଚିତ ହୋଇ ରହିଛନ୍ତି । ହେଲେ ତାଙ୍କୁ କେଉଁ ସମୁଦ୍ର ବା ଲୀନ କରିପାରେ । ଭୀମ ଦ୍ୱାରା ଫିଙ୍ଗା ଯାଇଥିବା ନାଭିପଦ୍ମକୁ ସମୁଦ୍ରକୂଳରୁ ପାଇଥିଲା ପ୍ରଭୁଙ୍କର ପରମ ଭକ୍ତ ବିଶ୍ୱାବସୁ ଶବର ରାଜା । ତାକୁ ନେଇ ସେ ଆପଣା ଇଷ୍ଟ ନୀଳ ମାଧବ ରୂପରେ ପଥର ଗୁମ୍ଫାରେ ଲୁଚାଇ ପୂଜା କରି ନିଜକୁ ଧନ୍ୟ ମଣୁଥାଏ । ଜଗତର ନାଥ କି କେବେ କାହାରି ନିଜସ୍ୱ ହୋଇ ପଥର ଗୁମ୍ଫାରେ ଲୁଚିରହି ପାରିବେ ? ପୁରସ୍ତମର ଠାକୁର ରାଜା ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କୁ ସ୍ୱପ୍ନାଦିଷ୍ଟ ହୋଇ ମନ୍ତ୍ରୀ ବିଦ୍ୟାପତିଙ୍କ ପ୍ରାଣପାତ



ଉଦ୍ୟମରେ ଆନୀତ ହୋଇ ନୀଳାଚଳ ଧାମରୁ ଦାରୁ ନିର୍ମିତ ଖଣ୍ଡିତ କଳେବର ନେଇ ବଡ଼ଭାଇ ବଳରାମ, ଭଉଣୀ ସୁଭଦ୍ରା ତଥା ସୁଦର୍ଶନଙ୍କ ସହ ପୂଜିତ ହେଲେ ଆର୍ଯ୍ୟ ଦେବତା ଜଗନ୍ନାଥ । ଅନ୍ୟଞ୍ଚ ବନବାସୀ ଗୋଁଡ଼ମାନଙ୍କ ଦ୍ୱାରା ତାଙ୍କର ଅର୍ଦ୍ଧଦଗ୍ଧ ଗଣ୍ଡି ଅଂଶ ନିଆଯାଇ ଦୁଇଖଣ୍ଡ ଶାଳକାଠକୁ ଜଙ୍ଘା ରୂପରେ ସଜେଇ ତହିଁରେ ଗଣ୍ଡି ବ୍ରହ୍ମ ସ୍ଥାପିତ ହେଲେ । ଶ୍ରୀ କ୍ଷେତ୍ରବାସୀ ତ୍ରିମୂର୍ତ୍ତିଙ୍କର ନିମ୍ନାଂଶ ଜଙ୍ଘ ଅଣ୍ଟାଠାରୁ ତଳକୁ ଗୋଡ଼ ଦୁଇ ନେଇ ବିଦ୍ୟମାନ ହେଲେ ଜଙ୍ଘା ଲିଙ୍ଘା ବୁଢ଼ା ଏପରି ତିନି ଠାକୁର ଓ ସୁଦର୍ଶନ ତୁଲ୍ୟ ଖଡ୍‌ଗ ଦେବତା । ଖଡ୍‌ଗ ଦେବତାଙ୍କୁ ଏଠି ରକ୍ଷାକର୍ତ୍ତା ଭାବେ ଗ୍ରହଣ କରାଯାଏ । ସାମବେଦ ବର୍ଣ୍ଣିତ ଗୋଣମାନେ ତାଙ୍କର ଜାତିର ନିଜସ୍ୱ ଦେବତା ଭାବି ଗର୍ବ ଭରେ ପୂଜାର୍ଚ୍ଚନା କଲେ । ଏମିତି ଅନେକ ଦିନ ପୂଜା କଲାପରେ ଭାରତ ମଧ୍ୟକୁ ବିଦେଶୀମାନଙ୍କ ଆଗମନ ହୁଏ । ତାଙ୍କର ଅତ୍ୟାଚାରରେ ଜର୍ଜରିତ ହୋଇ ପ୍ରଭୁ ଦକ୍ଷିଣାୟନ ଗମନ କରି ଓଡ଼ିଶା ମୂଳକରେ ପହଞ୍ଚି ଗୋଁଡ଼୍ ରାଜାମାନଙ୍କ ଭକ୍ତିରେ ବନ୍ଧା ହେଲେ । ଗୋଁଡ଼୍ ରାଜା ଓ ଜମିଦାରମାନଙ୍କ ଅକ୍ଳାନ୍ତ ଉଦ୍ୟମରେ ଭୋଇପାଲିଠାରେ ନିର୍ମିତ ଜଙ୍ଘା ଧାମରେ ସେ ସୁରକ୍ଷିତ ଓ ପୂଜିତ ହେଲେ । ଅବଧି ପଶ୍ଚିମାଞ୍ଚଳର ଶ୍ରେଷ୍ଠ ପୀଠ ରୂପେ ପରିଗଣିତ ଭୋଇପାଲି ପୀଠ ଦୈନନ୍ଦିନ ବିସ୍ତୃତି ଲାଭ କରିବାରେ ଲାଗିଛି । ଆଜି ଅନେକ ପରିବର୍ତ୍ତନ ନେଇ ସେହି "ଗୋଣ" ଶବ୍ଦ "ଗୋଁଡ଼୍"ରେ ପରିଣତ ହୋଇଥିବା ନିଶ୍ଚିତ । ଏ ଜାତିର ପରମ୍ପରା ଓ ପ୍ରଥା ତଥା ସଂସ୍କୃତି ନେଇ କହିବା ମୁସ୍କିଲ । ଏହାର ଉଭା ପୋତା ଆଉ ପ୍ରଶସ୍ତୀ ତଥା ପ୍ରାଚୀନତାର ଗଭୀରତା ନେଇ ବୋଧହୁଏ ଅକଳନ ମନେ ହେବାରୁ ସାଧାରଣ ଚିନ୍ତାଚେତନାଧାରୀ କେହି ଏହାକୁ 'ଗଣ୍ଡ' ବା ଗଭୀରିଆ ଜାତି ବୋଲି କହିଥାଇପାରେ । ମାତ୍ର ଗଭୀର ଭାବେ ଚିନ୍ତାକରି ଦେଖିଲେ ଜାଣିବେ ଯେ ଏ ଜାତି ଜଙ୍ଘାଙ୍କୁ ନେଇ ମହାନ୍ । ଶ୍ରୀକୃଷ୍ଣଙ୍କ ଗଣ୍ଡି ବ୍ରହ୍ମକୁ ପୂଜା କରି ଆପଣାକୁ ବିଶ୍ୱ ସମକ୍ଷରେ 'ଗୋଡ଼ିଁ' ଭାଷାକୁ ଗୋଣ୍ଡି ଓ ବସବାସ କରୁଥିବା ଅଞ୍ଚଳକୁ 'ଗୋଁଡୱାନା' ବୋଲି ପରିଚିତ କରାଇଛି । ଦେବତାଙ୍କ କଳେବର ଦାରୁ ବା କାଷ୍ଠରେ ନିର୍ମିତ ଓ ତହିଁରେ ବ୍ରହ୍ମରୋପିତ ହେତୁ ତାଙ୍କୁ ଦାରୁବ୍ରହ୍ମ ବୋଲାଯାଏ । ଏ ଶ୍ରୀକ୍ଷେତ୍ରର ଜଗନ୍ନାଥଙ୍କ ତୁଲ୍ୟ । ଏକବ୍ରହ୍ମ ଦ୍ୱୟନାସ୍ତି । ମାତ୍ର ସେ ଆର୍ଯ୍ୟଙ୍କ ଦ୍ୱାରା ସୁରକ୍ଷିତ । ବ୍ରାହ୍ମଣଙ୍କ ଦ୍ୱାରା ପୂଜିତ ହୋଇ ବିଶ୍ୱବନ୍ଦିତ ହେଲାବେଳେ ଜଙ୍ଘା ନାରାୟଣ ଗୋଁଡ଼୍ମାନଙ୍କର ଏକଚାଟିଆ ଦେବତା ବା ଅନାର୍ଯ୍ୟ ଦେବତା ହୋଇ କେବଳ ପଶ୍ଚିମ ଓଡ଼ିଶା ଓ ତତ୍‌ପାର୍ଶ୍ୱବର୍ତ୍ତୀ ମଧ୍ୟପ୍ରଦେଶ, ବିହାର ଛତିଶଗଡ଼ ଆଦି କେତେକ ଅଞ୍ଚଳର ଆଞ୍ଚଳିକ ଠାକୁର ଭାବେ ରହିଯାଇଛନ୍ତି ।

ବର୍ତ୍ତମାନ ପାଠକବନ୍ଧୁମାନଙ୍କ ଉପରେ ଦୁଇଟି ଅତ୍ୟାବଶ୍ୟକ କଥା ତତ୍ତ୍ୱ ସମ୍ବଳିତ ଉପାଖ୍ୟାନ ପ୍ରଦାନ କରେ । ପ୍ରଥମଟି ହେଲା ଗୋଁଡ଼ଙ୍କ ପ୍ରତି ଆଗରୁ ଥିବା ଅଭିଶାପ ଓ ତହିଁରୁ ରକ୍ଷାକର୍ତ୍ତାଙ୍କ ପୂଜନ । ଏ ଜାତି ଜଙ୍ଘାଙ୍କୁ ନେଇ ପ୍ରାଚୀନ, ପୁଣ୍ୟବାନ୍ ଓ ଧର୍ମପ୍ରାଣ ହୋଇ ଗର୍ବ ଅନୁଭବ କରୁଥିବା ସ୍ଥଳେ ଆଜି ଏପରି ଦଶା କାହିଁକି ? ସେ ପ୍ରଶ୍ନର ଉତ୍ତର ଖୋଜିବାରୁ ମିଳେ ଯେ – ଏ ଜାତି ଦ୍ୱାପର ଯୁଗର ଯଦୁବଂଶୀ ଅଟନ୍ତି । ଦ୍ୱାପର ଯୁଗର ଅବସାନରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଦେହାନ୍ତ ସମୟରେ ତ୍ରିଶିରା ତୀକ୍ଷ୍ଣ ପତ୍ର ବିଶିଷ୍ଟ ଏରକା ବଣର ରସ ପାନ କରି ବାଡ଼ିଆ ପିଟା ହୋଇ ମରିବା ଓ କଳି ଯୁଗରେ 'ଗଣ୍ଡ' ବୋଲାଇ ଆପଣା ଇଷ୍ଟଙ୍କୁ ନ ଚିହ୍ନି ତାଙ୍କର ଉପାସନା ଓ ପୂଜା ନ କରି ମଦ୍ୟ ମାଂସ ଖାଇ ନାନା କୁକର୍ମ କରି ଅଧମ ମାନବ ଶ୍ରେଣୀରେ ଗଣ୍ୟ ହେବା ଆଦି ଶ୍ରୀମଦ୍ ଭାଗବତର ଏକାଦଶ ସ୍କନ୍ଦ ପ୍ରଥମ, ଏକତ୍ରିଂଶ ଓ ଦ୍ୱାତ୍ରିଂଶ ଅଧ୍ୟାୟ ବର୍ଣ୍ଣିତ ଶ୍ରୀକୃଷ୍ଣ ଦର୍ଶାନାର୍ଥୀ ଭୃଗୁ, ଅଙ୍ଗିରା, ଦୁର୍ବାଷା, ବିଶ୍ୱାମିତ୍ର, ବାମଦେବ, ନାରଦ ଓ ବଶିଷ୍ଠାଦି ସେହି ବ୍ରହ୍ମଜ୍ଞାନୀ ଋଷିମାନଙ୍କର ଅଭିଶାପର ଫଳ ହୋଇଛି । ଓଡ଼ିଆ ଭାଗବତ ପ୍ରଣେତା ଅତିବଡ଼ି ଜଗନ୍ନାଥ ଦାସଙ୍କର ଅନ୍ୟ ଏକ ପୁସ୍ତକ 'ଗଣ୍ଡୁକି ଉପାଖ୍ୟାନ'ରୁ ଏହି ତଥ୍ୟ ଆସିଅଛି ଏବଂ ତାହା ନିମ୍ନରେ

ପ୍ରଦତ୍ତ ହେଲା :

"କହିବି କଥାଏ ଦେବୀ ଶୁଣ ରସଧ୍ୱନୀ
ଯଦୁବଂଶ ସୁତ କଥା ଶୁଣ ଆନ ବାଣୀ
କାଦମ୍ବରୀ ପାନେ ଦ୍ୱାପର ଶେଷେ ନାଶ ହେଲେ
ତାଙ୍କର ମହିମା ତୁମ୍ଭେ ଶୁଣଗୋ ବଇଲେ
ବ୍ରହ୍ମଶାପ ବଳେ ତୁମ୍ଭେ ହୋଇବ ଜନମ
କଳିଯୁଗେ ବଳାଇବ ଗଣ୍ଡ ବିଧି କର୍ମ
କ୍ରିୟାହୀନ ହୋଇଣ ଯେ ତୁମ୍ଭେ ନାଶ ଯିବ
ପିତୃଶ୍ରାଦ୍ଧ କଥା ତୁମ୍ଭେମାନେ ନ ଜାଣିବ
ଜାତି ନିତି କ୍ରିୟା କର୍ମ ଏ ସମସ୍ତ ହୁଡ଼ି
ମଦ ମାଂସ କୁକୁଡ଼ାରେ ଯାଉଥିବ ବୁଡ଼ି
ଚେତାକରି ଆପଣା ଇଷ୍ଟଙ୍କୁ ଯେ ପୂଜିବ
ଶ୍ରଦ୍ଧାରେ ପିତୃପୁରୁଷେ ଶ୍ରାଦ୍ଧ ଯେ ବାଢ଼ିବ
ସମସ୍ତ ଦୋଷ କଟାଇ ଭବୁଁ ହେବ ପାର
ବିଷ୍ଣୁଲୋକେ ଗମିବ ଯେ କହନ୍ତି ଶଙ୍କର ।"

ଦ୍ୱିତୀୟଟି ହେଲା : ଆର୍ଯ୍ୟ ଦେବତା ଜଗନ୍ନାଥଙ୍କୁ ଭକ୍ତ ଛୁଇଁ ପାରେନି ଓ ତାଙ୍କ ପାଦରେ ମୁଣ୍ଡ ଲଗାଇ ପ୍ରଣତି ବାଢ଼ିପାରେନି ବା ଅନ୍ତର ଗୁହାରି ଜଣାଇ ପାରେନି । ତାଙ୍କ ପଦମାର୍ଜ୍ଜନ କରିପାରେନି । ତାଙ୍କ ତୁଳସୀମାଳ ବେକରେ ଗଳେଇ ଅଳ୍ପକ୍ଷଣ ପରେ ହରାଏ । ପଇସାର ନିଧୁମ ଜୁଆ ଖେଳ । ଏହାକୁ ଛୁଆଁଇ ଭକ୍ତମାନଙ୍କଠାରୁ ପଣ୍ଡାମାନେ ଅଜସ୍ର ପଇସା ଲୁଟି କରିଥାନ୍ତି । ପ୍ରଭୁଙ୍କ ବାସସ୍ଥାନ ବେଢ଼ା ପରିକ୍ରମା ଓ ଠାକୁରଙ୍କୁ ସ୍ପର୍ଶ କରିବାରେ ଶହ ଶହ ହଜାର ହଜାର ଟଙ୍କା ଦେବାକୁ ପଡ଼ିଥାଏ । ଗରିବ ଭକ୍ତ କାହୁଁ ପାଇବେ ହଜାର ହଜାର ଟଙ୍କା ଯେ ଜଗନ୍ନାଥଙ୍କ ଆଶିଷ କିଣି ପାରିବେ । ରଥଯାତ୍ରା ସମୟରେ ତାଙ୍କୁ ଛୁଇଁବା ତ ଦୂରର କଥା ଏପରିକି ରଥ ଉପରକୁ ଚଢ଼ି ପାରିନଥାନ୍ତି ଭକ୍ତ । ଅପରପାର୍ଶ୍ୱରେ ଗୋଁଡ଼୍ ଦେବତା ଜଙ୍ଘା ନାରାୟଣ ଭକ୍ତ ପାଇଁ ସଦାସର୍ବଦା ମନ୍ଦିର ଖୋଲା କରି ଚାହିଁଥା'ନ୍ତି ତାଙ୍କର ଜଡ଼ା ତେଲ ସାମଳା ମର୍ଦ୍ଦନକୁ । ପୁରୁଷ ସ୍ତ୍ରୀ ଭେଦରେ ସମସ୍ତେ ନିଜ ପିତାମାତାଙ୍କ ଗୋଡ ମଞ୍ଜିଲିବା ଭଳି ପ୍ରଭୁଙ୍କ ସେବା କରନ୍ତି । ସେ ତାଙ୍କ ଗୋଡ଼ ଲମ୍ବାଇ ପଦସେବାର ସୁଯୋଗ ପ୍ରଦାନ କରୁଥାନ୍ତି । ଲକ୍ଷେ ଯୋଜନାରେ ଥାଇ ଜଡ଼ାତେଲ ଧରି ଚିନ୍ତାମାତ୍ରେ ପ୍ରଭୁ ତାଙ୍କର ଯୋଜନ ପ୍ରସାରୀ ଗୋଡ଼୍ ବଢ଼ାଇ ଦେଇ ସେବା ଗ୍ରହଣ କରି ରୋଗ ଦୁଃଖମୋଚନ କରି ଧନ୍ୟ କରିଥାନ୍ତି । ଜଙ୍ଘା ପୀଠରେ ଭକ୍ତମାନଙ୍କ ଉଦ୍ଦେଶ୍ୟରେ "ବେହି ପୋ କାଳିଆ ତୋତେ ଦଣ୍ଡୁ" ଇତ୍ୟାଦି ଶୁଣାଯାଏ ନି । ଏକାକାର ପୂଜନ ବିନା ପଇସାରେ ପ୍ରଭୁଙ୍କୁ ଦର୍ଶନ କରାଏ । ସମସ୍ତଙ୍କ ହାତରେ ଫୁଲ, ବେଲପତ୍ର ଓ ଅରୁଆଚାଉଳ ପ୍ରଦାନ କରାଏ ଆଉ ଜଡ଼ା ତେଲରେ ଗୋଡ଼ ଘଷିବା ପାଇଁ ଆହ୍ୱାନ କରେ । ଜଙ୍ଘା ନାରାୟଣ ଯେ କେତେ ସରଳ ସୁନ୍ଦର ଦୟାବତାର ଏଥିରୁ ବେଶ ଜଣାଯାଏ । ଅଧିକ ଆଶ୍ଚର୍ଯ୍ୟର କଥା ତାଙ୍କ ଆସ୍ଥାନରେ ଥିବା ସମୟରେ କାହାରି କାହା ପ୍ରତି ଅସୂୟା ଭାବ ଜାଗ୍ରତ ହୁଏ ନାହିଁ । ବସୁଧୈବ କୁଟୁମ୍ବକଂ ଭାବ ଦେଖାଦିଏ ସଭିଙ୍କ ହୃଦୟରେ । ଯେ ଯେଉଁ ଅଞ୍ଚଳରୁ ଆସିଥାଉନା କାହିଁକି ଦେଖିଲା ମାତ୍ରେ ସମସ୍ତେ ସପ୍ରେମ ଆଲିଙ୍ଗନ କରିଥାନ୍ତି । ସ୍ଥାନ ଛାଡ଼ିଲା ବେଳେ ଚକ୍ଷୁ ଲୋତକାପ୍ଲୁତ ହୋଇଥାଏ । ଏହାହିଁ ଆଶ୍ଚର୍ଯ୍ୟର କଥା ତେଣୁ ଏ ଭଳି ଶାନ୍ତ ସରଳ ଦୟାର ଦେବତା ସେଇ ଦାରୁବ୍ରହ୍ମ ଜଙ୍ଘାଙ୍କୁ ଅନ୍ୟତ୍ର ଯିବାକୁ ଏ ଜାତି ଚାହୁଁନାହିଁ ବା ଜଙ୍ଘା ମଧ୍ୟ ଏ ଶାନ୍ତ ସରଳ ନିଷ୍କପଟ ଗୋଁଡଙ୍କୁ ଛାଡ଼ି ରହିବା ମୁସ୍କିଲ ହେବ ହିଁ ହେବ । କାହିଁକି ନା ସେ ହେଉଛନ୍ତି ଭକ୍ତ ବତ୍ସଳ । ଭକ୍ତ ସାଲବେଗଙ୍କ ଭାଷାରେ :

ଭକତ ତୋ ପିତାମାତା ଭକତ ତୋ ବନ୍ଧୁ
ଭକତ ହିତରେ ତୋର ନାମ କୃପାସିନ୍ଧୁ ନାମ କୃପାସିନ୍ଧୁ
ଏକାତୋ ଭକତ ଜୀବନ
ଭକତ ନିମନ୍ତେ ତୋର ଶଙ୍ଖଚକ୍ରେ ଚିହ୍ନ ।

ଅନ୍ୟଞ୍ଚ ପ୍ରଭୁ କେଉଁଠି ଥାଆନ୍ତି ବୋଲି ଥରେ ଭକ୍ତଶ୍ରେଷ୍ଠ ନାରଦଙ୍କ ପ୍ରଶ୍ନର ଉତ୍ତର ଦେଇ ଭଗବାନ କହିଥିଲେ :

"ନାହଂ ତିଷ୍ଠାମି ବୈକୁଣ୍ଠେ ଯୋଗୀନାଂ ହୃଦୟେ ନ ଚ
ମଦଭକ୍ତା ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ"

ଆସନ୍ତୁ ଆମେ ସମସ୍ତେ ନିଜ ନିଜ ହୃଦୟରୁ ଅହଂ ଭାବ ଦୂରେଇ ସେଇ ପରମ ପୂଜ୍ୟ ଦାରୁବ୍ରହ୍ମ ଜଙ୍ଘା ନାରାୟଣଙ୍କ ପୂଜା କରି ଜଙ୍ଘା ପ୍ରେମାମୃତ ଲାଭ କରିବା । ଜୟ ବଡ଼ଦେଓ ଓ ଜୟ ଗାଡ଼୍ୱାନା ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ସା : ପୋଡ଼ାପଦର, ପୋ: ଆମ୍ବସରମୁଣ୍ଡା
ଥାନା : ଠାକୁରଗଡ଼, ସ.ଡ଼ି. : ଆଠମଲ୍ଲିକ, ଜିଲ୍ଲା : ଅନୁଗୋଳ
ମୋ : ୮୭୫୮୪୨୨୧୯୩

# ମୁକ୍ତି ସଂଗ୍ରାମରେ ପାହାଡ଼ଶ୍ରୀଗିଡ଼ା ଜମିଦାର ପରିବାରର ଭୂମିକା

**ଶ୍ରୀ ରାମକୃଷ୍ଣ ସାହୁ**

ସମ୍ବଲପୁର ପରି ଏକ ଅବହେଳିତ ଅନୁନ୍ନତ ମାଳ ଅଞ୍ଚଳରେ ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ପଥ ପ୍ରଦର୍ଶକ ହିସାବରେ ସମ୍ବଲପୁରର ସୁଯୋଗ୍ୟ ଦାୟଦ ସୁରେନ୍ଦ୍ର ସାଏଙ୍କ ବୀରତ୍ୱଗାଥା ଯୁଗବରେଣ୍ୟ ସୁରେନ୍ଦ୍ର ସାଏଙ୍କ ଭଳି ଶହୀଦମାନଙ୍କର ସ୍ୱାର୍ଥତ୍ୟାଗ ହେତୁ ପରବର୍ତ୍ତୀ କାଳରେ ଆମ ସ୍ୱାଧୀନ ଜାତୀୟ ନେତାମାନେ ଏ ଦେଶରେ ବିଦେଶୀ ଶାସନର ଶୃଙ୍ଖଳାକୁ ଫିଙ୍ଗିଦେଇ ପାରିଥିଲେ । ସିପାହୀ ବିଦ୍ରୋହ ଆରମ୍ଭ ହେବା ୩୦ ବର୍ଷ ପୂର୍ବରୁ ୧୮୨୭ ମସିହାରେ ସମ୍ବଲପୁର ଅଞ୍ଚଳରୁ ଇଂରେଜମାନଙ୍କୁ ହଟେଇ ଦେବା ପାଇଁ ଖଡ଼୍ଗ ଉତ୍ତୋଳନ କରିଥିଲେ । ତାଙ୍କର ଏ ପଦକ୍ଷେପରେ ତାଙ୍କୁ ବିପୁଳ ଜନସମର୍ଥନ ମିଳିଥିଲା ।

ମହାରାଜ ସାଏଙ୍କ ମୃତ୍ୟୁପରେ ରାଣୀମୋହନ କୁମାରୀଙ୍କୁ ସମ୍ବଲପୁର ରାଜସିଂହାସନରେ ଅଧିଷ୍ଠିତ କରାଯାଇଥିଲା । ରାଣୀ ମୋହନ କୁମାରୀ ପର୍ଦ୍ଦାନସୀନ ଥିବାରୁ ଶାସନ କାର୍ଯ୍ୟ ସୁଚାରୁ ରୂପେ ସଂପାଦନ କରିପାରୁନଥିଲେ । ତେଣୁ ସମ୍ବଲପୁର ଅଞ୍ଚଳର ରଏତ୍ ଓ ଜମିଦାରମାନଙ୍କ ଭିତରେ ଗଭୀର ଅସନ୍ତୋଷ ଦେଖାଦେଇଥିଲା । ସେତେବେଳକୁ ଇଂରେଜମାନେ ସମ୍ବଲପୁର ମାଟିରେ ତାଙ୍କ ପତିଆରା ବିସ୍ତାର କରିସାରିଥିଲେ ଏବଂ ଅସନ୍ତୋଷକୁ ପ୍ରତିହତ କରିବା ପାଇଁ ରାଜ ବଂଶୀୟ ଜଣେ ଦୂର ସଂପର୍କୀୟ ଜ୍ଞାନ ନାରାୟଣ ସିଂହଙ୍କୁ ରାଜ ସିଂହାସନରେ ବସାଇଥିଲେ ଯାହା ଫଳରେ ସମ୍ବଲପୁର ରାଜ ସିଂହାସନର ଯଥାର୍ଥ ଉତ୍ତରାଧିକାରୀ ସୁରେନ୍ଦ୍ର ସାଏ ସିଂହାସନରୁ ବଞ୍ଚିତ ହୋଇଥିଲେ । ସୁରେନ୍ଦ୍ର ସାଏ ସିଂହାସନରୁ ବଞ୍ଚିତ ହେଲାପରେ ସମ୍ବଲପୁର ଅଞ୍ଚଳର ଗଣ୍ଡ ଓ ବିଂଝାଲ ଜମିଦାରମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଦେଇଥିଲା ଏବଂ ଇଂରେଜମାନଙ୍କୁ ସମ୍ବଲପୁର ମାଟିରୁ ମୂଳୋତ୍ପାଟନ କରିବା ପାଇଁ ବିପ୍ଳବର ରୂପ ନେଇଥିଲା । ଏହି ବିପ୍ଳବରେ କେତେ ଶହୀଦ ହେଲେ, କେତେ ବନ୍ଦୀ ହେଲେ, କେତେ ଆତ୍ମ ସମର୍ପଣ କଲେ ତାହାର ସଠିକ୍ ହିସାବ ହୁଏତ ଇତିହାସ ପାଖରେ ନ ଥିବ ହେଲେ ଯେଉଁ କେତେ ଜଣ ଯୋଦ୍ଧାଙ୍କ ବୀରତ୍ୱ ଆଜିବି ଜନମାନସରେ ପ୍ରତିବିମ୍ବ ସୃଷ୍ଟି କରେ ସେମାନଙ୍କ ମଧ୍ୟରେ ପାହାଡ଼ଶ୍ରୀଗିଡ଼ା ଜମିଦାର ଓ ତାଙ୍କ ବଂଶଜମାନଙ୍କ ଭୂମିକା ଅନ୍ୟତମ ।




ପାହାଡ଼ଶ୍ରୀଗିଡ଼ା ଜମିଦାର ତ୍ରିଲୋଚନ ସିଂହଙ୍କ ଦୁଇ ପୁଅ ଦୁର୍ଜ୍ଜରଧନ ସିଂହ ଓ ବଳଭଦ୍ର ସିଂ ଦାଓ । ତ୍ରିଲୋଚନ ସିଂହଙ୍କ ଦ୍ୱିତୀୟ ପୁତ୍ର ବଳଭଦ୍ର ସିଂହ ଦାଓ ଲଖନପୁର ଦେୱାନୀ ସୂତ୍ରରେ ଭୋଗ କରୁଥିଲେ । ତେଣୁ ତାଙ୍କ ନାମ ବଳଭଦ୍ର ଦାଓରେ ପରିବର୍ତ୍ତନ ହୋଇଥିଲା (ଦାଓ ଦେୱାନର ଅପଭ୍ରଂଶ ଅଟେ) । ସେ ସୁରେନ୍ଦ୍ରସାଏଙ୍କ ବିଶିଷ୍ଟ ସମର୍ଥକ ଥିଲେ । ତାଙ୍କର ଏକ ଧର୍ନୁବିଦ୍ୟାରେ ପାରଙ୍ଗମ ସେନାବାହିନୀ ଥିଲା । ସମ୍ବଲପୁର ରାଜ ସିଂହାସନ ପାଇଁ

ସେତେବେଳେ ବିପ୍ଳବ ଆରମ୍ଭ ହୋଇସାରିଥିଲା ଏବଂ ବିଦ୍ରୋହୀମାନେ ବାରପାହାଡ଼ ଗିରିମାଳାରେ ଅବସ୍ଥିତ ଉଚ୍ଚତମ ଶୃଙ୍ଗ ଡ଼େବ୍ରୀଗଡ଼କୁ ଏକ ଦୁର୍ଗ ରୂପେ ବ୍ୟବହାର କରିଥିଲେ । ଏହି ଦୁର୍ଗର ନିକଟରେ ଅବସ୍ଥିତ ଏକ ଗୁମ୍ଫା ଯାହାକୁ ବାର ବଖରା କୁହାଯାଏ । ଦିନେ ସୁରେନ୍ଦ୍ର ସାଏ ଓ ବଳଭଦ୍ର ସିଂହ ଦାଓ ଉକ୍ତ ଗୁମ୍ଫାରେ ସମ୍ବଲପୁର ରାଜସିଂହାସନ ବିଷୟରେ ଆଲୋଚନା ସାରି ବିଶ୍ରାମ ନେଉଥିବା ସମୟରେ ତାଙ୍କୁ ତତ୍କାଳୀନ ରାଜା ନାରାୟଣ ସିଂହଙ୍କ ସେନା ଓ ଇଂରେଜମାନଙ୍କ ସେନା ଅତର୍କିତ ଆକ୍ରମଣ କରିଥିଲେ । ସେଥିରେ ଉଭୟ ପକ୍ଷ ମଧ୍ୟରେ ଘମାଘୋଟ ଲଢ଼େଇ ହୋଇଥିଲା ଏବଂ ପରିସ୍ଥିତିକୁ ଦେଖି ବଳଭଦ୍ର ସିଂହ ଦାଓ ସୁରେନ୍ଦ୍ର ସାଏଙ୍କୁ ସ୍ଥାନ ପରିତ୍ୟାଗ କରିବାକୁ ପରାମର୍ଶ ଦେଇଥିଲେ । ନିଜେ ଏକାକୀ ଶତ୍ରୁ ପକ୍ଷର ମୁକାବିଲା କରି ସହୀଦ ହୋଇଯାଇଥିଲେ । ଉକ୍ତ ଯୁଦ୍ଧରେ ସୁରେନ୍ଦ୍ର ସାଏ ଗୁରୁତର ଭାବେ ଆହତ ହୋଇ ସ୍ଥାନ ପରିତ୍ୟାଗ କରିଥିଲେ ।

ରାଜା ଏବଂ ଇଂରେଜମାନେ ବଳଭଦ୍ର ସିଂହ ଦାଓଙ୍କ ମୃତ୍ୟୁ ପରେ ବିଦ୍ରୋହର ଅବସାନ ହୋଇଯିବା ଆଶା କରୁଥିଲେ ଏବଂ ସୁରେନ୍ଦ୍ର ସାଏଙ୍କ ସମର୍ଥକମାନଙ୍କୁ ନିଜପକ୍ଷ ଭୁକ୍ତ କରିବା ପାଇଁ ପ୍ରଲୋଭନ ଦେଖାଉଥିଲେ । କିନ୍ତୁ ପରିଣତି ଓଲଟା ହୋଇଥିଲା ଓ ବିଦ୍ରୋହ ଉଭୟଙ୍କ ରୂପ ଧାରଣା କରିଥିଲା । ବଳଭଦ୍ର ସଂ ଦାଓଙ୍କ ବଂଶଜ ପାହାଡ଼ଶ୍ରୀଗିଡ଼ା, ଭେଡ଼େନ, କନେକବିରା, ଜମିଦାରମାନେ ଓ ସଂପର୍କୀୟ କୁଲାବିରା, କୁଡ଼ାବଗା, ଲଏଡ଼ା, ଲୋଇସିଂହା, ପାଟକୁଲୁଣ୍ଡା, ମଚିଦା, ଯୁଯୁମୁରା, ରାଏଗଡ଼, ସାରଙ୍ଗଗଡ଼, ଫୁଲଝର ଗଣ୍ଡ ରାଜାମାନେ ଏବଂ ପିଙ୍ଗେସର, ପଣ୍ଡରିଆ, କମାଖାନ୍, ଦିଲେଇଗଡ଼ ଛୁରା, ପିଥୋରା, କମର୍ଦ୍ଧା ପ୍ରଭୃତି ଗଣ୍ଡ ଜମିଦାରମାନେ ଏହି ଆନ୍ଦୋଳନକୁ କେତେକ ପ୍ରତ୍ୟକ୍ଷ ଓ କେବଳ ପରୋକ୍ଷ ଭାବେ ସମର୍ଥନ ଜଣାଇବାରୁ ବ୍ୟାପକରୂପ ଧାରଣ କରିଥିଲା । ବଳଭଦ୍ର ସିଂହ ଦାଓଙ୍କ ମୃତ୍ୟୁର ପ୍ରତିଶୋଧ ପରାୟଣ ହୋଇ ସୁରେନ୍ଦ୍ର ସାଏ ତାଙ୍କ ଭାଇ ଉଦନ୍ତ ସାଏ ପିତୃବ୍ୟ ବଳରାମ ସାଏ ଇଂରେଜମାନଙ୍କୁ ସମର୍ଥନ କରୁଥିବା ରାମପୁର ଜମିଦାରଙ୍କୁ ଆକ୍ରମଣ କରିଥିଲେ । ଯାହାର ଅନ୍ୟ ଏକ ଉଦ୍ଦେଶ୍ୟ ଥିଲା ବଳଭଦ୍ର ସିଂହଙ୍କ ମୃତ୍ୟୁରେ ଭାଙ୍ଗି ପଡ଼ିଥିବା ପାହାଡ଼ଶ୍ରୀଗିଡ଼ା ଜମିଦାରଙ୍କୁ ସନ୍ତୁଷ୍ଟ କରିବା । ରାମପୁର ଦୁର୍ଗକୁ ଧୂଳିସାତ କରିଦେଇଥିଲେ ଓ ରାମପୁର ଗ୍ରାମ ପୋଡ଼ି ଦେଲେ । ସଂଘର୍ଷରେ ରାମପୁର ଜମିଦାର ଦରିଆଉ ସିଂହଙ୍କ ପିତା ଓ ପୁତ୍ର ନିହତ ହୋଇଥିଲେ ଏବଂ ଦରିଆଉ ସିଂହ ହିମଗିରିକୁ ପଳାୟନ କଲେ । ବିଦ୍ରୋହକୁ ତ୍ୱରାନ୍ୱିତ କରିବା ପାଇଁ ସୁରେନ୍ଦ୍ର ସାଏ ପାଟଣା ରାଜାଙ୍କୁ ସାହାଯ୍ୟ ମାଗିବା ଯାଉଥିବା ବାଟରେ ସୁରେନ୍ଦ୍ର ସାଏ, ଉଦନ୍ତ ସାଏ ଓ ବଳରାମ ସାଏ ଧରାପଡ଼ି ବିଚାରରେ ଆଜୀବନ କାରାଦଣ୍ଡ ପାଇଲେ ।

ସୁରେନ୍ଦ୍ର ସାଏ, ଉଦନ୍ତ ସାଏ ଓ ବଳରାମ ସାଏ ହଜାରିବାଗ ଜେଲରେ କାରାରୁଦ୍ଧ ଥିବା ସମୟରେ ଆନ୍ଦୋଳନର ନେତୃତ୍ୱ ପାହାଡ଼ଶ୍ରୀଗିଡ଼ା ଜମିଦାର ଜନାର୍ଦ୍ଦନ ସିଂହ ନେଇଥିଲେ ଓ ତାଙ୍କର ଭାଇ ଖଗେଶ୍ୱର ସିଂ ଦାଉ, ଫତେସିଂହ ଦାଉ, ଗଜରାଜ ସିଂହ ଦାଉ, ନିଳାମ୍ବର ସିଂହ ଦାଉ, କମଲ ସିଂହ ଦାଉ (ପାହାଡ଼ଶ୍ରୀଗିଡ଼ା ଜମିଦାରୀ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଦେଓ୍ୱାନୀ ଭୋଗ କରୁଥିବାରୁ ତାଙ୍କ ନାମମାନଙ୍କରେ ଦାଉ ସଂଯୋଗ ହୋଇଅଛି)ଙ୍କ ସହଯୋଗ ବଳରେ ଭୟଙ୍କର ରୂପ ନେଇଥିଲା । ପାହାଡ଼ଶ୍ରୀଗିଡ଼ା ଓ ଲଖନପୁର ଅଞ୍ଚଳର ଆଦିବାସୀମାନଙ୍କୁ ସଂଗଠିତ କରି ବିଭିନ୍ନ ଯୁଦ୍ଧ ବିଦ୍ୟା ଯଥା : ଧର୍ନୁବିଦ୍ୟା, ଅସୀଚାଳନା, ବନ୍ଧୁକ ଚାଳନା, ମଲ୍ଲଯୁଦ୍ଧ, ବାଡ଼ିଚାଳନା ଇତ୍ୟାଦିରେ ନିପୁଣ କରିଥିଲେ । ଏମାନଙ୍କର ମୁଖ୍ୟ ଆଶ୍ରୟ ସ୍ଥଳ ଦୁର୍ଗମ ବାରପାହାଡ଼ ଗିରିମାଳା ହୋଇଥିବାରୁ ଏମାନଙ୍କୁ ନିୟନ୍ତ୍ରଣ କରିବା ଇଂରେଜମାନଙ୍କ ପକ୍ଷରେ ସମ୍ଭବ ନ ଥିଲା । ଏହି ଆନ୍ଦୋଳନ ବେଳେ ବାରପାହାଡ଼ ଗିରିମାଳାର ଯେଉଁ ସବୁ ସ୍ଥାନରେ ବିଦ୍ରୋହୀମାନେ ଆଶ୍ରୟ ନେଉଥିଲେ ସେ ଗୁଡ଼ିକ ହେଲା ମୁଖ୍ୟତଃ :

## ଦେବ୍ରୀଗଡ଼ :

ଯାହାକି ବାରପାହାଡ଼ ଗିରିମାଳାର ଉଚ୍ଚତମ ଶୃଙ୍ଗ ଅଟେ (ଯାହାର ଉଚ୍ଚତା ୨୨୫୭ ଫୁଟ) । ଏହି ଶୃଙ୍ଗକୁ ଯିବାପାଇଁ ଏକମାତ୍ର ପଥ ଥିଲା । ବିଦ୍ରୋହୀମାନେ ସେଠାରେ ଆଶ୍ରୟ ନେଉଥିବା ସମୟରେ ଲତା ସାହାଯ୍ୟରେ ବଡ଼ ବଡ଼ ପଥରକୁ ଏପରି ଭାବରେ ଛନ୍ଦି ରଖୁଥିଲେ ଯେ ଶତ୍ରୁ ଆସିବାର ସୂଚନା ପାଇବା ମାତ୍ରେ ଗୋଟିଏ ଲତାକୁ କାଟି ଦେଲେ ସମସ୍ତ ପଥର କ୍ଷୀପ୍ର ବେଗରେ ତଳକୁ ଗଡ଼ି ପଡୁଥିଲା ଏବଂ ଶତ୍ରୁପକ୍ଷ ପଥର ଚାପାରେ ମୃତ୍ୟୁବରଣ କରୁଥିଲେ ।

## ପଟଣିଗଡ଼

ପାଚେରି ଇଭି ଉଚ୍ଚତମ ପ୍ରସ୍ତର ପରିବେଷ୍ଟିତ ପର୍ବତମାଳାର ଏକ ଉଚ୍ଚତମ ସ୍ଥାନ ଅଟେ । ଏହି ଦୁର୍ଗମ ସ୍ଥଳକୁ ଶତ୍ରୁପକ୍ଷ ସହଜରେ ଆକ୍ରମଣ କରିପାରୁନଥିଲେ ଓ ବିଦ୍ରୋହୀମାନେ ଉପରେ ଲୁଚିରହି ତଳକୁ ଅନାୟସରେ ଆକ୍ରମଣ କରୁଥିଲେ ।

## ମୋର୍ଚ୍ଚା ବନ୍ଧା :

ଉଭୟ ପଟେ ପର୍ବତ ଥିବା ବାରପାହାଡ଼ ପର୍ବତମାଳାର ଏକ ପ୍ରଦେଶ ପଥ ଯାହାର ସମ୍ମୁଖ ଭାଗରେ ବିଦ୍ରୋହୀମାନେ ପଥର

କାନ୍ଥ ତୋଳି ଲୁଚି ରହୁଥିଲେ ଏବଂ ଶତ୍ରୁପକ୍ଷର ଗତିବିଧି ଲକ୍ଷ୍ୟ କରୁଥିଲେ । ସବୁବେଳେ ବିଦ୍ରୋହୀମାନେ ଏଠାରେ ମୋର୍ଚ୍ଚା ବାନ୍ଧି ରହୁଥିବାରୁ ଏହା ମୋର୍ଚ୍ଚାବନ୍ଧା ନାମରେ ନାମିତ ।

## ରାଣୀପୁର ବା ରାଣୀ ଗୁମ୍ଫା :

ଏହି ଗୁମ୍ଫା ଯାହାର ଏକ ଛୋଟିଆ ପ୍ରବେଶ ପଥ ଅଛି କିନ୍ତୁ ଭିତରେ ପ୍ରାୟେ ହଜାରେ ଲୋକଙ୍କ ରହିବା ସ୍ଥାନ ଅଛି ସେଠାରେ ସୁରେନ୍ଦ୍ର ସାଏଙ୍କ ପତ୍ନୀ କିଛି ଦିନ ଅତିବାହିତ କରିଥିବାରୁ ତାକୁ ଲୋକେ ରାଣୀପୁର ବା ରାଣୀଗୁମ୍ଫା କହୁଛନ୍ତି ।

## ଦୁଆନ ଡ଼େରା :

ବାରପାହାଡ଼ର ଏହା ଏକ ଦୁର୍ଗମ ଉଚ୍ଚତମ ସ୍ଥାନ ଅଟେ । ଯେଉଁଠାରେ ଦୁର୍ଦ୍ଦାନ୍ତ ଯୋଦ୍ଧା ଖଗେଶ୍ୱର ସିଂହ ଦାଉ ଯୁଦ୍ଧ ସମୟରେ ଡ଼େରା ପକାଇ ଅବସ୍ଥାନ କରୁଥିଲେ । ତେଣୁ ବର୍ତ୍ତମାନ ଲୋକେ ଉକ୍ତ ସ୍ଥାନକୁ ଦୁଆନ ଡ଼େରା ବୋଲି କହୁଛନ୍ତି ।

ପାହାଡ଼ଶ୍ରୀଗିଡ଼ା ଜମିଦାର ଜନାର୍ଦ୍ଦନ ସିଂହଙ୍କ ଭାଇମାନଙ୍କ ମଧ୍ୟରେ ଖଗେଶ୍ୱର ସିଂହ ଦାଉ ଜଣେ ଦୁଃସାହସିକ ଦୁର୍ଦ୍ଦାନ୍ତ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ବୀର ସୁରେନ୍ଦ୍ର ସାଏଙ୍କ ମୁକ୍ତି ସଂଗ୍ରାମରେ ତାଙ୍କର ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ସେ ବୀର ସୁରେନ୍ଦ୍ର ସାଏଙ୍କର ବିଶ୍ୱସ୍ତ ସାଥୀ ଏବଂ ମୁଖ୍ୟ ସେନାନାୟକ ଥିଲେ । ପାରମ୍ପରିକ ଯୁଦ୍ଧ ବିଦ୍ୟାରେ ପାରଙ୍ଗମ ଖଗେଶ୍ୱର ସିଂହ ଦାଉ ଏକ ସ୍ୱତନ୍ତ୍ର ଲୌହ ନିର୍ମିତ ଚକ୍ର ବ୍ୟବହାର କରୁଥିଲେ । ସେ ଛତିଶମଡ଼ି ଭାଷା କହୁଥିଲେ - "ଏସନ୍ ମାର୍‌ବହଁ ବୁଜୁରୀ ମନ୍‌ଲା" ତାର ଅର୍ଥ ହେଲା ଏପରି ଭାବରେ ଦୁର୍ବୃତ୍ତମାନଙ୍କୁ ମାରିଦେବି ବୋଲି କହି ପ୍ରାୟ ୧୫-୨୦ ଫୁଟ ଦୂରତାରୁ ଏକ ଫୁଟ ଗୋଲେଇର ରେଙ୍ଗାଲ ଗଛ (ଶାଳ ଗଛ)ମାନଙ୍କୁ ସମରଭ୍ୟାସ ବେଳେ ଚକ୍ର ଫିଙ୍ଗି କାଟି ପକାଉଥିଲେ । ସେ ବନ୍ଧା ଗ୍ରାମରେ ତାଙ୍କ ଘର ଚାରିପାଖରେ ୧୦୦ ବର୍ଗଗଜ ପରିମିତ ସ୍ଥାନକୁ ପଥର ଆବଦ୍ଧ କରି ଏକ ଉଚ୍ଚ କାନ୍ଥ ତୋଳିଥିଲେ । ସେ ଅନେକ ଅସ୍ତ୍ରଶସ୍ତ୍ର, ବନ୍ଧୁକ ଓ ଗୋଲା ତିଆରି କରିବା ପାଇଁ ଗନ୍ଧକ ଓ ବାରୁଦ ନିଜ ଘରେ ଗଚ୍ଛିତ ରଖିଥିଲେ । ସେ ଅତି କ୍ଷୀପ୍ର ଗତିରେ ଦୌଡ଼ି ପାରୁଥିଲେ ଓ ପ୍ରାୟ ୧୫-୨୦ ଫୁଟ ଉଚ୍ଚ କାନ୍ଥଗୁଡ଼ିକ ଅନାୟସରେ ଡ଼େଇଁ ପାରୁଥିଲେ । ସେ ଏଡ଼େ ଦୁର୍ଦ୍ଦାନ୍ତ ଥିଲେ ଯେ ଜନାର୍ଦ୍ଦନ ସିଂହଙ୍କ ଦ୍ୱାରା କେପଟେନ୍ ଉଡ୍‌ବ୍ରୀଜ ନିହତ ହେବା ପରେ ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ରହିଥିବା ମେଜର ଇମ୍ପେଙ୍କୁ ହତ୍ୟା କରିବା ପାଇଁ ଏକ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରି ସାରିଥିଲେ ଯାହା ଇଂରେଜ ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର ବିଷୟ ହୋଇଥିଲା । ସେ ରାତିରେ ବନ୍ଧୀ ଗ୍ରାମରେ ଶୋଇଥିବା ସମୟରେ ଅତି ଚତୁରତାର ସହିତ କେପ୍‌ଟେନ୍ ବେରିଲ କେମର ଲେଜ୍, କେପ୍‌ଟେନ୍ ଷ୍ଟେବାର୍ଟ, ଲେଫ୍‌ଟେନେଣ୍ଟ ରାଇଡ୍ ଆଉଟ୍, ଲେଫ୍‌ଟେନେଣ୍ଟ ବୋଇ ଓ ମିଷ୍ଟର ବାକର୍ ଅତର୍କିତ ଆକ୍ରମଣ କରିଥିଲେ ଏବଂ ଖଗେଶ୍ୱର ସିଂହ ଦାଉ ଓ ଭାଇମାନଙ୍କୁ ବନ୍ଦୀ କରିଥିଲେ । ଖଗେଶ୍ୱର ସିଂହ ଦାଉ ଜଣେ ଉଦ୍ଧତ ପ୍ରକୃତିର ହୋଇଥିବାରୁ ସର୍ବପ୍ରଥମେ ତାଙ୍କ ଗୋଟିଏ ଗୋଡ଼ର ଧମନୀମାନଙ୍କୁ ମେସିନ ସାହାଯ୍ୟରେ ମୋଡ଼ି ଅଚଳ କରିଦେଇଥିଲେ । ସୁରେନ୍ଦ୍ର ସାଏ, ଉଦନ୍ତ ସାଏ ଓ ଖଗେଶ୍ୱର ସିଂହ ଦାଉଙ୍କୁ ଦୋଷୀ ସାବ୍ୟସ୍ତ କରି ଯାବତ୍‌ଜୀବନ କାରାଦଣ୍ଡ ଦିଆଯାଇଥିଲା ଏବଂ ସେମାନଙ୍କର ସମସ୍ତ ସମ୍ପତ୍ତିକୁ ବ୍ୟାଜାପ୍ତ କରାଯାଇଥିଲା । ପରବର୍ତ୍ତୀ ସମୟରେ ସୁରେନ୍ଦ୍ର ସାଏ ଏବଂ ଅନ୍ୟ ଜମିଦାରମାନଙ୍କୁ ସେମାନଙ୍କର ସମ୍ପତ୍ତି ଫେରସ୍ତ କରାଯାଇଥିଲେ ହେଁ, ଖଗେଶ୍ୱର ସିଂହଙ୍କ ସମ୍ପତ୍ତି ସବୁଦିନ ପାଇଁ ବ୍ୟାଜାପ୍ତ କରଯାଇଥିଲା ଏବଂ ତାଙ୍କ ସମ୍ପତ୍ତି ଫେରସ୍ତ ପାଇ ନ ଥିଲେ । ଅସୁରଗଡ଼ ଜେଲରେ ଯେତେବେଳେ ତାଙ୍କ ମୃତ୍ୟୁ ହେଲା, ଏପରିକି ତାଙ୍କର ମୃତ୍ୟୁ ଅଜର ବଂଶଜ (ପାହାଡ଼ଶ୍ରୀଗିଡ଼ା ଜମିଦାର)ଙ୍କୁ ଜଣେଇ ଦିଆଯାଇନଥିଲା ।

ପାହାଡ଼ଶ୍ରୀଗିଡ଼ା ଜମିଦାର ଜନାର୍ଦ୍ଦନ ସିଂହଙ୍କର ଅନ୍ୟତମ ଦୁର୍ଦ୍ଦାନ୍ତ ଭାଇ କମଳ ସିଂହ ଦାଉ ଲଖନପୁର ଦିୱାନ ବଳଭଦ୍ର ସିଂହ ଦାଉଙ୍କର କନିଷ୍ଠ ପୁତ୍ର ସୁରେନ୍ଦ୍ର ସାଏଙ୍କର ବିଶ୍ୱସ୍ତ ସାଥି ଥିଲେ । ସେ ଏକାଧାରରେ ଥିଲେ ବିଶେଷ ବ୍ୟକ୍ତିତ୍ୱର ଅଧିକାରୀ । ବେଶ ପରିବର୍ତ୍ତନ କରିବାରେ ଧୁରନ୍ଧର ଥିଲେ । ବିପ୍ଳବକୁ ବ୍ୟାପକ କରିବା ପାଇଁ ବିଭିନ୍ନ ବେଶରେ ରାଜା ଓ ଜମିଦାରମାନଙ୍କ ସହିତ ସୁରେନ୍ଦ୍ର ସାଏଙ୍କ ତରଫରୁ ବରାବର ଯୋଗାଯୋଗ କରି ଆସୁଥିଲେ । ଚିଫ୍ କମିଶନର ଭାରତ ସରକାରଙ୍କର ବୈଦେଶିକ ବିଭାଗର ସେକ୍ରେଟାରୀଙ୍କ ପତ୍ର ନଂ.୧୨୭୩/ତା.୦୮.୦୫.୧୮୬୫ ଚିଠି ଅନୁସାରେ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ଚାଲିଥିବା ବିଦ୍ରୋହର ମୁଖ୍ୟ ପରିଚାଳକ ଅଟନ୍ତି । ତାଙ୍କର ପ୍ରାୟ ଏକହଜାର ସୈନ୍ୟଙ୍କ ଏକ ସୁସଂଗଠିତ ସେନାବାହିନୀ ଥିଲା ଯେଉଁଥିରେ ଶହେ ଜଣ ବନ୍ଧୁକ ଚାଳନାରେ ନିପୁଣ ଥିଲେ । କମଳ ସିଂହ ଏଡ଼େ ଦୁର୍ଦ୍ଦାନ୍ତ ଥିଲେ ଯେ ସେତେବେଳେ ଇଂରେଜ ସରକାର ତାଙ୍କୁ ଧରିବା ପାଇଁ ୨୦୦୦ ଟଙ୍କା (ଦୁଇ ହଜାର ଟଙ୍କା) ପୁରସ୍କାର ଘୋଷଣା କରିଥିଲେ । କମଳ ସିଂହ ଦାଉ ଓ ଖଗେଶ୍ୱର ସିଂହ ଦାଉଙ୍କ ତତ୍‌କାଳୀନ ଓଡ଼ିଶା ଏବଂ ମଧ୍ୟପ୍ରଦେଶର ଜମିଦାରମାନଙ୍କ ଉପରେ

ବିଶେଷ ଚାପ ଥିଲା ଯାହା ଫଳରେ କେତେକ ଜମିଦାର ଅନିଚ୍ଛା ସତ୍ତ୍ୱେ ବିଦ୍ରୋହକୁ ସମର୍ଥନ କରୁଥିଲେ ଯଦିଓ ସେମାନେ ଜାଣିଥିଲେ ଯେ ବିଦ୍ରୋହକୁ ସମର୍ଥନ କଲେ ତାଙ୍କର ସଂପତ୍ତି ଇଂରେଜ ସରକାର ବ୍ୟାଜାପ୍ତ କରିଦେବେ । ଯେତେବେଳେ ବିଦ୍ରୋହର ଅବସାନ ହୋଇଆସୁଥିଲା ଏବଂ ଧୀରେ ଧୀରେ ସମସ୍ତେ ଆତ୍ମ ସମର୍ପଣ କରିନେଇଥିଲା ତଥାପି କମଳ ସିଂହ ଦାଉ ଆତ୍ମ ସମର୍ପଣ କରିବା ପରିବର୍ତ୍ତେ ଜଙ୍ଗଲରେ ରହିଯାଇଥିଲେ । ଦିନେ ଛଦ୍ମବେଶୀ ସନ୍ୟାସୀ ବେଶରେ ବୁଲୁଥିବା ବେଳେ ସାରଙ୍ଗଗଡ଼ର ରାଜା ତାଙ୍କ ରାଜଧାନୀରେ ଧରିଥିଲେ । ସେ ସମୟରେ କମଳ ସିଂହ ଦାଉଙ୍କୁ ଧରିବା ପାଇଁ ତାଙ୍କୁ ୨୦୦୦ ଟଙ୍କା (ଦୁଇ ହଜାର ଟଙ୍କା) ପୁରସ୍କାର ମିଳିଥିଲା । ହଜାରୀବାଗ୍ ଜେଲ୍‌ରେ ତାଙ୍କର ମୃତ୍ୟୁ ହୋଇଥିଲା ଏବଂ ଏହି ଖବର ଇଂରେଜମାନେ ତାଙ୍କ ବଂଶଜ (ପାହାଡ଼ଶ୍ରୀଗିଡ଼ା ଜମିଦାର)ଙ୍କୁ ସୂଚନା ଦେଇନଥିଲେ । ସେ ଏତେ ପରାକ୍ରମୀ ଥିଲେ ଯେ ସବୁଦିନ ପାଇଁ ତାଙ୍କର ସଂପତ୍ତି ବ୍ୟାଜାପ୍ତ କରାଯାଇ ସମ୍ବଲପୁର ରାଜା ନାରାୟଣ ସିଂହ ନିଜ ଦଖଲରେ ରଖିଥିଲେ ଏବଂ ସେ ତାଙ୍କର ଜମିଦାରୀ ଫେରସ୍ତ ପାଇପାରିଲେ ନାହିଁ ।

ଏହି ବିଦ୍ରୋହର ମହାନାୟକ ଜନାର୍ଦ୍ଦନ ସିଂହ ଅନ୍ୟତମ ଦକ୍ଷ ତଥା ପରାକ୍ରମୀ ସହଯୋଗୀ ଥିଲେ । ସୁରେନ୍ଦ୍ର ସାଏଙ୍କ ଅନୁପସ୍ଥିତିରେ ଦୀର୍ଘଦିନ ଧରି ସେ ଗଣ୍ଡ, ବିଂଝାଲ ଇତ୍ୟାଦି ଆଦିବାସୀମାନଙ୍କ ସାହାଯ୍ୟରେ ବିଦ୍ରୋହକୁ ବାଜୟ ରଖିଥିଲେ । ଯେଉଁଥିରେ ତାଙ୍କର ଭାଇମାନଙ୍କ ମଧ୍ୟରେ ଖଗେଶ୍ୱର ସିଂହ ଦାଉ ଓ କମଳ ସିଂହ ଦାଉଙ୍କ ଉଲ୍ଲେଖନୀୟ ଯୋଗଦାନ ରହିଥିଲା ଏବଂ ସେ ତାଙ୍କ ଭାଇମାନଙ୍କୁ ତାଙ୍କ ଯୋଗଦାନ ପାଇଁ ଉତ୍ସାହିତ କରୁଥିଲେ । ପ୍ରତ୍ୟକ୍ଷ ଭାବେ ଜନାର୍ଦ୍ଦନ ସିଂହଙ୍କ ଭୂମିକା ସୁରେନ୍ଦ୍ର ସାଏଙ୍କ ମୁକ୍ତି ସଂଗ୍ରାମରେ ଅତୁଳନୀୟ । ୧୮୫୭ ମସିହା ଶେଷ ସମୟରେ ସମ୍ବଲପୁରରେ ବିଦ୍ରୋହର ବହ୍ନି ଜୋର୍‌ରେ ଜଳି ଉଠିଥିଲା । ଯାହା ଇଂରେଜ ସରକାରଙ୍କ ପାଇଁ ଚିନ୍ତାର କାରଣ ହୋଇଥିଲା । ବିଦ୍ରୋହୀମାନେ ସଂଘବଦ୍ଧ ଭାବେ ବାରପାହାଡ଼ ଗିରିମାଳାର ଦୁର୍ଗ ସ୍ଥାନଗୁଡ଼ିକୁ ଆଶ୍ରୟ ସ୍ଥଳୀ ରୂପେ ବ୍ୟବହାର କରୁଥିଲେ ଯାହା ଫଳରେ ଇଂରେଜ ସରକାର ନିୟନ୍ତ୍ରଣ କରିବାରେ ଅକ୍ଷମ ରହୁଥିଲେ । ବାରପାହାଡ଼ର ଉଚ୍ଚତମ ଶୃଙ୍ଗ ଦେବ୍ରୀଗଡ଼ରେ ପ୍ରାୟ ୧୫୦୦ ବିଦ୍ରୋହୀ ଆସ୍ଥାନ ଜମେଇଥିବା କୌଣସି ସୂତ୍ରରୁ ଖବର ପାଇଁ କେପ୍‌ଟେନ ଲେ ୪୦ ନମ୍ବର ମାନ୍ଦ୍ରାଜ ଦେଶୀୟ ପଦାତିକ ବାହିନୀର ୧୦୦ ଜଣ ସୈନ୍ୟ ଓ ରାମଗଡ଼ ସେନା ବାହିନୀର ୩୦ ଜଣ ସୈନ୍ୟଙ୍କୁ ନେଇ ବାରପାହାଡ଼ ଆକ୍ରମଣ କରିଥିଲେ । ବିଦ୍ରୋହୀମାନେ ପଥରରେ ଏକ ଉଚ୍ଚ କାନ୍ଥ ନିର୍ମାଣ କରି ଜଗି ରହୁଥିଲେ ଏବଂ ଏମାନଙ୍କୁ ପାଲଟା ଆକ୍ରମଣ କରିଥିଲେ ଏବଂ ସଂଘର୍ଷର ମୁକାବିଲା କରିନପାରି କେପ୍‌ଟେନ୍ ଲେଙ୍କ ସେନାବାହିନୀ ଛତ୍ରଭଙ୍ଗ ଦେଇଥିଲେ । ୧୮୫୮ ମସିହା ଫେବୃୟାରୀ ୧୨ ତାରିଖ କେପ୍‌ଟେନ୍ ଉଡ୍‌ବ୍ରୀଜ ଓ କେପ୍‌ଟେନ୍ ଉଡ୍ ପାହାଡ଼ଶ୍ରୀଗିଡ଼ା ନିକଟସ୍ଥ ବିଦ୍ରୋହୀମାନଙ୍କ ଏକ କେନ୍ଦ୍ରସ୍ଥଳ ମୁର୍ଚ୍ଛାବନ୍ଧା ବାଟେ ସୈନ୍ୟମାନଙ୍କୁ ନେଇ ବାରପାହାଡ଼ ଆକ୍ରମଣ ପାଇଁ ଯାଉଥିବା ବେଳେ ଜନାର୍ଦ୍ଦନ ସିଂହ ଓ ତାଙ୍କ ସେନାବାହିନୀ ଅତର୍କିତ ଆକ୍ରମଣ କରିଥିଲେ ଏବଂ ଏହି ଯୁଦ୍ଧରେ ଉଡ୍‌ବ୍ରୀଜଙ୍କୁ ଜନାର୍ଦ୍ଦନ ସିଂହ ନିହତ ହୋଇଥିଲେ । ଏହି ଯୁଦ୍ଧରେ ଇଂରେଜ ସେନାବାହିନୀର ସୈନ୍ୟମାନେ ଛତ୍ରଭଙ୍ଗ ଦେଲେ । ଏହି ଯୁଦ୍ଧର ଦୁଇଦିନ ପରେ କେପ୍‌ଟେନ୍ ଏନ୍‌ସିନ୍ ବାର୍‌ଲୋ ଏହି ଯୁଦ୍ଧ ଘାଟିକୁ ତିନି ଦିଗରୁ ଏକ ସଂଗେ ପୁନର୍ବାର ଆକ୍ରମଣ କରିଥିଲେ ଏବଂ ବିଦ୍ରୋହୀମାନେ ପଳାୟନ କରିଥିଲେ । ସେ କେପ୍‌ଟେନ୍ ଉଡ୍‌ବ୍ରୀଜଙ୍କ ମୁଣ୍ଡବିହୀନ ଶରୀରକୁ ଉଦ୍ଧାର କରିଥିଲେ । ତାଙ୍କ ୧୫.୨.୧୮୫୮ ତାରିଖରେ ପତ୍ର ନଂ ୧ରେ ପାହାଡ଼ଶ୍ରୀଗିଡ଼ା କେମ୍ପରୁ ପାହାଡ଼ଶ୍ରୀଗିଡ଼ା ସୈନ୍ୟଙ୍କ ଅଧିନାୟକ କେପ୍‌ଟେନ୍ ମିକ୍ ଲଇଲ୍‌ସଙ୍କୁ ଏହାର ପୂର୍ଣ୍ଣ ବିବରଣୀ ଦେଇଥିଲେ ଯହିଁରେ ଏ ସ୍ଥାନର ଏକ ନକ୍ସା ମଧ୍ୟ ପଠେଇଥିଲେ । ଏହାପରେ ଇଂରେଜ ସରକାର ଜନାର୍ଦ୍ଦନ ସିଂହଙ୍କୁ ଧରିବା ପାଇଁ ତାଙ୍କର ସମସ୍ତ ବଳ ଲଗାଇ ଥିଲେ । ଜନାର୍ଦ୍ଦନ ସିଂହଙ୍କ ଭାଇ ଫତେସିଂହ ଦାଉ, ଗଜରାଜ ସିଂହ ଦାଉ, ନିଳାମ୍ବର ସିଂହ ଦାଉଙ୍କର ମଧ୍ୟ ଏହି ବିଦ୍ରୋହରେ ଉଲ୍ଲେଖନୀୟ ଯୋଗଦାନ ରହିଥିଲା ଓ କାରାବରଣ କରିଥିଲେ । ଏମାନଙ୍କ ବ୍ୟତୀତ ଆହୁରି ଅନେକ ଯୋଦ୍ଧା ଓ ଜମିଦାରମାନଙ୍କ ବଳିଷ୍ଠ ଅବଦାନ ଓ ଜନସାଧାରଣଙ୍କ ଆନ୍ତରିକ ସହଯୋଗ ବଳରେ ଏହି ଆନ୍ଦୋଳନ ବା ମୁକ୍ତି ସଂଗ୍ରାମ ବର୍ଷ ବର୍ଷ ଧରି ସୁସଂଗଠିତ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଇଂରେଜ ସେନାଙ୍କ ବିରୁଦ୍ଧରେ ତିଷ୍ଠି ରହିପାରିଥିଲା ।

ଇତିହାସ ବିଭାଗ,
ଆଞ୍ଚଳିକ କଲେଜ, ପାହାଡ଼ଶ୍ରୀଗିଡ଼ା, ବରଗଡ଼, ଓଡ଼ିଶା

# ଗୋଁଡ୍ ସମାଜରେ ନାରୀର ସ୍ଥାନ

**ଶ୍ରୀମତୀ କୁମାରୀ ନାୟକ**

ପୃଥିବୀରେ ଅନେକ ଜାତି ସମାଜ ଦେଖିବାକୁ ମିଳେ । ଆମ ଦେଶ ଭାରତରେ ମଧ୍ୟ ଜାତି ସମାଜର ଗଣନା ସଠିକ ଭାବରେ ମିଳେ ନାହିଁ । ଅଗଣିତ ଜାତି ସମାଜ ମଧ୍ୟରୁ ଆମ ଗୋଁଡ୍ ଜାତି ଏକ ସ୍ୱତନ୍ତ୍ର ସ୍ଥାନ ଅଛି । ବହୁ ପୁରାତନ କାଳରୁ ଶାସକ ଭାବରେ ରାଜା, ମହାରାଜା ପଦରେ ଅଧିଷ୍ଠିତ ହୋଇ ସର୍ବଦା ସମ୍ମାନ ପାଇ ଆସିଛି । ଏ ସମାଜର ପ୍ରତିଟି ବ୍ୟକ୍ତି ଜାତି ସମାଜକୁ ନେଇ ଗର୍ବ ଅନୁଭବ କରିଥାଏ ।

ଗୋଁଡ୍ ସମାଜ ଏକ ଶକ୍ତିଶାଳୀ ଭାବରେ ଅତୀତରୁ ପରିଚିତ । ପୂର୍ବରୁ ଏହାର ପୁରୁଷ ଓ ସ୍ତ୍ରୀ ଉଭୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରଦର୍ଶନ କରି ଆସିଛନ୍ତି । ଉଭୟ ପରସ୍ପରକୁ ସମ୍ମାନ ଦେଇ ପରିବାର ଓ ସମାଜରେ ଶୃଙ୍ଖଳିତ ଜୀବନଯାପନ କରିବାର ଦେଖିବାକୁ ମିଳେ । ବିଭିନ୍ନ କ୍ଷେତ୍ରରେ ଦେଶ ଶାସନ ଓ ଆଧାତ୍ମିକ ଚିନ୍ତନ ଦିଗରେ ନାରୀ ସ୍ୱଭାବ ସୁଲଭ ଢ଼ଙ୍ଗରେ ସହାୟକ ହୋଇଆସିଛି । ଏ ଦେଶର ମହାରାଣୀ ଦୁର୍ଗାବତୀ ଦୁର୍ଦ୍ଦଶମୋଗଲ ସମ୍ରାଟ୍ ଆକବରର ବିରାଟ ସୈନ୍ୟବାହିନୀକୁ ଅନେକ ଥର ପରାଜିତ କରିଥିବାର ନଜିର ଅଛି । ନାରୀ ସୁଲଭ କରୁଣାର ଅବତାର ପ୍ରତିଥର ମୋଗଲଙ୍କୁ ଛାଡ଼ି ଦେଇ ନିଜର ମହାନତା ଦେଖାଇ ପାରିଛି । ହେଲେ ସେହି କ୍ରୁର ସଇତାନ ମୋଗଲ ସୈନ୍ୟଙ୍କୁ ଦୟା, କରୁଣା କରି ଶେଷରେ ଭାରତର ସ୍ଥିତି ବଦଳିଯାଇଛି । ଏକ ମା'ର ମମତାର ମୂଲ୍ୟ ଆକବର ବୁଝି ପାରିନାହିଁ । ଏକମାତ୍ର ପୁତ୍ର ମୋଗଲ ସୈନ୍ୟ ଦ୍ୱାରା ନିହତ ପରେ ହତୋତ୍ସାହ ହୋଇ ନିଜର ତିକ୍ଷ୍ଣତା ଅସ୍ତ୍ରରେ ଆତ୍ମବଳୀ ଦେଇ ଅପୂର୍ବ ଯଶ କୀର୍ତ୍ତି ରଖି ଯାଇଛନ୍ତି । ତାଙ୍କର ଅପୂର୍ବ ସାହାସ, ଧୈର୍ଯ୍ୟ ଆମକୁ ଦିଗ୍‌ଦର୍ଶନ ଦେଉଛି । ଏ ସମାଜର ନାରୀମାନେ ତାଙ୍କୁ ଜ୍ୱଳନ୍ତ ଦୃଷ୍ଟାନ୍ତ ଭାବେ ରଖି ଆଜି ନିର୍ଭିକ ଭାବେ ଅନେକ କ୍ଷେତ୍ରରେ ଦେଶ ସେବା କରିବାର କାର୍ଯ୍ୟରେ ପ୍ରୟାସୀ ।

ଆମ ଏ ଗୋଁଡ୍ ସମାଜର ଜନ୍ମିତ ଯୁବତୀ ଗଣ ଯୁବକମାନଙ୍କ ପରି ନିର୍ଭିକ ଭାବରେ ପୋଲିସବାହିନୀ, ପ୍ରଶାସନ କ୍ଷେତ୍ରରେ, ଉଚ୍ଚ ପଦବୀ ବହନ କରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ଦାୟିତ୍ୱ ତୁଲାଇ ଆସୁଛନ୍ତି ।

ଭାରତରେ ଗୋଁଡ୍ ସମାଜ ନିଜର ସାମାଜିକ କ୍ଷେତ୍ରରେ ଉପଯୁକ୍ତ ମର୍ଯ୍ୟାଦା ଦେଇ ଆସିଛି । ଭାରତର ଅନେକ ସମାଜ, ନିଜ ସମାଜ ପରିଚାଳନା କମିଟିରେ ନିଜର ପୁରୁଷ ପ୍ରାଧାନ୍ୟ ଦେଖାଇ ସଭ୍ୟା ଭାବରେ ଗ୍ରହଣ କରିବାର ଦେଖିବାକୁ ମିଳେନାହିଁ । କିନ୍ତୁ ଗୋଁଡ୍ ସମାଜରେ ପ୍ରତ୍ୟେକ ଅଞ୍ଚଳରେ ବିଭିନ୍ନ ପରିଚାଳନା କମିଟିରେ ନାରୀମାନଙ୍କୁ ସ୍ଥାନୀତ କରି ଆସିଛି । ବିନା ଯୌତୁକରେ ସ୍ତ୍ରୀର ମର୍ଯ୍ୟାଦା ଦେଇ ପରିବାର ପରିଚାଳନା ଦାୟିତ୍ୱ ପ୍ରଦାନ କରିଛି । ନାରୀ ନିର୍ଯ୍ୟାତନା ପ୍ରାୟ ଦେଖିବାକୁ ମିଳେନା । ଯଦି ବା କାଁ ଭାଁ ନିର୍ଯ୍ୟାତନା ଭୋଗିବାର ଦେଖିବାକୁ ମିଳେ, ସଂପୃକ୍ତ ବ୍ୟକ୍ତିଙ୍କୁ ସମାଜ ସହଜରେ ଛାଡ଼େ ନାହିଁ । ତାକୁ ନିଶ୍ଚିତ ଦଣ୍ଡ ଭୋଗିବାକୁ ପଡ଼େ । ସଂପ୍ରତି କାଳରେ କନ୍ୟା ଶିଶୁ ଭ୍ରୁଣ ହତ୍ୟା ଅନେକ ଦେଖିବାକୁ ମିଳେ କିନ୍ତୁ ଏ ସମାଜ କନ୍ୟାଶିଶୁ ଭ୍ରୁଣ ହତ୍ୟା ବିରୋଧି । ପୁରୁଷ ଓ ନାରୀ ଉଭୟଙ୍କୁ ସମାଜ ମର୍ଯ୍ୟାଦା ଦେଇ ଆସିଛି । ତେଣୁ ଭ୍ରୁଣ ହତ୍ୟା ଭଳି ଘୃଣ୍ୟ, ନୀଚ୍ଚମନା ଭାବପୂର୍ଣ୍ଣ ସମାଜ ତ୍ୟାଗ କରି, ସମାଜର ମହନୀୟତା ବଜାୟ ରଖିପାରିଛି ।

ପ୍ରତ୍ୟେକ ସଭା ସମିତିରେ ସମାଜର ଗୁଣୀ ଜ୍ଞାନୀ ବ୍ୟକ୍ତିଗଣ ନାରୀଶିକ୍ଷା ପ୍ରାପ୍ତିର ବୃଦ୍ଧି ପାଇଁ ପ୍ରେରଣା ଓ ଉତ୍ସାହ ପ୍ରଦାନ କରି ଆସୁଛନ୍ତି । ତେଣୁ ଏପରି ସୁସ୍ଥ ସମାଜ ରୀତିନୀତି ପ୍ରଚଳିତ ସମାଜ ପାଇଁ ଆମେ ଧନ୍ୟ । ଏ ଆଦର୍ଶରେ ଅନ୍ୟ ଜାତି ସମାଜ ଅନୁପ୍ରାଣୀତ ହେବା ଉଚିତ ।

ସହ-ସଂପାଦିକା
ଗୋଁଡ୍ ସମାଜ, ଦେବଗଡ଼
ବାଘ ମୁଣ୍ଡା, କଣ୍ଠଳ, ଦେବଗଡ଼
ଫୋନ : ୮୨୮୦୪୩୮୯୩୫

# ଗଣ୍ଡମାନଙ୍କର ସୃଷ୍ଟି ତତ୍ତ୍ୱ, ନାମକରଣ (ମିଥ୍) ଓ ବଂଶ ପରିଚୟ

ଡ୍ରୋଲାମଣି ଧରୁଆ



ଓଡ଼ିଶା ହେଉଛି ଏକ ଆଦିବାସୀ ଅଧ୍ୟୁଷିତ ରାଜ୍ୟ । ଏହି ରାଜ୍ୟର ପ୍ରାୟ ସବୁ ଅଞ୍ଚଳରେ ଆଦିବାସୀମାନେ ବସବାସ କରନ୍ତି । ଜନଗଣନାରୁ ଜଣାଯାଇଛି ଯେ ୬୨ ପ୍ରକାର ଆଦିବାସୀମାନେ ଓଡ଼ିଶାରେ ବସବାସ କରନ୍ତି । ଏହି ୬୨ ପ୍ରକାର ଆଦିବାସୀମାନଙ୍କ ମଧ୍ୟରୁ ଗଣ୍ଡମାନେ ହେଉଛନ୍ତି ସ୍ୱତନ୍ତ୍ର । ଅନ୍ୟାନ୍ୟ ଆଦିବାସୀମାନଙ୍କଠାରୁ ଏମାନଙ୍କର ଭାଷା, ଚାଲିଚଳନ, ହାବଭାବ ସବୁକିଛି ଭିନ୍ନ । ଏମାନଙ୍କର ସ୍ୱତନ୍ତ୍ର ସଂସ୍କୃତି ଓ ସୃଷ୍ଟିତତ୍ତ୍ୱ ମିଥ୍ ମଧ୍ୟ ରହିଛି । ତାହା ନିମ୍ନରେ ପ୍ରଦତ୍ତ ।

## ଗଣ୍ଡମାନଙ୍କର ସୃଷ୍ଟି ମିଥ୍ :

ମିଥ୍‌ର ଅର୍ଥ ହେଉଛି ପୌରାଣିକ ବା ପୁରାବୃତ୍ତି । ମିଥ୍ ମୁଖ୍ୟତଃ ପୌରାଣିକ ଓ ଧାର୍ମିକ ବିଶ୍ୱାସକୁ ନେଇ ପରିପୁଷ୍ଟ ହୋଇଥାଏ । ପୌରାଣିକ ମତାନୁଯାୟୀ ଆମର ବିଶ୍ୱାସ ରହି ଆସିଛି ଯେ ବିଶ୍ୱବ୍ରହ୍ମାଣ୍ଡର ସ୍ରଷ୍ଟା ହେଉଛନ୍ତି ତ୍ରିନାଥ ଠାକୁର । ବ୍ରହ୍ମ ହେଉଛନ୍ତି ସୃଷ୍ଟି କର୍ତ୍ତା, ବିଷ୍ଣୁ ପାଳନ କର୍ତ୍ତା ଓ ମହାଦେବ ହେଉଛି ସଂହାର କର୍ତ୍ତା । ଏହି ତିନିଜଣ ହିଁ ବ୍ରହ୍ମାଣ୍ଡର ଅଧିଶ୍ୱର । ସୃଷ୍ଟି ଆରମ୍ଭରୁ ପୃଥିବୀର ଚତୁର୍ଦ୍ଦିଗ ଜଳମଗ୍ନ ଥିଲା । ଦେବ ଦେବ ମହାଦେବ ପୃଥିବୀ ପୃଷ୍ଠରେ ମାଟି ସୃଷ୍ଟି କରିବାକୁ ଚାହିଁଲେ । ନିଜ ଦେହରୁ ମଳି ବାହାର କରି, ସେଥିରୁ କାଉଟିଏ ସୃଷ୍ଟି କଲେ । ସେହି କାଉକୁ ମାଟିର ସନ୍ଧାନ ନିମନ୍ତେ ଆଦେଶ ଦେଲେ । କାଉ ଆକାଶରେ ଉଡ଼ି ଉଡ଼ି ମାଟିର ସନ୍ଧାନ କରୁ କରୁ କଙ୍କଡ଼ାକୁ ଭେଟିଲା ଓ ମାଟି କେଉଁଠି ମିଳିବ ବୋଲି ପଚାରିଲା । କଙ୍କଡ଼ା ଗୋଟିଏ ଜିଆଠାରୁ ମାଟି ଆଣି କାଉକୁ ଦେଲା । ସେହି ମାଟିକୁ ନେଇ କାଉ ମହାଦେବଙ୍କୁ ଦେଲା । ମହାଦେବ ସେହି ମାଟିକୁ ସାତ ଭାଗ କରି ସାତୋଟି ପୁରୁନ୍ ପତ୍ରରେ ଭର୍ତ୍ତି କରି ସମୁଦ୍ରକୁ ଫିଙ୍ଗିଦେଲେ । ଫଳରେ ସମୁଦ୍ର ଗର୍ଭରେ ସାତୋଟି ଦ୍ୱୀପ ସୃଷ୍ଟି ହେଲା । ସେହି ଦ୍ୱୀପମାନଙ୍କରେ ଚାଷ କରିବା ପାଇଁ ମହାଦେବ ନିଜ ସହକାରୀ ଭୀମା ସାହାଯ୍ୟରେ କୁବେର ଘରୁ ଶସ୍ୟ ଆଣି ବୁଣାଇଲେ । ଭୀମା ଚାଷ କାର୍ଯ୍ୟ କଲା । ଫସଲ ଅମଳ ସମୟ ହେବାରୁ ଭୀମା ଫସଲ ଅମଳ କଲା । ମହାଦେବ ଓ ପାର୍ବତୀ ଶସ୍ୟ ଦେଖି ଖୁସୀ ହେଲେ । ମହାଦେବ ଶସ୍ୟ ସବୁକୁ ପାର୍ବତୀର ଦାୟିତ୍ୱରେ ରଖିଲେ । ସେହି ଉତ୍ପାଦିତ ଶସ୍ୟମାନଙ୍କ ମଧ୍ୟରୁ ଗୋଟିଏ ଶସ୍ୟକୁ ନ ଖାଇବା ପାଇଁ କହିଲେ । ଦିନେ ମହାଦେବଙ୍କ ଅନୁପସ୍ଥିତିରେ ପାର୍ବତୀ ସେହି ବାରଣ କରିଥିବା ଶସ୍ୟକୁ ଖାଇଦେଲେ । ଫଳରେ ସେ ଗର୍ଭବତୀ ହେଲେ । ମହାଦେବ ଆସିଲା ବେଳକୁ ପାର୍ବତୀ ଅନେକ ପୁଅ-ଝିଅ ଜନ୍ମ କରିସାରିଛନ୍ତି । ସେହି ପୁଅଝିଅମାନଙ୍କ ମଧ୍ୟରୁ ଗଣ୍ଡ ହେଲେ ବଡ଼ ପୁଅ । ତା ପର ପୁଅ ହେଲା କନ୍ଧ । ତେଣୁ ଗଣ୍ଡ ଓ କନ୍ଧ ଦୁଇ ଭାଇ । ଏହା ପର ପୁଅମାନଙ୍କୁ ମହାଦେବ ଭିନ୍ନ ଭିନ୍ନ ବଂଶ, ଜାତି, ଗୋତ୍ରର ସଂଜ୍ଞା ଦେଇଛନ୍ତି ।

## ନାମକରଣ (ମିଥ୍) :

ଗଣ୍ଡ ଭୈରବ ନାମକ ଗୋଟିଏ ମହାଶକ୍ତିଶାଳୀ ପକ୍ଷୀ ଭାରତର ଉତ୍ତରାଞ୍ଚଳ, ଗଙ୍ଗାନଦୀ ଓ ଗଣ୍ଡୁକୀ ନଦୀର ଉଭୟ ପାର୍ଶ୍ୱରେ ଅରଣ୍ୟମାନଙ୍କରେ ବିଚରଣ କରି ଗଣ୍ଡୁକି ନଦୀର ନିକଟବର୍ତ୍ତୀ କଳ୍ପଦ୍ରୁମ ବୃକ୍ଷରେ ରାତ୍ରିଯାପନ କରେ । ଏହି ପକ୍ଷୀ ନର-ବାନର ଗୁଞ୍ଜର ଇତ୍ୟାଦି ଜୀବଜନ୍ତୁଙ୍କୁ ଦେଖିବା ମାତ୍ରେ ବିନାଶ କରେ ଏବଂ ଉଦର ପୋଷଣ କରେ । ଋଷି ମୁନୀମାନେ ସେହି ନଦୀର ପାର୍ଶ୍ୱବର୍ତ୍ତୀ ସ୍ଥାନମାନଙ୍କରେ ତପସ୍ୟା କରୁଥିଲେ, ପକ୍ଷୀର ଏପରି ଅତ୍ୟାଚାର ଦେଖି ବିସ୍ମିତ ହେଉଥିଲେ । ଏହି ସମୟରେ ସିନ୍ଧୁ ନଦୀର କୂଳରେ ଆର୍ଯ୍ୟ ଓ ଅନାର୍ଯ୍ୟମାନଙ୍କ ମଧ୍ୟରେ ଯୁଦ୍ଧ ଲାଗି ରହିଥିଲା । ଅନାର୍ଯ୍ୟ (ଆଦିମ) ମାନେ ଦଳ ଦଳ ହୋଇ ବାସ କରୁଥିଲେ । ଯୁଦ୍ଧ ହେବା ଫଳରେ ସେମାନେ ଗଣ୍ଡୁକି ନଦୀର ପାର୍ଶ୍ୱବର୍ତ୍ତୀ ଅରଣ୍ୟମାନଙ୍କରେ

ବାସୋପଯୋଗୀ ସ୍ଥାନମାନ ଖୋଜି ବୁଲୁଥିଲେ । ସେହି ଅନାର୍ଯ୍ୟ (ଆଦିମ) ଦଳମାନଙ୍କ ମଧ୍ୟରେ ୬ ଜଣ ବଳବାନ କ୍ଷତ୍ରୀୟ ଥିଲେ । ଏମାନେ ଅସ୍ତ୍ର-ଶସ୍ତ୍ର ବିଦ୍ୟାରେ ଧୂରନ୍ଧର ଥିଲେ । ସେମାନଙ୍କ ମଧ୍ୟରେ

(୧) ଜାଗେ - ଧନୁ ବିଦ୍ୟାରେ ପାରଙ୍ଗମ ।
(୨) ନଳ - ସାଞ୍ଜୁ ବିଦ୍ୟାରେ ପାରଙ୍ଗମ ।
(୩) ମଧୁ - ଖଣ୍ଡା ବିଦ୍ୟାରେ ପାରଙ୍ଗମ ।
(୪) ଅନ୍ତ - ଶାବେଳୀ ବିଦ୍ୟାରେ ପାରଙ୍ଗମ ।
(୫) ପିତ - ବର୍ମା (ବର୍ଚ୍ଛା) ବିଦ୍ୟାରେ ପାରଙ୍ଗମ ।
(୬) ମତି - ଫରୀ ବିଦ୍ୟାରେ ପାରଙ୍ଗମ ।

ଏମାନଙ୍କର ଅସ୍ତ୍ରଶସ୍ତ୍ର ମହା ତେଜବନ୍ତ ଓ ବିଷାକ୍ତ । ସମସ୍ତ ଅସ୍ତ୍ରଶସ୍ତ୍ରରେ ଦେବତେଜ ପରିଲକ୍ଷିତ ହୋଇଥାଏ ।

ଇନ୍ଦ୍ର ସଭା ମଧ୍ୟରେ ଦୈବୀ ପୁରୁଷ ଜଣେ କୌଣସି ଶାପ୍ୟ ପାଇ ମୃଗରୂପ ଧାରଣ କରି ସେହି ବନରେ ବୁଲୁଥିଲେ । ସେମାନଙ୍କ ନେତ୍ରରେ ମୃଗ ଦୃଶ୍ୟ ହେଲା । ତେଣୁ ସମସ୍ତେ ମୃଗକୁ ମାରିବା ପାଇଁ ଜାଗେଙ୍କୁ ଆଦେଶ ଦେଲେ । ଜାଗେ ଶର ଭେଦ କଲେ । ଶର ମୃଗକୁ ନ ପାଇ ପାଣିରେ ପଡ଼ି ନଦୀର ଅପର ଦିଗକୁ ଲଂଘନ କଲା । ଶରର ତେଜରେ ଗଣ୍ଡୁକି ନଦୀର ଜଳ ଅଧାଅଧି ହୋଇଗଲା । ଏହା ଦେଖି ସମସ୍ତେ ନଦୀପାର ହୋଇ ଅନ୍ୟ କୂଳକୁ ଚାଲିଗଲେ ଏବଂ ଗୋଟିଏ ବଟ ଗଛ ଛାଇ ତଳେ ଅସ୍ତ୍ର-ଶସ୍ତ୍ର ଧରି ବିଶ୍ରାମ ନେଲେ ।

ଏହି ସମୟରେ ଗଂଗାଦେବୀ ପ୍ରସନ୍ନ ହୋଇ ଜଳରୁ ବାହାରି ଜାଗେଙ୍କ କୋଳରେ ଝିଅପରି ବସିଗଲେ । ଜାଗେ କହିଲେ, ମା' ତୁମେ କିଏ ? କନ୍ୟା ପରି କୋଳରେ ବସିଗଲ, ମୁଁ ତୁମକୁ କୁଳବୋହୂ କରିବି, ଗଂଗାଦେବୀ ରାଜି ହେଲେ ଏବଂ କୋଳ ଛାଡ଼ି ଅନ୍ତର୍ଦ୍ଧାନ ହେଲେ ।

ଋଷିମାନେ କୂଳରେ ଥାଇ ଏବଂ ଦେବତାମାନେ ଆକାଶରେ ଥାଇ ଏସବୁ ଦୃଶ୍ୟ ଦେଖୁଥିଲେ । ଋଷିମାନେ ତାଙ୍କ ପାଖକୁ ଆସି ସେହି କ୍ଷତ୍ରୀୟମାନଙ୍କୁ ବୁଝାଇ କହିଲେ, ଏଠାରୁ ଅଳ୍ପ ଦୂରରେ କଳ୍ପଦ୍ରୁମ ଉପରେ ଗଣ୍ଡଭୈରବ ପକ୍ଷୀ ବାସ କରେ । ତାହାର ଅତ୍ୟାଚାରରେ ମନୁଷ୍ୟକୁଳ ଏ ଦିଗରେ ବାସ ଭବନ କରିପାରନ୍ତି ନାହିଁ । ସ୍ଥାନଟି ପ୍ରାଣୀ ଶୂନ୍ୟ ହୋଇ ମହା ଅରଣ୍ୟରେ ପରିଣତ । ତୁମ୍ଭମାନଙ୍କ ମଧ୍ୟରୁ କିଏ ସେହି ପକ୍ଷୀକୁ ବିନାଶ କରିପାରିବ ।

ଋଷିମାନଙ୍କ କଥା ଶୁଣି ସେହି କ୍ଷତ୍ରୀୟମାନେ କଳ୍ପଦ୍ରୁମ ନିକଟରେ ପହଞ୍ଚିଲେ ଓ ଜାଗେଙ୍କୁ ଅସ୍ତ୍ର ପ୍ରହାର କରିବାକୁ କହିଲେ, ଜାଗେଙ୍କର ଅସ୍ତ୍ରାଘାତରେ ଗଣ୍ଡଭୈରବ ପକ୍ଷୀର ଗ୍ରୀବା ଛେଦନ ହେଲା । କିନ୍ତୁ ପକ୍ଷୀ ତଳେ ପଡ଼ିନାହିଁ । କେବଳ ଗ୍ରୀବା ଖଣ୍ଡିକ ଭୂ-ପତିତ ହେଲା, ତା ପରେ ସମସ୍ତେ ମିଶି ପକ୍ଷୀର ସମସ୍ତ ଅଂଶକୁ ତଳେ ପକାଇଲେ ।

(୧) ଜାଗେ - ଧନୁରେ ଗ୍ରୀବା / ଡ଼େଣା ଛେଦନ କଲେ ।
(୨) ନଳ - ସାଞ୍ଜୁରେ ନାଭି ସ୍ଥଳକୁ ଦୁଇଖଣ୍ଡ କଲେ ।
(୩) ମଧୁ - ଖଣ୍ଡାରେ ଛାତି ସ୍ଥଳକୁ ଦୁଇଖଣ୍ଡ କଲେ ।
(୪) ଅନ୍ତ - ଶାବେଳୀରେ ଅଣ୍ଟ ଛେଦନ କଲେ ।
(୫) ପିତ - ବର୍ଚ୍ଛାରେ ଫରିଆ ଦୁଇଖଣ୍ଡ କଲେ ।
(୬) ମତି - ଫରୀରେ ମାରି ପାଦଛେଦନ କଲେ ।

ଦେବବୃନ୍ଦ ଆନନ୍ଦରେ ଆକାଶରୁ ପୁଷ୍ପ ବୃଷ୍ଟି କଲେ, ସେଦିନ ସେଠାରେ ରାତ୍ର ହୋଇଗଲା । ସମସ୍ତେ ଋଷିମାନଙ୍କ ମଢ଼ିଆରେ ରହିଲେ । ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ଦେବଗଣମାନଙ୍କୁ ଋଷିଗଣମାନଙ୍କ ପାଖକୁ ପଠାଇଲେ । କ୍ଷତ୍ରୀୟମାନଙ୍କର କାର୍ଯ୍ୟାନୁସାରେ ଅର୍ଥ ବାହାର କରି ଗୋଟିଏ ଜାତି ବିଭାଗ ଗଠନ କରନ୍ତୁ ଏବଂ ତାଙ୍କର ପୂଜାବିଧି ଶିକ୍ଷା କହି ଦିଅନ୍ତୁ । ଆମ୍ଭେ ସେମାନଙ୍କ ଉପରେ ପ୍ରସନ୍ନ ହୋଇଅଛୁ । ତ୍ରିଦେବଙ୍କ ନିର୍ଦ୍ଦେଶରେ ଦେବଗଣ ସେଠାରେ ପ୍ରବେଶ ହୋଇ ଋଷିମାନଙ୍କୁ ସକଳ କଥା କହିଦେଇ ରାତ୍ରିରେ ଚାଲିଗଲେ ।

ଋଷିମାନେ ଗାର୍ଗବ ଋଷିଙ୍କ ମୁଖକୁ ଅନାଇ କ୍ଷତ୍ରୀୟ କୁଳକୁ ଜାତି ଗଠନ କରିବାକୁ କହିଲେ ଗାର୍ଗବ କହିଲେ, ଏ କ୍ଷତ୍ରୀୟ କୁଳର କର୍ମ ପ୍ରଣାଳୀକୁ ଅବଲମ୍ବନ କରି ଜାତି ଗଠନ କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ । ଋଷିମାନେ ସମସ୍ତ ଅର୍ଥ ବାହାର କରି ଗାର୍ଗବ ଋଷିଙ୍କୁ ଅନୁମତି ଦେଲେ । ଏହା ଶୁଣି ଋଷି ଷଡ଼ ଭେଦରେ ନାମକରଣ କରି ଅଛି । ଋଷି 'ଗ' ଅକ୍ଷର ପ୍ରକାଶ କଲେ । ଯଥା:

(୧) 'ଗ' ଅକ୍ଷରୁ ଗାର୍ଗବ ଋଷି ।
(୨) 'ଗ' ଅକ୍ଷରୁ ଗଣ୍ଡୁକି ନଦୀ ପାର ହେଲେ ।
(୩) 'ଗ' ଅକ୍ଷରୁ ଗଣ୍ଡ ଭୈରବ ପକ୍ଷୀର ଗ୍ରୀବ ଛେଦନ କଲେ ।
(୪) 'ଗ' ଅକ୍ଷରୁ ଗଣ୍ଡା ଗଣ୍ଡା କଲେ ।
(୫) 'ଗ' ଅକ୍ଷରୁ ଗଳା କାଟିଲେ ।
(୬) 'ଗ' ଅକ୍ଷରୁ ଗଂଗାଦେବୀଙ୍କୁ ପ୍ରସନ୍ନ କରାଇଲେ ।

ଏହି ଷଡ଼ ନାମ 'ଗ' ଅକ୍ଷରୁ କ୍ଷରିତ ହୋଇ ଥିବାରୁ ଗାର୍ଗବ ଋଷି ଗଣ୍ଡ କ୍ଷତ୍ରୀୟ କୁଳ ବୋଲି ନାମ ଦେଲେ ।

ଉପରୋକ୍ତ ଦୁଇଟି ମିଥ୍‌କୁ ବିଶ୍ଳେଷଣ କଲେ ଜଣାପଡ଼େ ଯେ, ଗଣ୍ଡମାନଙ୍କର ମୁଖ୍ୟ ଦେବତା ବା ଇଷ୍ଟଦେବ ହେଉଛନ୍ତି ମହାଦେବ । ହରପ୍ପା ସଭ୍ୟତାରେ ଦ୍ରାବିଡ଼ ଗୋଷ୍ଠୀମାନଙ୍କର ଆରାଧ ଦେବତା ହେଉଛନ୍ତି ପଶୁପତି ବା ମହାଦେବ । ତେଣୁ ଗଣ୍ଡମାନେ ହେଉଛନ୍ତି ଦ୍ରାବିଡ଼ ଗୋଷ୍ଠୀର । କାଳକ୍ରମେ ପଶୁପତି / ମହାଦେବ ଗଣ୍ଡମାନଙ୍କର ଇଷ୍ଟଦେବ ଭାବରେ ବଡ଼ ଦେଓ, ବୁଢ଼ାଦେଓ ଓ ବୁଢ଼ାରଜା ନାମରେ ପୂଜା ପାଇ ଆସୁଛନ୍ତି । ପୁନଶ୍ଚ ଗଣ୍ଡଭୈରବ ପକ୍ଷୀକୁ ବିନାଶ କରିଥିବାରୁ ଏମାନଙ୍କ ନାମ ଗଣ୍ଡ ହେଲା । ଆହୁରି ମଧ୍ୟ ଗଣ୍ଡକି ନଦୀ କୂଳରେ ବସବାସ କରିବା ଫଳରେ କ୍ଷତ୍ରୀୟମାନଙ୍କ ନାମ ଗଣ୍ଡ ହେଲା । କିନ୍ତୁ ଗବେଷକମାନଙ୍କ ମତରେ, ଗଣ୍ଡମାନଙ୍କ ଆଦ୍ୟ ଭୂମି ଗଣ୍ଡୱାନା ହୋଇଥିବାରୁ ସେହି ସ୍ଥାନର ନାମାନୁଯାୟୀ ଉକ୍ତ କ୍ଷତ୍ରୀୟମାନଙ୍କ ନାମ ଗଣ୍ଡ ହେଲା କିନ୍ତୁ ଗବେଷକମାନଙ୍କ ମତରେ ଗଣ୍ଡମାନଙ୍କ ଆଦ୍ୟଭୂମି ଗଣ୍ଡୱାନା ହୋଇଥିବାରୁ ସେହି ସ୍ଥାନର ନାମାନୁଯାୟୀ ଉକ୍ତ କ୍ଷତ୍ରୀୟମାନଙ୍କ ନାମକରଣ ଗଣ୍ଡ କରାଗଲା । ପୁଣି ଉକ୍ତ ଛଅ ଜଣ କ୍ଷତ୍ରୀୟଙ୍କୁ ଗଡ଼ବଂଶୀ ଗଣ୍ଡ ବୋଲି କୁହାଗଲା ।

### ଗଣ୍ଡମାନଙ୍କର ବଂଶ ପରିଚୟ :

| | | | |
|---|---|---|---|
| (୧) | ଗଙ୍ଗ ବଂଶ | - | ୪ ଦେଓ (ମରପାଚି) |
| | ଶୁଭ ନାମ | - | ମଚି |
| | ଗୋତ୍ର | - | କସ୍ୟପ |
| | ଚାରି ଦେବତା | - | ଗଂଗରାଜ, ଶୃଙ୍ଗରାଜ, ମାନେକ ରାଜ, ଧୋବ ରାଜ |
| | ଚାରି ଗଡ଼ | - | ତାନିଆସୁଙ୍ଗା, ଲାଞ୍ଜିଗଡ଼, କାଶିଗଡ଼ ଓ ସଫେଦ ଗଡ଼ |
| | ଚାରି ଛତ୍ର | - | ପାଟ ଛତ୍ର, କନକ ଭାବର ଛତ୍ର, କଳାଧଳା ଶୂନ୍ୟ ଛତ୍ର ଓ କପିକେତନ ଛତ୍ର |
| | ବ୍ରହ୍ମାଙ୍କ ଝାଳରୁ ଜନ୍ମ | - | ଗଙ୍ଗବୀ, ଗାନ୍ଧବୀ, ଗୋମତ୍ରୀ ଓ ଗନ୍ଦିନୀ |
| | ଖଳା | - | କୁଶବଟୁ |
| | ବାରଣ | - | କସ୍ୟପ, ହରିଣ, ଶାର୍ଦ୍ଦୁଳ ଓ ମୟୂର |
| | ଚିହ୍ନ | - | ଢ଼ଳା, ଛାଞ୍ଚୁଣୀ |
| | ଧାମ | - | କାଶୀପୁର |
| | ଜନ୍ମସ୍ଥାନ | - | ଗଂଗାନଦୀ |
| | ଗୁରୁ | - | ଆଗ୍ନିକ ଋଷି |
| | ଅଶ୍ୱ | - | ଫରୀ |
| | ଭାଇ | - | ସୁବୀର, ସୁବଳ, ସୁଧର୍ମ, ସୁରବ, ଟେକାମ, ଲଗାମ, ନେତାମ ଓ ମାରପାଚ । |
| (୨) | ଗାର୍ଗବ ବଂଶ | - | ସାତ ଦେଓ (ନାଗବଂଶ - ମରେଇ) |
| | ଶୁଭ ନାମ | - | ମଧୁ |
| | ଗୋତ୍ର | - | ପଦ୍ମ |
| | ସାତ ଦେବତା | - | ଗୁର୍ଦ୍ଧାଗୁମା, ବୀରାପାଚ୍ଛା, ସାମରମଣି, ସିଂହ-ବାହିନୀ, ଘାଓଘୁରା ଓ ବ୍ରଜମୁଖା । |
| | ସାତ ଗଡ଼ | - | ଗାଡ଼ା ମେଣ୍ଡଳା, ଟିକିନେ ଗାଡ଼ା, ମାନିମା ଗାଡ଼ା, ଝାଳପାଙ୍ଗା ଗାଡ଼ା, କାଙ୍କେର ଗଡ଼, ସୁମେର ଗଡ଼ ଓ ଚିନ୍ତା ଗଡ଼ । |
| | ସାତ ଛତ୍ର | - | କଡ଼କନ, ଝନକ, ନେକ, ଟିପିନୀ, ବୁଡ଼େନ୍, ଉଡ଼େନ୍ ଓ ନେତ |
| | ଖଳା | - | ନାଗଗୁଡ଼ି |
| | ଚିହ୍ନ | - | ଟାମକ, ମନ୍ଦିର, ଶୁଆଶାରୀ, ପଦ୍ମ ବନ୍ଧ । |
| | ଧାମ | - | କୈଳାସପୁର |
| | ଜନ୍ମସ୍ଥାନ | - | ଚନ୍ଦ୍ର ପ୍ରସ୍ଥ ବା ପାତାଳପୁର |
| | ଗୁରୁ | - | ଈଶ୍ୱର |
| | ଅଶ୍ୱ | - | ଭୁଜବନ ଖଣ୍ଡା |

ଭାଇ - ଘୋଟାମ, ମରେଇ, ବିହିବନ୍ଧା ମରେଇ, ଅଜୟ ମାଝୀ, ଜୟ ମାଝୀ, ଜାନୁଡାଣ୍ଡ ମାଝୀ, ଚିକ୍ରିଆ ମାଝୀ, ବିଜେ ନଗରିଆ ମାଝୀ, ବୁରୁକ୍ ଭୁଏ, ପାତ୍ର, ପନ୍ଦର, ପୁରୁକା, ଚିଡ୍ରିଆ ମାଝୀ, କରଜି ରାଏ ।

(୩) ଯଦି ବଂଶ - ତିନି ଦେଓ (ନେଟି)

ଶୁଭ ନାମ - ନଳ

ଗୋତ୍ର - ଅନନ୍ତ / ଅନଳ

ତିନି ଦେବତା - ବଡ଼ଦେଓ, ଗାଏକେରା, ବେଲାଲସେନ ଓ ତାଦୁବୁଢ଼ା

ତିନି ଗଡ଼ - ଲେହଗଡ଼, କାଙ୍କେର ଗଡ଼, ସୁମେର ଗଡ଼ ଓ ଚିନ୍ତାଗଡ଼

ଛତ୍ର - ଗଉରେନ

ଖଳା - ବନ୍ଧିଛୁରୀ

ଚିହ୍ନ - ମାମାଲ ବାଛାଲ ଓ ବାଘ ଫରାସୀ

ଧାମ - ଗୟା ବା ଦ୍ୱାରିକା

ଜନ୍ମସ୍ଥାନ - ରାଫରସରା

ଗୁରୁ - ଗାର୍ଗବ

ଅଶ୍ୱ - ସାଞ୍ଜୁ, ମାଲେଣୀ ଦେଇ ଖଣ୍ଡା, ବାଘ ଜିଭ କଟାରୀ, ଫୁଲ ଚୁହି ବନ୍ଧୁକ, ଲୁହାର ଢ଼ାଳ, ଚୁଡ଼ଙ୍ଗ ଘାଟ

ଭାଇ - ପାଟ ଧରୁଆ, ଘାଟ ଧରୁଆ, ଥାଟ ଧରୁଆ, ଗନ୍ଧା ଧରୁଆ, ସୋରିଷୋ ନେଟୀ, ଖଇଷୋ ନେଟୀ, ହେତ ଖଣ୍ଡିଆ ମାଝୀ, ଆମ ପଲିଆ ମାଝୀ, ଜାନୀ ମାଝୀ, ଟୁବୁରୁ ଜାନି, ପ୍ରଧାନୀ ବେହେରା, ଦଳ ବେହେରା, ବେହେରୁକ୍ ପାତ୍ର, ମହାପାତ୍ର, ମିଂଖଣ୍ଡା ପାତ୍ର, ସିଂ ମାଝୀ, କହଁର କୁମୁରା, ଗଡ଼ତିଆ, ଛତ୍ରିଆ ଦେଓ, ସିଂ ନେଟୀ, କଲିଆ ଧରୁଆ ।

(୪) କଦମ୍ଭ ବଂଶ - ଛଅ ଦେଓ (ଅଁଟୀ)

ଶୁଭ ନାମ - ଅନ୍ତ

ଗୋତ୍ର - ପଲସ୍ୟ ବା କଣାମାଛ

ଦେବତା - କର୍ଣ୍ଣ କଟାରୀ

ଛଅ ଗଡ଼ - ହୀରା ଗଡ଼, ନୀଳା ଗଡ଼, ମୋତି ଗଡ଼, ମାଣିକ୍ୟ ଗଡ଼, ବୈଦୁର୍ଯ୍ୟ ଗଡ଼ ଓ କାଞ୍ଚନ ଗଡ଼ ।

ଛତ୍ର - ଲାଳଗୁଲା, ଶ୍ୱେତ ଛତ୍ର, ଉଡ଼େନ ଛତ୍ର ।

ଖଳା - ସୁନାମୁହିଁ

ଚିହ୍ନ - ହାଣ୍ଡି ଇଟିଲା

ଧାମ - ଧାମନ୍ଦା ଗଡ଼ (ଅଙ୍ଗଦେଶ)

ଜନ୍ମସ୍ଥାନ - ଯମୁନା ନଦୀ, କଦମ୍ଭ ଘାଟ

ଗୁରୁ - ଦ୍ରୋଣ

ଅଶ୍ୱ - ଶାବେଲୀ

ଭାଇ - ବେତେର ଲିଆ ଭଟି, ବେହେଙ୍ଗା ଭଟି, ପଏଁରା ଭଟି, ବକା ଭଟି, ବେସରା ଭଟି, କର ଦଲେଇ, ଦଲେଇ ବରିହା ଓ ସିଂ ବରିହା ।

(୫) ସୋମ ବଂଶ - ପାଞ୍ଚ ଦେଓ (ପରେଖ)

ଶୁଭ ନାମ - ପିତ

ଗୋତ୍ର - ଛଞାଣ / ବଶିଷ୍ଠ

ପାଞ୍ଚ ଦେବତା - ଦୁର୍ଲ୍ଲା, ପାଗଲେଙ୍ଗେ, ମାନେକ ସୁଧା, ତଣ୍ଡାମଗୀ ଓ

| | | |
|---|---|---|
| | | ସାନକ । |
| ପାଞ୍ଚ ଗଡ଼ | - | ବୈରାଟ, ଘଟୋତ୍କଚ, ସୁବିନ୍ଦ, ବନଗଡ଼ ଓ ସହଗଡ଼ । |
| ପାଞ୍ଚ ଛତ୍ର | - | ବାବୁବନ୍ଧ, ଦ୍ୱାରପାଳ, ଉଡ଼ଙ୍ଗ, ବୈରଖ ଓ ରତ୍ନ ଛତ୍ର । |
| ଖଳା | - | ରଣ ମୁଦି |
| ଚିହ୍ନ | - | ଶଙ୍ଖ, ଚିଲ ପକ୍ଷୀ, ଗୁଦର ଗଡ଼ି, ତାଳ ଉନା, ତୁଳସୀ ବନ୍ଧ |
| ଧାମ | - | ହସ୍ତିନା (ବାରୁଣା) |
| ଜନ୍ମସ୍ଥାନ | - | ସାତ ଶୃଙ୍ଗ |
| ଗୁରୁ | - | ଦ୍ରୋଣ |
| ଅସ୍ତ୍ର | - | ବର୍ଚ୍ଛା |
| ଭାଇ | - | ରାଏ ଧରୁଆ, ଭୁଏ, ସଲତୋର, ପରେକ, କାମ୍ଲୁ ଭୁଏ ଏବଂ ସିଲଟି ଭୁଏ । |
| (୬) ସୂର୍ଯ୍ୟବଂଶ | - | ଛଅ ଦେଓ (ଜଗତ) |
| ଶୁଭନାମ | - | ଜାଗେ |
| ଗୋତ୍ର | - | ପରାଶର |
| ଛଅ ଦେବତା | - | ସମାତୁଳା, ପର୍ଣମାତୁଳା, ଉଦେଶୀୟା, ଭାଦୁଆ, ଜଙ୍ଗା, ଲିଙ୍ଗା |
| ଛଅ ଗଡ଼ | - | ଅଲେଖ ଚାନ୍ଦ, ମନୋବାଞ୍ଛା ଚାନ୍ଦ, ଦେବବାଞ୍ଛା ଚାନ୍ଦ, ଖୁସୁରମୁସିଆ ଚାନ୍ଦ, ଆଲ୍ଲାଦିଆ ଚାନ୍ଦ ଓ ପ୍ରେମି ଚାନ୍ଦ |
| ଛତ୍ର | - | ମେଘ ଡ଼ାବର, କୁଶ ଡ଼ାବର, କଣେ ଡ଼ାବର ଓ ଆଲ୍ଲାଡ଼ିଆ ଡ଼ାବର |
| ଖଳା | - | ଜଗଦଳା |
| ଚିହ୍ନ | - | ଗୁଡ଼ଭେଲୀ ଟାମକ, ବୈଗନ୍ତିନ ନିଶାନ |
| ଧାମ | - | ଅଯୋଧା |
| ଜନ୍ମସ୍ଥାନ | - | ଦିତୀ ଦେବୀ କୂଳ ଭରଦ୍ୱାଜ |
| ଗୁରୁ | - | ବଶିଷ୍ଟ |
| ଅସ୍ତ୍ର | - | ଧନୁଶର |
| ଭାଇ | - | ତୋରେ ଭଣ୍ଡା, ଯୋଯୋ ଭଣ୍ଡା, ବୀରଖିଆ ଭଣ୍ଡା, ରାଏ ଭଣ୍ଡା, କଶେଇ ଭଣ୍ଡା, ମନୋବାଞ୍ଛା ପୁଟା, ଦେବବାଞ୍ଛା ପୁଟା, ଆଲ୍ଲାଦିଆ ପୁଟା, ଉଦେ, ଉରେକ, ପେନ୍ଦର, ମଲ୍ଲିକ, ଭୁଏ, ମୁରୀ ପାହୁଲେ, ଦଳପତି, କଏଁଡ଼ା, ନରକା, ବଡ଼କା, ଜଗତ, ପୂଝାରୀ ଓ କାଲୋମାଲ କାନ୍ । |

ବାସ୍ତବରେ ଉକ୍ତ ପ୍ରବନ୍ଧକୁ ତର୍ଜମା କଲେ ଜଣାଯାଏ ଯେ, ଗଣ୍ଡ ସଂପ୍ରଦାୟର ଉତ୍ପତ୍ତି ମିଥ୍ ଓ ନାମକରଣ ସ୍ୱତନ୍ତ୍ର । ସ୍ୱତନ୍ତ୍ର ସଂସ୍କୃତି ହିଁ ଏମାନଙ୍କୁ ବିଶ୍ୱ ଦରବାରରେ ପରିଚିତ କରାଇଛି । ବଂଶ ପରିଚୟ ମଧ୍ୟରେ ବୈଚିତ୍ର୍ୟ ଫୁଟି ଉଠିଛି । ଗଣ୍ଡମାନଙ୍କର ସ୍ୱତନ୍ତ୍ର ଭାଷା 'ଗୋଣ୍ଡି' ଉପରେ ଯଦି ଗବେଷକ ମାନେ ତାଙ୍କର ଗବେଷଣା କାର୍ଯ୍ୟକୁ ତ୍ୱରାନ୍ୱିତ କରନ୍ତେ, ତା ହେଲେ ଉକ୍ତ ସଂପ୍ରଦାୟର ସ୍ୱତନ୍ତ୍ର ଦିଗ ଉନ୍ମୋଚନ ହୋଇପାରନ୍ତା । ଏ କ୍ଷେତ୍ରରେ ମୋ ପରି ଯୁବ ଗବେଷକଙ୍କ (ଗଣ୍ଡ ସଂପ୍ରଦାୟର) ଭୂମିକା ଏକାନ୍ତ ଆବଶ୍ୟକ । ଏଥିରେ ତିଳେ ମାତ୍ର ଦ୍ୱିଧା ନାହିଁ ।

ତଥ୍ୟ ସଂଗ୍ରହ :
ଗୁରୁ ଜନାର୍ଦ୍ଦନ କୁମୁରା, ଗ୍ରାମ - ତାଣ୍ଡିଗାଁ, ଜିଲ୍ଲା - ବଲାଙ୍ଗିର

ଏମ୍.ଫିଲ. ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ,ଭବାନୀ ପାଟଣା, କଳାହାଣ୍ଡି
ମୋ - ୯୬୬୮୮୫୧୨୮୫

ଓଁ ବଡ଼ଦେଓ ସ୍ମରଣ

# ମୁକ୍ତି ସଂଗ୍ରାମର ପ୍ରଥମ ସହୀଦ୍ ବଳଭଦ୍ର ସିଂହଦେଓ

ଧନେଶ୍ୱର ସିଂହ

କୌଣସି ରାଷ୍ଟ୍ର ବା ଜାତିର ଅତୀତରେ କ୍ରମାନ୍ୱୟରେ ଘଟିଯାଇଥିବା ଉଲ୍ଲେଖନୀୟ ଘଟଣାବଳୀର ବିଧିବଦ୍ଧ ଉଲ୍ଲେଖ ହିଁ ଇତିହାସ ଅଟେ । ସମୟକାଳ ଖଣ୍ଡର ସାମାଜିକ, ଧାର୍ମିକ, ସାଂସ୍କୃତିକ ଏବଂ ରାଜନୈତିକ ପରିଦୃଶ୍ୟର ସିଂହାବଲୋକନ ଏହାର ପୃଷ୍ଠଭୂମି ଅଟେ । ଘଟିଯାଇଥିବା ଘଟଣାବଳୀର ଗୌରବ ଗାଥା, ଲିଖିତ, ଅଲିଖିତ, ଜନଶ୍ରୁତି, ଲୋକସାହିତ୍ୟ, ଲୋକଗୀତ, ଲୋକନୃତ୍ୟ ଏବଂ ଛାୟାଚିତ୍ର ଦ୍ୱାରା ଜୀବିତ ରହିଥାଏ ।

ପୁରାତନ ଭାରତବର୍ଷର ମୂଳ ଅଧିବାସୀ ଏବଂ ଆର୍ଯ୍ୟମାନଙ୍କର ସଂଘର୍ଷ ହଜାର ହଜାର ବର୍ଷ ଧରି ଚାଲିଥିଲା । ଆର୍ଯ୍ୟମାନଙ୍କର ଆତଙ୍କ ଏବଂ ସଂଘ ଯୋଗୁଁ ଏଠାକାର ମୂଳ ଅଧିବାସୀମାନେ ନିଜର ଜାତି, ସଂସ୍କୃତି, ଭାଷା, ପରମ୍ପରା ବଜାୟ ରଖିବା ପାଇଁ ବଣପାହାଡ଼ କୋଳରେ ହଜି ଯାଇଥିଲେ । ଆର୍ଯ୍ୟମାନଙ୍କର ବ୍ୟତୀତ, ଆଫଗାନ, ମୋଗଲ, ମରହଟ୍ଟା ଇଂରେଜମାନେ ମୂଳ ନିବାସୀ ଗୋଁଣ୍ଡ ସାମ୍ରାଜ୍ୟ ବହୁତ କ୍ଷତି କରିଥିଲେ । ପଲାସୀ ଯୁଦ୍ଧ ୧୭୫୭ ପରେ ଇଂରେଜମାନେ କୁଟନୀତି ପ୍ରୟୋଗ କରି ତାଙ୍କର ସାମ୍ରାଜ୍ୟ ବିସ୍ତାର କରିବାକୁ ଲାଗିଲେ । ଲର୍ଡ ଡ଼େଲହାଉସିଙ୍କ ଦ୍ୱାରା ଗୋଟିଏ ପରେ ଗୋଟିଏ ରାଜା ଗାଦିଚ୍ୟୁତ ହେଲେ । ତେଣୁ କରି ରାଜା ଜମିଦାର ଏବଂ ରୟତମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ବ୍ୟାପି ଗଲା ଏବଂ ବିପ୍ଳବର ରୂପ ନେଲା ।

ଯେଉଁ ଇଂରେଜମାନଙ୍କୁ ସମ୍ରାଟ ଜାହାଙ୍ଗିର, ନବାବ ଶ୍ରୀରାଜଉଦ୍ଦୌଲା, ଟିପୁ ସୁଲତାନ, ମରହଟ୍ଟା ଶକ୍ତି, ଶିଖ୍ ଶକ୍ତି ପ୍ରତିରୋଧ କରିପାରିଲେ ନାହିଁ । ସେହି ଦୁର୍ଦ୍ଧର୍ଷ ଚତୁର ଶକ୍ତିଶାଳୀ ଇଂରେଜମାନଙ୍କୁ ଆମ ଅଭିବକ୍ତ ସମ୍ବଲପୁର ଜିଲ୍ଲାର ବୀରପୁତ୍ର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ଚାଲିଥିବା ମୁକ୍ତି ସଂଗ୍ରାମରେ ଆମର ଏ ଅଞ୍ଚଳର ଗୋଁଣ୍ଡ ଜମିଦାର ମାନେ ୭୬ ବର୍ଷ ଯୁଦ୍ଧ କରି ଇଂରେଜମାନଙ୍କୁ ଅସ୍ତବ୍ୟସ୍ତ କରିଦେଇଥିଲେ । ଅଭିବକ୍ତ ସମ୍ବଲପୁର ଜିଲ୍ଲାରେ ୧୭ଟି ଜମିଦାର ଥିଲେ । ସେ ମଧ୍ୟରୁ ୧୦ ଜଣ ଗଣ୍ଡ ଜମିଦାରମାନେ ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ଚାଲିଥିବା ମୁକ୍ତି ସଂଗ୍ରାମରେ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ପାଖ ସମ୍ରାଟ ଜାହାଙ୍ଗିରଙ୍କ ପରି ବିରାଟ ସାମ୍ରାଜ୍ୟ ନ ଥିଲା କି ସିରାଜଉଦ୍ଦୌଲା ପରି ସୁଶିକ୍ଷିତ ସୈନ୍ୟବାହିନୀ ନ ଥିଲେ କି ହାଇଦର ଅଲ୍ଲୀ ଏବଂ ଟିପୁ ସୁଲତାନ୍‌ଙ୍କ ପରି ରାଜନୈତିକ ବିଷାରଦ ନ ଥିଲେ । ତଥାପି ଆମର ତତ୍‌କାଳୀନ ସମ୍ବଲପୁର ଜିଲ୍ଲାର ଗଣ୍ଡ ଜମିଦାରମାନେ ଇଂରେଜ ସରକାର ମନରେ କୋକୁଆ ଭୟ ସୃଷ୍ଟି କରିଦେଇଥିଲେ ।

ସମ୍ବଲପୁର ଏକାଦଶ ରାଜା ମହାରାଜ ସାଏଙ୍କ ୧୮୨୯ ମସିହାରେ ମୃତ୍ୟୁପରେ ଉଚିତ୍ ଦାବିଦାର ଖିଣ୍ଡା ରାଜବଂଶର ସୁରେନ୍ଦ୍ର ସାଏଙ୍କୁ ନ ଦେଇ ବରପାଲି ରାଜବଂଶର ଦୁର୍ବଳ ନାରାୟଣ ସିଂହଙ୍କୁ ସମ୍ବଲପୁର ରାଜସିଂହାସନରେ ବସାଇ ଇଂରେଜମାନେ ଶାସନ ଚଲାଇଥିଲେ । ଯଦ୍‌ଦ୍ୱାରା କି ସମ୍ବଲପୁରର ଜମିଦାର, ଗୌନ୍ତିଆ, ବୁଦ୍ଧିଜୀବୀ, ରୟତମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଦେଲା । ଯାହାକି ପର୍ଯ୍ୟାୟ କ୍ରମେ ସଶକ୍ତ ବିପ୍ଳବର ରୂପ ନେଲା । ସୁରେନ୍ଦ୍ରସାଏଙ୍କୁ ତାଙ୍କ ଉଚିତ୍ ଦାବି ସମ୍ବଲପୁର ରାଜ ସିଂହାସନରୁ ବଞ୍ଚିତ କରିଥିବା ହେତୁ ସୁରେନ୍ଦ୍ରସାଏ ଅବିଭକ୍ତ ସମ୍ବଲପୁର ଜିଲ୍ଲାର ସବୁ ଜମିଦାର ଏବଂ ଗୌନ୍ତିଆମାନଙ୍କୁ ଏକତ୍ରିତ କରି ମୁକ୍ତି ସଂଗ୍ରାମ ଆରମ୍ଭ କଲେ ।

ବରଗଡ଼ଠାରୁ ଉତ୍ତର ପୂର୍ବ ଦିଗରେ ୪୮ କି.ମି. ଦୂରରେ ବଣପାହାଡ଼ ଭିତରେ ଲଖନପୁର ଜମିଦାରୀ ଥିଲା । ୧୮୨୭ ମସିହାରେ ଲଖନପୁରର ଜମିଦାର ବଳଭଦ୍ର ସିଂହ ହାରି ଥିଲେ । ଲଖନପୁର ଜମିଦାରୀ ଅଧୀନରେ ୪୨ ଖଣ୍ଡ ମୌଜା ଥିଲା । ଏହି ୪୨ ଖଣ୍ଡ ମୌଜାର ଗୌନ୍ତିଆମାନେ ଏବଂ ପ୍ରଜାମାନେ କେତେକ ପରୋକ୍ଷ ଏବଂ କେତେକ ପ୍ରତ୍ୟକ୍ଷ ଭାବରେ ଇଂରେଜମାନଙ୍କୁ ବିରୋଧ କରୁଥିଲେ । ବଳଭଦ୍ର ସିଂହ ବ୍ରିଟିଶ ବିରୋଧୀ ଭଲ ଗୁନାନର ପ୍ରବଳ ସମର୍ଥକ ଥିଲେ । ସେ ଗଣ୍ଡ, ବିଂଝାଲ ସଭାର

ପ୍ରଭୃତି ଆଦିବାସୀ ସମାଜକୁ ନେଇ ଗରିଲା ଯୁଦ୍ଧ, ଧର୍ନୁବିଦ୍ୟାରେ ନିପୁଣ ଗୋଟିଏ ସୈନ୍ୟବାହିନୀ ଗଠନ କରିଥିଲେ ।

ବଳଭଦ୍ର ସିଂହ ଦାଉ ୧୮୭୧ ମସିହା ଜାନୁୟାରୀ ୮ ତାରିଖ ବ୍ରିଟିଶମାନଙ୍କ ସହ ଯୁଦ୍ଧର ସମ୍ମୁଖୀନ ହେଲେ । ଉଇଲ୍‌ସନ୍‌ଙ୍କ ଅଧୀନସ୍ଥ ରାମଗଡ଼ ବେଟାଲିୟନ ସୁବେଦାର ଗୁରୁଦୟାଲ ତିୱାରୀ ଏବଂ ଗଙ୍ଗାଧର ମିଶ୍ରଙ୍କ ନେତୃତ୍ୱରେ ଥିବା ବ୍ରିଟିଶ୍ ସୈନ୍ୟ ସହ ଯୁଦ୍ଧ କରି ତାଙ୍କର ସେନା ଛାଉଣୀ ପୋଡ଼ିଦେଇ ଦେବରୀ ଗଡ଼ ଦୁର୍ଗକୁ ଫେରି ଆସିଥିଲେ । ବଳଭଦ୍ର ସିଂହ ଦାଉଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୈନ୍ୟମାନେ ପରିଚାଳିତ ହେଉଥିଲେ ।

ସୁରେନ୍ଦ୍ରସାଏ ଏବଂ ବଳଭଦ୍ର ସିଂହ ଦାଉ ବିପ୍ଳବବକୁ କିପରି ଭାବରେ ଆଉ ତେଜିୟାନ କରଯାଇପାରିବ ଡ଼େବ୍ରିଗଡ଼ ପାଖରେ ଥିବା ବାର ବଖରାଠାର ଆଲୋଚନା ସାରି ବିଶ୍ରାମ ନେଇଥିବା ସମୟରେ ହଠାତ୍ ସମ୍ବଲପୁର ରାଜା ନାରାୟଣ ସିଂହଙ୍କ ସୈନ୍ୟ ଆକ୍ରମଣ କରିଥିଲେ । ବଳଭଦ୍ର ସିଂହ ଦାଓ ନିଜେ ସୈନ୍ୟଙ୍କର ସମ୍ମୁଖୀନ ହୋଇ ସୁରେନ୍ଦ୍ର ସାଏଙ୍କୁ ସ୍ଥାନ ପରିତ୍ୟାଗ କରିବା ପାଇଁ ଅନୁରୋଧ କରିଥିଲେ । ଉକ୍ତ ଯୁଦ୍ଧରେ ବିରୋଧି ସେନାର ସମ୍ମୁଖୀନ ହୋଇ ସହିଦ ହୋଇଥିଲେ ଏବଂ ସୁରେନ୍ଦ୍ର ସାଏ କ୍ଷତାକ୍ତ ଅବସ୍ଥାରେ ସ୍ଥାନ ପରିତ୍ୟାଗ କରିଥିଲେ । ବଳଭଦ୍ର ସିଂହ ଦାଓ ଥିଲେ ମୁକ୍ତି ସଂଗ୍ରାମର ପ୍ରଥମ ସହିଦ ।

**ବି.ଦ୍ର. :**

ଆଜି ମଧ ଲଖନପୁର ଜମିଦାରର ୪୨ ଖଣ୍ଡ ମୌଜାକୁ ମନେ ରଖିବା ପାଇଁ ଗୋଁଣ୍ଡ ସମାଜର ଗୁଡ଼ି (ଲଖନପୁର ବୟାଲି ଗୁଡ଼ି) ଭାବରେ ନାମିତ କରାଯାଇ ଲଖନପୁର ଜମିଦାରର ୪୨ ଖଣ୍ଡ ମୌଜାର ଶ୍ରୁତି ବହନ କରି ଆସୁଛି । ଯାହାର ସଭାପତି ଶ୍ରୀଯୁକ୍ତ ଭାଗିରଥି ସିଂହ ସମ୍ପାଦକ ଶ୍ରୀଯୁକ୍ତ ସୌଦାଗର କୁଅଁର ଅଟନ୍ତି । ଲଖନପୁର ଜମିଦାର ବଳଭଦ୍ର ସିଂହ ଦାଉ ୧୮୩୭ ମସିହା ନଭେମ୍ବର ମାସ କାର୍ତ୍ତିକ ପୂର୍ଣ୍ଣିମା ଦିନ ସମ୍ବଲପୁର ରାଜା ନାରାୟଣ ସିଂହଙ୍କ ଦ୍ୱାରା ନିହତ ହୋଇଥିଲେ । ବଳଭଦ୍ର ସିଂହ ଦାଉଙ୍କର ତିନୋଟି ସୁଯୋଗ୍ୟ ସନ୍ତାନ ଥିଲେ । ସେମାନେ ହେଲେ କମଲ ସିଂହ ଦାଉ, ଗଜରାଜ ସିଂହ ଏବଂ ନିଲାମ୍ବର ସିଂହ ଦାଉ । ବ୍ରିଟିଶ୍ ସରକାରକୁ ସମ୍ବଲପୁର ମାଟିରୁ ବିତାଡ଼ିତ କରିବା ପାଇଁ ଏବଂ ପିତୃ ହତ୍ୟାର ପ୍ରତିଶୋଧ ନେବା ପାଇଁ ତିନିଭାଇ ଯାକ ମୁକ୍ତି ସଂଗ୍ରାମରେ ଯୋଗ ଦେଇଥିଲେ । ସୁରେନ୍ଦ୍ରସାଏ ସମ୍ବଲପୁର ଗାଦି ନ ପାଇବା ପର୍ଯ୍ୟନ୍ତ ମୁକ୍ତି ସଂଗ୍ରାମ ଚାଲୁ ରଖିବା ପାଇଁ ପ୍ରଣ ନେଲେ । କମଲ ସିଂହ ଦେବଗଡ଼ ଦୁର୍ଗ ଭାର ନେଲେ । କମଲ ସିଂହ ହେଉଛନ୍ତି ସୁରେନ୍ଦ୍ର ସାଏଙ୍କର ପ୍ରଧାନ ସେନାପତି । କମଲ ସିଂହ ଥିଲେ ବିଶେଷ ବ୍ୟକ୍ତିତ୍ୱର ଅଧିକାରୀ । ବେଶ ପରିବର୍ତ୍ତନ କରିବାରେ ସେ ଥିଲେ ଧୁରନ୍ଧର । ବିପ୍ଳବକୁ ବ୍ୟାପକ କରିବା ପାଇଁ ସେ ବିଭିନ୍ନ ରାଜା ଏବଂ ଜମିଦାର ମାନଙ୍କ ସହିତ ଯୋଗାଯୋଗ କରୁଥିଲେ । ଚିଫ୍ କମିଶନର ବ୍ରିଟିଶ୍ ସରକାରଙ୍କ ବୈଦେଶିକ ବିଭାଗର ସେକ୍ରେଟେରୀଙ୍କ ପତ୍ର ନଂ ୧୨୭୩ / ତା.୦୮.୦୫.୧୮୫୭ ଚିସି ଅନୁସାରେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଚାଲିଥିବା ବିଦ୍ରୋହର ମୁଖ୍ୟ ପରିଚାଳକ ଥିଲେ କମଲ ସିଂହ ଦାଉ । ତାଙ୍କର ପ୍ରାୟ ଏକହଜାର ସୈନ୍ୟଙ୍କର ସୁସଂଗଠିତ ସେନାବାହିନୀ ଥିଲା ଯେଉଁଥିରେ କି ପ୍ରାୟ ଏକଶତ ଜଣ ବନ୍ଧୁକ ଚାଳନାରେ ନିପୁଣ ଥିଲେ । କମଲ ସିଂହ ଦାଓ ଏତେ ଦୁର୍ଦ୍ଧର୍ଷ ଥିଲେ ଯେ ସେତେବେଳେ ଇଂରେଜ ସରକାର ୨୦୦୦ ଟଙ୍କା ତାଙ୍କ ଧରିବା ପାଇଁ ପୁରସ୍କାର ଘୋଷଣା କରିଥିଲେ । କମଲ ସିଂହ ଦାଓ ଏବଂ ଖଗେଶ୍ୱର ସିଂହ ଦାଓଙ୍କ ଚାପରେ ପଶ୍ଚିମ ଓଡ଼ିଶା ଏବଂ ସିମାନ୍ତବର୍ତ୍ତୀ ଛତିଶଗଡ଼ ଜମିଦାର ଏବଂ ଗୋନ୍ତିଆମାନେ ଅନିଚ୍ଛା ସତ୍ତ୍ୱେ ସାହାଯ୍ୟ କରୁଥିଲେ ।

ଯେତେବେଳେ ବିଦ୍ରୋହର ଅବସାନ ହୋଇ ଆସୁଥିଲା ଏବଂ ଧୀରେ ଧୀରେ ସମସ୍ତେ ଆତ୍ମସମର୍ପଣ କରି ନେଇଥିଲେ ତଥାପି କମଲ ସିଂହ ଆତ୍ମ ସମର୍ପଣ କରିବା ପରିବର୍ତ୍ତେ ଜଙ୍ଗଲରେ ରହିଯାଇଥିଲେ । ଦିନେ ଛଦ୍ମବେଶୀ ସନ୍ୟାସୀ ବେଶରେ ସାରଙ୍ଗଗଡ଼ରେ ବୁଲୁଥିବା ବେଳେ ସାରଙ୍ଗଗଡ଼ ରାଜା ତାଙ୍କୁ ଧରି ଇଂରେଜମାନଙ୍କୁ ସମର୍ପଣ କରିଥିଲେ । ସେ ସମୟରେ କମଲ ସିଂହଙ୍କୁ ଧରିବା ପାଇଁ ଥିବା ପୁରସ୍କାର ୨୦୦୦ ଟଙ୍କା ସାରଙ୍ଗଗଡ଼ ରାଜାଙ୍କୁ ମିଳିଥିଲା । ବ୍ରିଟିଶ ସରକାର କମଲ ସିଂହ ଦାଓଙ୍କୁ ମହାରାଷ୍ଟ୍ରର ନିମାର ଜିଲ୍ଲାର ଅଶୁରଗଡ଼ ଜେଲକୁ ପ୍ରେରଣ କଲେ ଯେଉଁଠାରେ କି ଆଜୀବନ କାରାବରଣ କରି ମୃତ୍ୟୁବରଣ କରିଥିଲେ ।

ବ୍ରିଟିଶ ସରକାର ବେଜପ୍ତ ହୋଇଥିବା ସବୁ ଜମିଦାର ମାନଙ୍କର ଜମିଦାରୀ ଫେରାଇ ଦେଇଥିଲେ କିନ୍ତୁ ଲଖନପୁର ଜମିଦାରଙ୍କ ବ୍ୟଜପ୍ତ ସମ୍ପତ୍ତି ସବୁଦିନ ପାଇଁ ବେଜପ୍ତ ହୋଇ ରହିଗଲା ।

ଏହି ବୀରମାନେ ତାଙ୍କ ଜୀବନ କାଳ ଭିତରେ ଏ ଦେଶକୁ ତ ସ୍ୱାଧୀନ କରିପାରି ନ ଥିଲେ, କିନ୍ତୁ ତାଙ୍କର ଅଭୂତପୂର୍ବ ତ୍ୟାଗ ଏବଂ ବଳିଦାନ ଏ ଦେଶର ସ୍ୱାଧୀନତାର ମାର୍ଗ ପ୍ରଶସ୍ତ କରିଥିଲା, ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ ।

ମୁକ୍ତି ସଂଗ୍ରାମରେ ଅଂଶଗ୍ରହଣ କରିଥିବା ଗୋଁଣ୍ଡ ସମାଜର ମୁକ୍ତି ସଂଗ୍ରାମୀ :

| | | | |
|---|---|---|---|
| I | ବଳଭଦ୍ର ସିଂହ ଦାଓ | ଲଖନପୁର ଜମିଦାର | ୧୮୩୭ରେ ରାମପୁର ଜମିଦାର ଦରିଆର ସିଂହଙ୍କ ନେତୃତ୍ୱରେ ରାଜା ନାରାୟଣ ସିଂହ ସେନାର ଡ଼େବ୍ରିଗଡ଼ ଆକ୍ରମଣରେ ନିହତ |
| I | ଗଜରାଜ ସିଂହ ଦାଓ | ବଳଭଦ୍ର ସିଂହ ଦାଓଙ୍କ ଜ୍ୟେଷ୍ଠପୁତ୍ର | ଉଲଗୁଲାନର ସେନାନୀ |
| I | କମଲ ସିଂହଦାଓ | ବଳଭଦ୍ରଙ୍କ ଅନ୍ୟପୁତ୍ର | ଉଲଗୁଲାନର ପ୍ରମୁଖ ସେନାପତି, ଅନ୍ତିମ ବନ୍ଦୀ, ଫକୀର ବେଶରେ ଆତ୍ମଗୋପନ କରିଥିବା ବେଳେ ସାରଙ୍ଗଗଡ଼ ରାଜାଙ୍କ ଦ୍ୱାରା ବନ୍ଦୀ |
| I | ନିଲାମ୍ବର ସିଂହଦାଓ | ବଳଭଦ୍ରଙ୍କ ପୁତ୍ର | ସେନାନୀ |
| I | ଖଗେଶ୍ୱର ସିଂହଦାଓ | ବଳଭଦ୍ରଙ୍କ ନାତି, କମଳ ସିଂହଙ୍କ ପୁତୁରା, ବିଶ୍ୱମ୍ଭର ଦାଓଙ୍କ ପୁତ୍ର | ଅସୀର ଗଡ଼ରେ ଆଜୀବନ ବନ୍ଦୀ |
| I | ମୀନକେତନ ସିଂହଦାଓ | ବିଶ୍ୱମ୍ଭରଙ୍କ ପୁତ୍ର, ଖଗେଶ୍ୱରଙ୍କ ଭ୍ରାତା | ସେନାନୀ |
| I | ମୋହନ ସିଂହଦାଓ | ବିଶ୍ୱମ୍ଭରଙ୍କ ପୁତ୍ର, ଖଗେଶ୍ୱରଙ୍କ ଭ୍ରାତା, ବୋଣ୍ଡା ନିବାସୀ | ସେନାନୀ |
| I | ମିଳନ ସିଂହ | କମଲ ସିଂହଦାଓଙ୍କ ସହଯୋଗୀ | ସେନାନୀ |
| I | କରୁଣାକର ନାୟକ | ପି. ଅନନ୍ତ କୋଲାବିରା ଜମିଦାର | ୧୮୫୮ ଫେବୃଆରୀ ୧୧ରେ ସମ୍ବଲପୁରରେ ଫାଶୀ |
| I | ଖଗ ନାୟକ | କରୁଣାକରଙ୍କ ଭାଇ | |
| I | କହ୍ନାଇ ନାୟକ | ଖଗଙ୍କ ପୁତ୍ର | |
| I | ଅଞ୍ଜାରି ସିଂହ | କୋଡ଼ାବଗା ଜମିଦାର | |
| I | ଅର୍ଜୁନ ଗଡ଼ତିଆ | ଲୋଇସିଂହାର ଜମିଦାର | |
| I | ଚନ୍ଦ୍ର ଗଡ଼ତିଆ | ପି. ଅର୍ଜୁନ, ଲୋଇସିଂହା (ଯୁଯୋତ୍ମରା) | |
| I | ଦିଆଲ ସର୍ଦ୍ଦାର | ଖରସଲ ଜମିଦାର ପି. ଶୋଭା ସିଂହ | ୧୮୫୮ ମାର୍ଚ୍ଚ ୩ରେ ଫାଶୀ ପାଇଲେ |
| I | ଜନାର୍ଦ୍ଦନ ସିଂହ | ପି. ତ୍ରିଲୋଚନ ସିଂହ ପାହାଡ଼ଶ୍ରୀଗିଡ଼ା ଜମିଦାର | ୧୮୫୮ ଫେବୃୟାରୀ ୧୨ ତାରିଖରେ କ୍ୟାପ୍‌ଟେନ୍ ଉଡ୍‌ବ୍ରିଜଙ୍କୁ ନିହତ କରିଥିଲେ |

| | | | |
|---|---|---|---|
| l | ପିତାମ୍ବର ସିଂହ ଦେଓ୍ଵାନ | ପି. ଭଗବାନ ରାଏ ଦେଓ୍ଵାନ ପାଟକୁଲୁଣ୍ଡା ଜମିଦାର | |
| l | ଧନୁ ସିଂହ | ମଚିଦା ଜମିଦାର | |
| l | ମଧୂ ଗୌନ୍ତିଆ | ଯୁଯୋସୁରା ଜମିଦାର | ୧୮୫୭ ନଭେମ୍ବର ୧୭ରେ ଡ଼ମ୍ବରୁଙ୍କୁ ହତ୍ୟା କରିଥିଲେ । ପରେ ଧରାପଡ଼ି ଫାଶି ପାଇଥିଲେ । |
| l | ଅବଧୂତ ସିଂହ | ବିଷେଇକେଲା (ଚଉଡ଼େନ) ଜମଦାର | ରାଣୀ ମୋହନ କୁମାରୀଙ୍କ ବିରୁଦ୍ଧରେ ପ୍ରକାଶ୍ୟ ଯୁଦ୍ଧ |
| l | ମନୋହର ସିଂହ | ବିପେଇକେଲା ଜମିଦାର | ୧୮୫୮ ଫରେଷ୍ଟର ଭେଡ଼େନ୍ ଆକ୍ରମଣରେ ନିହତ |

**ସହାୟକ ଗ୍ରନ୍ଥସୂଚୀ :**


v ଦାଶ ଅନିରୁଦ୍ଧ — ବୀର ସୁରେନ୍ଦ୍ର ସାଏ

v ପଣ୍ଡା ଦୀପକ କୁମାର — ବୀର ସୁରେନ୍ଦ୍ର ସାଏ

v ଡ଼. ନବୀନ କୁମାର ସାହୁ — ବୀର ସୁରେନ୍ଦ୍ର ସାଏ



ଭୂତପୂର୍ବ ସଭାପତି ଗୋଁଣ୍ଡ ସମାଜ,
ବରଗଡ଼ ଜିଲ୍ଲା
ଫୋନ : ୯୭୭୭୭୭୩୩୨୭

# ଗଣ୍ଡ ସଂପ୍ରଦାୟର ଦାରୁଦେବତାଙ୍କର ନବକଳେବର ଓ ଘୋଷଯାତ୍ରା

ଡ଼ଃ କୃଷ୍ଣଚନ୍ଦ୍ର ନାୟକ

ଆଦିମାନବ ଥିଲା ପ୍ରକୃତି ଉପାସକ । ପ୍ରକୃତିର ବିଭିନ୍ନ ବିଭବ, ମାଟି, ଆକାଶ, ଜଳ, ବାୟୁ, ପାହାଡ଼, ନଦୀ, ବୃକ୍ଷ ଓ ଜୀବଜନ୍ତୁଙ୍କ ଭିତରେ ଦିବ୍ୟସତ୍ତା ନିହିତ ଥିବା କଳ୍ପନା କରୁଥିଲା । ଏସବୁ ଭିତରେ ଥିବା ଅଫୁରନ୍ତ ଶକ୍ତି, ବୈଚିତ୍ର୍ୟ ଓ ଚିରନ୍ତନତାକୁ ଦେଖି ବିସ୍ମିତ ହେଉଥିଲା । ପ୍ରକୃତି କୋଳରେ ରହୁଥିବାରୁ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଏମାନଙ୍କର ଛତ୍ରଛାୟା ତଳେ ଆଶ୍ରୟ ନେବାକୁ ପଡୁଥିଲା । ଅବଚେତନ ସ୍ତରରେ ଏମାନଙ୍କୁ ଭାବୁଥିଲା ଦେବତା, ତ୍ରାଣକର୍ତ୍ତା । ଏହି ସୂତ୍ରରୁ ବୃକ୍ଷ ପୂଜା ଆଦି ମାନବର ଜୀବନଧାରାର ଏକ ଅଙ୍ଗ ହୋଇଗଲା ।

ଆଦିମାନବ ଜଙ୍ଗଲରେ ବିଚରଣ କଲାବେଳେ ନିଜର ସ୍ଥାୟୀ ଗୃହର ଆବଶ୍ୟକତା ଅନୁଭବ କରିଥିଲା । ଏହି କୁଟୀର ନିର୍ମାଣ ପୂର୍ବରୁ ସେ ସ୍ଥାନରେ ଖୁଣ୍ଟ (କାଠଗଣ୍ଡି)ଟିଏ ପୋତିଲା । ଖୁଣ୍ଟ ଚାରିପଟେ ସଂଘବଦ୍ଧ ହୋଇ ବସତି ସ୍ଥାପନ କଲା । ସକାଳୁ ଖାଦ୍ୟ ସଂଗ୍ରହ ଓ ଶିକାର କରି ସନ୍ଧ୍ୟାରେ ବାହୁଡ଼ିଲା ବେଳେ ସେ ଖୁଣ୍ଟଟିକୁ ଲକ୍ଷ୍ୟକରି ଫେରି ଆସିଲା; ବାଟବଣା ହେଲା ନାହିଁ । ତା'ରି ପାଖରେ ପିଲାଛୁଆଙ୍କୁ ନିରାପଦରେ ଛାଡ଼ି ଆତଯାତ ହେଲା । କ୍ରମେ ପାଖ ଅଞ୍ଚଳରେ କୃଷିକର୍ମ କରି ଗୃହପାଳିତ ପଶୁପକ୍ଷୀ ରଖିଲା । ସଂଘବଦ୍ଧ ହୋଇ ରହୁଥିବାରୁ ପ୍ରାକୃତିକ ବିପର୍ଯ୍ୟୟ, ମରୁଡ଼ି, ମହାମାରୀ ମଡ଼କ ଓ ହିଂସ୍ର ବନ୍ୟଜନ୍ତୁ କବଳରୁ ରକ୍ଷା ପାଇଲା । ସୁରୁଖୁରୁରେ ବିତିଲା ଜୀବନ । ସେହି କାଠଖୁଣ୍ଟ ପ୍ରତି ମୋହ ଜନ୍ମିଲା । ସେହି ଦାରୁ ଭିତରେ ବ୍ରହ୍ମ ଥାପିଲା । ଅବଚେତନ ମନରେ ଭାବିଲା ସେଇ ଦାରୁବ୍ରହ୍ମ ତା'ର ଇଶାଣ ଖୁଣ୍ଟ, ପିତୃପୁରୁଷ ଗ୍ରାମର ରକ୍ଷାକର୍ତ୍ତା, ମୁରବୀ । ଶୁଭ ଅଶୁଭ ବେଳାରେ ଫୁଲ ଚନ୍ଦନ, ଝୁଣା, ଧୂପ ଦେଇ ପୂଜିଲା; ଯେଉଁ ଶସ୍ୟ ଉତ୍ପାଦନ କଲା ପ୍ରଥମେ ତାଙ୍କୁ ଅର୍ପଣ କରି ନିଜେ ଭୁଞ୍ଜିଲା । ସେ ହେଲେ ଆଧ୍ୟାତ୍ମିକ ଓ ସାମାଜିକ ଜୀବନର ପ୍ରାଣକେନ୍ଦ୍ର । ସଂସାର ତ ଦୁଃଖମୟ ! କା ଆଗେ କହିବ ? ଯେ ଚକ୍ଷୁ ସମ୍ମୁଖରେ, ହାତ ପାହାନ୍ତାରେ, ହୃଦୟକନ୍ଦରେ ତାଙ୍କରି ପାଖରେ ନିଜର ଅଳିଅର୍ଦ୍ଦଳି ଅଜାଡ଼ି ଦେଲା । ଠାକୁର ଶୁଣିଲେ କି ନାହିଁ ପରଖି ନାହିଁ; ବିଶ୍ୱାସର ସିଂହାସନରେ ବସାଇ ପୂଜା କରିଛି । ସେହି ଦାରୁ କଳେବର ମଧ୍ୟରେ ଭକ୍ତଗଣ ଠାକୁରଙ୍କ ପ୍ରତିବିମ୍ବ ଦେଖି ଆତ୍ମସନ୍ତୋଷ ଲାଭ କରିଛନ୍ତି ।

ଦାରୁ ଦେବତାଙ୍କ ପୂଜନ ଅତି ପ୍ରାଚୀନ । ବୈଦିକ ପରମ୍ପରାରେ 'ୟୂପପୂଜା' ପ୍ରଚଳିତ ଥିଲା । ଯଜ୍ଞ କାର୍ଯ୍ୟରେ ଏହି ଶୁଭସ୍ତମ୍ଭ ବା ୟୂପସ୍ଥାପନ କରାଯାଉଥିଲା । ପୁରାଣ ମତରେ ଅରଣ୍ୟ ଦେବତା ଭଗବାନ ନୃସିଂହ ସ୍ତମ୍ଭରୁ ଆବିର୍ଭାବ ହୋଇଥିଲେ । ଏବେ ମଧ୍ୟ ଗ୍ରାମାଞ୍ଚଳରେ ନୂତନ ଗୃହ ନିର୍ମାଣ କରାଗଲା ବେଳେ ଶୁଭସ୍ତମ୍ଭ (କାଠଖୁଣ୍ଟ) ପୋତି ପୂଜାର୍ଚ୍ଚନା କରାଯାଇଥାଏ ।

ପ୍ରାଚୀନ କାଳରେ 'ଉଡ୍ଡୀୟାନ' ଅଧିବାସୀଙ୍କ ମଧ୍ୟରେ ବୃକ୍ଷପୂଜା ପ୍ରଚଳିତ ଥିଲା । ସେମାନେ ବୃକ୍ଷଗଣ୍ଡିରେ ରୂପ ଆଙ୍କି ଦେବତା ରୂପେ ପୂଜା କରୁଥିଲେ । ବୃକ୍ଷର ମଞ୍ଜି ଅଂଶଟି ଅର୍ଥାତ୍ ଗଣ୍ଡିଟି ଦାରୁ; କିନ୍ତୁ ମହାପ୍ରଭୁ ଯେଉଁ ଦାରୁରେ ତିଆରି ହୁଅନ୍ତି, ସେଇ ଦାରୁର ଅର୍ଥ ହେଲା – "ପ୍ରଭୁ ଆମ୍ଭମାନଙ୍କୁ ରକ୍ଷା କରି ଆନନ୍ଦ ପ୍ରଦାନ କରନ୍ତି ।" "ଏହି 'ଉଡ୍ଡୀୟାନ'ର ଶବରମାନେ ହିଁ ଆବହମାନ କାଳରୁ ନିମ୍ବକାଠରେ ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ କରି ପୂଜା ଉପାସନା କରି ଆସୁଥିଲେ ।"(୧) "ଆଦିବାସୀ ବା ଶବରମାନଙ୍କର ଅତିଶୟ ଦେବତା ବିଶ୍ୱାସରୁ ଗୃହ ଦେବତା, ଗ୍ରାମ ଦେବତା ଓ ଗଣଦେବତା ଉପାସିତ ହୋଇଥିଲେ । ଗଣଦେବତା ଥିଲେ ସର୍ବୋଚ୍ଚ ଆସନରେ ଅଳଙ୍କୃତ ରାଜ୍ୟର ରାଷ୍ଟ୍ର ଦେବତା 'ଜଗନ୍ତ' ଯାହାପରେ ସଂସ୍କୃତାୟିତ ରୂପରେ ଜଗନ୍ନାଥ ଶବ୍ଦରେ ପରିବର୍ତ୍ତିତ ହେଲା ।"(୨)

ମହାପ୍ରଭୁ 'ଜଗନ୍ତ'ଙ୍କ ଶରୀର ଯେହେତୁ ଦାରୁ ବା କାଠଗଣ୍ଡିରେ ନିର୍ମିତ, ସେ ଦାରୁ ସମୟ କ୍ରମେ ଜରାଜୀର୍ଣ୍ଣ ବା

ପୁରୁଣା ହୋଇଯାଆନ୍ତି । ତେଣୁ ଜଗନ୍ନାଥ ଦେହଧାରୀ ଭାବେ ନିଜର ପୁରୁଣା ଦେହକୁ ତ୍ୟାଗ କରି ନୂଆ ରୂପେ ଦେହ ଧାରଣ କରନ୍ତି । ଏହାକୁ 'ନବକଳେବର' କୁହାଯାଏ ।

ଓଡ଼ିଶାର ଜନଜାତିଙ୍କ ମଧ୍ୟରେ ଗଣ୍ଡ ସମ୍ପ୍ରଦାୟ ପ୍ରମୁଖ ଆଦିବାସୀ ସମ୍ପ୍ରଦାୟ । ଏମାନେ ବିଭିନ୍ନ ଦେବାଦେବୀ, ଅପଦେବତା, ଅପଦେବୀଙ୍କୁ ପୂଜାର୍ଚ୍ଚନା କରନ୍ତି । ଏହି ବିଗ୍ରହମାନେ ପଥର, ଲୁହା, ସୁନା, ମୃତ୍ତିକା, ଚନ୍ଦନ, ହଳଦୀ, ବାଲି ଓ କାନ୍ଥରେ ଅଙ୍କିତ ଇତ୍ୟାଦି ବିଭିନ୍ନ ପ୍ରକାର ଧାତୁରେ ତିଆରି ହେଲାବେଳେ, ଏକମାତ୍ର ଦେବତା 'ଦଶନ୍ତ ଠାକୁର'ଙ୍କର କଳେବର ଦାରୁରେ ନିର୍ମିତ ହୋଇଥାଏ । ବଡ଼ଦେଓ ଓ ଧରିତ୍ରୀ ମାତା ଏମାନଙ୍କର ମୁଖ୍ୟ ଦେବାଦେବୀ । ଏମାନଙ୍କର ବିଶ୍ୱାସ ଯେ, 'ବଡ଼ଦେଓ' ସୃଷ୍ଟିର ସ୍ରଷ୍ଟା ଏବଂ ନିୟାମକ ।(୩) ଗ୍ରାମର ସୃଷ୍ଟି ଆଦ୍ୟରୁ ଏହାଙ୍କର ପ୍ରତିଷ୍ଠା ଏବଂ ପୂଜାର୍ଚ୍ଚନା କରାଯାଇଥାଏ । ଏହି 'ବଡ଼ଦେଓ' ହିଁ ଦଶନ୍ତଠାକୁର । ଗ୍ରାମର ପ୍ରମୁଖ ସ୍ଥାନରେ ମୁକ୍ତାକାଶ ତଳେ ଏହାଙ୍କର ପୀଠସ୍ଥଳୀ । ଏହାଙ୍କୁ ଘେରି ରହିଥାଆନ୍ତି ଅନ୍ୟାନ୍ୟ ଦେବାଦେବୀଗଣ । ଶ୍ରୀଦଶନ୍ତଠାକୁର ସ୍ୱୟଂ ପରଂବ୍ରହ୍ମ ହେଲେ ହେଁ, ମାନବ ଲୀଳାର ପ୍ରକାଶ ପାଇଁ ଗ୍ରାମାଞ୍ଚଳରେ ଦାରୁରୂପ ଧାରଣ କରିଛନ୍ତି । ଏଣୁ ଏହି ଠାକୁର ମଧ୍ୟ ନିଜର ପୁରୁଣା ବା ଜୀର୍ଣ୍ଣ ଦେହକୁ ପରିତ୍ୟାଗ କରି ନୂତନ ଦେହ ଧାରଣ କରିଥାଆନ୍ତି । ଏହି ଘଟ ପରିବର୍ତ୍ତନର ପ୍ରଥା ହେଉଛି 'ଦଶନ୍ତ' ବା ନବକଳେବର । ଏହା ଦଶବର୍ଷରେ ଥରେ ଅନୁଷ୍ଠିତ ହୋଇଥାଏ ।

କଥିତ ଅଛି - ଉତ୍ର ଦେଶରେ ଅବସ୍ଥିତ ନୀଳ ପର୍ବତ । ଏହାର ପାଦ ଦେଶରେ ଶବର ପଲ୍ଲୀ ଓ ପରମଧାର୍ମିକ ଶବର ରାଜା ବିଶ୍ୱାବସୁ ଅବସ୍ଥାନ କରୁଥିଲେ । ପର୍ବତର ଶିଖର ଦେଶରେ ଗୁମ୍ଫାରେ କମନୀୟ ନୀଳମାଧବ ବିଗ୍ରହକୁ ସେ ଗୋପନରେ ଆରାଧନା କରୁଥିଲେ । ନୀଳମାଧବଙ୍କର ପ୍ରତିମା ଯେପରି କମନୀୟ ନୀଳମାଧବ ବିଗ୍ରହକୁ ସେ ଗୋପନରେ ଆରାଧନା କରୁଥିଲେ । ନୀଳମାଧବଙ୍କର ପ୍ରତିମା ଯେପରି କମନୀୟ, ମହିମା ସେହିପରି ପ୍ରତ୍ୟକ୍ଷ ରହିଥାଏ । ମାଳବ ଦେଶର ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ନିର୍ଦ୍ଦେଶରେ ରାଜପୁରୋହିତଙ୍କ ଭାଇ ବିଦ୍ୟାପତି 'ନୀଳମାଧବ'ଙ୍କ ସନ୍ଧାନରେ ନିର୍ଗତ ହେଲେ । ବିଶ୍ୱାବସୁଙ୍କ କନ୍ୟା ଲଳିତାଙ୍କୁ ବିବାହ କରି ଗୋପନରେ ଥିବା ଶ୍ରୀ ନୀଳମାଧବଙ୍କୁ ଦର୍ଶନ କଲେ । ନୀଳମାଧବ ବିଶ୍ୱାବସୁ ମାଧ୍ୟମରେ ବିଦ୍ୟାପତିଙ୍କୁ ଏକ ଆଜ୍ଞାମାଳ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଦେବା ପାଇଁ ନିର୍ଦ୍ଦେଶ କଲେ ଏବଂ ସ୍ୱପ୍ନରେ କହିଲେ - "ରାଜନ୍ ତୁମେ ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀନୃସିଂହ ମୂର୍ତ୍ତି ସ୍ଥାପନା କରି ସହସ୍ର ଅଶ୍ୱମେଧ ଯଜ୍ଞକର, ମୁଁ ଦାରୁରୂପରେ ମହୋଦଧିରେ ତୁମକୁ ଦର୍ଶନ ଦେବି ।" ରାଜା ମହାପ୍ରଭୁଙ୍କ ନିର୍ଦ୍ଦେଶରେ ଶ୍ରୀଗୁଣ୍ଡିଚା ମନ୍ଦିର ମହାବେଦୀଠାରେ ଗୋପନୀୟ ଭାବେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦାରୁ ବିଗ୍ରହ ତିଆରି କରାଇଲେ ।

ବିଶ୍ୱାବସୁଙ୍କର ବଂଶଧର ଭାବରେ ଗଣ୍ଡ ସଂପ୍ରଦାୟ ବିଶ୍ୱାସ କରନ୍ତି । ଗଣ୍ଡମାନେ ନୀଳମାଧବଙ୍କୁ ପୂଜା କରିବାକୁ ଯାଇ ଠାକୁରଙ୍କ ଶୂନ୍ୟସ୍ଥାନ ଦେଖି ଆଚମ୍ବିତ ହେଲେ । ପାହାଡ଼, ଅରଣ୍ୟ ଖୋଜି ଖୋଜି କ୍ଲାନ୍ତ ହୋଇ ପଡ଼ିଲେ । ପ୍ରାଣ ପ୍ରତିମ ଇଷ୍ଟ ଦେବତାଙ୍କୁ ନ ପାଇ କ୍ରନ୍ଦନ କରିବାକୁ ଲାଗିଲେ । ଭକ୍ତଙ୍କର ଆକୁଳ କ୍ରନ୍ଦନ ଶୁଣି ନୀଳମାଧବ କହିଲେ - "ଯେ ବିଧିର ବିଧାନ, ତୁମେ କାନ୍ଦ ନାହିଁ । ଜଗତର ମଙ୍ଗଳ ପାଇଁ ମୁଁ ଶ୍ରୀକ୍ଷେତ୍ରରେ ବିଜେ ହେବି । ମୋର ଶରୀରର ଅର୍ଦ୍ଧେକ ଜଙ୍ଘରୁ ନିମ୍ନଭାଗକୁ ପୂଜା କର । ମୁଁ ଜଙ୍ଘାଦେଓ ନାମରେ ନାମିତ ହେବି ।" ସେହିଦିନଠାରୁ ଗଣ୍ଡ ସମ୍ପ୍ରଦାୟ ଦାରୁଦେବତା ଜଙ୍ଘାଦେଓଙ୍କୁ ଜଗନ୍ନାଥଙ୍କର ପ୍ରତୀକ ଭାବରେ ପୂଜା କରି ଆସୁଛନ୍ତି । ନୀଳମାଧବ ସ୍ୱଇଚ୍ଛାରେ ଦୁଇଭାଗ ହୋଇଯାଇ ଜଙ୍ଘମୂଳର ଉପରିଭାଗ ଜଗନ୍ନାଥ ରୂପେ ଏବଂ ଜଙ୍ଘରୁ ନିମ୍ନଭାଗ ଜଙ୍ଘାଦେଓ ନାମରେ ଯଥାକ୍ରମେ ଆର୍ଯ୍ୟ ଓ ଆଦିବାସୀମାନଙ୍କ ଦ୍ୱାରା ପୂଜା ପାଇଲେ । ସେମାନେ କହନ୍ତି ଯେ, ତାଙ୍କର ପୂର୍ବପୁରୁଷଗଣ ବ୍ରାହ୍ମଣପୁତ୍ର ବିଦ୍ୟାପତିଙ୍କୁ ସେମାନଙ୍କର କନ୍ୟାରତ୍ନ ଲଳିତାକୁ କନ୍ୟାଦାନ କରି ନୀଳମାଧବଙ୍କର ଅର୍ଦ୍ଧେ ଅବୟବକୁ ଯୌତୁକ ସ୍ୱରୂପ ପ୍ରଦାନ କରିଥିଲେ ।(୪)

ପଶ୍ଚିମ ଓଡ଼ିଶାରେ ଜଙ୍ଘାଦେଓଙ୍କ ପୂଜା ପ୍ରଚଳିତ ଅଛି । ଭୋଇପାଲି, ବୁରୁନ୍ଦାମାଲ, ଲାଡମ୍ପାଲି, ଲୁଲଙ୍ଗ, ବଣେଇଖୁଣ୍ଟଗାଁ ଓ ଅନ୍ୟ ଗ୍ରାମରେ ଗଣ୍ଡ ସମ୍ପ୍ରଦାୟ ପୌଷ ମାସରେ ଯାକଜମକରେ ଜଙ୍ଘାଦେଓଙ୍କର ଉତ୍ସବ ପାଳନ କରନ୍ତି ।(୫)

ଗଣ୍ଡ ସମ୍ପ୍ରଦାୟ କୃଷି ଉପରେ ନିର୍ଭର କରୁଥିବାରୁ ବୀଜବପନ, ବେଉଷଣ ଓ ଶସ୍ୟ ଅମଳ ସମୟରେ ଅଦୃଶ୍ୟ ଶକ୍ତିର କରୁଣା ପାଇଁ ପୂଜାର୍ଚ୍ଚନା ଓ ଉତ୍ସବ ପାଳନ କରନ୍ତି । ବର୍ଷର ପ୍ରଥମ ପୂଜା ପଡ଼େ ମାଘ ମାସର ମାଘପୋଡ଼ି ଉତ୍ସବରେ । ଏଥିରେ ନୂତନ କୃଷିକର୍ମ ପାଇଁ କ୍ଷେତ୍ର ପ୍ରସ୍ତୁତ କରାଯାଏ । କ୍ଷେତରେ ଯାହା ଅଳିଆ ଆବର୍ଜନା ଥାଏ ତାକୁ ଅଗ୍ନି ସଂଯୋଗ କରି ସଫାସୁତରା ପବିତ୍ର କରିବାକୁ ହୁଏ । ଏହା ପ୍ରତୀକାତ୍ମକ - ଅତୀତରେ କଳୁଷ, କାଳିମା, ଦୁଃଖ ଯନ୍ତ୍ରଣା, ରୋଗ ବୈରାଗ୍ୟକୁ ଧ୍ୱଂସ କରି ଏକ ନୂଆ ଜୀବନକୁ ସ୍ୱାଗତ କରିବା । ଏହି ପୂଜାରେ ଗ୍ରାମ ଉପକଣ୍ଠରେ ପାଳରେ ଏକ କୁମ୍ଭା ତିଆରି କରି ପୂଜାର୍ଚ୍ଚନା ପରେ ଅଗ୍ନି ସଂଯୋଗ କରାଯାଏ ।

ଏହି ଉତ୍ସବଟି ଗୁରୁତ୍ୱପୂର୍ଣ୍ଣ କାରଣ ଗ୍ରାମର ସମସ୍ତ ପୂଜାବିଧି, କର୍ମକାଣ୍ଡ ସଂପର୍କରେ ଦିନଧାର୍ଯ୍ୟ କରାଯାଏ । ଦଶନ୍ତ ଠାକୁରଙ୍କ ପୂଜାବିଧି ଓ ନବକଳେବର ପାଇଁ ଆଲୋଚନା ହୁଏ । ପାଳ ବା ଛୋଟ ବେଣ୍ଟିରେ ଗୋଲେଇ ବିଣ୍ଡା ତିଆରି କରାଯାଏ ଏବଂ ଦେହୁରୀ ବିଣ୍ଡାଟିକୁ ପବିତ୍ର ଠାକୁରାଣୀ ଶାଳରେ ସାଇତି ରଖେ । ପ୍ରତ୍ୟେକ ବର୍ଷ ଗୋଟିଏ ଲେଖାଏଁ ବିଣ୍ଡା, ଏହି କ୍ରମରେ ଯେଉଁବର୍ଷ ଦଶଟି ବିଣ୍ଡା ଏକତ୍ର ହୁଏ ସେହିବର୍ଷ ଦଶନ୍ତ ଠାକୁରଙ୍କ ନବକଳେବର ଆୟୋଜିତ ହୋଇଥାଏ ।

ଭାଦ୍ରବମାସର ଏକ ନିର୍ଦ୍ଦିଷ୍ଟ ଦିନରେ ଗ୍ରାମର ସେବକ ପଧାନ, ଦେହୁରୀ, ଡ଼ାକୁଆ, ବଢ଼େଇ, ପାଣତି ଓ ଗ୍ରାମର ପୁରୁଖା ବ୍ୟକ୍ତି ଏକତ୍ର ବସି 'ଦଶନ୍ତ' ସଂପର୍କରେ ଚୂଡ଼ାନ୍ତ ଆଲୋଚନା କରନ୍ତି । ଦେହୁରୀ ଗ୍ରାମର ଆଦ୍ୟା ଠାକୁରାଣୀ ବସେଲୀ ବା ବସୁମାତାଙ୍କ ପାଖରେ ଅଧିଆ ପଡ଼ନ୍ତି । ନିର୍ଜଳା ଉପବାସ ରହି ମା'ଙ୍କୁ ସୁମରଣା କରନ୍ତି । ମା'ଙ୍କର ସ୍ୱପ୍ନାଦେଶ ହୁଏ । ମା'ଙ୍କ ମଥାରୁ ସିନ୍ଦୁର, ଗଳାରୁ କରାଟ ଫୁଲ ଓ ଗୁଆଟିଏ ଶାଳପତ୍ରରେ ପୁଡ଼ିଆ କରି ଦେହୁରୀ ଗାଁ ପଧାନକୁ ପ୍ରଦାନ କରେ । ସେହି ଆଜ୍ଞା ପୁଡ଼ିଆଟିକୁ ସମ୍ବଳ କରି ଦଶଜଣ ସେବକ ବନଗମନ କରନ୍ତି । ଅଗ୍ରଭାଗରେ ଦେହୁରୀ ନାରୀବେଶ ହୋଇ ମା'ଙ୍କ ବେତବାଡ଼ି ଓ ତୁଳସୀ ଜଳଥିବା ମାଠିଆରୁ ଜଳସିଞ୍ଚନ କରି ପଥ ପବିତ୍ର କରି ଚାଲନ୍ତି । ସେବକମାନଙ୍କୁ 'ଡ଼ଗରିଆ' କୁହାଯାଏ । ଏହାର ଅର୍ଥ ଦାରୁ ସଂଗ୍ରହ ପାଇଁ ମା'ଙ୍କୁ ଡଗରେଇବା ବା ଅନୁସରଣ କରି ଚାଲୁଛନ୍ତି । ପ୍ରଥମରେ ଜଙ୍ଗଲ ପ୍ରବେଶ ପୂର୍ବରୁ 'ଝାଡ଼ଦେବତା'ଙ୍କୁ ପୂଜା କରାଯାଏ । ଝାଡ଼ଦେବତାଙ୍କ ଅନୁମତି ପରେ ଅଲୌକିକ ଚିହ୍ନଥିବା ବୃକ୍ଷକୁ ଖୋଜନ୍ତି । ସାଧାରଣତଃ ଦାରୁବିଗ୍ରହ ପାଇଁ ନିମ୍ବ, ଶାଳ ଓ ଅସନ ବୃକ୍ଷକୁ ହିଁ ବ୍ୟବହୃତ ହୁଏ । ଯେଉଁ ବୃକ୍ଷରେ ମଦାଙ୍ଗ (ପରାନ୍ନଭୋଜି ଉଦ୍ଭିଦ) ଓ ତୁଡୁରୁ (ଖୋଲ / କୋରଡ଼) ନ ଥାଏ ତାକୁ ଚୟନ କରାଯାଏ । ଦାରୁସନ୍ଧାନ ବେଳେ ଫଳମୂଳ ଆହାର ଓ ଝରଣା ଜଳ ପାନ କରି ବୃକ୍ଷ ମୂଳେ ଅଗ୍ନିଜାଳି ବଡ଼ ଗଛରେ ମଞ୍ଚାମାରି ରହିବାକୁ ହୁଏ ।

ଦାରୁ ଚିହ୍ନଟ ହେଲା ପରେ ବୃକ୍ଷମୂଳକୁ ମାର୍ଜନା କରି ତୁଳସୀ ଜଳରେ ସ୍ନାନ କରାଇ ହଳଦୀବୋଳି ସୂତା ଖିଏ ବେଢ଼ାଇ ଦିଆଯାଏ । ଦେହୁରୀ ମା'ଙ୍କ ବେତବାଡ଼ିଟିକୁ ଗଛରେ ଡ଼େରି ଦେଇ ପୂଜାର୍ଚ୍ଚନା କରେ । ବୃକ୍ଷଟିକୁ ପ୍ରଥମେ ଧାରୁଆ ପଥରରେ ଚିହ୍ନ କଲାପରେ ହଳଦୀ ପାଣିରେ ଧୁଆ ହୋଇଥିବା କୁରାଢ଼ୀରେ ଛେଦନ କରାଯାଏ । ସେବକମାନେ ଦାରୁଗଣ୍ଡିଟିକୁ କାନ୍ଧରେ ବୋହି ଗ୍ରାମ ଉପକଣ୍ଠରେ ପୂର୍ବରୁ ନିର୍ମିତ ହୋଇଥିବା ପତ୍ରକୁଡ଼ିଆ ଭିତରେ ରଖନ୍ତି । ସ୍ୱପ୍ନଦେଶ ପାଇଥିବା ବଢ଼େଇ ବିଶ୍ୱକର୍ମା ସାଜି ଦାରୁଗଣ୍ଡିଟିକୁ ପ୍ରଥମେ ଚଉପଟ ଓ ପରେ କୁନ୍ଦ କରି ଗୁପ୍ତରେ ଦଶନ୍ତ ଠାକୁର ନିର୍ମାଣ କରେ । ଏହାକୁ କେହି ଦେଖି ପାରନ୍ତି ନାହିଁ । ଦାରୁଦେବତାଙ୍କ କଳେବରରେ ତିନୋଟି ରେଖା ଅଙ୍କନ କରାଯାଏ । ଏହା ବ୍ରହ୍ମ, ବିଷ୍ଣୁ ଓ ମହେଶ୍ୱରଙ୍କ ସଂକେତ ବହନ କରେ । ପୁଣି ଏହି ତିନିରେଖା ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ ବୋଲି କଳ୍ପନା କରାଯାଏ । ସବୁକିଛି ଲୌକିକାଚାରରେ କରାଯାଉଥିଲେ ହେଁ, ସ୍ୱୟଂ ଦଶନ୍ତଠାକୁର ହିଁ ନିଜ ସ୍ୱରୂପ ନିଜେ ଗଢ଼ି ଦାରୁ ମୂର୍ତ୍ତିରେ ବ୍ରହ୍ମ ହିଁ ସଂସ୍ଥାପିତ ହୁଅନ୍ତି ବୋଲି ଲୋକଙ୍କର ବିଶ୍ୱାସ ।

ଭାଦ୍ରବ ମାସ ଅମାବାସ୍ୟା ତିଥିରେ ମଧ୍ୟ ରାତ୍ରରେ ଦଶନ୍ତଠାକୁରଙ୍କ ନବକଳେବର ପ୍ରତିଷ୍ଠା ଉତ୍ସବ ଆୟୋଜନ କରାଯାଇଥାଏ । ଦଶନ୍ତଠାକୁରଙ୍କ ପୀଠକୁ ମାର୍ଜନା କରି ଭୂମିପୂଜା ସହିତ ମନ୍ତ୍ର ଉଚ୍ଚାରଣ କରେ ଦେହୁରୀ । ଦାରୁମୂର୍ତ୍ତିଟିକୁ ଗାଈ ଦୁଧରେ ସ୍ନାନ କରାଇ ଧଳାମାଟି, ହଳଦୀଗୁଣ୍ଡି ଓ ପାଳର ପୋଡ଼ା କଳାକୁ ମିଶାଇ ସେହି ମୂର୍ତ୍ତିଟିକୁ ବୋଳି ଦିଆଯାଏ । ମାଟିରେ ଚାରିଫୁଟ ଗଭୀର ଏକ କୁଣ୍ଡ ନିର୍ମାଣ କରାଯାଇ ମା' ବାସେଲୀକୁ ଆବାହନ କରାଯାଏ । ତାଙ୍କୁ ବଳିଭୋଗ ଦେଲା ପରେ ପୁରାତନ ଦାରୁଙ୍କ ସହିତ ନୂତନ ଦାରୁ ଦେବତାଙ୍କୁ ଏକତ୍ର ପୂଜା କରି ସ୍ପର୍ଶ କରାଯାଏ । ଏହାର ଅର୍ଥ ପୁରାତନ ଠାକୁରଙ୍କ ରାଜକଳା ହରଣ ହୋଇ ନୂତନ ଦିଅଁଙ୍କ ପାଖରେ କେନ୍ଦ୍ରୀଭୂତ ହେଲା । ଦାରୁ ଗଣ୍ଡିଟିକୁ ବାସେଲୀକୁଣ୍ଡ ଭିତରେ ଭରିଦେଲା ବେଳେ ଦେହୁରୀ ମନ୍ତ୍ରରେ ପ୍ରାର୍ଥନା କରେ, 'ହେ, ମା' ବାସେଲୀ! ହେ ଦଶନ୍ତଠାକୁର! ଆମ ପ୍ରତି ସାହା ହୋଇଥିବ ।' କୁଣ୍ଡ ଭିତରେ ଦାରୁଦିଅଁକୁ ଏପରି ପ୍ରତିଷ୍ଠା କରାଯାଏ ଯେ, ଏହାର ଦୁଇ ତୃତୀୟାଂଶ ମାଟି ଭିତରେ ପୋତି ହୋଇ ରହିବ ଏବଂ ଅନ୍ୟ ଅଂଶଟି ଖମ୍ବ ପରି ଉପରକୁ ରହିବ ।

ଅନ୍ଧକାର ରଜନୀ, ନିଶା ସାଇଁ ସାଇଁ ଗର୍ଜୁଥାଏ । ଦିଅଁଙ୍କ ପୀଠରେ ଝୋଳ ତେଲରେ ଦୀପଟିଏ ଜଳୁଥାଏ । ସେବାୟତଙ୍କ ମୁହଁରେ କଦଳୀପଟ ବନ୍ଧା ଯାଇଥାଏ; କେବଳ ଇଶାରା ମାଧ୍ୟମରେ ସେମାନେ ଭାବ ଆଦାନ ପ୍ରଦାନ କରନ୍ତି । ନିଶା ଶେଷ ପୂର୍ବରୁ ଦଶନ୍ତଠାକୁରଙ୍କ ନବକଳେବର ପ୍ରତିଷ୍ଠା କର୍ମ ଅଶ୍ରୁ ଓ ଆନନ୍ଦର ସହିତ ସମାପ୍ତି ହୁଏ । ଦୁଃଖ ଏଇଥିପାଇଁ ଯେ, ଦଶ ବର୍ଷକାଳ ହୃଦୟ ଦେଇ ପୂଜା କରୁଥିବା ଦିଅଁଙ୍କୁ ବିସର୍ଜନ ଏବଂ ନୂତନ ଦିଅଁଙ୍କର ନବକଳେବର ମୁହୂର୍ତ୍ତରେ ଆନନ୍ଦରେ ଅଧିର । ଦିଅଁ ପ୍ରତିଷ୍ଠା ପରେ ଗ୍ରାମ ଉପାନ୍ତ ବୃକ୍ଷମୂଳେ ରାତ୍ରିଭୋଜନ ଓ ବିଶ୍ରାମ । ସୂର୍ଯ୍ୟୋଦୟ

ପୂର୍ବରୁ ଶୌଚକର୍ମରେ ଗୃହ ପ୍ରତ୍ୟାବର୍ତ୍ତନ । ଏହି ଶୌଚ ଅର୍ଥ ପୁରାତନ ଦିଅଁଙ୍କ ପାତାଳି ଦିଆଯିବା ପରର ଶୁଦ୍ଧିକ୍ରିୟା ବିଧି । ଏକ ସାଧାରଣ ବୃକ୍ଷ ଭାବେ ନିତି ଦୃଶ୍ୟମାନ ହେଉଥିବା ଦାରୁ ବ୍ରହ୍ମ ସ୍ଥାପନ ପରେ ନୂଆ ଶରୀରରେ ଦଶନ୍ତଠାକୁର ଭାବରେ ଅବତୀର୍ଣ୍ଣ ହୋଇ ଜଗତର ମଙ୍ଗଳପାଇଁ ପତିତମାନଙ୍କୁ ଦର୍ଶନ ଦିଅନ୍ତି । କେବେଠାରୁ ଦଶନ୍ତଠାକୁରଙ୍କର ନବକଳେବର ଆରମ୍ଭ ହୋଇଛି ତାହାର ନିର୍ଦ୍ଦିଷ୍ଟ ଇତିହାସ ନ ଥିଲେ ମଧ୍ୟ ଅଦ୍ୟାବଧି ଏହା ଗ୍ରାମାଞ୍ଚଳରେ ଦଶବର୍ଷରେ ଥରେ ମହା ଉତ୍ସବରେ ପାଳିତ ହୋଇ ଆସୁଛି । ଦଶନ୍ତଠାକୁରଙ୍କ ନବକଳେବରର ନିର୍ଯ୍ୟାସ ହେଉଛି – ବ୍ରହ୍ମ ହିଁ ଜଗତର ଏକମାତ୍ର ସତ୍ୟ ଓ ଅପରିବର୍ତ୍ତନୀୟ ତତ୍ତ୍ୱ । ତାଙ୍କ ପାଖରେ ଆଶ୍ରିତ ହେବା ହିଁ ଜୀବର ପରମ ଧର୍ମ ।

'ଜଗନ୍ତ', 'ଦଶନ୍ତ' କାଳକ୍ରମେ ସଂସ୍କୃତାୟିତ ରୂପରେ ଜଗନ୍ନାଥ ଶବ୍ଦରେ ପରିବର୍ତ୍ତିତ ହେଲେ । ଜଗତର ନାଥ ଜଗନ୍ନାଥଙ୍କର ବଡ଼ଭାଇ ବଳରାମ, ବଳଭଦ୍ର । ଗାଁ ଲୋକେ ତାଙ୍କୁ ବଡ଼ାମଠାକୁର ବୋଲି ପୂଜା କରନ୍ତି । ସେ କୃଷିର ଦେବତା; ଲଙ୍ଗଳ ତାଙ୍କର ଆୟୁଧ । ଲଙ୍ଗଳ ସାହାଯ୍ୟରେ ବିଶ୍ୱକୁ ଉଖାଡ଼ି ପକାନ୍ତି । କୃଷିଜୀବି ଗ୍ରାମବାସୀ ଗାଁ ମଧ୍ୟରେ ବୃକ୍ଷମୂଳେ ବଡ଼ାମଙ୍କର ଆସ୍ଥାନ କରିଥାଆନ୍ତି । ତାଙ୍କର ମଣ୍ଡପକୁ ଲିପାପୋଛା କରି ଝୋଟି ଦେଇ ସଜାଇଥାଆନ୍ତି । ଚାପୋପକରଣ ନୂଆ କରି ବ୍ୟବହାର କରିବା ପୂର୍ବରୁ କୃଷକ ବଡ଼ାମଶାଳରେ ପୂଜା କରେ । ଚାଷୀଙ୍କର ଲଙ୍ଗଳ, ଜୁଆଡ଼ି, ମଇ, ଈଶ, କୋରଡ଼ ଆଦି ପବିତ୍ର ଚାଷୋପକରଣ । ସେଗୁଡ଼ିକ ଅକାମି ହୋଇଗଲେ ବଡ଼ାମଠାକୁରଙ୍କ ପାଖରେ ଜିମା ଦିଅନ୍ତି । ବାଡ଼ିବଗିଚାର ନୂଆ ଫଳମୂଳ, ପନିପରିବା ଓ ପ୍ରଥମ କରି କୁକୁଡ଼ା ଦେଇଥିବା ଅଣ୍ଡାଟିକୁ ଠାକୁରଙ୍କୁ ଅର୍ପଣ କରନ୍ତି ।

ଚୈତ୍ରମାସର ଏକ ପବିତ୍ର ତିଥିରେ ବଡ଼ାମଠାକୁରଙ୍କର ଘୋଷଯାତ୍ରା ହୁଏ । ତାଙ୍କୁ ଗାଁ ଦାଣ୍ଡରେ ଘୋଷରା ଯାଏ । ଜଗତବାସୀଙ୍କୁ ଦର୍ଶନ ଦେବା ତାଙ୍କର ଅଭିଳାଷ । ଏହାକୁ 'ମଣ୍ଡାଠେଙ୍ଗା' ବା 'ଡ଼ାଳଭାଙ୍ଗୁଣୀ' ପର୍ବ କୁହାଯାଏ । ଗ୍ରାମବାସୀ ଜଙ୍ଗଲରୁ ଶାଳଗଛର ଗଜାଟିଏ ଭାଙ୍ଗି ଆଣି ପବିତ୍ର ତୁଳସୀ ପତ୍ରରେ ସ୍ନାନ କରାଇ ସଜ କରାନ୍ତି । ଗଛଟିର ମଧ୍ୟ ଭାଗରେ ପାଳବେଣ୍ଟି ଗୁଡ଼ାଇ ଦିଆଯାଏ । ଏହା ଠାକୁରଙ୍କ ପରିଧାନ । କଜ୍ଜଳ ଲଗାଇ ଚକ୍ଷୁଦାନ କରାଯାଏ, ଶ୍ରୀ ଓ ସୌନ୍ଦର୍ଯ୍ୟ ପାଇଁ ସିନ୍ଦୂର ବୋଳି ଦିଆଯାଏ ମଥାରେ । ମୁଣ୍ଡରେ ମୟୂରଚୂଳ, ଗଳାରେ କରାଟ ଫୁଲମାଳ । କଳା, ଧଳା ଓ ହଳଦୀ ରଙ୍ଗର ନେତ ବନ୍ଧାଯାଏ । ଅଧରରେ ଅମୃତପଣା । ଏହି ଦାରୁଟି ବଡ଼ାମବୁଢ଼ା (ବଳରାମ) ରୂପେ ପୂଜା ପାଇଲେ ମଧ୍ୟ ତିନି ଠାକୁରଙ୍କ ପ୍ରତିନିଧିତ୍ୱ କରନ୍ତି । ବଡ଼ାମଶାଳରେ ଏହି ଦାରୁଦେବତାଙ୍କୁ ଡ଼େରି ଦିଆଯାଏ ଏବଂ ଗ୍ରାମବାସୀଙ୍କ ଗହଣରେ ଦେହୁରୀ ପୂଜା କରେ । ଲଳନାମାନେ ପୂଜା ସାମଗ୍ରୀ ନେଇ ଆସନ୍ତି । ବାଦ୍ୟନାଦରେ ପୂଜାମଣ୍ଡପ ମୁଖରିତ ହୁଏ । ଏହି ସମୟରେ କାଳସୀ ଆସନ୍ତି । ଏମାନେ ଦେବାଦେବୀଙ୍କର ପ୍ରତିନିଧିତ୍ୱ କରନ୍ତି । ରାତ୍ରରେ ସୁଲଳିତ ସଂଗୀତ ବୋଲାଯାଏ । ସଂଗୀତରେ ଭକ୍ତି, ପ୍ରେମ, ବିରହ ଓ ବୋଲିବାଣୀ ଭରି ରହିଥାଏ ।

ତା' ଆରଦିନ ମଣ୍ଡାପିଠା ଓ ପଣାଭୋଗ ପ୍ରସ୍ତୁତ କରାଯାଏ । ବଡ଼ାମଠାକୁର ବଡ଼ାମଣି ଓ ଅନ୍ୟାନ୍ୟ ଦେବାଦେବୀଙ୍କର ସନ୍ତୋଷବିଧାନ ପାଇଁ ପଣାଭୋଗ ପ୍ରଦାନ କରାଯାଏ । ଗ୍ରାମର ଚାରିଦିଗକୁ ଅମୃତ ହାଣ୍ଡି ପଠାଯାଏ । ଏହାପରେ ବଡ଼ାମଠାକୁରଙ୍କ ଘୋଷଯାତ୍ରା ଆରମ୍ଭ ହୁଏ । କାଳସୀମାନେ ଦାରୁଦେବତାଙ୍କୁ କାନ୍ଧରେ ବୋହି ଆବାଳବୃଦ୍ଧବନିତାଙ୍କ ଗହଣରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରନ୍ତି । ପ୍ରତ୍ୟେକ ଗୃହସ୍ଥ ଠାକୁରଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରନ୍ତି । ଶୋଭାଯାତ୍ରା ଗ୍ରାମ ଉପକଣ୍ଠରେ ପହଞ୍ଚିଲା ପରେ ସେଠାରେ ଥିବା ଝଙ୍କାଳିଆ ଗଛ ଶାଖାରେ ବଡ଼ାମଠାକୁରଙ୍କୁ ଥୋଇଦେଇ ପୂଜାର୍ଚ୍ଚନା ସହିତ ମଣ୍ଡାପିଠା ଭୋଗ ଅର୍ପଣ କରାଯାଏ । ମନ୍ତ୍ର ଉଚ୍ଚାରଣ ସହିତ ଦେହୁରୀ କହେ, "ବଡ଼ାମବୁଢ଼ା ଏଇଠି ରହି ଗାଁ ଜଗିଥା । ଭୂତ, ପ୍ରେତ, ଡ଼ାହାଣୀ, ରୋଗବେମାର, ବାଘ, ଭାଲୁ କାହାରିକୁ ଗାଁ ଭିତରକୁ ଛାଡ଼ିବୁ ନାହିଁ... ଆସନ୍ତା ସାଲକୁ ଯେମିତି ଭଲ ଚାଷବାସ, ଛୁଆପିଲା କୁଶଳରେ ରହିବେ.... ଆମ ଆଡ଼େ ଅନେଇଥିବୁ... ପର କରିବୁ ନାହିଁ । ଆଉ କି ମାଗବି ମହାପ୍ରୁ, ତୁଇତ ଆମର ସବୁ ।"

ରଥଯାତ୍ରାରେ ତିନିଦିଅଁ ମାଉସୀ ଘରକୁ ଯାଆନ୍ତି । ବଡ଼ାମବୁଢ଼ା ବି ଦାରୁଦେବତା । ବୃକ୍ଷ ଅଙ୍ଗରୁ ତାଙ୍କର ସୃଷ୍ଟି । ଏହି ସଂପର୍କରେ ଅନ୍ୟବୃକ୍ଷ ତାଙ୍କର ମାଉସୀ ନିଶ୍ଚୟ । ତିନିଦିଅଁ ମାଉସୀ ଘରକୁ କୁଣିଆ ଗଲା ପରି ବଡ଼ାମବୁଢ଼ା (ବଳରାମ) ଝଙ୍କାଳିଆ ବୃକ୍ଷକୁ ମାଉସୀଘର ଭାବି ବିଜେ କରନ୍ତି । ଏମାନେ ମାଉସୀଘରେ ପୋଡ଼ପିଠା ଖାଇଲା ପରି ବଡ଼ାମ ମଣ୍ଡାପିଠା ଖାଆନ୍ତି । ଦାରୁକୁ ଠେଙ୍ଗା ମଧ୍ୟ କୁହାଯାଏ । ଏଣୁ ମଣ୍ଡା ଖାଉଥିବା ଠେଙ୍ଗାକୁ ମଣ୍ଡାଠେଙ୍ଗା କୁହାଯାଇଥାଏ ।

ଚତୁର୍ଦ୍ଧାମୂର୍ତ୍ତିଙ୍କ ସହିତ ଦଶନ୍ତଠାକୁରଙ୍କର ନବକଳେବର ବିଧିବିଧାନ ଓ ଘୋଷଯାତ୍ରାର ଅନେକ ସାମ୍ୟ ପରିଲକ୍ଷିତ ହୋଇଥାଏ । ଉଭୟ ଠାକୁରଙ୍କ କଳେବର ନିମ୍ବ ବୃକ୍ଷରେ ନିର୍ମିତ, ଆଜ୍ଞାମାଳ, ବନଯାଗ ଯାତ୍ରା, ଆଦ୍ୟାଶକ୍ତିଙ୍କୁ ସ୍ମରଣ, ଶବର ବଂଶର

ଅଂଶଗ୍ରହଣ, କାଳସୀ, ପୂଜାବିଧି ଓ ଘୋଷଯାତ୍ରାରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ମହାପ୍ରଭୁ ଜଗନ୍ନାଥଙ୍କର ପତିତପାବନ ଯାତ୍ରା ବା ଘୋଷଯାତ୍ରା ଦଶାବତାର ଲୀଳାର ସମୃଦ୍ଧ । ପୁଣି ତାଙ୍କ ଅଣସର ସମୟରେ ରାଜବୈଦ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦଶମଦିନ ଦଶମୂଳ (ଚେରମୂଳି) ଔଷଧ ଖାଇ ସୁସ୍ଥ ହୁଅନ୍ତି । ଏଣୁ 'ଦଶ' ଶବ୍ଦଟି ଦାରୁଦେବତା ଜଗନ୍ନାଥଙ୍କ ସହିତ ଦଶନ୍ତ ଠାକୁରଙ୍କୁ ଭାବଗତ ସଂପର୍କ ଯୋଡ଼ି ମହିମାନ୍ୱିତ କରିଥାଏ ।

ତେବେ ପାର୍ଥକ୍ୟ ଏତିକି ଯେ ଯୋଡ଼ା ଆଷାଢ଼ରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ନବକଳେବର ହେଲାବେଳେ ଦଶନ୍ତଠାକୁରଙ୍କର ପ୍ରତ୍ୟେକ ଦଶବର୍ଷରେ ଥରେ ନୂଆ ଘଟ ପରିବର୍ତ୍ତନ ହୋଇଥାଏ । ରାଜକୀୟ ପ୍ରାଚୁର୍ଯ୍ୟ, ଐଶ୍ୱର୍ଯ୍ୟ ପରିବେଶରେ ଜଗନ୍ନାଥଙ୍କର ନବକଳେବର, ଘୋଷଯାତ୍ରା, ବାରବାସେ ତେରପର୍ବ, ଦେଶବିଦେଶରେ ଖ୍ୟାତି ଓ ପ୍ରଚାର ପ୍ରସାର ଥିବା ବେଳେ ଦଶନ୍ତଠାକୁରଙ୍କ ଉତ୍ସବ ସରଳ, ନିରାଡ଼ମ୍ବର ଗ୍ରାମୀଣ ପରିବେଶରେ ପାଳିତ ହୋଇଥାଏ । ପୁଣି କାଳିଆ ଠାକୁରଙ୍କର ଅସୁମାରୀ ସ୍ଥାବର ଅସ୍ଥାବର ସମ୍ପତ୍ତି, ମହୋଦଧି କୂଳରେ ନଭଶ୍ଚୁମ୍ବୀ କଳାଖଚିତ ଅନିନ୍ଦ୍ୟ ସୁନ୍ଦର ମନ୍ଦିର ଥିବା ବେଳେ, ପାହାଡ଼ ଜଙ୍ଗଲ ଘେରା ମୁକ୍ତାକାଶ ତଳେ ଦଶନ୍ତଠାକୁରଙ୍କ ପୀଠସ୍ଥଳୀ । ଏସବୁ ସତ୍ତ୍ୱେ ଉଭୟେ ଏକବ୍ରହ୍ମ; ଦାରୁବ୍ରହ୍ମ । ସେହି ଉଚ୍ଚତର ସତ୍ତା ଆବହମାନ କାଳରୁ ଜଗନ୍ନାଥ ସଂସ୍କୃତିରେ ଦାରୁବ୍ରହ୍ମ ବା ଦାରୁଦେବତାଙ୍କ ଭଜନ, ପୂଜନ ଓ ଆତ୍ମ ନିବେଦନ ଗାଥା ବିଶ୍ୱଜନ ସମୂହକୁ ଆକର୍ଷିତ କରି ରଖିଛି ।

## ଶବ୍ଦଅର୍ଥ :

କୁମ୍ଭା – କୁଡ଼ିଆ

ବେଣ୍ଟି – ପାଳରେ ତିଆରି ମୋଟା ଦଉଡ଼ି

ଗଜା – ଅଳ୍ପ ବୟସର ଗଛ

ଝାଡ଼ ଦେବତା – ଜଙ୍ଗଲ ଦେବତା

ମଞ୍ଚା – ଭାଡ଼ି

ଡ଼େରି – ଆଉଜାଇ ଦେଇ

ଟୋଳ – ମହୁଲ ଗଛର ଫଳ

କୋରଡ଼ – ମାଟି ଘୋଷାରି ନେବା ପାଇଁ ବ୍ୟବହୃତ କାଠ

**Reference :**


(୧) କାଦମ୍ବିନୀ, ସ୍ୱନକ୍ଷତ୍ର, ସ୍ୱତନ୍ତ୍ର, ଜୁଲାଇ – ୨୦୧୨, ପୃଷ୍ଠା–୩୮

(୨) ସମାଜ, ରବିବାର, ଜୁଲାଇ–୨୦୧୧, ପୃଷ୍ଠା–୫

(୩) Tribes of Orissa, Harisan and Tribal Welfare, Department Govt. of Odisha, Bhubaneswar, Page-111

(୪) ଶ୍ରୀ ଭଞ୍ଜଭୂମି କେନ୍ଦୁଝରୀ, ନୀଳାଚଳ ପ୍ରକାଶନୀ, ବଡ଼ବିଲ, କେନ୍ଦୁଝର, ପୃଷ୍ଠା – ୩୬୦

(୫) ଶ୍ରୀଭବାନୀଶଙ୍କର କାଲେ, ଆଦିବାସୀ ଗଣ୍ଡ ସଂସ୍କୃତି ଗବେଷକ ଏବଂ ସଂଗ୍ରାହକ ।

(୬) କ – ଗବେଷଣା କ୍ଷେତ୍ର – ଜାଳି, ଭୋଇପାଲି, ଗଣ୍ଡବରେଇ

ଖ – ବ୍ୟକ୍ତି – ରଙ୍ଗାଧର ନାଏକ (ପୂଜକ), ସତ୍ୟବାନ ସିଂହ (ପଧାନ), ଶ୍ୟାମଘନ ନାଏକ, ରାହାସ ବିହାରୀ ସିଂହ, ପାହାଡ଼ ସିଂହ, ପ୍ୟାରୀ ସିଂହ, ବୁଟୁ ନାଏକ, ପ୍ରମିଳା ନାୟକ, କାଳିଆ ସିଂହ, କମଳ ନାଏକ ।


ଜାଳି, କେନ୍ଦୁଝର



# କନ୍ଧମାଳ ଗୋଁଣ୍ଡ ସଢବଂଶୀ ପରିଚୟ ସଂସ୍କୃତି ଓ ପରମ୍ପରା

ସୌଜନ୍ୟ : ଶ୍ରୀ ଲୋକନାଥ ପାତ୍ର

ସଢବଂଶୀ ପରିଚୟ ଦେବା ଅବଶରରେ କନ୍ଧମାଳରେ ଗୋଁଣ୍ଡ ସଂମ୍ପ୍ରଦାୟ ବସତିର ସମ୍ୟକ ଧାରଣା ଦେବା ଆବଶ୍ୟକ ମନେ କରେ । ବର୍ତ୍ତମାନର କନ୍ଧମାଳ ଜିଲ୍ଲା ଗଞ୍ଜାମ ଜିଲ୍ଲା ଓ ସେତେବେଳର ବୌଦ୍ଧ ରାଜ୍ୟର ଖଣ୍ଡ ବିଖଣ୍ଡିତ ଅଞ୍ଚଳକୁ ନେଇ ଗଠିତ । ରସଲକୁଣ୍ଡ଼ା, ଘୁମ୍‌ସର,ବୌଦ୍ଧ ଅଧିନସ୍ଥ ବର୍ତ୍ତମାନର ଗ୍ରାମ ବସତି କନ୍ଧମାଳର ଅଟେ । ପାହାଡ଼, ପର୍ବତ, ନଦୀ, ନାଳ ନିଘଞ୍ଚ ଜଙ୍ଗଲ ମଧ୍ୟରେ କନ୍ଧମାନେ ବାସ କରୁଥିଲେ । ସେମାନଙ୍କ ମଧ୍ୟରେ ଅନ୍ତର ଦ୍ୱନ୍ଦ ସଦାବେଳେ ଲାଗି ଥାଏ । କନ୍ଧମାଳରେ ଶାନ୍ତି ବିରାଜମାନ କରିବା ନିମନ୍ତେ କେତେକ ହିତୟିସୀ ବ୍ୟକ୍ତି ରାଜପୁତ କ୍ଷତ୍ରିୟ ଗୋଣ୍ଡଙ୍କୁ ଅମନ୍ତ୍ରଣ କରିଥିଲେ । ଗୋଁଣ୍ଡ ଶାସନ ଅଧିନରେ ସେମାନେ ରହିବା ନିଷ୍ପତି କଲେ । ନିଷ୍ପତି ପ୍ରକାରେ ବୌଦ୍ଧ ରାଜ୍ୟରେ ଓ ପାରଳା ଖେମୁଣ୍ଡି ରାଜ୍ୟରେ ବସତି କରୁଥିବା କ୍ଷତ୍ରିୟ ଗୋଁଣ୍ଡମାନେ କନ୍ଧଙ୍କ ଅମନ୍ତ୍ରଣ ପ୍ରକାରେ କନ୍ଧମାଳରେ ଆସିଲେ । ଜି.ଉଦୟଗିରି, ରାଇକିଅ, ଦାରିଙ୍ଗବାଡି, ଫୁଲବାଣୀ,ତୁମୁଡ଼ିବନ୍ଧ, ବ୍ଲକସ୍ଥ ବେଲଘର, ଝିରିପାଣି, ଲଙ୍କାଗଡ଼, ମୁଣ୍ଡିଗଡ଼ ଅଞ୍ଚଳରେ ବସତି ମାନ ସ୍ଥାପନ କରି ରହି ଆସୁଛନ୍ତି । ଗୋଦାପୁର, ପୁ ଡ଼ାମାର ସ୍ଥାନ ଗୁଡ଼ିକ ସେତେବେଳେ ବୀର ପୁରୁଷଙ୍କ ଲୁକାୟିତ ସ୍ଥଳ ଥିଲା ।

ଗୋଁଣ୍ଡ କ୍ଷତ୍ରିୟ ଗଣ ଦିଲ୍ଲୀରୁ ଯବନଙ୍କ ମୁକାବିଲା କରିନ ପାରି ଲୁକାୟିତ ଅବସ୍ଥାନରେ ଭାରତର ବିଭିନ୍ନ ସ୍ଥାନକୁ ଚାଲିଯାଇଥିଲେ । ଉକ୍ତ ସମୟରେ ସୋନପୁର, ବଲାଙ୍ଗିର, ବୈାଦ୍ଧ, କଳାହାଣ୍ଡିର ଗଡ଼ଜାତ ଅଞ୍ଚଳ ତଥା ପାରଳାଖେମୁଣ୍ଡିର ବିଭିନ୍ନ ସ୍ଥାନ ମାନଙ୍କରେ ବସବାସ କଲେ । ଗୋଁଣ୍ଡ କ୍ଷତ୍ରିୟ ମାନଙ୍କ 'ଖଳା ଯାତ୍ରା'' ବା ଈଷ୍ଟ ପୂଜା ସ୍ଥଳରେ 'ଛତର'' ପାଟ ପାଇଁ ବର୍ତ୍ତମାନ ସୁଦ୍ଧା ସୂତ ଆଣିବା ପରଂପରା ରହିଅଛି । ଗୋଁଣ୍ଡ ମାନଙ୍କ ମୂଳ ସଂସ୍କୃତି ସୋନପୁର ବଲାଙ୍ଗିର,କଳାହାଣ୍ଡି,ବୌଦ୍ଧ ଆଦି ସହିତ ଓତପ୍ରୋତ୍ ଭାବେ ଜଡ଼ିତ ଓ ପ୍ରଚଳିତ ଅଟେ । ଗୋଁଣ୍ଡ ଜାତି ଆଦିବାସୀ ମାନ୍ୟତା ପାଉଛି ।

**ସଢବଂଶୀ ପରିଚୟ:-** ସଢବଂଶୀ ଏକ ଜାତି ସମୁହକୁ ବୁଝାଏ । ଯାହାକି ଗୋଁଣ୍ଡ ଜାତି ଅଟେ ।ଗୋଟିଏ ମାଆର ସନ୍ତାନ ଅଟନ୍ତି । ଛଢ଼ କୁଳର ଈଷ୍ଟ 'କୁନ୍ଦା ଦେବତା'' ଓ ମାତା ପାର୍ବତୀ । ସମସ୍ତ ସନ୍ତାନ ଛଏ ଦେବତା ନାମରେ ଚିହ୍ନିତ । ଛଏ ଟ୍ବୋରୁ ଛଢ଼ ବଂଶ ସୃଜନ । ସଢ ବଂଶ ଯଥା:- ଗଙ୍ଗ, ଗାର୍ଗବ, ଯଦୁ, କଦମ୍ବ, ସୋମ ଓ ସୂର୍ଯ୍ୟ ବଂଶ ଅଟେ । ଅଷ୍ଟ ଧାତରେ ନିର୍ମାଣ କରି ପ୍ରତ୍ୟେକ ବଂଶ ଭାଇ ବର୍ଗ କୁନ୍ଦା ଦେବତା ପୂଜନ କରନ୍ତି । ନିର୍ମାଣ ମୂର୍ତ୍ତିକୁ ସାଲକା କୁହାଯାଏ ।

ବଂଶ ପ୍ରକରଣ ଅନୁଯାଇ ଗଢ଼ ଦେବାଦେବୀ, ଛତର ଗୁଡ଼ି ବା ଖେଳ ଗୋତ୍ର ଦିଆ ଇତ୍ୟାଦି ରହିଅଛି । ଚିହ୍ନିତ ଭାଇବର୍ଗ ଭିନ୍ନ ଭିନ୍ନ ହେଲେ ମଧ୍ୟ ଦେଓ ବା ଦିଆ ପ୍ରକରଣ ଏକ । ବଂଶର ପରିଚୟ ଦେବା ପାଇଁ ଦେଓ ବା ଦିଆ ପ୍ରଚଳିତ ଅଛି । ଯେ କେହି ନିଜ ବଂଶର ପରିଚୟ ପ୍ରଦାନ ପାଇଁ ଦେଓ କହି ପାରିଲେ । ଗୋଁଣ୍ଡର ନିହ୍ନଟ ଜାଣି ପାରିବ । ଫଳରେ ବନ୍ଧୁ କି ଭାଇ ବଂଶ ହେବ ସହଜେ ଜାଣି ପାରିବ ।

ପ୍ରତ୍ୟେକ ବଂଶର ଭାଗ ମଧ୍ୟ ହୋଇଅଛି । ଗଙ୍ଗ ବଂଶ:- ୪ ଦେଓ, ଗାର୍ଗବ:- ୭ ଦେଓ, ଯଦୁ:- ୩ ଦେଓ, କଦମ୍ବ:- ୭ ଦେଓ, ସୋମ:- ୫ ଦେଓ, ସୂର୍ଯ୍ୟ:- ୬ ଦେଓ ଏପରି ପରିଚିତ ଅଛି ।

ପ୍ରତ୍ୟେକ ବଂଶ ବିଭାଜିତ ଅଟେ । ଗଙ୍ଗ ବଂଶୀ- ଘଢ଼େଇ ନାମରେ ବିଦିତ । ଭଅବର୍ଗ ଯଥା- ଟେକାମ୍, ମାପାଚି, ମରକାମ୍, ନେତାମ୍ । ମତି କ୍ଷତ୍ରିୟ ଗୋଁଣ୍ଡ ଠାରୁ ଗଙ୍ଗବଂଶ ଉତ୍ପତି । ଗଙ୍ଗବଂଶ ଗଢ଼ ଲାଞ୍ଜିଗଢ଼, କାଶିଗଢ଼, ସୁଆଁଲିଗଢ଼, ପନିଆସୁଙ୍ଗା ଗଢ଼ ବା (ସପେତଗଢ଼) ଆଧୁନିକ ଗଢ଼ର ନାମ ବର୍ତ୍ତମାନ ଲାହୋରଗଢ଼, ଗୋତ୍ର କଛପ ଅଟେ । ଗଙ୍ଗରାଜ, ଦୁବରାଜ, ମାନେକରାଜ ଓ ସୁରାଜ । ସାଗର ହେଲା କଂସା ସାଗର ଛତ୍ର ହେଲା ଶ୍ୱେତ ଛତର, ଗୋତ୍ର ସନ୍ତକ କଇଁଛ । ଅଶ୍ୱ ଗାୟକ । ଗାର୍ଗବ ବଂଶୀ:- ମଧୁ ଗୋଁଣ୍ଡ

ଠାରୁ ପରେଇ ଗୋଁଣ୍ଡର ଜାତ । ୭ ଦେଓ ୭ ଭାଗ ଅଛନ୍ତି । ଗଡ଼ ମଧ୍ୟ ୭ଟି, ଗାଡ଼ା ମାଣ୍ଡାଳା, ଟିକଚନ୍ଦନଗାଡ଼ା, ମନିମାଗାଡ଼ା ଝାଲପାଙ୍ଗାଗାଡ଼ା, ଅଜୟଗାଡ଼, ଜୟଗାଡ଼ା, ସୁଲସାଲଗାଡ଼ା । ଭାଇ ଭାଗ ହେଲେ ଗୋଟାମ ମରେହ, ତାୟମ ମରେଇ, କୁଞ୍ଜାମମରେଇ, ସାୟାମ ମରେଇ, ବଇବଦାମରେଇ, ଲେଥାମ ମରେଇ, ତାୟମ ମରେଇ । ଗୋତ୍ର ହେଲୋ ନାଗେଶ ଓ ପଦ୍ମ ଗୋତ୍ର । ଦେବତା ସିଂହବାହିନୀ, ଗୁଡୁଦାଲଘୁମା, ବିରାପାଟ ସାଏ, ପଞ୍ଚରାଘାର କାତିକୁରା, ପଞ୍ଚକୋଷମହରମଣୀ, ବଜ୍ରମୁଖା, ନେତ୍ରମୁଖ, ଅଗ୍ନିମୁଖା, ଘନଚକର ସାବଲ ମନି । ସାଗର ବସାଗର, ଡ଼ରାଲଛତର, କୁମ୍ଭଛତର ଓ ଟିପେନଛତର । ଭାଇବର୍ଗ:- ଭୋଇ, ଜାଝି, ପନ୍ଦର ।

**ଯଦୁବଂଶ:-** ୩ ଦେଓ ମହାପୁରୁଷ ନନ୍ଦଙ୍କ ଠାରୁ ନେଟି କ୍ଷେତ୍ରି ଗୋଁଣ୍ଡର ଉତ୍ପତି । ଗୋତ୍ର ଅନନ୍ତ । ଦେବା କରାତି, ବିରାତି, ତାଦୋବୁଡ଼ା, ବେଳାରକ୍ଷନ, ପାଇକେରା, (ତପେଷ) । ଗଡ଼- ଗଡ଼ସେମେରା, ଗଡ଼କାକେର, ଗଡ଼ ଚିନ୍ତା ଓ ଲୌହଗଡ଼ । ଲୌହଗଡ଼ ଯୌତୁକ ଦିଆ ଗଡ଼ । ଭାଇର ନାମ- ଅଗନେଟି, ବାଘନେଟି, ଖୁରୁଷୁ ନେଟି, ମୋସେରନେଟି, ପତପେଟି, କେଲେବାସନେଟି, ଧରୁଆନେଟି, ଚଭାଲନେଟି । ଭାଇବଗ୍ର ଏମାନେ ଧରୁଆ, କ କୁମୁରା, କହଁର ମାଝୀ ସାଇଙ୍ଗା ଧାରି ଅଟନ୍ତି । ଧରୁଆ ତିନି ଭାଗରେ ବିଭକ୍ତ- ପାଟଧରୁଆ, ଘାଟଧରୂଆ, ଠାଟଧରୁଆ । କୁମୁରା ପଦବୀ କୁଦା ଦେବତାର ପୂଜକ ଛତର ପୂଜକଙ୍କୁ ଛତରିଆ କୁହାଯାଏ । ପଦବୀ କହଁର, ବାଘେଲ ତିନି ଦେଓଙ୍କ ବଂଶ ଭାଇଁମାଝୀ ଓ ୩୨ ପାତ୍ର ଛୁଆନବଂଶୀ ବା ଖମେ ମହାପାତ୍ର । ବେଲପତରିଆ ଅଟି, ବେହେଙ୍ଗା, ଲେହେଙ୍ଗା, କରଦଲିଆ, ଦକ୍ଷିଆଅଟି, ବିରିସାଇ ଅଟେ, ବିଶ୍ରାଅଟି । ତିନି ଦେଓ ବା ଦେବ ବ୍ରାହ୍ମଣ ନାମରେ ବିଦିତ । କୁଞ୍ଜୀକୁଞ୍ଜିଆ ଗଛ । ବଳଦା ସାଗର, ଅଶ୍ୱ ସାଞ୍ଜୁ । ନିଶାନ ବା ଢୋଲ କଣା ଭୋଏରୋ ।

**କଦମ୍ବ ବଂଶୀ:-** ଅନନ୍ତ ଠାରୁ ଅଟି ଗୋଁଣ୍ଡ ଉଦ୍‌ଭବ । ୬ ଦେଓ । ଭାଇ ଭାଗ ନାମ- ଭିଶାରିଆ ଅଟି, ବେହେଙ୍ଗାଅଟି । ଲେଙ୍ଗାଅଟି, ବେଲପତିରିଆଅଟି । କରଦିଆଅଟି, ଦନ୍ଦିଆଅଟି, ବିରିସାଇଅଟି, ବିଶ୍ରାଅଟି, ମାଲେ ଅଟି, ବାଘା ଅଟି । ପୌଲସ୍ତ ଗୋତ୍ର । ହିରାଗଡ଼ ଦେବତା ଜଙ୍ଗାଦେଓ । ଛତର ଟିପିନଛତର ଓ ଉଡ଼େନ ଛତର । ସାଗର ଦମସାଗର । ଗୋତ୍ର ସନ୍ତକ କଣାବେଧ ମାଛ, ଅଶ୍ୱ ଶାବେଳି ।

**ସୋମବଂଶୀ:-** ପିତର ମହାପୁରୁଷଙ୍କ ଠାରୁ ଜନ୍ମ ଲାଭ କରିଛନ୍ତି କ୍ଷେତ୍ରି ପରେକ ଗୋଁଣ୍ଡ ବା ପରେଖ । ୫ ଦେଓ । ଗୋତ୍ର- ବଶିଷ୍ଠ । ବୈରାଟଗଡ଼, ଘଟତକଚଗଡ଼, ସୁବିନ୍ଧାଗଡ଼, ବନଗଡ଼, ସହଗଡ଼ । ସାଗର- ଭୋସାଗର । ଦେବତା- କୁନ୍ତିମାଦ୍ରି, ପାଦଲଙ୍ଗେ, ମାନେକଗୋଦ, ତଣ୍ଡାମୁଣ୍ଡି(ତମୁସାଲ) ମହାଜିରାଚଣ୍ଡି (ଅଙ୍ଗାରଦେଇ) । ଛତର ଟିକେଖାଲ (ଟିପେନଛତର), ବନବମିଛତର, ଚିରାଛତର, ଚନ୍ଦ୍ରଛତର, ମା ଗଙ୍ଗାଛତର (ରନ୍) । ଭାଇବଂଶ- ପରେକ, ଭୂଇ, ସେଲତୁର, କମଲ ଭୁର କାଳିକହଁର । ଅଶ୍ୱ- ଫରି, ଗୁଡ଼ି- ରନ୍‌ମୁହି । ଗୋତ୍ର- ପ୍ରତିକ ଛଞ୍ଚାଣ ।

**ସୂର୍ଯ୍ୟ ବଂଶୀ:-** ଜାଗେରୁ ଜଗତ କ୍ଷେତ୍ରି ଗୋଁଣ୍ଡ ଜାତ । ସୂର୍ଯ୍ୟ ବଂଶ ୬ ଦେଓ । ଗୋତ୍ର- ପରାସର କେହି କେହି ବରଦ୍ୱାଜ କହନ୍ତି । ଗଡ଼- ନାନ୍ଦାଗଡ଼, ଦେବଗଡ଼, ଆଲୋକ ଚାନ୍ଦା, ମନବାଞ୍ଛାଚାନ୍ଦା । ଆଲାଦିଆଚନ୍ଦା, ପ୍ରେମିକଚାନ୍ଦା, ଖୁସୁରୁ ମୁସିଆ ଚାନ୍ଦ । ଜଗଦଳା ଗୁଡ଼ି । ଦେବତା- କଂପା, ସୋମାତୁଲା, ପଣ୍ଡିତମାତୁଲା, ଉଦେଶ୍ରୀଆ, ଆନ୍ଦୁଆ, ଲାଥୁଆ, ଲିଙ୍ଗା । ଛତର- ମେଘନାଦ, ଉଡ଼େନ ଛତର । ବାଘବାଳିଆରବାନା, ଉପାଙ୍ଗପଗ ରାଉଳ, ଭାବରାଉଳ, ଶୂନ୍ୟରାଉଳ । ସାଗା- ଦେସାଗର । ଭାଇବଂଶ- ପୁଟ୍ଟ, ଉଦେ, କଏଣ୍ଡା, ରାଏ, ମଳିକ (କାଳିଆ) ଛଅଭଣ୍ଡା, ମୋଉ ଡ଼ି, ପାଟ୍ଲେ, ପେନ୍ଦର, କ ଏପରି ୫୨ ପ୍ରକାର ଅଛନ୍ତି । ସୂର୍ଯ୍ୟବଂଶୀ ଜଗତ ଗୋଁଡ୍ର । ଅଶ୍ୱ- ଖଡ଼ଗ ଓ ଗୋତ୍ର ପ୍ରତୀକ ହାତୀ ।

**ପୂଜାଅର୍ଚ୍ଚନା:-** ସଡ଼ବଂଶୀଙ୍କ ଇଷ୍ଟ ଦେବତା, ସମଗ୍ର ସାଗାଭାଗା ପ୍ରକାରେ. କୁନ୍ଦାଦେବତା । ଯାହାକି ବଡ଼ଦେଓ ବା ବୁଢାଦେଓ ସର୍ବଜନରେ ବିଦିତ । ଇଷ୍ଟ କୁନ୍ଦାଦେଓଙ୍କୁ ସାଗାଭାଗା ବିଭାଗରେ ବୁଢାଦେଓ, ଜଙ୍ଘାଦେଓ, ଓ ଲିଙ୍ଗାଦେଓ ନାମରେ ପୂଜିତ । ପଶ୍ଚିମ ଓଡ଼ିଶାର ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ,ସୋନପୁର ଆଦି ସ୍ଥାନର ଗୋଁଣ୍ଡ କୁଳ ବୁଦେବତା ପୂଜାଅର୍ଚ୍ଚନା କରନ୍ତି । ପୁଜା ସ୍ଥଳକୁ ଖଳା କୁହାଯାଏ । ଖଳାଯାତ୍ରା ପୌଷ ଶୁକ୍ଳପକ୍ଷ ତୃତୀୟ, ପଞ୍ଚମୀ, ସପ୍ତମୀ, ଦଶମୀ ଆଦି ମଧ୍ୟରେ କରାଯାଏ । ବଂଶଗତ ଅନୁସାରେ ଭିନ୍ନଭିନ୍ନ ସ୍ଥାନରେ ଭାଇବର୍ଗଙ୍କ ସୁବିଧା ପ୍ରକାରେ ପାଳନ ହୁଏ । ଖଳା ସ୍ଥପନର ବା ଖଳା ଯାତ୍ରା ହେବା ଗ୍ରାମର ଭାଇବର୍ଗ ମଧ୍ୟରୁ ମୁଖ୍ୟ ରହନ୍ତି । ସ୍ଥାନ ବିଶେଷରେ ପଦବୀ ତାର ଅଲଗା ଅଲଗା ରହେ । ଯଥା- ଧରୁଆ, କୁମୁରା, ଉମୁରା, ଜମିଦାରୀ, ପାତ୍ର ଇତ୍ୟାଦି ମୁଖ୍ୟତଃ ପୂଜକ କୁମୁରା ଅଟନ୍ତି । ଅଷ୍ଟଧାତୁରେ ନିର୍ମିତ ମୂର୍ତ୍ତିକୁ 'ସାଲକା'' କାହାଯାଏ । ଯାତ୍ରା ବେଳେ ଏହା ଯେ ଧରିଥାଏ । ତାକୁ ଦିଆରି, ଦେଓ ଧରୁଆ, ଭରୁଆ ନାମରେ ଆକ୍ଷାନ ହୁଏ । ତାର ସମୁଖ ଭାଗରେ ଚକା ଆସନରେ ବସି ଦୁଇହାତ ପାପୁଲି ସନ୍ଧିରେ ସୂତ୍ ବା ଦାବ ଛଣ ଧରି ରହେ । ମୂର୍ତ୍ତିକୁ ଧରି ଦେଓ ଧରୁଆ, ବୁଢା ଦେବତା

ତା ଦେହରେ ପ୍ରବେଶ ହେବା ଦେଖାଯାଏ । ଦିଆରି କୁ ମୂର୍ତ୍ତି ଧରାଇବା ପୂର୍ବରୁ, ଭାଇବନ୍ଧୁ ମିଶି ପାଟ ପିନ୍ଧାନ୍ତି । ପାଟ ଅଶନ ପତ୍ର ଓ ବନସୋଲା ଭୋର ଯାହାକୁ ସିରିଲିମିର୍ଲିପାଟ୍ କୁହାଯାଏ । କୁନ୍ଦା ଦେବତାଙ୍କୁ ପାଟ ବିନ୍ଧାଇ କୁମୁରା ଖଳାର ଉଭାକହବା ସ୍ଥାନରେ ତାଲପେ ସାମନାରେ ଦିଆରିକୁ ଧରାନ୍ତି । ତାପରତେ କୁମୁରା କୁମ୍ଭ ଗଡ୍ଡୁ ଦ୍ୱାରା ଜଳ ଢାଳନ୍ତି । ମୂର୍ତ୍ତି ବା ସାଲକା ଉପରେ କୁନ୍ଦା ଦେବତା ମୁର୍ତ୍ତିକୁ ଦୁଇ ହାତରେ ଧରି ଦିଆରି ଏକାଗ୍ର ଭାବେ ଛିଡ଼ା ହୋଇରହି ଜଳ, ଧୂପ କୁମୁରା ଦିଏ । ବିଶି ବାନାବାଦନ କରି ଦେବତାଙ୍କୁ ଆବାହନ କରେ । ଦିଆରି ହାତରେ ଥିବା ସାଲକା ମୂର୍ତ୍ତିରୁ ଦାବଖର ଟାଣି ତାଲପେ ମୁଠିରେ ଗୋଟିଏ ଦିଏ । ଦାବଛଣ ବା କାର କୁ ନିମନ୍ତ୍ରଣ କରି କୁମୁରା ପୂର୍ବରୁ ଆଣିଥାଏ । ତାପେ ଦେବତା ଆବାହ୍ନ ମନ୍ତ୍ର କରେ । ଦେଓ ଧରୁଆ ଦେହରେ ପ୍ରବେଶ ବୁଢାଦେଓ କଲା ପର୍ଯ୍ୟନ୍ତ ବିଶି ମଧ୍ୟ ବାନାବାଦନ କରି ଦେବତା ଡ଼ାକେ । ବୁଢାଦେବତା ପ୍ରବେଶ ହେଲେ ଭୂମିକୁ ଉଦାଲ ମାରେ । କୁମୁରା ତଥା ପୂଜକ ଟିମର ପ୍ରତିନିଧିମାନେ ଟେକି ସମ୍ଭାଳି ନିଆନ୍ତି । ତାପରେ ତାଲପେ ପାଖରେ ଝାମ ମାରେ । ଦିଆ ପ୍ରକାରେ ଝାମ ମାରିବା ହୁଏ । ତାପରେ ମନ୍ଦିର ଭିତରକୁ ଯାଏ । ନିଜ ଅସନକୁ ସିଦ୍ଧିକରେ । ସେଠି ପୂଜକ କୁମୁରା ଭୁଲ ଭଟକା ପାଇଁ ଅନୁରୋଧ କରେ ଓ କ୍ଷମା ପ୍ରାର୍ଥନା କରେ । ମନ୍ଦିରକୁ କାହାରି ଛତର ସ୍ଥାପନ ପାଖକୁ ଯାଏ । ସେଠାରେ ଜଳ ଢାଳିବା ଧୂପ ଆହାର ଛରକୁ କରାନ୍ତି । ଦେବତା ରକ୍ଷକ ମୁଖାଁଙ୍କ ପାଖକୁ ଯାଇ ଜଳ ପାନ ଆଞ୍ଜୁଳା ମାଧ୍ୟମରେ କରାନ୍ତି । ତାପରେ ଉପସ୍ଥିତ ଅନ୍ୟ ଭକ୍ତ ଜନକୁ ଜଳ ପ୍ରଦାନ କରାନ୍ତି । ସାଗାଭାଗା ଜାତି ଭାଇ ଆନନ୍ଦ ସହିତ ପାଇଥାନ୍ତି ଓ ନିଜକୁ ଧନ୍ୟ ମତନ୍ତି । ବୁଢା ଦେବତାଙ୍କ କୃପା ପ୍ରାର୍ଥନା କରନ୍ତି । ସମସ୍ତଙ୍କୁ ଜଳଦାନ ପରେ ଦେବତାନିଜ ଆସ୍ଥାନକୁ ଆସନ୍ତି । ଇତି ମଧ୍ୟରେ ଦୁଃଖ ଗୁହାରି ଭାଇବନ୍ଧୁ ଜଣାନ୍ତି । ତାଲପେ ମାଧ୍ୟମରେ ଠାରନାର ଦ୍ୱାରା, ବୁଢାଦେବ ଜଣାଇ ଥାଏ । ତାଲପେ ଗୁହାରୀ ଜନଙ୍କୁ ବୁଝାଇଥାନ୍ତି । ଭୋଗ ମଧ୍ୟ ଉକ୍ତ ଠାରୁ ପାଇବା ଜଣାଇ ଦିଏ ।

ଭୋଗ ନଡ଼ିଆ, କୁକୁଡ଼ା, ହଂସ, ପାରା, ଛେଳି ଓ ମେଣ୍ଢା ଦେବା ପ୍ରଥା ଅଛି । ପାଗା କାନ୍ଧିବା ନୂତନ ବସ୍ତ୍ର ପ୍ରଦାନ ଦେବା ସ୍ୱାଭାବିକ । ବିବାହ ବେଳେ ବନ୍ଧା ହୋଇ ଥିବା ପାଉର ନବଦମ୍ପତ୍ତି ନିଅନ୍ତି । ପିତା ମାତାଙ୍କ ମୃତ୍ୟୁ ଡୁମା ବସାଇବା ପ୍ରଚଳନ ଅଛି । ଖଳାରେ ବା ଗଦିରେ ନେ ପୁତ୍ର ଡୁମା ବସାଇଲେ ନିଜକୁ କୃତାର୍ଥ ମନେ କରେ । ବୁଢ଼ାଦେବଙ୍କ ପୂଜା ଭୋଗ ପ୍ରଦାନ ପରେ 'ଇଷ୍ଟ ଦେବୀ' ଛତର ମାଆ ଗୌରୀଙ୍କ ପୂଜା ଛତରିଆ କରେ । ପାଟ କନାରେ ଛତର ତିଆରି ହୋଇ ଥାଏ । ପାଟ ଆଣିବା ପାଇଁ ସୋନପୁର ଯାଆନ୍ତି । କୌଣସି ପ୍ରକାରେ ଛତର ଅସୁଦ୍ଧ ହେଲେ ପାଣିରେ ଭସାଇ ନୂତନ ପାଟ ବସନ୍ତ ଅଣାଯାଇ ସିଲା ଯାଏ । ଛତରକୁ ସିଲା ଶେଷରେ ଜୀନ୍ୟାସକୁ କରାହୁଏ । ବିଶି ଜୀବନ୍ୟାସ ଦେଇ ଥାଏ । ଛତର ଦେବୀ ନଡ଼ିଆ ସାଙ୍ଗକୁ ଭକ୍ତ ବଳି ପାଇଥାଏ ।

କୁନ୍ଦାଦେବଙ୍କ ସଙ୍କୁଡ଼ି ଭୋଗ ରନ୍ଧନକାରୀଙ୍କୁ 'କଲୁଆ ରନ୍ଧାଳି' କୁହାଯାଏ । କ୍ଷିରୀ, ମୁଗ ଆଗ ବଳୀ ପଡ଼ିଥିବା କୁକୁଡ଼ା ମାଂସ ରନ୍ଧନ କରି ଭୋଗ ଚଢ଼ାଇବା କୁମୁରା କରେ । ଛତର ପାଖରେ ଛତରିଆ ପ୍ରଦାନ କରେ । କୁନ୍ଦା ଦେବ ଓ ଛତରକୁ ଭୋଗ ଅର୍ପଣ ପରେ ସଗାଜନ ଭୋଜନ କରନ୍ତି । ଖଳା ଯାତ୍ରା ପର୍ବ ବହୁ ଆନନ୍ଦ ଉଲ୍ଲାସରେ ଜାକ ଜମକରେ ରିତିନିତି ପ୍ରକାରେ ପାଳିତ ହୁଏ । ଖଳା ଯାତ୍ରା ପରେ ଗୋଁଣ୍ଡ କୁଳ ନୂତନ ଚାଉଳ ଧୋଇ ରନ୍ଦନ କରିବା ପ୍ରଥା ଅଛି । ବୁଢାଦେବ ପୂଜକ ଗଣ ବହୁ ନିଷ୍ଠାକାଷ୍ଠାରେ ରହନ୍ତି । ବର୍ଷ ସାରା ସେମାନେ ନିତିନିୟମ ପାଳି ରହନ୍ତି । ଭୂଲକରେ ଅଘଟଣ ଘଟିବା ଭୟ ଥାଏ ।

ଗୋଁଣ୍ଡ ଜାତିର ଧର୍ମ ଗୁରୁ ବିଶି ଅଟେ । ଜୀଇଁତେ ଦାନ ମୃତ୍ୟେ ଦାନ ତାହା ରହିଛି । ବାରମାସକୁ ଅଠାରି ଦାନ । ବର୍ଷକୁ ଥରେ ଗୋଁତ୍ର ଘରେ ସେ ବାନା ବସାଇଲେ ଶୁଭ ହେବା ବିଶ୍ୱାସ ଅଛି । ବିବାହ ଦାନ, ମୃତ୍ୟୁଦାନ ନେବା ପ୍ରଥା ଅଛି । ମୃତ୍ୟୁରେ ଲୁହାଲସକର, କୁଲା ଛାଞ୍ଚୁଣୀ, ଛେଳି, ଗାଈ, ପ୍ରତ୍ୟେକ ବ୍ୟବହାର ଜିନିଷ ଦାନ ପାଇଁ ଦେବା ରହିଛି ।

**ବିବାହ:**

ସଡ଼ ବଂଶୀ ବିବାହ ବରନ୍ଦ ପଦ୍ଧତିରେ ହୁଏ । କନୟା ବରଘରକୁ ଅଣାଯାଇ ବିବାହ ବିଧାନ କରାଯାଏ । ବରପକ୍ଷ ନିର୍ଦ୍ଧାରଣ ଦିନ କନ୍ୟା ପିତା ଘରକୁ ଯାଇ ପିନ୍ଦ ଉଡ଼ା କରନ୍ତି । ଏଥି ପୂର୍ବରୁ କନୟା ମଗା ବା ମଦପିଆ ସରିଯାଇ ଥିବ । ବର୍ତ୍ତମାନ ନ ଡ଼ିଆ ଧରା କହୁଛନ୍ତି । କିନ୍ତୁ ଏହା ଗୋଁଣ୍ଡ କୁଳର ନୁହେଁ । ବିବାହ କାର୍ଯ୍ୟ ଯେ କରେ ତାଙ୍କୁ ଲଗ୍ନିଆ କୁହାଯାଏ । ଜାତକ ସୁଝାଠାରୁ ଆରମ୍ଭ କରି ବିବାହ ଲଗ୍ନ ଶେଷ ଯାଏଁ । ଲଗ୍ନିଆ କରେ । ଏହା ଜାତିର ଲୋକ ହୋଇଥିବା ଦରକାର । ବ୍ରାହ୍ମଣ ଦ୍ୱାରା ଏହି କାର୍ଯ୍ୟ କରିବା ସମ୍ପୂର୍ଣ୍ଣ ମନା ।

ଗୋଁଣ୍ଡ ବିବାହରେ ଯୌତୁକ ଦେବାନେବା ନାହିଁ । ଝିଅର ଚଳିବା ସାମଗ୍ରୀ ନେବା ପ୍ରଥା ଅଛି । କୌଣସି ବାଧ ବାଧକ କିମ୍ବା ଦାବି କରିବା ସମ୍ପୂର୍ଣ୍ଣ ସାମାଜିକ ପ୍ରତିବନ୍ଧକ ରହିଅଛି । ବିଧବା ବିବାହ ପ୍ରଚଳନ ଅଛି । ବିବାହ ସ୍ତ୍ରୀ ଛାଡ଼ପତ୍ର ନିଷିଧ ଅଛି । ଗୁରୁତର

ଦୋଷରେ ଆରୋପ ହେଲେ ସମାଜ ବସି ନ୍ୟାୟ ନିଷ୍ପତ୍ତି ପ୍ରକାରେ ଛାଡ଼ପତ୍ର ଦେବାକୁ ହୁଏ ।

ବାଲ ବିବାହ ବର୍ତ୍ତମାନ ନାହିଁ । ନିର୍ବନ୍ଧ ଦିନ ନିର୍ଦ୍ଧାରଣ ପ୍ରକାରେ ବରନ୍ଦ କରାଯାଏ । ବିନ୍ଦା ଭଡ଼ା ବା ଅଳଙ୍କାର ଧାରଣ କାର୍ଯ୍ୟ କରାଯାଇଥାଏ । ମୂଳ କଉ ବି ୭ ଟଙ୍କା, କପଡ଼ା ବିନ୍ଧାନି ସହିତ ୭ ଖଣ୍ଡ । ମାମୁଁ ନିହ୍ନା ବର୍ତ୍ତାନ ଟଙ୍କା ଦିଆଯାଉଅଛି । ପିଠା, ମିଠା, ଉଖୁଡ଼ା, ଭୂଜା ପ୍ରଦାନ ବିଧି ଅଛି । ଦୁଇ ସମୁଦି ମିଶି ଦାଣ୍ଡରେ କଳସ ଥାପି ଈଷ୍ଟ ଦେବତାକୁ ପୂଜା କରାଯାଇ "ପିନ୍ଧାନି ଲୁଗା" ସ୍ତ୍ରୀ ଲୋକ ନେଇ ଘର ଭିତରେ ପିନ୍ଧନ୍ତି । କନ୍ୟା ଲୁଗା ପିନ୍ଧି ପୂଜାପିଠ ସ୍ଥଳକୁ ଆସିବସେ । ଦୁଇ କୁଳ ଆଚାର କଥା ସମ୍ପନ୍ନ କରନ୍ତି । ତା ପରେ କଉଡ଼ି ପ୍ରଦାନ ହୁଏ ଏବଂ କନ୍ୟା ମୁଣ୍ଡିଆଟିଏ ମାରି ଉଠିଯାଏ । ସମସ୍ତ ଉପସ୍ଥିତ ସମାଜ ଆବାଳ ବୃଦ୍ଧ ବନିତା ପିଠା, ଭୂଜା ଖାଇ ଓ ବୁଢ଼ାମାନେ ପୂଜକ ମଦପାନ କରି ଆନନ୍ଦ ଉପଭୋଗ କରନ୍ତି । ଭୋଜି ଭାତ ଖାଇ ଭାଗ ବଣ୍ଟା ହୁଅନ୍ତି । ଭୋଜି ପାଇଁ ପୂର୍ବରୁ ବର ପକ୍ଷରୁ ଚାଳ ବାର ମାଣ ଓ ଏନ୍ଦା ବୁକୁଡ଼ି ଆସିଥାଏ । ତାହା ରନ୍ଧନ କରି କନ୍ୟା ପକ୍ଷ ଲୋକ ଦିଅନ୍ତି କନ୍ୟା ପକ୍ଷ କନ୍ୟାକୁ ଧରି ବର ଘରକୁ ନେଇ ଲଗ୍ନ ବେଳେ ହସ୍ତଗଣ୍ଠି ନେଇ କନ୍ୟା ପ୍ରଦାନ କରନ୍ତି । ଗୋଟିଏ ରାତ୍ର କନ୍ୟା ବଲ୍‌ସାରେ ରାତି ନିଜ ମାତା ଓ ଲୋକବାକ ସହିତ କଟାଇ ଥାଏ । ସକାଳେ ଯୋଡ଼ା ଘନସନ ବା ମଙ୍ଗୁଳି କରି ଗାଧା ପାଧା କରାଯାଏ । ଗାଲ ସେକା କର୍ମ ସାରି, ଡୁମା ବା ଡେନ ବର କନ୍ୟାଙ୍କ ହାତରୁ ନିଜ ଡୁମା ମସାନ ଅନ୍ନ ଭୋଗ ପାଇଥାନ୍ତି । ତା ପରେ ସମାଜ ଭାଇ ଭୋଜି ଖାଇଥାନ୍ତି । ଭୋଜି ସାରି କନ୍ୟା ସମର୍ପଣ ହୋଇଥାଏ । କନ୍ୟା ପକ୍ଷକୁ ବିଦାୟ ମହାଆନନ୍ଦରେ କରାଯାଇଥାଏ ।

## ମୃତ୍ୟୁହାକର୍ମ :

ଜନ୍ମ ମାତ୍ରକେ ମୃତ୍ୟୁ ଅଛି । ଗୋଁଣ୍ଡ ଜାତି ବ୍ୟକ୍ତି ମୃତ ହେଲେ ଦାହ କରାଯାଏ । ବସନ୍ତି ରୋଗରେ ମୃତ୍ୟୁ ହେଲେ ପୋତି ଦିଆଯାଏ । ଜ୍ଞାତି ଲୋକମାନଙ୍କୁ ଖବର ଦେଇ ଶବ ସତ୍କାର ହୋଇଥାଏ । ଶବ ସତ୍କାର ତିନି ଦିନ ତେଲମଖା ବା ସାନ କାମ ହୁଏ । ପୁଅମାନେ ଏଦିନ ବାଳ ପକାନ୍ତି । ବଡ଼ ପୁଅ ପିଣ୍ଡ ବାଢ଼େ । ତେଲ ମଖା କର୍ମରେ ବନ୍ଧୁ ଲୋକର ଭୂମିକା ବହୁତ ଥାଏ । ସେ କେରାଣ୍ଡି ମାଛ, ଚାଉଳ ଦନେ ଆଣନ୍ତି । ଏଦିନ ଚାଉଳ ତିନି ଦନା, ନଡ଼ିଆ ଗୋଟିଏ, କୁକୁଡ଼ା ଦୁଇଟି, ମଦ ଗୋଟେ ବୋତଲ ଓ ତେଲ ଆବଶ୍ୟକ ମୁତାବକ ଦରକାର । ସାହାଜ ପତ୍ର ଓ ଆମ୍ବ ଡ଼ାଳ ଓ ପତ୍ର ବନ୍ଧୁଙ୍କ ସହାୟତାରେ ପ୍ରେତ ପୂଜା କରାଯାଏ । କଳସ ସ୍ଥାପନ ଦୀପ ପ୍ରଜ୍ଜ୍ୱଳନ ପରେ ବଡ଼ପୁଅ ଚାଉଳ ପଞ୍ଜି ବନ୍ଧୁ ସହାୟତାରେ ମସାନକୁ ଦିଅନ୍ତି । ସାହାଜ ଓ ଆମ୍ବପତ୍ର ଗୋଟିଏ ମୁଣ୍ଡରେ ସିଲେଇ ପଞ୍ଜିର ଦୁଇ ପାର୍ଶ୍ୱରେ ରଖାଯାଏ । ଖଇ, କ୍ଷୀର ପୁଞ୍ଜିରେ ଦିଆଯାଏ । ନଡ଼ିଆ ବାଡ଼ା ଯାଏ । ପୁଞ୍ଜିର ଦୁଇ ପାର୍ଶ୍ୱରେ ଥିବା ପତ୍ରରେ ତେଲ ହଳଦୀ ଦିଆଯାଏ । ମାଛକୁ ପଞ୍ଜିରେ ମୁଣ୍ଡ ଛିଣ୍ଡାଇ ପୋତାଯାଏ । ଯେପରି ମାଛ ପିଠି ଦିଶୁଥିବ । ପୁଞ୍ଜିରେ ପୋତା ଯାଇଥିବା ମାଛକୁ ପତ୍ର ମାଙ୍କରେ ଥିବା ତେଲ ହଳଦୀରୁ ଅର୍ଦ୍ଧ ଚିରାପତ୍ର ଦ୍ୱାରା ଅଣାଯାଇ, ମାଛ ପିଠିରୁ ଆଉଁସି ଉତୁରା ଯାଏ । ଦିଆ ପ୍ରକାରେ ଉତୁରା ଯିବା ପ୍ରଥା ଅଛି । ମଦ ତର୍ପଣ ହେଲା ପରେ କୁକୁଡ଼ାକୁ ଠେସା ଯିବ ବନ୍ଧୁ ଲୋକ ଦ୍ୱାରା । ରକ୍ତ ତର୍ପଣ ଚାଉଳ ପୁଞ୍ଜିରେ ହେବ । ଶବ ବାହକ ଚାରିଜଣ ପୁଞ୍ଜି ସାମନାରେ ଠିଆ ମୃତ ଦାରାର ପୁଅ ସହିତ ହେବେ । ବନ୍ଧୁ ଲୋକ ଦ୍ୱାରା ତେଲ ହଳଦୀ ସେମାନଙ୍କୁ ଉତୁରା ଯିବ ତିନି ଥର । ସେ ବନ୍ଧୁ ପୁଣି ଚାରିଜଣ ଠିଆ ହୋଇଥିବା ଶେଷ ଭାଗରେ ଯାଇ ରହିବ । ମୃତ୍ୟୁ ଦାରାର ପୁଅ କୁକୁଡ଼ା ଚିଆଁଟିଏ ଓ ଚାଉଳ ଦନେ ଧରି ସମସ୍ତଙ୍କ କାନ୍ଧରୁ ଆଉଁସି ଆଣି ତାହା ବନ୍ଧୁଙ୍କୁ ଧରାଇ ଦେବ । ବନ୍ଧୁ ନିଜ ଘରକୁ ତାହା ନେବା ପାଇଁ ନିଜ ଲୋକଙ୍କୁ ଧରାଇ ଦେଇଥାଏ । ତତ୍‌ପରେ ତେଲ ଶବ ବାହାକ ଓ ମୃତ୍ୟୁ ଦାରାର ଲୋକଙ୍କୁ ମୁଣ୍ଡରେ ଲଗାଇ ଦେଇ ଥାଆନ୍ତି । ସମସ୍ତେ ଜ୍ଞାତି ଜନକୁ ତେଲଲଗା ଯାଇ କାର୍ଯ୍ୟ ଶେଷ କରାଯାଏ । ମାଛ ଓ କୁକୁଡ଼ାକୁ ଅଲଗା ଅଲଗା ଜାଗାରେ ପତ୍ରପୋଡ଼ା କରି ଖାଇବା ବେଳେ ଭାତ ଉପରେ ବନ୍ଧୁ ଦେଇଥାଆନ୍ତି । ଏହିପରି ଭାବରେ ଆଏଁସ ଛୁଆଁ ବା ତିନି ଦିନିଆ କର୍ମ ଶେଷ ହୁଏ । ସ୍ତ୍ରୀ ଲୋକ ଖାର ଗୋଟା ଦିନ ତେଲ ମଖା କାର୍ଯ୍ୟ କରନ୍ତି । ମୃତ୍ୟୁର ଦ୍ୱିତୀୟ ଦିନ ଏହା ହୁଏ ।

## ଡୁମା ଅଣା କର୍ମ ବା ଦଶା :

ଦଶ ଦିନ ପରେ ଦଶା କାମ ବା ଡୁମା ଅଣା ହୁଏ । ବନ୍ଧୁ ଜ୍ଞାତିଜନଙ୍କୁ ଖବର ଯାଏ । ବର୍ତ୍ତମାନକୁ କାର୍ଡ ମାଧ୍ୟମରେ ଖବର ପଠା ଯାଉଅଛି । ନିର୍ଦ୍ଧାରଣ ଦିନର ପୂର୍ବ ଦିନରେ ମଶାନ ଯୋଗା ହୁଏ । ସାହାଜ ଛାଲିର ପତୁଲା, ମଶିଣା ଖାଡ଼ି ଦୁଇଟା ନୂତନ ହାଣ୍ଡି ଦୁଇଟି, ଧଳା ଧୋତି ଗୋଟିଏ ଓ ଗୋଟା ହଳଦୀ ଆବଶ୍ୟକ ପଡ଼େ । ମଶାନ ନାମରେ ଚାଉଳ ପଞ୍ଜି ସନ୍ଧ୍ୟାରେ ନିରୂପିତ ଘରେ ରଖା ହୁଏ । ମୃତ୍ୟୁ ପ୍ରେତାତ୍ମାଙ୍କୁ ଦିଆରି ଦ୍ୱାରା ଡ଼କାଯାଏ ଓ ଭଲମନ୍ଦ ପଚରା ଯାଇଥାଏ ।

ନିର୍ଦ୍ଧାରଣ ଦିନ ଲୋକବାକ ଜମା ହେଲା ପରେ ସ୍ତ୍ରୀ ଲୋକମାନେ ଜଳ ଘାଟକୁ ସ୍ଥାପିତ ଆଟିକା ଧରି ଯାଆନ୍ତି । ମୃତ୍ୟୁ

ଦାରାର ପୁତ୍ର ବୋହୂ ଆଟିକା ଧରି ଥାଏ । ଜଳଘାଟ କିଛି ଦୂରତାରେ ଶଧବା ସ୍ତ୍ରୀମାନେ ପୂଜା ତଥା ଆବାହନ ପ୍ରେତକୁ କରନ୍ତି । ଜଳଘାଟରେ ବାଲିପିଣ୍ଡ ତିଆରି ପୂଜା କରି ପ୍ରେତ ଆତ୍ମାଙ୍କୁ ଆମନ୍ତ୍ରଣ କରନ୍ତି । ନିକଟରେ ଆଟିକାକୁ ରଖନ୍ତି । ପୂଜା ଓ ଆହ୍ୱାନ ପରେ ପ୍ରାୟ ସାତଜଣ ସ୍ତ୍ରୀ ଲୋକ ଆଟିକା ଧରି ମିଶି ପାଣି ବୁଡ଼ାନ୍ତି । ମୃତ୍ୟୁ ଦାରାର ବଡ଼ ବୋହୂକୁ ହୁଳହୁଳି ଧ୍ୱନୀ କରି ମୁଣ୍ଡରେ ବୋହି ଦିଆନ୍ତି । ତଳ ଉପର କରି ଦୁଇଟି ଆଟିକା ରଖି ନୂତନ ଲୁଗା ଘୋଡ଼ାଇ ବୋହି ଦିଆଯାଏ । ଆଟିକା ଜଳ ମଧ୍ୟରେ ପ୍ରେତ ପ୍ରବେଶ କରି ଦୋହଲାଇ ଦେଇଥାଏ । ଏପରି ହେଲେ ମଶାନ ଆସିଲା ବୋଲି ଜଣାପଡ଼େ । ଦାଣ୍ଡ ଦ୍ୱାରରେ ମଶାନକନକୁ ବନ୍ଧାପଣା କରି ଘର ଭିତରକୁ ନିଅନ୍ତି । ଭାଇ ବନ୍ଧୁ ମିଶି ପୂଜା ଅର୍ଚ୍ଚନା କରନ୍ତି । ପୂଜାରେ ଚାଉଳ, ଦୀପ, କୁକୁଡ଼ା, ନଡ଼ିଆ, ଛେଳି, ମଦ ଦରକାର ହୁଏ । ବଡ଼ ପୁଅ ପୁଞ୍ଜି ଦିଅନ୍ତି । ତା ପରେ ବନ୍ଧୁ ସହଯୋଗ କରନ୍ତି । କୁକୁଡ଼ା ଠୁକା ଯାଏ, ମଦ ତର୍ପଣ କରାଯାଏ, କୁକୁଡ଼ା ଓ ଛେଳି ବନ୍ଧୁ ଲୋକହିଁ କାରବାର କରନ୍ତି । ରକ୍ତ ତର୍ପଣ ପୁଞ୍ଜିରେ କରନ୍ତି । ବର୍ତ୍ତମାନକୁ ପରିବର୍ତ୍ତନ ଆଣିବା ସମାଜ ଦ୍ୱାରା ପ୍ରୟାସ ଚାଲିଛି ।

ସଡ଼ କୁଳର ସଂସ୍କୃତି କେଉଁ ଅନାଦି କାଳରୁ ରହିଆସିଛି । ଯୁଗ ଉପଯୋଗୀ ପରିବର୍ତ୍ତନ ଆଣିବା ପ୍ରଚେଷ୍ଟା ଜାତି ସମାଜ ତରଫରୁ ଚାଲିଛି । ଏହି ଜାତି ଇଷ୍ଟ ଦେବତା ପୂଜନ ସାଙ୍ଗକୁ ପ୍ରକୃତି ଉପାସନା ସଡ଼ ବଂଶୀ କରନ୍ତି । ଡ଼ଙ୍ଗର ଦେବତା, ମାଉଳି ଗ୍ରାମ ଧରଣି ମାତା, ଡୁକୁରି, ଗଙ୍ଗାଦେଇ, ପାଟଖଣ୍ଡା ଓ ଭୈରବୀ ପୂଜା ବାଲିଯାତ୍ରା ଭାଦ୍ରବ ମାସ ନୂଆ ଖାଇ ପରେ କରାଯାଏ । ଘର ଯାତ୍ରା ଆଉ ଏକ ପୂଜା ପାଳନା ଅଛି । ଜୀବନରେ ଜଣେ ଥରେ ମାତ୍ର ଏହି ଯାତ୍ରା ପାଳନ କରେ । ଏହାକୁ କାଳୀକା ପୂଜା ମଧ୍ୟ କୁହାଯାଏ । ଘର ଖୁନ ହେଲେ ଏହି ପୂଜା କରିବାକୁ ହୁଏ । କୁକୁଡ଼ା ଗଞ୍ଜା ଗୋଟିଏ, ଛେଳି ପଟେ ଲାଗିଥାଏ । ଏହି ପୂଜାରେ ଦାଆ ଦ୍ୱାରା ଛେଳିର ବେକ ଓଲଟା ଭାବେ କଟାଯାଏ । ଘର ଇଷାଣ ସ୍ଥାନରେ ଭାତ କଦଳୀ ପତ୍ରରେ ଗଦା କରି ରଖାଯାଏ । ମଙ୍ଗଳା ସ୍ତୁତି ସମୂହ ଭାବରେ ବୋଲି ସେ ଭାତକୁ ଲୁଟ୍‌ପାଟ୍ କରି ଖାଇଯାଆନ୍ତି । ମଦ ମଧ୍ୟ ସେବନ ହୁଏ । ବୋହୁ ହଟଗୋଳ ହୁଅନ୍ତି । ଅର୍ଦ୍ଧରାତ୍ରରେ ଏହି ଯାତ୍ରା ହୁଏ । ଭୋଜିଭାତ ଖାଇ ବିଦାୟ ହୁଅନ୍ତି ।

ସଡ଼ବଂଶୀ ଚୈତ୍ର ଯାତ୍ରା ଗୁରସ ରୁକା, ନୂଆଖାଇ, ଦଶହରା ପୂଜା ଗୁହାଳ ପୂଜା ବା ଅଲୁଆ ପକା, ଶିମ୍ବ ପୂଜା, କାନ୍ଦୁଲି ଯାତ୍ରା, ପୋଢ଼ ଯାତ୍ରା (୧୨ ବର୍ଷରେ ଥରେ) ସାମୂହିକ ଭାବରେ ଗାଁର ଦେବାଦେବୀଙ୍କୁ ପୂଜା ଅର୍ଚ୍ଚନା କରାଯାଏ । ଜାନି ଦିଆରି ତଥା ଝାକର ଗ୍ରାମର ମୁଖିଆ ଉପରୋକ୍ତ ପର୍ବ ଯାତ୍ରାମାନଙ୍କ ମୁଖ୍ୟ ପୁରୋଧା ଅଟନ୍ତି । ଏମାନଙ୍କ ପରିବାର ଶୌଚ ଥିଲେ । ଯାତ୍ରା ପାତି ପୂଜା ହୁଏ ।

କନ୍ଧମାଳ ଜିଲ୍ଲାରେ ବସବାସ ସଡ଼ବଂଶୀ ଗୋଁଣ୍ଡ ଜାତି ଆଞ୍ଚଳିକ ସ୍ଥାନ ବିଶେଷରେ ଜାନିଯାତ୍ରା ପାଳର କିଛିଟା ଫରକ ରହିଛି । ଚଳଣିରେ ମଧ୍ୟ ସେପରି ଭିନ୍ନତା ଥିବା ଦେଖିବାକୁ ମିଳେ । ଯାହା ବହୁଳତା ତାହା ବର୍ଣ୍ଣନା ପରିସରକୁ ଆସିଅଛି । କିଛି ଭୁଲ୍‌ଥିଲେ ନିଜ ଜ୍ଞାନରେ ପଢ଼ି ତୃଟି ମାର୍ଜନା କରି କ୍ଷମା ଦେବେ ।

ତୁମୁଡ଼ିବନ୍ଧ, କନ୍ଧମାଳ

# ଭାରତ ଭୂମିରେ ଗଣ୍ଡଜାତିର ଗାଥା, ବ୍ୟଥା ଓ ଦିଶା

**ଶ୍ରୀଯୁକ୍ତ ଦେବରାଜ ମାଝୀ**
**ଶ୍ରୀମତୀ ସ୍ୱର୍ଣ୍ଣଲତା ଧରୁଆ**

'ଗଣ୍ଡ' ଶବ୍ଦ ହେଉଛି ଏକ ଗମ୍ଭୀର ଶବ୍ଦ । ଶବ୍ଦ କୋଷ ଅନୁଯାୟୀ ଗଣ୍ଡ ଶବ୍ଦର ଅର୍ଥ ଅକାତ ଗଭୀରତାକୁ ବୁଝାଏ । ଅନ୍ୟ ଅର୍ଥରେ ଏ ଶବ୍ଦକୁ ଏକ ଜାତି ବା ଗୋଷ୍ଠୀ ଭାବରେ ନିଆଯାଇଛି । ଏହା ଅତି ପ୍ରାଚୀନ ଆଦିମ ଅଧିବାସୀମାନଙ୍କର ଏକ ଗୋଷ୍ଠୀ ସମୂହ । ଆବହମାନ କାଳରୁ ଗଣ୍ଡ ଜାତିକୁ ଦ୍ରାବିଡ଼ ସଭ୍ୟତାର ଏକ ଅଂଶ ବିଶେଷ ବୋଲି ଐତିହାସିକ, ଲେଖକ, ପ୍ରାବନ୍ଧିକ, କବି ଓ ଦୂରଦ୍ରଷ୍ଟାମାନଙ୍କ ଲେଖନିରୁ ଅନୁମାନ କରାଯାଏ । ଐତିହାସିକ ଦୃଷ୍ଟି କୋଣରୁ ଗଣ୍ଡ ଜାତି ଏକ ଅତି ପ୍ରାଚୀନ ଜାତି ଅଟେ । ଭାରତରେ ଛତିଶଗଡ଼, ମଧ୍ୟପ୍ରଦେଶ, ଗୁଜୁରାଟ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଉତରପ୍ରଦେଶ, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ଆଦି ରାଜ୍ୟମାନଙ୍କରେଏ ଜାତିର ଲୋକ ବହୁଳ ଭାବରେ ବସବାସ କରି ଆସୁଛନ୍ତି, ଯାହାକୁ 'ଗଣ୍ଡୱାନା ଲେଣ୍ଡ' ବୋଲି ମଧ୍ୟ କିଛି ଐତିହାସିକମାନେ ମତ ଦେଇଛନ୍ତି ।

ଏ ଜାତିର ଲୋକେ ପ୍ରକୃତିର ପୂଜାରୀ ଅଟନ୍ତି । ପୃଥିବୀ, ଆକାଶ, ସୂର୍ଯ୍ୟ, ଚନ୍ଦ୍ର, ବାୟୁ, ଅଗ୍ନି, ପଶୁପକ୍ଷୀ ଓ ଗଛଲତା ଏ ସମସ୍ତଙ୍କୁ ନିଜର ଦେବାଦେବୀ ବୋଲି ପୂଜା କରିଥାନ୍ତି । ନିଜକୁ ପ୍ରକୃତିର ସନ୍ତାନ ବୋଲି ଦାବି କରନ୍ତି ଓ ବାସ୍ତବବାଦୀ ଅଟନ୍ତି । କାଳ୍ପନିକ ବିଷୟ ଓ ମନୋଭାବ ବଦଳରେ ପ୍ରମାଣ ସିଦ୍ଧ ତଥ୍ୟ ଓ ସତ୍ୟ ସମ୍ବଳିତ ବିଷୟକୁ ବିଶ୍ୱାସ ଓ ପୂଜା କରନ୍ତି । ସୃଷ୍ଟିକର୍ତ୍ତା ପରମପିତା ଶିବଙ୍କୁ ବଡ଼ାଦେଓ ଓ ବଂଶୀୟ ପୂର୍ବ ପୁରୁଷଙ୍କୁ ବୁଢାଦେଓ ବୋଲି ପୂଜା କରିଥାନ୍ତି । ପରମ ପିତା ଶିବଙ୍କୁ ବଡ଼ାଦେଓଙ୍କର ପ୍ରତୀକ ରୂପେ ସ୍ୱୀକାର କରି ତାଙ୍କର ଅଙ୍ଗ ବିଶେଷକୁ ଲିଙ୍ଗାଦେଓ ଓ ଜଙ୍ଗାଦେଓ ବୋଲି ମଧ୍ୟ ପୂଜା କରନ୍ତି ।

ଗଣ୍ଡ ଜାତିର ନିଜସ୍ୱ ଲିପି ଓ ଭାଷା ମଧ୍ୟ ଅଛି । ଯାହାକୁ 'ଗୋଣ୍ଡି ଲିପି' ଓ 'ଗୋଣ୍ଡି ଭାଷା' କୁହାଯାଏ । ସେ ଲିପି ଓ ଭାଷା ଭାରତର 'ଗଣ୍ଡୱାନା ଲେଣ୍ଡ' ବୋଲି କୁହାଯାଉଥିବା ଅଂଚଳରେ ଭାବର ଆଦାନ ପ୍ରଦାନ ପାଇଁ ବହୁଳ ଭାବରେ ପ୍ରୟୋଗ କରାଯାଉଛି । ଛତିଶଗଡର କାଙ୍କେର ଓ ବସ୍ତର ଜିଲ୍ଲାର ଗଣ୍ଡମାନେ ଗୋଣ୍ଡି ଭାଷାକୁ ତାଙ୍କର ଭାବର ଆଦାନ ପ୍ରଦାନର ମୁଖ୍ୟ ମାଧ୍ୟମ ଭାବରେ ବ୍ୟବହାର କରନ୍ତି । ଏ ଜାତିର ଭାଷା ଓ ଲିପି ଜାତି ପାଇଁ ଏକ ନିର୍ଦ୍ଦିଷ୍ଟ ପରିଚୟ ସୃଷ୍ଟି କରିପାରିଛି ଯାହା ସାରା ଦେଶରେ ଗଣ୍ଡଜାତି ଭାବରେ ପ୍ରସିଦ୍ଧ । ଭାରତ ମାଟିର ଅତି ପ୍ରାଚୀନ ଦ୍ରାବିଡ଼ ସଭ୍ୟତାର ଦାୟାଦ ଭାବରେ ଗଣ୍ଡ ଜାତି ନିଜକୁ ଦାବି କରନ୍ତି । ଗଣ୍ଡ ଲୋକ ସରଳ, ସ୍ୱାଭିମାନୀ, ନିଷ୍କପଟ୍, ପରୋପକାରୀ ଓ କଠିନ୍ ପରିଶ୍ରମୀ ଅଟନ୍ତି । ମାନବିକ ମୂଲ୍ୟବୋଧ ଓ ନୈତିକତା ସମ୍ବଳିତ ଗୁଣମାନଙ୍କୁ ଆଧାର କରି ସତ୍ୟର ପୂଜାରୀ ଭାବରେ ଜୀବନ ଯାପନ କରିଆସୁଛନ୍ତି । ଏମାନେ ଯେ କୌଣସି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ନିଜର ମାନ, ସ୍ୱାଭିମାନ ଓ ସତ୍ୟକୁ ବିକ୍ରି କରିନାହାନ୍ତି । ଇତିହାସ ଅଧ୍ୟୟନରୁ ଜଣାଯାଏ ଯେ, ଏ ଜାତିର ଅନେକ ଅମର ଆତ୍ମାମାନେ ନିସ୍ୱାର୍ଥପର ଭାବରେ ଦେଶ ଓ ସମାଜ କଲ୍ୟାଣ ପାଇଁ କାର୍ଯ୍ୟକରି ସହୀଦ ହୋଇଛନ୍ତି । ବୀର ନାରାୟଣ ସିଂହ, କୁଣ୍ଡା ଧରୁଆ ଓ ରାଣୀ ଦୁର୍ଗାବତୀ ଭଳି ବୀର ଓ ବୀରାଙ୍ଗାନାମାନେ ସମାଜ କଲ୍ୟାଣ ପାଇଁ ଅତୁଳନୀୟ ସେବାକରି ଯାଇଛନ୍ତି ।

ଗଣ୍ଡ ଜାତିର ଲୋକମାନେ ସାହାସୀ ଓ ନିର୍ଭୀକ ଅଟନ୍ତି । ଏ ଜାତିର ଗାଥା ଓ କଥା ମହାନ୍ ଅଟେ । ଗଣ୍ଡ ଜାତିର ଲୋକମାନେ ତାଙ୍କର ପରମ୍ପରା ଓ ସଂସ୍କୃତିକୁ ନିଜର ଜୀବନ ମାର୍ଗର ଆଦର୍ଶ ବୋଲି ସ୍ୱୀକାର କରି ଜୀବନ ଯାପନ କରନ୍ତି । ସାଂପ୍ରତିକ କଳୁଷିତ ପରିସ୍ଥିତିରେ ମଧ୍ୟ ଏ ଜାତିର ଲୋକମାନଙ୍କୁ ଶଠତା, ଧୂର୍ତ୍ତତା, କୁଟିଳତା ଓ ଅସତ୍ୟ ଭଳୀ କୁ ପ୍ରକୃତି ଗୁଣ ଗୁଡିକ ତାଙ୍କ ହୃଦୟକୁ କଳୁଷିତ କରି ପାରିନାହିଁ । ବଡାଦେଓଙ୍କ ନିଷ୍ପାପ ସନ୍ତାନ ଭାବରେ ସେମାନେ ମାନବିକ ମୂଲ୍ୟବୋଧ ଓ ନୈତିକତା ସମ୍ବଳିତ ନୀତି ନିୟମକୁ ଆଧାରକରି ଜୀବନ ଯାପନ କରୁଛନ୍ତି ।

ସାମ୍ପ୍ରତିକ ସ୍ଥିତିରେ ପରିତାପର ବିଷୟ ହେଉଛି ଯେ ଏ ଜାତିର ଇତିହାସ ଓ କିମ୍ବଦନ୍ତି ପର୍ଯ୍ୟାପ୍ତ ଭାବରେ ଉପଲବଧ ହୋଇପାରୁ ନ ଥିବାରୁ ଏହାର ଇତିହାସ ଅସଂମ୍ପୂର୍ଣ୍ଣ ଓ ଅପୂର୍ଣ୍ଣଭଳି ମନେ ହୁଏ । ଚତୁଃବର୍ଣ୍ଣ ବୈଷମ୍ୟ ବ୍ୟବସ୍ଥାର ଘଣାରେ ପେଶି

ହୋଇ ଗଣ୍ଡ ଜାତିର ଯଥାର୍ଥ ଇତିହାସ ପରିପ୍ରକାଶ ହୋଇପାରିନାହିଁ ।

ମୂଳ ନିବାସୀ ଭାବରେ ଏ ଜାତିର ଲୋକମାନେ ଦେଶର ସାର୍ବଭୌମତ୍ୱ, ସଂହତି ଅଖଣ୍ଡତା ଓ ସମାଜର ସାମଗ୍ରୀକ ବିକାଶ ପାଇଁ ଅକ୍ଲାନ୍ତ ପରିଶ୍ରମ କରିଆସିଛନ୍ତି, ହେଲେ ପରିତାପର ବିଷୟ ଯେ ଏ ଜାତିର ମହାନ ବ୍ୟକ୍ତିମାନଙ୍କର ଯଥାର୍ଥ ଇତିହାସ ଠିକ୍ ଭାବରେ ଲେଖା ହୋଇପାରି ନାହିଁ ।

ଏ ଯୁଗର କିଛି ଧୂର୍ତ୍ତ ଓ କୁଟୀଳ ଲୋକମାନେ ନିଜର ବର୍ଚ୍ଚସ୍ୱ ବିନାଶର ଭୟରେ ଯୁଗଧର୍ମକୁ ନିଜ ଢଙ୍ଗରେ ପରିଚାଳିତ କରୁଛନ୍ତି, ଫଳରେ ଗଣ୍ଡଜାତିର ସଠିକ ଇତିହାସ ମନୂଷ୍ୟ ସମାଜରେ ଠିକ୍ ଭାବରେ ପ୍ରକାଶିତ ହୋଇପାରିନାହିଁ । ଗଣ୍ଡ ଲୋକମାନେ ସରଳ ଓ ନିଷ୍କପଟ ପ୍ରବୃତିର ହୋଇଥିବାରୁ କୂଟୀଳ ଓ ଧୂର୍ତ୍ତବ୍ୟକ୍ତିମାନଙ୍କର ହାତ ବାରିସି ହୋଇ ଅନେକ ଅତ୍ୟାଚାରର ଶିକାର ହେଉଛନ୍ତି ତେଣୁ ଏହା ଜାତି ପାଇଁ ବିଡମ୍ବନାର ବିଷୟ ଅଟେ ।

ଏ ଜାତିର ଲୋକମାନଙ୍କର ଶିକ୍ଷାର ଯଥାର୍ଥ ବିକାଶ ହୋଇ ପାରିନଥିବାରୁ ଏମାନେ ସଚେତନ ନୁହନ୍ତି ଯାହା ଫଳରେ ଯୁଗ ଧର୍ମକୁ ବୁଝି ନ ପାରି ପ୍ରତାରଣାର ଶିକାର ହେଉଛନ୍ତି । ଏ ଜାତିର ଯେତେ ସଂଖ୍ୟାରେ ଶିକ୍ଷାବିତ୍, ବୈଜ୍ଞାନିକ, ଲେଖକ, ସମାଜ ସଂସ୍କାରକ, ଭାବୁକ, କବି, ଦାର୍ଶନିକ, ସମାଜସେବୀ ତଥା ପଥ ପ୍ରଦର୍ଶକଙ୍କର ଅବଶ୍ୟକତା ରହିଛି ସେତେ ସଂଖ୍ୟାରେ ସୃଷ୍ଟି କରାଯାଇ ପାରିନାହିଁ ଫଳରେ ଜନ ସଚେତନାତାର ଅଭାବ ରହିଛି । ଜାତିର ଯଥାର୍ଥ ଇତିହାସର ଅଭାବ ଫଳରେ ଏ ଜାତିର ଅନେକ ବ୍ୟକ୍ତି ନିଜର ଇତିହାସ ଜାଣି ନ ପାରି ହନ୍ତସନ୍ତ ଜୀବନ ବିତାଉଛନ୍ତି । ଏ ଜାତିର ନାରୀଶିକ୍ଷାର ବିକାଶ ଆଶାନୁରୂପ ହୋଇପାରୁନାହିଁ । ସାମ୍ପ୍ରତିକ ସ୍ଥିତିରେ ଗଣ୍ଡ ଜାତିରେ ସ୍ୱାବଲମ୍ବି ହୋଇ ସ୍ୱୟଂ ସଂପୂର୍ଣ୍ଣ ଜୀବନ ବିତାଉଥିବା ବ୍ୟକ୍ତିଙ୍କର ସଂଖ୍ୟା ଅତି ନଗଣ୍ୟ ଅଟେ । ସଠିକ୍ ଜୀବନ ଶିକ୍ଷାର ଅଭାବରେ ଗଣ୍ଡ ଲୋକମାନେ ଦୈନନ୍ଦିନ ଜୀବନରେ କୁଚକ୍ରୀ, ପ୍ରବଚକ ଓ ଧୂର୍ତ୍ତ ଲୋକମାନଙ୍କ ଦ୍ୱାରା ପ୍ରତାରିତ ହୋଇଛନ୍ତି, ଏହା ଅତି ଦୁଃଖର ବିଷୟ ଅଟେ ।

ଗଣ୍ଡ ଜାତିର ଲୋକମାନଙ୍କର ଯୁଗଧର୍ମ ସହିତ ତାଳଦେଇ ବଂଚିବାକୁ ହେଲେ ଶିକ୍ଷା, ସ୍ୱାସ୍ଥ୍ୟ, ସଚେତନତା ଉପରେ ବିଶେଷ ଭାବରେ ଧାନ ଦେବାକୁ ପଡିବ । ଜୀବନ ଶିକ୍ଷା ଓ ନାରୀ ଶିକ୍ଷାର ବିକାଶ ପାଇଁ ବିଶେଷ ଧାନ ଦେଇ ଦେଶର ଦଶା ଓ ଦିଶା ସହିତ ଓତଃପ୍ରୋତ ଭାବରେ ଜଡ଼ିତ ହେବାକୁ ପଡିବ ତେବେ ଯାଇ ଗଣ୍ଡ ଜାତିର ସାମଗ୍ରିକ ବିକାଶ ହୋଇ ପାରିବ ।

'ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମାଁ କଶ୍ଚିତ ଦୁଃଖ ଭାଗ୍ ଭବେତ୍'

ଜୟ ବୁଢାଦେଓ !!

(ଅଧକ୍ଷ, ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କରଙ୍ଗାମାଲ)
(ଶିକ୍ଷୟିତ୍ରୀ, କରଙ୍ଗାମାଲ ପ୍ରାଥମିକ ବିଦ୍ୟାଳୟ, କରଙ୍ଗାମାଲ)
ଗ୍ରାମ/ପୋ-କରଙ୍ଗାମାଲ, ବୋଡେନ ଜିଲ୍ଲା-ନୂଆପଡା (ଓଡିଶା)
ଦୂରଭାଷ : +୯୧-୯୯୩୮୧୮୯୭୨୦



# ଅଗ୍ନିତୀର୍ଥ - କୋଲାବୀରାର କ୍ରାନ୍ତିକଥା

ଶ୍ରୀ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

ପୃଥିବୀ ଇତିହାସରେ କୌଣସି ଜାତି ବା ଦେଶର ସ୍ୱାଧୀନତା ରକ୍ଷା କରିବା ଉଦ୍ଦେଶ୍ୟରେ ବହୁ ସଶସ୍ତ୍ର ବିପ୍ଳବ ସୃଷ୍ଟି ହୋଇଥିବାର ଦୃଷ୍ଟାନ୍ତ ରହିଛି । ଏଭଳି ଆଗ୍ନେୟ ଅଭିଯାନରେ ଅଂଶଗ୍ରହଣ କରି ବହୁ କ୍ରାନ୍ତିକାରୀ ପୁରୁଷ ହସିହସି ଆପଣାର ପ୍ରାଣ ବଳି ଦେଇଛନ୍ତି । କେତେ ବୀର ପୁରୁଷ ଫାଶି ଖୁଣ୍ଟରେ ଝୁଲି ଶହୀଦ ହୋଇଛନ୍ତି । ସେମାନଙ୍କର ଉଷ୍ମ ରକ୍ତରେ ଜନ୍ମଭୂମି ପବିତ୍ର ହୋଇଛି ।

ଆର୍ଯ୍ୟାବର୍ତ୍ତ ଭାରତ ଭୂମିରେ ଦୀର୍ଘ ତିନିଶତ ବର୍ଷ ଧରି ବିଦେଶୀ ଇଂରେଜ ଶାସନର ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ପ୍ରତିବାଦ କରି ବିଭିନ୍ନ ପ୍ରାନ୍ତରରେ ଭାରତୀୟ କ୍ରାନ୍ତିକାରୀମାନେ ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିଥିଲେ । ଓଡ଼ିଶାର ପଶ୍ଚିମ ପ୍ରାନ୍ତରେ ଅବସ୍ଥିତ ଝାରସୁଗୁଡ଼ା ଜିଲ୍ଲାର କୋଲାବୀରା ମାଟିରେ ମଧ୍ୟ ସେଦିନ ବିପ୍ଳବର ଅଗ୍ନିଶିଖା ଜଳି ଉଠିଥିଲା । ସ୍ୱାଧୀନତା ପାଇଁ ଯୁଦ୍ଧ, ସଂଘର୍ଷର ଭୟଙ୍କର ନିନାଦରେ ପ୍ରକମ୍ପିତ ହୋଇ ଉଠିଥିଲା ଏଇ ବିପ୍ଳବ ଭୂମି କୋଲାବୀରା.....

ଝାରସୁଗୁଡ଼ା ସହରଠାରୁ ମାତ୍ର ୧୭ କିଲୋମିଟର ଦୂରରେ ଚେଲେନ୍ ନଦୀ କୂଳରେ ଅବସ୍ଥିତ କୋଲାବୀରାରେ ଆଜି ସେଇ ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମର ମୁକସାକ୍ଷୀ ହୋଇ ଠିଆ ହୋଇଛି କୋଲାବୀରା ଦୁର୍ଗ ।

ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀରେ ରତ୍ନପୁରର କଳଚୁରୀ ବଂଶୀୟ ରାଜା ଜାଜ୍ୱଲ୍ୟଦେବ ଉତ୍କଳ ଗଜପତି ରାଜା ସୋମେଶ୍ୱର ଦେବଙ୍କ ସହିତ ଯୁଦ୍ଧକାଳରେ ଏହି ଅଞ୍ଚଳ ଆପଣାର ସାମ୍ରାଜ୍ୟ ଭୁକ୍ତ କରିଥିଲେ ।

ଖ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦୀ ମଧ୍ୟଭାଗରେ ଉତ୍କଳ ଗଜପତି ଅନଙ୍ଗଭୀମ ଦେବ (୨ୟ)ଙ୍କ ଶାସନ କାଳରେ ରତ୍ନପୁର କଳଚୁରୀ ରାଜାଙ୍କ କବଳରୁ ସୋନପୁର ଅଞ୍ଚଳ ଅଧିକାର କରି ନେଇଥିଲେ । କିନ୍ତୁ ସମ୍ବଲପୁର-କୋଶଳ ଖଣ୍ଡରେ ପ୍ରବଳ ଅରାଜକତା ଲାଗି ରହିଥିଲା । ଏହାରି ସୁଯୋଗ ନେଇ ସଂଲଗ୍ନ ଅଞ୍ଚଳର ସାମନ୍ତ ରାଜାମାନେ ଏକପ୍ରକାର ପୂର୍ଣ୍ଣ ସ୍ୱାଧୀନତା ଉପଭୋଗ କରୁଥିଲେ । କାରଣ ପ୍ରତ୍ୟେକ ଅଞ୍ଚଳରେ ଶାସନ ଅଞ୍ଚଳାଧିପତିମାନଙ୍କ ନିୟନ୍ତ୍ରଣରେ ରହିଥିଲା । ରତ୍ନପୁର, ରାଜା କିମ୍ବା ଉତ୍କଳ ଗଜପତି ସେମାନଙ୍କ ଉପରେ କୌଣସି ପ୍ରଭାବ ବିସ୍ତାର କରିପାରୁନଥିଲେ । ଫଳ ସ୍ୱରୂପ କୋଶଳର ବାମଣ୍ଡା ସଂଲଗ୍ନ ଅଞ୍ଚଳରେ ଗାଙ୍ଗପୁର ଏବଂ ଜୟପୁର ନାମରେ ଦୁଇଟି ସାମନ୍ତ ରାଜ୍ୟ କଳଚୁରୀମାନଙ୍କ ନିୟନ୍ତ୍ରଣରେ ଥିଲା ।

ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀରେ ବାମଣ୍ଡାରେ ଉତ୍କଳର ସାମନ୍ତ ରାଜା ରୁଦ୍ର ନାରାୟଣ ଦେବ (ଖ୍ରୀ. ୧୪୨୫-୩୫) ରାଜ୍ୟ ଶାସନ କରୁଥିଲା ବେଳେ ସୀମାନ୍ତବର୍ତ୍ତୀ ଜୟପୁର ରାଜ୍ୟରେ ହୈହୟ କଳଚୁରୀ ରାଜା ବିଶ୍ୱନାଥ ଦେବ ଶାସନ କରୁଥିଲେ । ଭେଡେନ୍ ନଦୀ ଅବବାହିକାରେ ଏହି ଜୟପୁର ରାଜ୍ୟ ଉତ୍ତର ଦିଗରେ ବାମରା, ଗଡ଼ପୋଷଠାରୁ ଦକ୍ଷିଣରେ କୁଚିଣ୍ଡା, ଭୋଜପୁର ପର୍ଯ୍ୟନ୍ତ ଏବଂ ପୂର୍ବ ଦିଗରେ ମକୁରଢ଼ିମାଠାରୁ ପଶ୍ଚିମ ଦିଗରେ ବଡ଼ମାଲ ପର୍ଯ୍ୟନ୍ତ ରହିଥିଲା ।

ଇତିହାସର ବିଡ଼ମ୍ବନା - ବିଭିନ୍ନ ରାଜନୈତିକ

ଇତିହାସର ବିଡ଼ମ୍ବନା ବିଭିନ୍ନ ରାଜନୈତିକ ଅର୍ନ୍ତଦ୍ୱନ୍ଦ୍ୱ ଏବଂ ଷଡ଼ଯନ୍ତ୍ର କାରଣରୁ ବାମଣ୍ଡା ରାଜା ରୁଦ୍ର ନାରାୟଣ ଦେବ ଗାଙ୍ଗପୁର ରାଜାଙ୍କ ସହାୟତାରେ ଜୟପୁର ରାଜ୍ୟ ଆକ୍ରମଣ କରିଥିଲେ । ଏହି ଯୁଦ୍ଧରେ ଜୟପୁର ରାଜା ବିଶ୍ୱନାଥ ପରାସ୍ତ ଓ ନିହତ ହୋଇଥିଲେ । ତାଙ୍କ ରାଜଧାନୀ ଜୟପୁର ଗଡ଼ ଦୁର୍ଗର ପତନ ଘଟିଥିଲା ଏବଂ ଗାଙ୍ଗପୁର ରାଜା ଓ ବାମଣ୍ଡା ରାଜା ଏହି ରାଜ୍ୟର କିଛି ଅଂଶ ପରସ୍ପର ମଧ୍ୟରେ ବାଣ୍ଟି ନେଇଥିଲେ । ଅବଶିଷ୍ଟ ଅଂଶରେ କୌଣସି ରାଜାଙ୍କର ନିୟନ୍ତ୍ରଣ ନ ଥିବା ହେତୁ ଦୁର୍ଦ୍ଦାନ୍ତ ଗଣ୍ଡ ସର୍ଦ୍ଦାରମାନେ ଅଷ୍ଟମଲ୍ଲିକ ବା ପ୍ରତିନିଧିମୂଳକ ଶାସନ ପ୍ରବର୍ତ୍ତନ କରିଥିଲେ ଅର୍ଥାତ ଆଠଜଣ ଗଣ୍ଡ ସର୍ଦ୍ଦାର (ନାଏକ)ମାନଙ୍କୁ ନେଇ ଗଠିତ ପ୍ରତିନିଧି ସଭା ମଧ୍ୟରେ ସିଂହାସନରେ ଏକ ଲେମ୍ବୁ ସ୍ଥାପନ କରି ପ୍ରତିମାସରେ ଜଣେ ଲେଖାଏଁ ନାଏକ ପାଳି ଅନୁସାରେ ରାଜ୍ୟ ଶାସନ କରୁଥିଲେ । ପ୍ରତିବେଶୀ

ରାଜ୍ୟ ବାମଣ୍ଡାର ସୈନ୍ୟ ଆକ୍ରମଣ ଆଶଙ୍କା କରି ଗଣ୍ଡ ସର୍ଦ୍ଦାରମାନେ ସେମାନଙ୍କର ରାଜଧାନୀ କୋଲାବୀରାରେ ପ୍ରତିଷ୍ଠା କଲେ ଏବଂ କୋହ୍ଲମାନଙ୍କୁ ସେଇ ଅଞ୍ଚଳରୁ ବିତାଡ଼ିତ କଲେ ।

ସେ ଯାହା ହେଉ, ଖ୍ରୀଷ୍ଟିୟ ଅଷ୍ଟାଦଶ ଶତାବ୍ଦୀରେ କୋଲାବୀରା, କୁଚିଣ୍ଡା ଅଞ୍ଚଳ ନାଗପୁରର ମରହଟ୍ଟା ମୁଖ୍ୟ ଭୋନ୍‌ସଲା ସୈନ୍ୟବାହିନୀ ଦ୍ୱାରା ୧୭୭୪ ଖ୍ରୀ.ଅ. ପର୍ଯ୍ୟନ୍ତ ଅଧିକୃତ ହୋଇ ରହିଥିଲା । ଏହାର ନିଦର୍ଶନ ସ୍ୱରୂପ କୋଲାବୀରା ଦୁର୍ଗ ସମ୍ମୁଖରେ ଅଦ୍ୟାବଧି "ବାରଭାଇ ମଲାର୍" ନାମକ ଏକ ସ୍ମାରକୀ ପୀଠ ରହିଅଛି ।

କିନ୍ତୁ ସମ୍ବଲପୁର ଚୌହାନ ବଂଶୀୟ ରାଜା ଜୟନ୍ତ ସିଂହ ତାଙ୍କ ଶାସନ କାଳରେ (୧୭୮୧-୧୮୦୦) ଜୟପୁର ରାଜ୍ୟର ଏହି କୋଲାବୀରା, କୁଚିଣ୍ଡା ଅଞ୍ଚଳ ଆପଣାର ସାମ୍ରାଜ୍ୟଭୁକ୍ତ କରିଥିଲେ । କେବଳ ସେତିକି ନୁହେଁ, ମହାପାତ୍ର ବଲଣ୍ଡାର ଦୁର୍ଦ୍ଦାନ୍ତ ଗଣ୍ଡ ସର୍ଦ୍ଦାରଙ୍କ ପ୍ରସ୍ତାବ କ୍ରମେ ଗଣ୍ଡ ସର୍ଦ୍ଦାର ମୁଖ୍ୟ ସନ୍‌ସାଧର ସିଂହଙ୍କୁ କୋଲାବୀରା ଜମିଦାର ରୂପେ ଅଭିଷିକ୍ତ କରିଥିଲେ । ଏହି କୋଲାବୀରା ଜମିଦାରୀର ପରିସୀମା ଉତ୍ତର ଦିଗରେ ବୈଜାପାଲିଠାରୁ ଦକ୍ଷିଣ ଦିଗରେ ତାଳମୁଣ୍ଡା ପର୍ଯ୍ୟନ୍ତ ଏବଂ ପୂର୍ବ ଦିଗରେ ହାଡ଼ିପାଲିଠାରୁ ପଶ୍ଚିମ ଦିଗରେ ସିରିଆପାଲି ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏହାର ଆୟତନ ଥିଲା ୨୭ ବର୍ଗ କିଲୋମିଟର । ସମ୍ବଲପୁର ରାଜ୍ୟର ପ୍ରତିରକ୍ଷା ପାଇଁ କୋଲାବୀରା ଗଡ଼ରେ ଅବସ୍ଥାପିତ ହୋଇଥିବାରୁ ସନ୍‌ସାଧର ସିଂହଙ୍କୁ "ଗଡ଼ତିଆ" ମଧ୍ୟ କୁହାଯାଉଥିଲା ।

୧୮୨୭ ମସିହାରେ ସମ୍ବଲପୁର ରାଜା ମହାରାଜା ସାଏଙ୍କ ମୃତ୍ୟୁ ହେବାରୁ ଇଂରେଜ କର୍ତ୍ତୃପକ୍ଷ ରାଜାଙ୍କ କୌଣସି ଉତ୍ତରାଧିକାରୀଙ୍କୁ ସିଂହାସନ ଦେବା ବଦଳରେ ବିଧବା ରାଣୀଙ୍କୁ ରାଜ୍ୟ ଶାସନ କ୍ଷମତା ଦେଇଥିଲେ । ଏହାର ପ୍ରତିବାଦ ସ୍ୱରୂପ ଅନ୍ୟତମ ବଂଶଧର ଝାରସୁଗୁଡ଼ା ଜମିଦାର ରଣଜିତ ସିଂହଙ୍କ ପୁତ୍ର ସଶସ୍ତ ବିଦ୍ରୋହ ଆରମ୍ଭ କରିଥିଲେ । ଇଂରେଜମାନଙ୍କ ଅନ୍ୟାୟ ଅତ୍ୟାଚାର ଓ ଖଜଣା ବୃଦ୍ଧି ପ୍ରତିବାଦରେ ବିଭିନ୍ନ ଗଣ୍ଡ ଜମିଦାର, ସର୍ଦ୍ଦାର ଓ ପ୍ରଜାମାନେ ମଧ୍ୟ ଏହି ବିଦ୍ରୋହରେ ସାମିଲ ହୋଇଗଲେ । ୧୮୩୩ ମସିହାରେ ଅନ୍ୟ ଉପାୟ ନ ଦେଖି କୂଟନୀତି ସମ୍ପନ୍ନ ଇଂରେଜ ସରକାର ଏହି ବିଦ୍ରୋହ ଦମନ କରିବା ପାଇଁ ସର୍ବପ୍ରଥମେ ରାଣୀ ମୋହନ କୁମାରୀଙ୍କୁ ପେନ୍‌ସନ୍ ଦେଇ କଟକ ପଠାଇ ଦେଇଥିଲେ ଏବଂ ରାଜ ସିଂହାସନରେ ବରପାଲି ଜମିଦାର ବଂଶୀୟ ନାରାୟଣ ସିଂହଙ୍କ ନାମରେ ଜଣେ ନକଲି ନାରାୟଣ ସିଂହଙ୍କୁ ଅଭିଷିକ୍ତ କରାଇଥିଲେ ଏହା ଫଳରେ ଝାରସୁଗୁଡ଼ାର ବିପ୍ଳବୀ ଗୋବିନ୍ଦ ସିଂହ ପ୍ରବଳ ବିଦ୍ରୋହ ଆରମ୍ଭ କରିଥିଲେ । ଅନ୍ୟତମ ଉତ୍ତରାଧିକାରୀ ଖିଣ୍ଡା ଜମିଦାର ବଂଶର ସୁରେନ୍ଦ୍ର ସାଏ ମଧ୍ୟ ଇଂରେଜମାନଙ୍କ ବିରୁଦ୍ଧରେ ସଶସ୍ତ୍ର ବିଦ୍ରୋହ ଆରମ୍ଭ କରି ଦେଇଥିଲେ ।

ପରିଶେଷରେ ଇଂରେଜ କର୍ତ୍ତୃପକ୍ଷ ହଜାରୀବାଗରୁ ମେଜର ଉଇଲକିନ୍‌ସନ୍‌ଙ୍କୁ ବିଦ୍ରୋହ ଦମନ ପାଇଁ ଝାରସୁଗୁଡ଼ା ପଠାଇଥିଲେ । ବିପ୍ଳବୀ ଗୋବିନ୍ଦ ସିଂହ ଓ ତାଙ୍କ ଅନୁଗାମୀ ବିଦ୍ରୋହୀ ସୈନ୍ୟମାନଙ୍କୁ ଦମନ କରିବା ଉଦ୍ଦେଶ୍ୟରେ ମେଜର ଉଇଲକିନ୍‌ସନ୍ ଇଂରେଜ ସୈନ୍ୟବାହିନୀ ଧରି ଝାରସୁଗୁଡ଼ାରେ ପହଞ୍ଚିଥିଲେ ଏବଂ ଝାରସୁଗୁଡ଼ାର ପ୍ରାଚୀନ ଶୈବପୀଠ ଝାଡ଼େଶ୍ୱର ମନ୍ଦିର ଉପକଣ୍ଠରେ ବିଦ୍ରୋହୀମାନଙ୍କର ସମ୍ମୁଖୀନ ହୋଇଥିଲେ । ଉଭୟ ପକ୍ଷ ମଧ୍ୟରେ ଯୁଦ୍ଧ ହେବା ଫଳରେ ବହୁ ସଂଖ୍ୟକ ବିଦ୍ରୋହୀ ସୈନ୍ୟ ମୃତାହତ ହୋଇଥିଲେ ଏବଂ ବିପ୍ଳବୀ ଗୋବିନ୍ଦ ସିଂହ ବନ୍ଦୀ ହୋଇ ଇଂରେଜମାନଙ୍କ ଦ୍ୱାରା କାରାଦଣ୍ଡ ଭୋଗ କଲେ ।

ସମ୍ବଲପୁରର ଚତୁର୍ଥ ରାଜା ମଧୁକର ସାଏଙ୍କ ବଂଶଧର ଖିଣ୍ଡା ଜମିଦାରୀର ଚୌହାନ ବୀର ସୁରେନ୍ଦ୍ର ସାଏ ଓ ତାଙ୍କ ଭ୍ରାତାମାନେ ପିତୃବ୍ୟ ବଳରାମ ସାଏଙ୍କ ମନ୍ତ୍ରଣା କ୍ରମେ ଇଂରେଜ ଶକ୍ତି ବିରୁଦ୍ଧରେ ସଶସ୍ତ୍ର ବିଦ୍ରୋହ ଆରମ୍ଭ କରିଥିଲେ । ସମ୍ବଲପୁର ରାଜ୍ୟର ବିଭିନ୍ନ ଗଣ୍ଡ ଜମିଦାର ଓ ପ୍ରଜାମାନେ ତାଙ୍କୁ ସମର୍ଥନ କରି ଇଂରେଜମାନଙ୍କ ବିରୁଦ୍ଧରେ ଧନୁତୀର ବର୍ଚ୍ଛା ଧରି ସଶସ୍ତ୍ର ବିଦ୍ରୋହରେ ସାମିଲ ହୋଇଥିଲେ । ସେମାନଙ୍କ ମଧ୍ୟରେ ତତ୍କାଳୀନ କୋଲାବୀରା ଜମିଦାର କରୁଣାକର ନାଏକ ଓ ତାଙ୍କର ନଅଜଣ ଭ୍ରାତା ସମେତ ପୁତୁରା କହ୍ନେଇ ନାଏକ, ପୁତ୍ର କୃଷ୍ଣଚନ୍ଦ୍ର ତଥା ଗଣ୍ଡ ପ୍ରଜାମାନେ କୋଲାବୀରାରେ ମେଳି ସଭା ଆୟୋଜନ କରି ଇଂରେଜମାନଙ୍କୁ ରାଜ୍ୟରୁ ହଟାଇବା ପାଇଁ ଶପଥ ନେଇଥିଲେ । କୋଲାବୀରା ଜମିଦାରୀର ଦଲ୍‌କୀ ଗ୍ରାମର ଗଣ୍ଡ ସର୍ଦ୍ଦାର ଗୋପାଳ ଧୁରୁଆ, ବଞ୍ଜାରୀ ଗ୍ରାମର ଭାକୁର ଭଏଁଶା ପ୍ରମୁଖ କୋଲାବୀରା ଜମିଦାରଙ୍କ ମୁଖ୍ୟ ଅନୁଗାମୀ ଥିଲେ ।

୧୮୩୩ ମସିହାରୁ ବିପ୍ଳବୀ ସୁରେନ୍ଦ୍ର ସାଏଙ୍କ ସଶସ୍ତ୍ର ବିଦ୍ରୋହ ଅଭିଯାନରେ କ୍ରମେ ଅନ୍ୟାନ୍ୟ ଅଞ୍ଚଳର ଗଣ୍ଡ ଜମିଦାର ଓ ପ୍ରଜାମାନେ ସାମିଲ ହେବାରୁ ସମ୍ବଲପୁର ରାଜ୍ୟର ସର୍ବତ୍ର ବିଦ୍ରୋହର ବାତାବରଣ ସୃଷ୍ଟି ହେଲା । କିନ୍ତୁ ୧୮୩୭ ମସିହାରେ ରାମପୁର ଜମିଦାର ଦରିଆର ସିଂହଙ୍କୁ ହତ୍ୟା କରିବା ଷଡ଼ଯନ୍ତ୍ର ଏବଂ ତାଙ୍କ ପିତା ନରହରି ସିଂହଙ୍କ ହତ୍ୟା ଏବଂ ପୁତ୍ର ରାଜେନ୍ଦ୍ର ସିଂହଙ୍କ ହସ୍ତପଦ ଛେଦନ

ତଥା ରାମପୁରଗଡ଼ ଲୁଣ୍ଠନ, ଗୃହଦାହ ଘଟଣା ପ୍ରଭୃତି ଅପରାଧରେ ଅଭିଯୁକ୍ତ ସୁରେନ୍ଦ୍ର ସାଏ ଓ ତାଙ୍କ ଭ୍ରାତା ଉଦନ୍ତ ସାଏ ଏବଂ ପିତୃବ୍ୟ ବଳରାମ ସାଏ ଇଂରେଜମାନଙ୍କ ହାତରେ ଗିରଫ ହୋଇଥିଲେ । ସେମାନଙ୍କୁ ବିଚାରରେ ଅପରାଧୀ ସାବ୍ୟସ୍ତ କରି ୧୮୪୦ ମସିହାରେ ବିହାରର ହଜାରୀବାଗ ଜେଲକୁ ପ୍ରେରଣ କରାଯାଇଥିଲା । ଅନ୍ୟପକ୍ଷରେ ବିପ୍ଳବୀ ଗୋବିନ୍ଦ ସିଂହଙ୍କୁ କାରାମୁକ୍ତ କରି ଝାରସୁଗୁଡ଼ାର ମାଫିଦାର ରୂପେ ନିଯୁକ୍ତି ହେବା ପରେ ସମଗ୍ର ସମ୍ବଲପୁର ରାଜ୍ୟରେ ବିଦ୍ରୋହ ପରିସ୍ଥିତି ଶାନ୍ତ ହୋଇଯାଇଥିଲା । ଇତି ମଧ୍ୟରେ ଦୀର୍ଘ ୧୭ ବର୍ଷ ଅତିବାହିତ ହୋଇଗଲା ।

୧୮୫୭ ମସିହାରେ ଉତ୍ତର ଭାରତରେ ସିପାହୀ ବିଦ୍ରୋହ ଅବସରରେ ହଜାରୀବାଗ ଜେଲ ଫାଟକ ବିଦ୍ରୋହୀ ସୈନ୍ୟମାନେ ଭାଙ୍ଗିଦେବା ଫଳରେ ସୁରେନ୍ଦ୍ର ସାଏ ଓ ତାଙ୍କ ଭ୍ରାତା ମୁକ୍ତିଲାଭ କରି ଜନ୍ମଭୂମି ଖିଣ୍ଡା ପ୍ରତ୍ୟାବର୍ତ୍ତନ କରିଥିଲେ ।

ବର୍ଷାଋତୁ ପରେ ଖିଣ୍ଡାରେ ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ସମସ୍ତ ଅନୁଗତ ବିଦ୍ରୋହୀମାନଙ୍କୁ ଏକତ୍ରିତ କରି ପୁନର୍ବାର ଇଂରେଜ ଶକ୍ତି ବିରୁଦ୍ଧରେ ସଶସ୍ତ୍ର ବିଦ୍ରୋହ ଅଭିଯାନ ଆରମ୍ଭ କଲେ । ଇତିମଧ୍ୟରେ ୧୮୪୯ ମସିହାରେ ସମ୍ବଲପୁର ରାଜା ନାରାୟଣ ସିଂହଙ୍କର ମୃତ୍ୟୁ ଘଟିଥିଲା ଏବଂ ତାଙ୍କର ପୁତ୍ର ସନ୍ତାନ ନ ଥିବା କାରଣ ଇଂରେଜ କର୍ତ୍ତୃପକ୍ଷ ସମ୍ବଲପୁର ରାଜ୍ୟକୁ ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ଆପଣା ସାମ୍ରାଜ୍ୟଭୁକ୍ତ କରି ନେଇଥିଲେ । ସୁରେନ୍ଦ୍ର ବିଦ୍ରୋହ ଦମନ ପାଇଁ ଆୟୋଜନ ଆରମ୍ଭ କଲେ । ଇଂରେଜ ସରକାରଙ୍କ ବିଭିନ୍ନ ସାମରିକ ଛାଉଣୀରୁ ସୈନ୍ୟ ଆଣିବାର ଯୋଜନା ହେଲା ।

୧୮୫୭ ମସିହା ଡ଼ିସେମ୍ବର ୧୯ ତାରିଖରୁ ସମ୍ବଲପୁର ରାଜ୍ୟ ଶାସନ ଦାୟିତ୍ୱ ଛୋଟନାଗପୁର କମିଶନରଙ୍କ ବଦଳରେ କଟକ କମିଶନର କକ୍‌ବର୍ଣ୍ଣଙ୍କ ଅଧୀନରେ ନ୍ୟସ୍ତ ହେଲା । ଇତିପୂର୍ବରୁ ବିଦ୍ରୋହ ଦମନ ପାଇଁ ନାଗପୁରରୁ କେପଟେନ୍ ଇ.ଜି.ଉଡ୍ ଆସି ରାଜଧାନୀ ସମ୍ବଲପୁରରେ ପହଞ୍ଚିଥିଲେ । କେପଟେନ୍ ବାର୍ଡ ଦୁଇଦଳ ଦେଶୀୟ ସୈନ୍ୟବାହିନୀ ଧରି ଯଥାକ୍ରମେ ମେଜର ଉଇଣ୍ଡହାମ୍ ଓ କେପଟେନ୍ ଏଲଓ୍ୱିନ୍‌ଙ୍କ ନେତୃତ୍ୱରେ କଟକରୁ ଆଣିଥିଲେ । ମେକର ବେଟ୍‌ସ ସମଗ୍ର ସୈନ୍ୟବାହିନୀର ଅଧିନାୟକ ଥିଲେ ।

୧୮୫୭ ମସିହା ନଭେମ୍ବର ମାସରେ ଲେଫ୍ଟନାଣ୍ଟ ହେଡ୍ରୋଙ୍କ ନେତୃତ୍ୱରେ ମାନ୍ଦ୍ରାଜ ଆର୍ଟିଲାରୀ, କଟକର ସୈନ୍ୟବାହିନୀ ଓ ୪୦ ଜଣ ମାନ୍ଦ୍ରାଜ ଗ୍ରାମ୍ୟ ସୈନ୍ୟ ଦଳ କେପଟେନ୍ ଜେ.ବି. ନକର୍‌ଙ୍କ ନେତୃତ୍ୱରେ ଏକତ୍ରିତ ହୋଇ କୋଲାବୀରା ଜମିଦାରଙ୍କ ପ୍ରାସାଦ ଆକ୍ରମଣ ଅଭିଯାନ ଆରମ୍ଭ କଲେ । ପାଞ୍ଚତାରିଖ ଦିନ ସେମାନେ ରାଜଧାନୀ ସମ୍ବଲପୁରରୁ କତରବଗା ଗ୍ରାମ ମଧ୍ୟ ଦେଇ ଯାତ୍ରା କଲେ । କତରବଗା ଗ୍ରାମ ଉପକଣ୍ଠରେ ରାତ୍ରିଯାପନ କରି ତା' ଆରଦିନ ସମାସିଙ୍ଗା ଗ୍ରାମରେ ପ୍ରବେଶ କଲେ ଏବଂ ସେଠାରୁ କୋଲାବୀରାରେ ପହଞ୍ଚିଲେ । କିନ୍ତୁ ସେଠାରେ ବିପ୍ଳବୀ ନେତା ସୁରେନ୍ଦ୍ର ସାଏ କିମ୍ବା କୋଲାବୀରା ଜମିଦାର କରୁଣାକର ନାଏକଙ୍କର କୌଣସି ସନ୍ଧାନ ନ ପାଇ ଗ୍ରାମବାସୀଙ୍କ ଉପରେ ଅତ୍ୟାଚାର ଆରମ୍ଭ କରିଥିଲେ । ଗ୍ରାମରେ ଲୁଣ୍ଠନ ଓ ଅତ୍ୟାଚାର ଯୋଗୁଁ ଗ୍ରାମବାସୀ ପ୍ରାଣରକ୍ଷା ପାଇଁ ଘରଦ୍ୱାର ଛାଡ଼ି ଜଙ୍ଗଲରେ ଆତ୍ମଗୋପନ ପ୍ରାଣରକ୍ଷା ପାଇଁ ଘରଦ୍ୱାର ଛାଡ଼ି ଜଙ୍ଗଲରେ ଆତ୍ମଗୋପନ କଲେ । ଅବଶେଷରେ ଇଂରେଜ ସହକାରୀ ସେନାଧକ୍ଷ ହେଡ୍ରୋଙ୍କ ଆଦେଶକ୍ରମେ ଇଂରେଜ ସହକାରୀ ସେନାଧକ୍ଷ ହେଡ୍ରୋଙ୍କ ଆଦେଶକ୍ରମେ ଇଂରେଜ ସୈନ୍ୟ ତୋପ ଗୁଳିମାଡ଼ରେ ଜମିଦାରଙ୍କ ପ୍ରାସାଦ ଧ୍ୱଂସ କରି ଦେଇଥିଲେ ।

୧୮୫୭ ମସିହା ଡ଼ିସେମ୍ବର ମାସ ୩୦ ତାରିଖରେ କୁଦୋପାଲି ଗ୍ରାମ ଉପକଣ୍ଠରେ ଏକ କ୍ଷୁଦ୍ର ପାହାଡ଼ ନିକଟରେ ବିଦ୍ରୋହୀମାନଙ୍କୁ ଠାବ କରି କେପଟେନ୍ ଇ.ନି. ଉଡ୍‌ଙ୍କ ନେତୃତ୍ୱରେ ଇଂରେଜ ସୈନ୍ୟବାହିନୀ ଅତର୍କିତ ଆକ୍ରମଣ କଲେ ଉଭୟ ପକ୍ଷ ମଧ୍ୟରେ ହୋଇଥିବା ଏହି ଯୁଦ୍ଧରେ କୋଲାବୀରା ଜମିଦାର କରୁଣାକର ନାଏକ ସେନାପତିତ୍ୱ କରିଥିଲେ । କିନ୍ତୁ ଇଂରେଜ ସୈନ୍ୟମାନଙ୍କର ବନ୍ଧୁକ, ତୋପ ଓ ଯୁଦ୍ଧ କୌଶଳ ଆଗରେ ବିଦ୍ରୋହୀମାନେ ଅଧିକ ସମୟ ତିଷ୍ଟି ନ ପାରି ପୃଷ୍ଠଭଙ୍ଗ ଦେଇଥିଲେ । ଯୁଦ୍ଧରେ ଅନେକ ବିଦ୍ରୋହୀ ମୃତାହତ ହେବା ସହିତ ୫୩ ଜଣ ମୃତ୍ୟୁବରଣ କରିଥିଲେ ଓ ୧୧ ଜଣ ବନ୍ଦୀ ହୋଇଥିଲେ । କିନ୍ତୁ ସବୁଠାରୁ ଦୁଃଖଦ ପୂର୍ଣ୍ଣ ଘଟଣା ହେଲା, ଏହି ଯୁଦ୍ଧରେ ସୁରେନ୍ଦ୍ର ସାଏଙ୍କ ଭ୍ରାତା ଛବିଳ ସାଏ, ପତ୍ରାପାଲି ଗୌନ୍ତିଆ ବଳଭଦ୍ର ଦାଶ ଓ କୋଲାବୀରା ଜମିଦାରଙ୍କ ପୁତ୍ର କୃଷ୍ଣଚନ୍ଦ୍ର ଶହୀଦ ହୋଇଥିଲେ ।

୧୮୬୧ ମସିହା ଅପ୍ରେଲ ମାସରେ ମେଜର ଇମ୍ପେ ସମ୍ବଲପୁରରେ ଡେପୁଟୀ କମିଶନର ରୂପେ ଅବସ୍ଥାପିତ ହେଲେ ସେ ବିପ୍ଳବୀ ସୁରେନ୍ଦ୍ର ସାଏ ଓ ତାଙ୍କ ସମର୍ଥକ ବିଦ୍ରୋହୀମାନଙ୍କ ପ୍ରତି ଉଦାରନୀତି ପ୍ରଦର୍ଶନ କରି ରାଜ୍ୟରେ ବିଦ୍ରୋହ ପ୍ରଶମନ ଉଦ୍ଦେଶ୍ୟରେ ଏକ ଯୋଜନା କରିଥିଲେ । କାରଣ ତାଙ୍କର ଆଶା ଥିଲା ଯେ, ବିଦ୍ରୋହୀମାନଙ୍କୁ କ୍ଷମା ପ୍ରଦାନ କରି ସେମାନଙ୍କ ବାଜ୍ୟାପ୍ତ ସମ୍ପତ୍ତି ଓ ଜମିଦାରୀ ଫେରାଇ ଦେଲେ ସମସ୍ତ ବିଦ୍ରୋହୀ ନେତା ଇଂରେଜ କର୍ତ୍ତୃପକ୍ଷ ନିକଟରେ ଆତ୍ମ ସମର୍ପଣ କରିବେ । ତେଣୁ ସେ ବିଦ୍ରୋହୀ ନେତାମାନଙ୍କ ପାଇଁ ଏହି ସର୍ତ୍ତ ରଖି ଦୁଇଟି ଘୋଷଣାନାମା ଜାରୀ କରିଥିଲେ । ମେଜର ଇମ୍ପେଙ୍କ ଏହି ଜୀବନ

ରକ୍ଷା ପ୍ରତିଶ୍ରୁତିମୂଳକ ସର୍ତ୍ତରେ କୋଲାବୀରା ଜମିଦାର ଆତ୍ମସମର୍ପଣ କରିଥିଲେ । କାରଣ ଇଂରେଜମାନଙ୍କର ବିଶାଳ ପ୍ରଶିକ୍ଷିତ ତୋପ, ବନ୍ଧୁକଧାରୀ ସେନାବାହିନୀ ଆଗରେ ଧନୁତୀର ବର୍ଚ୍ଛାଧାରୀ ବିଦ୍ରୋହୀମାନଙ୍କ ରଣକୌଶଳ ବିଜୟ ହାସଲ ପାଇଁ ଯଥେଷ୍ଟ ନଥିଲା । ତା'ଛଡ଼ା କୁଦୋପାଲି ଯୁଦ୍ଧଭୂମିରେ ତାଙ୍କର ଏକମାତ୍ର ପୁତ୍ର କୃଷ୍ଣଚନ୍ଦ୍ର ଶହୀଦ ହେବା ଘଟଣାରେ ସେ ଶୋକାକୁଳ ହୋଇ ଭାଙ୍ଗି ପଡ଼ିଥିଲେ । ତେଣୁ ଆତ୍ମସମର୍ପଣ କରି ସେ ବାଜ୍ୟାପ୍ତ ଜମିଦାରୀ ଫେରି ପାଇ ଜୀବନ ରକ୍ଷା କରିବା ଶ୍ରେୟ ମନେ କରିଥିଲେ ।

କିନ୍ତୁ ଦୁର୍ଭାଗ୍ୟର ବିଷୟ ମେଜର ବେଟ୍‌ସଙ୍କ ଅନୁପସ୍ଥିତିରେ ଲେଫ୍ଟନାଣ୍ଟ ରବିନସନ୍ କୋଲାବୀରା ଜମିଦାର କରୁଣାକର ନାଏକ ଓ ଅନ୍ୟ ବିଦ୍ରୋହୀମାନଙ୍କୁ ବନ୍ଦୀ ରୂପେ ସମ୍ବଲପୁର ପଠାଇ ଦେଇଥିଲେ । କିନ୍ତୁ ସେଠାରେ ଲେଫ୍ଟନାଣ୍ଟ କକ୍‌ବର୍ଣ୍ଣ ଆତ୍ମ ସମର୍ପଣ କରିଥିବା ଏହି ବନ୍ଦୀମାନଙ୍କୁ ସର୍ତ୍ତ ଅନୁଯାୟୀ କ୍ଷମା ଦିଆଯାଇଥିବା କଥା ନ ଜାଣି ସାମରିକ ଅଦାଲତରେ ସେମାନଙ୍କ ବିଚାର ଆରମ୍ଭ କରିଥିଲେ ଏବଂ ବନ୍ଦୀମାନଙ୍କ ଭିତରୁ ସାମରିକ ଅଦାଲତରେ ୩୬ ଜଣଙ୍କ ବ୍ୟତୀତ ଅନ୍ୟମାନଙ୍କ ବିରୁଦ୍ଧରେ ଫାଶିଦଣ୍ଡ ଆଦେଶ ହୋଇଥିଲା ।

ବିପ୍ଳବୀ କୋଲାବୀରା ଜମିଦାର କରୁଣାକର ନାଏକ ଓ ଅନ୍ୟ ୧୩ ଜଣଙ୍କୁ ଫାଶିଦଣ୍ଡ ପ୍ରଦାନ କରାଯିବା ପୂର୍ବରୁ ସେମାନଙ୍କର ଅନ୍ତିମ ଇଚ୍ଛା ପୂରଣ ପାଇଁ ଇଂରେଜ କର୍ତ୍ତୃପକ୍ଷ ସମ୍ମତ ଥିଲେ । ତେଣୁ କୋଲାବୀରା ଜମିଦାର କରୁଣାକରଙ୍କୁ ୧୮୬୧ ମସିହା ଡ଼ିସେମ୍ବର ମାସ ୨୨ ତାରିଖ ଦିନ ପ୍ରତ୍ୟୁଷ କାଳରେ ସମ୍ବଲପୁର ସହରର ମହାନଦୀ କୂଳରେ ଥିବା ସାମିଆ (ସୋମନାଥ) ମନ୍ଦିର ପରିସରକୁ ନିଆଯାଇଥିଲା । ବିପ୍ଳବୀ କରୁଣାକରଙ୍କ ଅନ୍ତିମ ଇଚ୍ଛାପୂରଣ କରି ଇଂରେଜ ଅଧିକାରୀ ସେଠାରେ କରୁଣାକର ସ୍ୱହସ୍ତରେ ପତ୍ରାପାଲି ଗୌନ୍ତିଆ ବଳଭଦ୍ର ଦାଶଙ୍କ ପୁତ୍ରକୁ ପତ୍ରାପାଲିର ମାଫିଦାର ଜାଗିରୀ ପ୍ରଦାନ ସ୍ୱରୂପ ତମ୍ବାପଟ୍ଟା ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରିଥିଲେ ଏବଂ ଭଗବାନ ଶିବଙ୍କୁ ସାକ୍ଷୀ ରଖି କରୁଣାକର ଏହି ତମ୍ବାପଟ୍ଟା ଦେବା ସହିତ ଶଙ୍ଖରେ ଜଳ ଢ଼ାଳିଥିଲେ ।

ଏହା ପରେ ସେହିଦିନ ସକାଳେ ସମ୍ବଲପୁର ଜେଲ ପରିସର ମଧ୍ୟରେ କୋଲାବୀରାର ବିପ୍ଳବୀ ଜମିଦାର କରୁଣାକର ନାଏକ ସମେତ ଅନ୍ୟ ୧୩ ଜଣ ବନ୍ଦୀଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଯାଇଥିଲା ।

ମହାନ କ୍ରାନ୍ତିକାରୀ କରୁଣାକର ନାଏକ ଓ ତାଙ୍କ ଅନୁଗାମୀ ବିଦ୍ରୋହୀମାନଙ୍କୁ ଫାଶୀ ଦଣ୍ଡ ଦିଆଯାଇଥିବା କଥା କଟକ କମିଶନର ଆର.ଏସ୍.ସୋର୍ ବହୁ ବିଳମ୍ବରେ ଜାଣିବା ପରେ ଗଭୀର ଦୁଃଖ ପ୍ରକାଶ କରିଥିଲେ ଏବଂ ମେଜର ଇମ୍ପେଙ୍କ ଚିନ୍ତାଧାରା ସହିତ ଏକମତ ହୋଇଥିଲେ । କାରଣ ଆତ୍ମସମର୍ପଣ କରିଥିବା ଏହି ବନ୍ଦୀମାନଙ୍କ ସମ୍ପର୍କରେ ନଥିପତ୍ର ମାନ ଯାଞ୍ଚ କଲାବେଳେ ସେ ଠିକ୍ ଜାଣିପାରିଥିଲେ ଯେ, ବଙ୍ଗଳାର ଛୋଟଲାଟଙ୍କ ଆଦେଶ ଅନୁସାରେ ବିପ୍ଳବୀ ନେତା ସୁରେନ୍ଦ୍ର ସାଏ, ଉଦନ୍ତ ସାଏ ଏବଂ ମିତ୍ରଭାନୁ ସାଏଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କୁ କ୍ଷମା ଦେବା ପାଇଁ ଘୋଷଣା କରାଯାଇଥିଲା । ଏପରିକି ତାଙ୍କ ସମ୍ପତ୍ତି ଓ ବାଜ୍ୟାପ୍ତ ଜମିଦାରୀ ଫେରାଇ ଦିଆଯିବାର ସର୍ତ୍ତ ମଧ୍ୟ ଥିଲା । ତେଣୁ ଇଂରେଜ କର୍ତ୍ତୃପକ୍ଷ ଶହୀଦ କରୁଣାକର ନାଏକଙ୍କ ବାଜ୍ୟାପ୍ତ ଜମିଦାରୀ ତାଙ୍କ ନାତି ଘନଶ୍ୟାମ ସିଂହଙ୍କ ହସ୍ତରେ ପ୍ରତ୍ୟାର୍ପଣ କରାଯିବା ସଂଗେ ସଂଗେ ନାଗପୁରସ୍ଥିତ "କୋର୍ଟ ଅଫ୍ ୱାର୍ଡସ୍" ଆଦେଶ ଅନୁସାରେ କୋଲାବୀରାର ଧ୍ୱସ୍ତ ପ୍ରାସାଦ ସ୍ଥାନରେ ନୂତନ ଦୁର୍ଗ ନିର୍ମାଣ କରାଯାଇ ଉତ୍ତରାଧିକାରୀ ଜମିଦାର ଘନଶ୍ୟାମ ସିଂହଙ୍କୁ ହସ୍ତାନ୍ତର କରାଯାଇଥିଲା ।

ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମରେ ଆତ୍ମବଳୀ ଦେଇ ବୀର କରୁଣାକର ନାଏକ ଯେଉଁ ବିପ୍ଳବର ଅଗ୍ନି ଜାଳି ଦେଇଥିଲେ, ତାଙ୍କ ପ୍ରିୟ ଜନ୍ମମାଟି କୋଲାବୀରା "ଅଗ୍ନିତୀର୍ଥ" ରୂପେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସରେ ନିଶ୍ଚୟ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥିବ ।

ଧନ୍ୟ ବୀର, କରୁଣାକର !

ଧନ୍ୟ, ଅଗ୍ନିତୀର୍ଥ - କୋଲାବୀରା !!

ପୁରୁଣାବସ୍ତି, ଝାରସୁଗୁଡ଼ା



# କୋଲାବିରାର ସଂଗ୍ରାମ କଥା ଓ ଶାସନ ବ୍ୟବସ୍ଥା

ଡ଼କ୍ଟର ଧର୍ମେନ୍ଦ୍ର କୁମାର ମିଶ୍ର

ଝାରସୁଗୁଡ଼ା ଜିଲ୍ଲା ସଦର ମହକୁମାଠାରୁ ୪୯ ନମ୍ବର ଜାତୀୟ ରାଜପଥରେ ପୂର୍ବ ଦିଗକୁ ୧୭ କି.ମି. ଗଲେତେଲେନ ନଦୀ କୂଳରେ ଅବସ୍ଥିତ ଐତିହାସିକ କୋଲାବିରା ଦୁର୍ଗ, ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ, ବିଶେଷ କରି ସମ୍ବଲପୁରର ବିପ୍ଳବୀ ବୀର ସୁରେନ୍ଦ୍ର ସାଏ (୧୮୦୯-୧୮୮୪)ଙ୍କ ନେତୃତ୍ୱରେ ଚାଲିଥିବା ସଂଗ୍ରାମରେ ଏହା ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ବାଉଁଶ ବଣ ଘେରା ଏହି ଜରାଜୀର୍ଣ୍ଣ ଦୁର୍ଗର ଗୌରବ ଗାଥା ତଥା ଏହାର ଦ୍ୱିତୀୟ ଜମିଦାର ବୀର କରୁଣାକର ନାଏକଙ୍କ ରକ୍ତ ରଞ୍ଜିତ ସଂଗ୍ରାମ ଇତିହାସ ପୃଷ୍ଠାରେ 'ଅଗ୍ନିତୀର୍ଥ' ନାମରେ ପ୍ରସିଦ୍ଧ । ସମ୍ବଲପୁରର ଦଶମ ଚୌହାନ ବଂଶୀୟ ରାଜା ଜୟନ୍ତ ସିଂହ (୧୭୮୧-୧୮୧୮)ଙ୍କ ରାଜତ୍ୱ ସମୟରେ ଅର୍ଥାତ ୧୭୮୫ ମସିହାରେ ୨୭୮ ବର୍ଗମାଇଲ କ୍ଷେତ୍ରଫଳ ବିଶିଷ୍ଟ କୋଲାବିରା ଜମିଦାରୀ ପ୍ରତିଷ୍ଠା ହୋଇଥିଲା । କୁହାଯାଏ ଯେ, ଜୟନ୍ତ ସିଂହଙ୍କ ଦ୍ୱିତୀୟ ରାଣୀ ରାହାସ କୁମାରୀଙ୍କୁ ତାଙ୍କ ଦେଓ୍ୱାନ ବିଶ୍ୱମ୍ବର ମହାନ୍ତି ଅପହରଣ କରି ନେଇ ବାମଡ଼ା ନିକଟସ୍ଥ ଦୁଲତି ଗଡ଼ରେ ରଖିଥିଲା । ଜୟନ୍ତ ସିଂହଙ୍କ ନିର୍ଦ୍ଦେଶରେ ଲଇକେରାରେ ରହୁଥିବା ଗଣ୍ଡ ସର୍ଦ୍ଦାର ସଂସାଧର ସିଂହ ଏବଂ ଲଇଡ଼ାରେ ରହୁଥିବା ତାଙ୍କ ଭାଇ ବିଷ୍ଣୁ ନାଏକ, ବିଶ୍ୱମ୍ବର ମହାନ୍ତି କବଳରୁ ରାଣୀ ରାହାସ କୁମାରୀଙ୍କୁ ଉଦ୍ଧାର କରି ରାଜା ଜୟନ୍ତ ସିଂହଙ୍କୁ ଫେରାଇ ଦେଇଥିଲେ । ଏଥିରେ ସନ୍ତୋଷ ପ୍ରକାଶ କରି ଜୟନ୍ତ ସିଂହ ସଂସାଧର ସିଂହଙ୍କୁ ନୂତନ କୋଲାବିରା ଜମିଦାରୀର ପ୍ରଥମ ଜମିଦାର ଭାବରେ ନିଯୁକ୍ତି କରିଥିଲେ । ସଂସାଧର ସିଂହଙ୍କ ପୂର୍ବପୁରୁଷମାନେ ୧୩ଶ ଖ୍ରୀ.ଅ.ରେ ଆଧୁନିକ ମଧ୍ୟପ୍ରଦେଶ ଓ ଛତିଶଗଡ଼ର ଗୋଣ୍ଡୱାନା ଅଞ୍ଚଳରେ ରାଜୁତି କରୁଥିଲେ । ସେମାନେ ଅତ୍ୟନ୍ତ ସାହସୀ, ବିଶ୍ୱସ୍ତ, ବଳଶାଳୀ ଓ ଯୁଦ୍ଧକୌଶଳରେ ପାରଙ୍ଗମ ଥିଲେ । ୧୪ଶ ଖ୍ରୀ.ଅ. ବେଳକୁ ଗୋଣ୍ଡୱାନା ଅଞ୍ଚଳର ରାଜ୍ୟସବୁ ଖଣ୍ଡବିଖଣ୍ଡିତ ହୋଇଗଲା ଓ ଅନେକ ଗଣ୍ଡ ସଂପ୍ରଦାୟର ଜମିଦାର / ଗୌନ୍ତିଆମାନେ ନିକଟସ୍ଥ ସମ୍ବଲପୁର ରାଜ୍ୟକୁ ଆସି ବିଭିନ୍ନ ଅଞ୍ଚଳରେ ସେମାନଙ୍କର ଜନବସତି ସ୍ଥାପନ କରି ରହିଥିଲେ । ସେମାନଙ୍କର ସାହସିକତା ଏବଂ ବିଶ୍ୱସ୍ତନିୟତାକୁ ସମ୍ମାନ ଦେଇ ସମ୍ବଲପୁରର ରାଜାମାନେ ବିଭିନ୍ନ ଅଞ୍ଚଳର ଜମିଦାର ଏବଂ ଗୌନ୍ତିଆ ଭାବରେ ଏମାନଙ୍କୁ ପୁରସ୍କୃତ କରିଥିଲେ । ଏହିପରି ଭାବରେ ୧୬ଟି ଜମିଦାରୀକୁ ନେଇ ଗଠିତ ୧୭୨୧ ବର୍ଗମାଇଲ କ୍ଷେତ୍ରଫଳ ବିଶିଷ୍ଟ ସମ୍ବଲପୁର ରାଜ୍ୟରେ ୧୦ ଜଣ ଗଣ୍ଡ ଜମିଦାର (କୋଲାବିରା, ମଚିଦା, କୋଡ଼ାବଗା, ଲଇଡ଼ା, ଲୋଇସିଂହା, ଖରସାଲ, ପାହାଡ଼ଶ୍ରୀଗିଡ଼ା, ଭେଡ଼େନ, ପାଟକୁଲୁଣ୍ଡା ଓ ମାଦୋମହୁଲ) ୨ ଜଣ ବିଝାଲ ଜମିଦାର (ବୋଡ଼ାସମ୍ବର, ଘେଁସ), ଦୁଇଜଣ ଚୌହାନ ଜମିଦାର (ରାଜପୁର, ବରପାଲି) ଯେଉଁମାନେ କି ସମ୍ବଲପୁର ରାଜାଙ୍କ ବଂଶଧର ଥିଲେ, ଜଣେ କୁଲତା ଜମିଦାର (ବିଜେପୁର) ଏବଂ ରାମପୁରର ଅନ୍ୟ ଜଣେ ଜମିଦାର ଥିଲେ । ସୁରେନ୍ଦ୍ର ସାଏଙ୍କୁ ବିଦ୍ରୋହରେ ସହାୟତା କରିଥିବାରୁ ଏମାନଙ୍କ ମଧ୍ୟରୁ ୯ ଜଣ ଜମିଦାର କୋଲାବିରା, କୋଡ଼ାବଗା, ଘେଁସ, ପାଟକୁଲୁଣ୍ଡା, ପାହାଡ଼ଶ୍ରୀଗିଡ଼ା, ରାମପୁର, ଭେଡ଼େନ, ଖରସାଲ ଓ ମାଦୋମହୁଲଙ୍କର ଜମିଦାରୀ ବାଜ୍ୟାପ୍ତ ହୋଇଥିଲା । ଏମାନଙ୍କ ମଧ୍ୟରୁ ୬ ଜଣ ଜମିଦାର (କୋଲାବିରା, ପାଟକୁଲୁଣ୍ଡା, କୋଡାବଗା, ରତନପୁର, ଭେଡ଼େନ ଓ ଖରସାଲ ଓ ମାଦୋମହୁଲଙ୍କର ଜମିଦାରୀ ବାଜ୍ୟାପ୍ତ ହୋଇଥିଲା । ଏମାନଙ୍କ ମଧ୍ୟରୁ ୬ ଜଣ ଜମିଦାର (କୋଲାବିରା, ପାଟକୁଲୁଣ୍ଡା, କୋଡାବଗା, ରାମପୁର, ଭେଡେନ ଓ ଖରସାଲ)ଙ୍କ ଜମିଦାରୀ ସମ୍ବଲପୁରର ଡେପୁଟୀ କମିଶନର କର୍ଣ୍ଣେଲ ଫୋଷ୍ଟର ତାଙ୍କର ପତ୍ର ସଂଖ୍ୟା ୧୭୯, ତା ୪.୦୮.୧୮୫୮ରେ ଫେରସ୍ତ କରିବା ପାଇଁ ଇଂରେଜ ସରକାରଙ୍କୁ ସୁପାରିଶ କରିଥିଲେ ଏବଂ ଏହାକୁ ସ୍ୱୀକୃତି ଦେଇ ଗଭର୍ଣ୍ଣମେଣ୍ଟ ଅଫ୍ ବେଙ୍ଗଲ, ଭାରତ ସରକାର, ତାଙ୍କ ପତ୍ର ସଂଖ୍ୟା - ୨୧୪୯, ତା ୨୯.୦୯.୧୮୫୮ରେ ଉକ୍ତ ଜମିଦାରମାନଙ୍କୁ ଫେରାଇ ଦେଇଥିଲେ ।

ସେ ଯାହାହେଉ, କୋଲାବିରାର ପ୍ରଥମ ଜମିଦାର ସଂସାଧର ସିଂହଙ୍କର ୨ଟି ରାଣୀ ଥିଲେ । ପ୍ରଥମ ରାଣୀଙ୍କ ଏକମାତ୍ର ପୁତ୍ର

ନିଳାମ୍ବର ସିଂହ ଥିଲେ । କିନ୍ତୁ ଦ୍ୱିତୀୟ ରାଣୀଙ୍କର ୧୧ ଜଣ ପୁତ୍ର ଥିଲେ । କରୁଣାକର ନାଏକ ଏମାନଙ୍କ ମଧ୍ୟରେ ଜ୍ୟେଷ୍ଠ ଥିଲେ । ସଂସାଧର ସିଂହ ତାଙ୍କ ସମସ୍ତ ପୁତ୍ରମାନଙ୍କ ମଧ୍ୟରେ ଜମିଦାରୀକୁ ବାଣ୍ଟି ଦେଇଥିଲେ କିନ୍ତୁ କରୁଣାକର ନାଏକଙ୍କୁ ସେ ତାଙ୍କର ଉତ୍ତରାଧିକାରୀ ଘୋଷଣା କରି କୋଲାବିରାର ଦ୍ୱିତୀୟ ଜମିଦାର ଭାବରେ ଅଭିଷେକ କରିଥିଲେ । ତାଙ୍କରି ପାଇଁ ଆଜି କୋଲାବିରା ମାଟି ଅଗ୍ନିତୀର୍ଥର ମାନ୍ୟତା ପାଇ ଇତିହାସ ପୃଷ୍ଠାମଣ୍ଡନ କରିଛି ।

## ସ୍ୱାଧୀନତା ସଂଗ୍ରାମରେ କୋଲାବିରା ଦୁର୍ଗର ଭୂମିକା:

୨୩.୦୧.୧୮୦୯ରେ ଜନ୍ମିତ ବୀର ସୁରେନ୍ଦ୍ର ସାଏଙ୍କ ବିଦ୍ରୋହୀ ଏବଂ ବନ୍ଦୀ ଜୀବନରୁ ଚାରି ଭାଗରେ ବିଭକ୍ତ କରାଯାଇପାରେ । ୧୮୨୭ରୁ ୧୮୪୦ ପର୍ଯ୍ୟନ୍ତ ୧୩ ବର୍ଷ ପ୍ରଥମ ପର୍ଯ୍ୟାୟ ବିଦ୍ରୋହ, ତା' ପରେ ୧୮୪୦ରୁ ୧୮୫୭ ପର୍ଯ୍ୟନ୍ତ ୧୭ ବର୍ଷ ହଜାରୀବାଗ ଜେଲ୍‌ରେ ବନ୍ଦୀ ଜୀବନ, ତା' ପରେ ୧୮୫୭ରୁ ୨୩.୦୧.୧୮୬୩ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ବିଦ୍ରୋହ ଓ ଶେଷରେ ୨୮.୦୨.୧୮୮୪ରେ ଅସୁରଗଡ଼ ଜେଲ୍‌ରେ ରାଜନୈତିକ ବନ୍ଦୀ ଭାବରେ ମୃତ୍ୟୁ । ମହାନ ସଂଗ୍ରାମୀର ଶବକୁ ତା'ର ପ୍ରିୟ ସମ୍ବଲପୁର ମାଟିରେ ଜାଗା ଟିକେ ମିଳେନି କି ରକ୍ତ ସମ୍ପର୍କୀୟଙ୍କ ହାତରୁ ନିଆଁ ଟିକେ । ମଲା ବେଳେ ମୁହଁରେ ପାଣି ଟିକେ ଦେବାକୁ ପୁତ୍ର ମିତ୍ରଭାନୁ ମଧ୍ୟ ପାଖରେ ନ ଥିଲେ । ଏତେବଡ଼ ସଂଗ୍ରାମୀର ଶରୀର ପଞ୍ଚମହାଭୂତରେ ଲୀନ ହୋଇଗଲା ଅଥଚ ସମ୍ବଲପୁରରେ କେହି ଜଣେ ବି ଜାଣି ପାରିଲେ ନାହିଁ । ବୋଧହୁଏ ଇଂରେଜ ସୈନ୍ୟମାନଙ୍କ ହାତରୁ ମୁଖାଗ୍ନି ପାଇବା ସୁରେନ୍ଦ୍ରଙ୍କ ଜାତକରେ ଲେଖାଥିଲା ।

କୋଲାବିରାର ଜମିଦାର କରୁଣାକର ନାଏକଙ୍କ ବିଦ୍ରୋହ ସୁରେନ୍ଦ୍ର ସାଏଙ୍କ ଦ୍ୱିତୀୟ ପର୍ଯ୍ୟାୟ ସ୍ୱାଧୀନତା ସଂଗ୍ରାମ ସହ ଜଡ଼ିତ । ସମ୍ବଲପୁର ରାଜ୍ୟ ଅଧୀନରେ ଥିବା ୧୬ ଜଣ ଜମିଦାରମାନଙ୍କ ମଧ୍ୟରୁ କରୁଣାକର ନାଏକ ସବୁଠାରୁ ବେଶୀ ଶକ୍ତିଶାଳୀ ଓ ପରାକ୍ରମୀ ଥିଲେ । ତାଙ୍କର ନିଷ୍ପତ୍ତିକୁ ସମ୍ମାନ ଦେଇ ଅନ୍ୟ ଜମିଦାରମାନେ ତାଙ୍କୁ ଅନୁସରଣ କରୁଥିଲେ । ଅନ୍ୟ ଜମିଦାରମାନଙ୍କ ନିଷ୍ପତ୍ତିକୁ ମଧ୍ୟ ସେ ପ୍ରଭାବିତ କରିବାର କୌଶଳରେ ଧୁରନ୍ଧର ଥିବା କଥା ଏଲ୍.ଏସ୍.ଏସ୍ ଓମାଲି, ଆଇ.ସି.ଏସ୍ ତାଙ୍କର ବେଙ୍ଗଲ ଡିଷ୍ଟ୍ରିକ୍ଟ ଗେଜେଟର୍ସ, ସମ୍ବଲପୁର (୧୯୦୩)ର ପୃଷ୍ଠା ୩୧ରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି ।

୧୮୫୭ରେ ବିଦ୍ରୋହୀମାନେ ହଜାରୀବାଗ ଜେଲ ଭାଙ୍ଗିଦେଲେ । ସେତେବେଳକୁ କିନ୍ତୁ ସୁରେନ୍ଦ୍ରଙ୍କ କାକା ବଳରାମଙ୍କ ଜେଲ୍‌ରେ ମୃତ୍ୟୁ ହୋଇସାରିଥିଲା । ସୁରେନ୍ଦ୍ର ସମ୍ବଲପୁର ଚାଲିଆସିଲେ ଏବଂ ତାଙ୍କ ଭାଇ ଉଦନ୍ତ ଖିଣ୍ଡାରେ ରହିଗଲେ । ୧୩.୧୦.୧୮୫୭ରେ ସୁରେନ୍ଦ୍ର ତତ୍କାଳୀନ ସମ୍ବଲପୁରର ଡେପୁଟୀ କମିଶନର ଜି.ଏଫ୍.କକ୍‌ବର୍ଣ୍ଣଙ୍କୁ ତାଙ୍କ ଅବଶିଷ୍ଟ ଜେଲଦଣ୍ଡ ଛାଡ଼ି କରି ସମ୍ବଲପୁରର ରାଜଗାଦୀରେ ଅଭିଷିକ୍ତ କରିବାକୁ ଆବେଦନ କଲେ । କିନ୍ତୁ ଇତି ମଧ୍ୟରେ ଇଂରେଜମାନେ ତାଙ୍କୁ ପଳାତକ ଘୋଷଣା କରି ତାଙ୍କୁ ଓ ଉଦନ୍ତଙ୍କୁ ଧରାଇବାକୁ ୨୫୦ ଟଙ୍କା ପୁରଷ୍କାର ଘୋଷଣା କରିସାରିଥାନ୍ତି । ଓଡ଼ିଶାର କମିଶନର ସୁରେନ୍ଦ୍ରଙ୍କ ଆବେଦନକୁ ଅଗ୍ରାହ୍ୟକରି ତାଙ୍କୁ କୌଣସି ପ୍ରକାର ସହାନୁଭୂତି ନ ଦେଖାଇ ଗିରଫ କରିବା ପାଇଁ ଆଦେଶ ଦେଲେ । ଫଳରେ ସୁରେନ୍ଦ୍ର ଖିଣ୍ଡାରେ ରହୁଥିବା ଭାଇ ପାଖକୁ ପଳାଇ ଆସିଲେ । ୩୧.୧୦.୧୮୫୭ ରାତିରେ ଖିଣ୍ଡା ଗ୍ରାମରେ ପ୍ରାୟ ୧୪୦୦ ବିଦ୍ରୋହୀ ଜମାହୋଇ ବିଦ୍ରୋହ ଘୋଷଣା କଲେ । ଏଥିରେ କରୁଣାକର ନାଏକଙ୍କ ସମେତ ଅନ୍ୟାନ୍ୟ ଜମିଦାର, ଗୌନ୍ତିଆ ଏବଂ ଶହ ଶହ ବିଦ୍ରୋହୀ ସାମିଲ ହୋଇଥିଲେ । ଏହା ଭିତରେ କଟକରୁ କ୍ୟାପଟେନ୍ ଜେ.ଭି. ନକରଙ୍କ ନେତୃତ୍ୱରେ ୧୦ ଅକ୍ଟୋବର ଦିନ ଖିଣ୍ଡା ଏବଂ କୋଲାବିରା ଆକ୍ରମଣ କରିବା ପାଇଁ ୪୦ ମାଡ୍ରାସ ଆର୍ଟିଲେରୀର ୨ କମ୍ପାନୀ ସୈନ୍ୟ ଏବଂ ୫୦ ଜଣ ଓଡ଼ିଆ ପାଇକ ସୈନ୍ୟ ସମ୍ବଲପୁର ପାଇଁ ପ୍ରେରିତ ହେଲେ । ସମ୍ବଲପୁରରେ ପହଞ୍ଚି କ୍ୟାପଟେନ୍ ହେଡୋଙ୍କ ନେତୃତ୍ୱରେ ଖିଣ୍ଡା ଆକ୍ରମଣ ଯୋଜନା କଲେ । ସେମାନଙ୍କର ଧାରଣା ଥିଲା ସୁରେନ୍ଦ୍ର ଓ ତାଙ୍କ ଭାଇମାନେ କୋଲାବିରାରେ ଲୁଚିଥିବେ । ୫.୧୧.୧୮୫୭ରେ ସେମାନେ ପୁଣି ସମ୍ବଲପୁରରୁ ବାହାରି, କତରବଗା ଦେଇ ସମାସିଂଗାରେ ପହଞ୍ଚି ରାତ୍ରିଯାପନ କଲେ ।

ସେଦିନ ଥିଲା କୋଲାବିରା ଗ୍ରାମ ପାଇଁ କାଳ ଶୁକ୍ରବାର, ନଭେମ୍ବର ଛଅ ୧୮୫୭ । ସମଗ୍ର କୋଲାବିରା ଗ୍ରାମରେ ଶୀତ ରାଣୀର ରାଜତ୍ୱ । ଉଷା ମୂହୁର୍ତ୍ତ । କିଛି ଲୋକ ନିଘୋଡ଼ ନିଦରେ ଶୋଇଥାନ୍ତି ଆଉ କିଛି ଉଠିବା ପାଇଁ ପ୍ରସ୍ତୁତ ହେଉଥାନ୍ତି । ହଠାତ୍ ତୋପର ଗର୍ଜନରେ ମହିମଣ୍ଡଳ ପ୍ରକମ୍ପିତ ହେଲା । ଲୋକେ ଭୟଭୀତ ହୋଇ ଉଠିପଡ଼ିଲେ । କ୍ୟାପଟେନ ନକରଙ୍କ ଆଦେଶରେ ୪୦ ମାଡ୍ରାସ ଆର୍ଟୀଲେରୀର ସୈନ୍ୟମାନେ କୋଲାବିରା ଦୁର୍ଗ ଆକ୍ରମଣ କଲେ । କିନ୍ତୁ ହାଏ, ଏ କ'ଣ । ଏଠି ବି ସୁରେନ୍ଦ୍ର କି କରୁଣାକର କେହି ନାହାନ୍ତି । ତାଙ୍କ କ୍ରୋଧ ପଞ୍ଚମକୁ ଚଢ଼ିଲା । କ୍ରୋଧାନ୍ୱିତ କ୍ୟାପଟେନ ହେଡ଼ୋଙ୍କ ଆଦେଶରେ ସୈନ୍ୟମାନେ ତୋପମାଡ କରି କୋଲାବିରା ଜମିଦାରଙ୍କ ପ୍ରାସାଦକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେଲେ । ଏତିକିରେ ମଧ୍ୟ ହେଡୋଙ୍କ କ୍ରୋଧ ଶାନ୍ତ

ହେଲାନାହିଁ । ଏହାପରେ ସେମାନେ ନିରୀହ ଗ୍ରାମବାସୀଙ୍କ ଉପରେ ଅତ୍ୟାଚାର, ଲୁଣ୍ଠନ ପୂର୍ବକ ଗୃହମାନଙ୍କରେ ଅଗ୍ନି ସଂଯୋଗ କଲେ । ନିର୍ଦ୍ଦୟୀ ଇଂରେଜ ସୈନ୍ୟମାନେ କୋଲାବିରା ଗ୍ରାମବାସୀଙ୍କ କଥା ଭାଷା ତ ବୁଝନ୍ତି ନାହିଁ । ସେଦିନ କିନ୍ତୁ ସେମାନେ ତାଙ୍କ ମୁହଁର ଭାବ ମଧ୍ୟ ବୁଝିପାରିଲେ ନାହିଁ । ଜୀବନ ରକ୍ଷା ପାଇଁ ଲୋକେ ଜଙ୍ଗଲରେ ଯାଇ ଲୁଚିଲେ ।

ଏହି ଘଟଣା ପରେ ଗ୍ରାମବାସୀମାନେ ଆଉ ଗଡ ଭିତରେ ରହିବା ନିରାପଦ ମଣିଲେ ନାହିଁ । ଘରଦ୍ୱାର ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ତେଣୁ ଜମିଦାରଙ୍କ କେତେକ ଏକାନ୍ତ ଅନୁଗତଙ୍କୁ ଛାଡ଼ି ଅନ୍ୟ ସମସ୍ତେ ଗଡ଼ ବାହାରେ, ଅପେକ୍ଷାକୃତ ଉଚ୍ଚସ୍ଥାନରେ ଆସି ନୂଆକରି ଜନବସତି ସ୍ଥାପନ କଲେ । କାଳକ୍ରମେ ଏହା ନୂଆପଡ଼ା ବା ଉପର ପଡ଼ା ଭାବରେ ପରିଚିତ ହେଲା । ଦୁଇ ଦୁଇ ଥର ବିଫଳତାର ଗ୍ଲାନି ଇଂରେଜମାନଙ୍କ କ୍ରୋଧକୁ ଅନେକ ମାତ୍ରାରେ ବଢ଼ାଇ ଦେଇଥିଲା ଏବଂ ସେମାନେ ସୁଯୋଗ ଅପେକ୍ଷାରେ ଥିଲେ । କୋଲାବିରା ବିଫଳତାର ଅବସାଦ କୁଦୋପାଲିରେ ଯାଇ ପ୍ରଶମିତ ହୋଇଥିଲା । କୋଲାବିରା ଘଟଣା ପରେ ଡ଼ିସେମ୍ବର ପ୍ରଥମ ଭାଗରେ ଆହତ ଇଂରେଜ ସୈନ୍ୟମାନଙ୍କ ଚିକିତ୍ସା ପାଇଁ ଡ଼ାକ୍ତର ମୁରେଙ୍କୁ ନେଇ ମିଷ୍ଟର ହାନ୍‌ସନ୍ ଆସୁଥିବା ସମୟରେ ବିଦ୍ରୋହୀମାନେ ଡ଼ାକ୍ତର ମୁରେଙ୍କୁ ହତ୍ୟା କଲେ । ମିଷ୍ଟର ହାନ୍‌ସନ୍ କିନ୍ତୁ କୌଶଳ କ୍ରମେ ବଞ୍ଚିଗଲେ ଏବଂ ଜଙ୍ଗଲରେ ଲୁଚି ରହିଲେ । ଏହାକୁ ପ୍ରତିଶୋଧ ନେବା ପାଇଁ ନିଜେ କ୍ୟାପଟେନ୍ ଲେଗ୍ ସୈନ୍ୟମାନଙ୍କୁ ଧରି ଜଙ୍ଗଲକୁ ଗଲେ କିନ୍ତୁ ବିଦ୍ରୋହୀମାନଙ୍କ ଆକ୍ରମଣ ଯୋଗୁଁ ଫେରିଆସିଲେ । ଏହାର କିଛି ଦିନପରେ ମିଷ୍ଟର ହାନ୍‌ସନ୍‌ଙ୍କୁ ଇଂରେଜ ସୈନ୍ୟମାନେ ଜଙ୍ଗଲରୁ ଉଦ୍ଧାର କଲେ । ୩୦ ଡ଼ିସେମ୍ବର, ୧୮୫୭ ବୁଧବାର ଦିନ କୋଲାବିରା ପରାଜୟର ପ୍ରତିଶୋଧ ନେବା ପାଇଁ ସୁଯୋଗ ମିଳିଲା । ଇଂରେଜମାନେ ଖବର ପାଇଲେ ଯେ କୁଦୋପାଲି ଗ୍ରାମ ମୁଣ୍ଡରେ ପାହାଡ଼ ତଳେ ପ୍ରାୟ ୧୬୦୦ ବିଦ୍ରୋହୀ ରୁଣ୍ଡ ହୋଇଛନ୍ତି । ଏହି ସମୟରେ କ୍ୟାପଟେନ ଇ.ଜି.ଉଡ୍ ମଧ୍ୟ ନାଗପୁରରୁ ଆସି ସମ୍ବଲପୁରରେ ପହଞ୍ଚି ଯାଇଥିଲେ । ତାଙ୍କ ନେତୃତ୍ୱରେ ୭୩ଜଣ ନିଜସ୍ୱ ସୈନ୍ୟ, ୪୦ ମାଡ୍ରାସ ଆର୍ଟୀଲେରୀର ୧୫୦ ଜଣ ସୈନ୍ୟ ଏବଂ ରାମଗଡ ବାଟାଲିୟନର ୫୦ ଜଣ ସୈନ୍ୟଙ୍କୁ ନେଇ କୁଦୋପାଲି ଉପରେ ଅତର୍କିତ ଆକ୍ରମଣ କଲେ । ଠିକ୍ ଏହି ସମୟରେ ସୁରେନ୍ଦ୍ର ସାଏ ଅଧିକ ସୈନ୍ୟ ସଂଗ୍ରହ ପାଇଁ ଝାରସୁଗୁଡ଼ା ନିକଟସ୍ଥ ପଞ୍ଚପଡା ଗ୍ରାମକୁ ଯାଇଥିଲେ । ସେଦିନ କୁଦୋପାଲି ଗାଁ ଦାଣ୍ଡ ରଣକ୍ଷେତ୍ର ପାଲଟିଯାଇଥିଲା । ବୀର କରୁଣାକର ନାଏକଙ୍କ ନେତୃତ୍ୱରେ ବିଦ୍ରୋହୀମାନେ ତାଙ୍କ ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ କ୍ୟାପଟେନ ଉଡ୍‌ଙ୍କ ଅତ୍ୟାଧୁନିକ ସୈନ୍ୟବାହିନୀ ସହ ଘମାଘୋଟ ଲଢ଼ାଇ କରିଥିଲେ । ଏହି ଲଢ଼େଇରେ ସମଗ୍ର ଭାରତ ସ୍ତମ୍ଭୀଭୂତ ହୋଇଯାଇଥିଲା । ୫୭ ଜଣ ବିଦ୍ରୋହୀ ସୈନ୍ୟ ଇଂରେଜ ସୈନ୍ୟବାହିନୀ ହାତରେ ଶହୀଦ ହୋଇଥିଲେ । ସେମାନଙ୍କ ମଧ୍ୟରେ ସୁରେନ୍ଦ୍ର ସାଏଙ୍କ ଭାଇ ଛବିଳ ସାଏ, କରୁଣାକର ନାଏକଙ୍କ ପୁଅ କୃଷ୍ଣଚନ୍ଦ୍ର ସିଂହ ଏବଂ ପତ୍ରାପାଲିର ବିର୍ତ୍ତିଆ ବଳଭଦ୍ର ଦାଶ ପ୍ରମୁଖ ଥିଲେ । ଦଶଜଣ ବିଦ୍ରୋହୀ ସୈନ୍ୟ ଇଂରେଜମାନଙ୍କ ଦ୍ୱାରା ବନ୍ଦୀ ହୋଇଥିଲେ । କରୁଣାକର କିନ୍ତୁ ଖସି ଯାଇଥିଲେ । କାଳେ କୋଲାବିରାରେ ଲୁଚିଥିବେ ଭାବି ଫେରିଲାବେଳେ ଇଂରେଜମାନେ ପୁଣି କୋଲାବିରା ଆକ୍ରମଣ କରି ଘର ଦ୍ୱାର ନଷ୍ଟ କରିଦେଇଥିଲେ । ୩୦ ଡ଼ିସେମ୍ବରର ଏହି ଘଟଣା ଏବେ ମଧ୍ୟ ନିମ୍ନ ଲୋକ ଗୀତ ମାଧ୍ୟମରେ ଲୋକମାନଙ୍କ ଶିରାପ୍ରଶିରାରେ ଉଜ୍ଜୀବିତ ଅଛି ।

'ଉଲି... ଉଲି... ଉଲି... ଉଲି... ବଉଲିରେ...

ଉଲି... ଉଲି... ଉଲି...

ଛବିଳ ସାଏ ଦିହେ ବାଜିଲା ଗୁଳି... ବାଜିଲା ଗୁଳି...

କୁଦୋପାଲି ମଝା ଖୁଲି... ବଉଲିରେ...

କୁଦୋପାଲି ମଝା ଖୁଲି... ବଉଲିରେ...'

ଏପ୍ରିଲ୍ ୧୮୬୧ରେ ମେଜର ଇଂପେ ସମ୍ବଲପୁରର ଡେପୁଟି କମିଶନର ଦାୟିତ୍ୱ ନେଲେ । ସୁରେନ୍ଦ୍ର ସାଏଙ୍କ ପ୍ରତି ତାଙ୍କ ଦୃଷ୍ଟିଭଙ୍ଗୀ ଥିଲା ଅନ୍ୟମାନଙ୍କ ଅପେକ୍ଷା ଭିନ୍ନ । ପ୍ରଥମ କରି ସେ ହିଁ ସୁରେନ୍ଦ୍ରଙ୍କୁ ବିଦ୍ରୋହୀର ମର୍ଯ୍ୟାଦା ଦେଇଥିଲେ । ସେ ଚାହୁଁଥିଲେ ସୁରେନ୍ଦ୍ର ଆତ୍ମ ସମର୍ପଣ କରି ତାଙ୍କ ଖୁଣ୍ଟା ଜମିଦାରୀ ଫେରିପାଆନ୍ତୁ । ଏଥିପାଇଁ ସେ ୨୪ ସେପ୍ଟେମ୍ବର ୧୮୬୧ରେ ପ୍ରଥମ ଘୋଷଣାନାମା ଜାରି କଲେ । ପୁଣି ଅକ୍ଟୋବର ୧୧ରେ ଦ୍ୱିତୀୟ ଘୋଷଣାନାମା ପ୍ରକାଶ ପାଇଲା । ଏଥିରେ ନଭେମ୍ବର ୨୦ ସୁଦ୍ଧା ଆତ୍ମସମର୍ପଣ କରିବା ପାଇଁ କୁହାଗଲା । ଇଂପେଙ୍କ ଘୋଷଣାନାମାରେ ବିଶ୍ୱାସ କରି କରୁଣାକର ନାଏକ, ତାଙ୍କ ଭ୍ରାତା ଖଗ ନାଏକ ଏବଂ ପୁତୁରା କହ୍ନେଇ ନାଏକ ଆତ୍ମସମର୍ପଣ କଲେ । ଲେଫ୍ଟନାଣ୍ଟ କକ୍‌ବର୍ଣ୍ଣ କିନ୍ତୁ କ୍ଷମା ସର୍ତ୍ତରେ ଏମାନେ ଆତ୍ମସମର୍ପଣ କରିଥିବା ନ ଜାଣି ଅନ୍ୟ ସାଧାରଣ ବନ୍ଦୀମାନଙ୍କ ଭଳି ଏମାନଙ୍କ ବିଚାର କରି କରୁଣାକର ନାଏକଙ୍କୁ ଫାଶୀ ଦଣ୍ଡ ଆଦେଶ କରିଥିଲେ ।

ସେଦିନ ଥିଲା ରବିବାର, ୨୨ ଡ଼ିସେମ୍ବର, ୧୮୬୧, ସମୟ ସକାଳ । ସମ୍ବଲପୁର ଜେଲଖାନାର ଫାଶୀ ଖୁଣ୍ଟରେ

କୋଲାବିରାର ମହାନବୀର କରୁଣାକର ନାଏକଙ୍କ ଜୀବନର ସୂର୍ଯ୍ୟ, ସୂର୍ଯ୍ୟୋଦୟ ଆଗରୁ ଅସ୍ତମିତ ହୋଇଗଲା ଅନ୍ୟାୟ ଭାବରେ । ତାଙ୍କ ସହିତ ଆଉ ୧୨ ଜଣଙ୍କୁ ମଧ୍ୟ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଗଲା । ଠିକ୍ ଏହି ଦିନ ଫାଶୀ ସରିବା ପରେ କଟକରୁ କମିଶନର ଆର.ଏନ୍.ସୋର ସମ୍ବଲପୁର ଆସି ପହଞ୍ଚିଲେ । ନଥିପତ୍ର ଯାଞ୍ଚପରେ ଜଣାପଡ଼ିଲା ଯେ ବଙ୍ଗଳାର ଛୋଟ ଲାଟ୍ ସୁରେନ୍ଦ୍ରଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କ କ୍ଷମା ପ୍ରଦାନ ଘୋଷଣା କରିବା ସଂଗେ ସଂଗେ ୨୬/୦୯/୧୮୫୮ ତାରିଖରେ ତାଙ୍କର ବାଜ୍ୟାପ୍ତ ସମ୍ପତ୍ତି ମଧ୍ୟ ଫେରାଇ ଦେବାପାଇଁ ଆଦେଶ କରିଛନ୍ତି । ଅନ୍ୟାୟ ଭାବରେ ଫାଶୀ ଦିଆଯାଇଥିବାରୁ ସୋର ଦୁଃଖିତ ହେଲେ । କରୁଣାକରଙ୍କ ନାତି ଘନଶ୍ୟାମ ସିଂଙ୍କୁ ତାଙ୍କ ଜମିଦାରୀ ଫେରାଇ ଦିଆଯିବା ସଂଗେ ସଂଗେ ନାଗପୁରର କୋର୍ଟ ଅଫ୍ ୱାର୍ଡର ଆଦେଶ ଅନୁଯାୟୀ ତାଙ୍କ ପାଇଁ ଏକ ତ୍ରିତଳ ଦୁର୍ଗ ମଧ୍ୟ ତିଆରି କରାଗଲା । ବର୍ତ୍ତମାନ ମଧ୍ୟ ଏହି ତ୍ରିତଳ ଦୁର୍ଗ ତାର ଅତୀତର ଗୌରବ ଗାଥା ଶୁଣିବା ପାଇଁ ମୂକସାକ୍ଷୀ ଭାବରେ ବିଦ୍ୟମାନ ହୋଇଛି ।

## କୋଲାବିରା ଜମିଦାରଙ୍କ ଶାସନ ବ୍ୟବସ୍ଥା :

କୋଲାବିରାର ବିଭିନ୍ନ ଜମିଦାରମାନଙ୍କ ଶାସନ ବ୍ୟବସ୍ଥାକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ, ଶ୍ରୀ ନୃପଲାଲ ସିଂହଙ୍କ ଆଗରୁ ଥିବା ଜମିଦାରମାନଙ୍କ ଶାସନ ପଦ୍ଧତି ସେତେଟା ସୁବ୍ୟବସ୍ଥିତ ନ ଥିଲା । ସେମାନେ ଅଳ୍ପ କେତେକ ଅନୁରକ୍ତ ଏବଂ ପ୍ରଶଂସକ ବ୍ୟକ୍ତି ବିଶେଷଙ୍କ ମାଧ୍ୟମରେ ଶାସନ ବ୍ୟବସ୍ଥା ନିୟନ୍ତ୍ରଣ କରୁଥିଲେ । କିନ୍ତୁ ଶ୍ରୀ ନୃପଲାଲ ସିଂହ କୋଲାବିରାର ପ୍ରଥମ ଜମିଦାର ଥିଲେ, ଯେ କି ଜମିଦାରୀର ଶାସନ ବ୍ୟବସ୍ଥାରେ ସଂସ୍କାର ଆଣି ଏହାକୁ ସୁବ୍ୟବସ୍ଥିତ କରିଥିଲେ । ସେ କୋଲାବିରାର ଏକମାତ୍ର ଜମିଦାର ଥିଲେ ଯେ କି ଜମିଦାରୀକୁ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ଇଂରେଜମାନଙ୍କ ଦ୍ୱାରା ସ୍ୱତନ୍ତ୍ରଭାବେ ଜମିଦାରୀ ପ୍ରଶାସନ ଉପରେ ତାଲିମ ପାଇଥିଲେ ।

ହୁମାୟୁନଙ୍କ ମୃତ୍ୟୁ ସମୟରେ ଯେମିତି ଆକବରଙ୍କୁ ୧୩ ବର୍ଷ ହୋଇଥାଏ, ଠିକ୍ ସେମିତି ୨୧ ଡ଼ିସେମ୍ବର, ୧୯୦୩ ଦିନ ନିଜର ପିତା ଶ୍ରୀ ଚିନ୍ତାମଣି ସିଂହଙ୍କ ମୃତ୍ୟୁ ସମୟରେ ନୃପଲାଲଙ୍କୁ ମାତ୍ର ୧୭ ବର୍ଷ ହୋଇଥାଏ । ଲୋକଙ୍କ ମନରେ ବିରାଟ ପ୍ରଶ୍ନ କିଏ ହେବ କୋଲାବିରାର ପରବର୍ତ୍ତୀ ଜମିଦାର । ନାବାଳକ ନୃପଲାଲ୍‌ଙ୍କ ପକ୍ଷେ ଏତେବଡ଼ ଜମିଦାରୀ ସୂଚାରୁ ରୂପେ ଚଳାଇବା ସମ୍ଭବ ନୁହେଁ ଅନୁଭବ କରି ଇଂରେଜମାନେ (କୋର୍ଟଅଫ୍ ୱାର୍ଡ) କୋଲାବିରାର ଶାସନ ଭାରତ ନିଜ ହାତକୁ ନିଅନ୍ତି । ପରେ ଯେତେବେଳେ ନୃପଲାଲ ବଡ଼ ହୁଅନ୍ତି, ଅର୍ଥାତ ୧୫.୦୧.୧୯୧୦ ଦିନ କୋଲାବିରାର ଶାସନ ଡ଼ୋରି ପୁଣି ନୃପଲାଲଙ୍କ ପାଖକୁ ଚାଲିଆସେ । ଏହି ଛଅବର୍ଷ ମଧ୍ୟରେ ନୃପଲାଲଙ୍କ ଶିକ୍ଷା ଏବଂ ତାଲିମ ମଧ୍ୟ ଇଂରେଜମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂରା ହୋଇଥାଏ ।

ଶାସନ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ନୃପଲାଲ ପ୍ରଥମେ ଜମିଦାରୀର ସମସ୍ତ କାର୍ଯ୍ୟର ବିଭାଗୀକରଣ କରି, ବିଭିନ୍ନ ବିଭାଗ ଯଥା : ରାଜସ୍ୱ, ଜଙ୍ଗଲ, ଖଜଣା ଇତ୍ୟାଦିରେ ବିଭାଗ ଉପରେ ଜ୍ଞାନ ଥିବା ବ୍ୟକ୍ତିବିଶେଷଙ୍କୁ ବିଶ୍ୱସ୍ତନିୟତାର ଆଧାରରେ ନିଯୁକ୍ତି ଦେଇଥିଲେ । କହିବାକୁ ଗଲେ ନୃପଲାଲଙ୍କ ସମୟକୁ କୋଲାବିରା ଜମିଦାରୀର ସୁବର୍ଣ୍ଣଯୁଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଜମିଦାର ଥିବା ନୃପଲାଲ, ଶିକ୍ଷା ଏବଂ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ସ୍କୁଲ ଓ ଡ଼ାକ୍ତରଖାନା ସ୍ଥାପନା କରିବା ସହ ସାଧାରଣ ଲୋକଙ୍କ ସୁଖ, ଦୁଃଖ ତଥା ବିଭିନ୍ନ ସାମାଜିକ କାର୍ଯ୍ୟରେ ଆର୍ଥିକ ଓ ଜିନିଷ ପତ୍ର ଆକାରରେ ସାହାଯ୍ୟ କରିବାର ଏକ ନିଆରା ପରମ୍ପରା ସୃଷ୍ଟି କରିଥିଲେ । ପରବର୍ତ୍ତୀ ସମୟରେ ତାଙ୍କ ପୁତ୍ର ଲାଲ ବୀର ମହେନ୍ଦ୍ର ସିଂହ ଓ ନାତି ଲାଲ ରାଜେନ୍ଦ୍ର ସିଂହ ମଧ୍ୟ କେତେକାଂଶରେ ଏହି ପରମ୍ପରା ବଜାୟ ରଖିଥିଲେ । ଜମିଦାରୀର ଆୟ ଓ ବ୍ୟୟର ହିସାବ ପ୍ରତିଦିନ କ୍ୟାସ୍‌ବୁକ୍‌ରେ ଲେଖା ହେଉଥିଲା ଏବଂ ପ୍ରତି ଲେଖାରେ ନୃପଲାଲ ନିଜେ ଦସ୍ତଖତ କରୁଥିଲେ । କ୍ୟାସ୍‌ବୁକ୍ ସମେତ ଜମିଦାରୀର ସମସ୍ତ କାଗଜପତ୍ର ଜମିଦାରଙ୍କ କାର୍ଯ୍ୟାଳୟରେ ରହୁଥିଲା । ଟ୍ରେଜେରୀକୁ ନୃପଲାଲ କିନ୍ତୁ ସର୍ବଦା ନିଜ ଘରେ ରଖୁଥିଲେ ।

ନୃପଲାଲଙ୍କ ସମୟରେ ଜମିଦାରୀର ବିଭିନ୍ନ ବିଭାଗରେ ପ୍ରାୟ ୪୦-୪୫ ଜଣ କର୍ମଚାରୀ କାର୍ଯ୍ୟରତ ଥିଲେ । ଏମାନଙ୍କ ମଧ୍ୟରୁ ୫-୭ ଜଣ ବିଶ୍ୱସ୍ତ କର୍ମଚାରୀ, ଯଥା: ରାଜସ୍ୱ ମୋହରିର, ମେନେଜର, ଫରେଷ୍ଟର, ୨ ଜଣ କିରାଣୀ ପ୍ରାୟ ସବୁ ସମୟରେ ଜମିଦାରଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହୁଥିଲେ । କିନ୍ତୁ ଏମାନଙ୍କ ମଧ୍ୟରେ ନୃପଲାଲଙ୍କର ସବୁଠୁ ବେଶୀ ବିଶ୍ୱସ୍ତ ଥିଲେ ତାଙ୍କର ଡ୍ରାଇଭର ଶ୍ରୀ ବୃଷଭାନୁ ମହାପାତ୍ର । ୧୯୩୯ ମସିହାରେ ତାଙ୍କ ଡ୍ରାଇଭର ଉପରେ ଅଖଣ୍ଡ ବିଶ୍ୱାସ କରୁଥିଲେ ଓ ସେ ପ୍ରାୟ ସମୟରେ ନୃପଲାଲଙ୍କ ପାଖେ ପାଖେ ରହୁଥିଲେ । ଏକଥା ଓଡ଼ିଶା ହାଇକୋର୍ଟର ତତ୍କାଳୀନ ବିଚାରପତି ଜଷ୍ଟିସ ରଙ୍ଗନାଥ ମିଶ୍ର ମଧ୍ୟ ତାଙ୍କର ୧୦.୧୨.୧୯୭୫ରେ ପ୍ରଦତ୍ତ ରାଏରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି ।

ସମ୍ବଲପୁର ରାଜାଙ୍କ ଅଧୀନରେ ଥିବା ୧୬ଟି ଜମିଦାରୀ ମଧ୍ୟରୁ କ୍ଷେତ୍ରଫଳ ଅନୁଯାୟୀ ବୋଡାସମ୍ବର ପରେ କୋଲାବିରା ଦ୍ୱିତୀୟ ବୃହତ୍ତମ ଜମିଦାରୀ ଥିଲା । ୧୯୦୧ର ଜନଗଣନା ଅନୁଯାୟୀ କୋଲାବିରା ଜମିଦାରୀର ଲୋକସଂଖ୍ୟା ୪୦,୧୧୦ ଥିଲା ଓ ଏହାର ବାର୍ଷିକ ମୋଟ ଆୟ ୧୩,୦୭୪ ଟଙ୍କା ଥିଲା । ସେଥିରୁ ୩୫୦୦ ଟଙ୍କା ଜମିଦାର ରାଜାଙ୍କୁ କର ଆକାରରେ ପ୍ରଦାନ କରୁଥିଲେ । କୋଲାବିରା ଜମିଦାରୀକୁ ଜୟପୁର ଇଷ୍ଟେଟ୍ ମଧ୍ୟ କୁହାଯାଏ ।

ସମ୍ବଲପୁର ରାଜ୍ୟର ଦ୍ୱିତୀୟ ବୃହତ୍ତମ ଜମିଦାରୀ ହୋଇଥିବାରୁ ବିଭିନ୍ନ ସମୟରେ କୋଲାବିରା ଜମିଦାରଙ୍କୁ ସମ୍ବଲପୁର ରାଜ କାର୍ଯ୍ୟରେ ଗସ୍ତ କରିବା ଏବଂ ସେଠାରେ ରାତ୍ରିଯାପନ କରିବାକୁ ପଡୁଥିଲା । ତେଣୁ ସମ୍ବଲପୁର ରାଜା, କୋଲାବିରା ଜମିଦାରଙ୍କୁ ଗେଷ୍ଟହାଉସ୍ ବା ରାତ୍ରିଯାପନ ପାଇଁ ସେ ଭଳିଆ କିଛି ନିର୍ମାଣ ଉଦ୍ଦେଶ୍ୟରେ କିଛି ଜାଗା ଦେଇଥିଲେ । ଏହା କୋଲାବିରା ଜମିଦାରଙ୍କ ସମ୍ବଲପୁର ସହରରେ ଥିବା ଏକମାତ୍ର ସମ୍ପତ୍ତି ଥିଲା । ୨୮ ଡ଼େସିମିଲ୍ ଆୟତନ ବିଶିଷ୍ଟ ଏହି ଜମି ୧୯୦୨ ମସିହା ପର୍ଯ୍ୟନ୍ତ ପଡ଼ିଆ ପଡ଼ିଥିଲା । ୧୯୦୨ରେ ଶ୍ରୀ ଚିନ୍ତାମଣି ସିଂହ ବାସୁ ମିସ୍ତ୍ରୀ ନାମକ ଜଣେ ବ୍ୟକ୍ତିଙ୍କଠାରୁ ଇଟା ଇତ୍ୟାଦି କିଣି ଏହି ଜାଗାର ଚାରିପଟେ ପ୍ରାଚୀର ନିର୍ମାଣ କରିଥିଲେ । ଏଥିରେ ପ୍ରାୟ ୧୦୦୦ ଟଙ୍କା ଖର୍ଚ୍ଚ ହୋଇଥିଲା । ପରେ ଯେତେବେଳେ କୋଲାବିରାର ଶାସନଭାର ଇଂରେଜମାନଙ୍କ ହାତକୁ ଚାଲିଯାଇଥିଲା ଅର୍ଥାତ ୨୧.୧୨.୧୯୦୩ରୁ ୧୫.୦୧.୧୯୧୦ ମଧ୍ୟରେ ପ୍ରାୟ ୭୦୦୦ ଟଙ୍କା ଖର୍ଚ୍ଚ କରି ଇଂରେଜମାନେ ଏହି ଜମିରେ ଏକ ପକ୍କା ଘର ନିର୍ମାଣ କରି ବ୍ୟବହାର କରୁଥିଲେ । ସେମାନେ ଏହି ଘରର ନାମକରଣ କୋଲାବିରା ହାଉସ୍ ରଖିଥିଲେ । କୁହାଯାଏ ଯେ ବୃଷଭାନୁଙ୍କଠାରୁ ନୃପଲାଲ ବିଭିନ୍ନ ସମୟରେ ୪ଟି କିସ୍ତିରେ (୧୭.୦୭.୧୯୪୯ରେ ୨୦୦୦ ଟଙ୍କା, ୩.୯.୧୯୪୯ରେ ୨୦୦୦ ଟଙ୍କା ଏବଂ ୨୪.୩.୧୯୫୦ରେ ୧୫୦୦ ଟଙ୍କା) ମୋଟ ୭,୫୦୦ ଟଙ୍କା ଧାର ସୂତ୍ରରେ ନେଇଥିଲେ ଓ ପ୍ରତି ବଦଳରେ ସମ୍ବଲପୁରସ୍ଥିତ ତାଙ୍କର ଏହି ଜମି ଓ ଘରକୁ ୨୬.୦୩.୧୯୫୦ ଦିନ ଏକ ଦଲିଲ ସମ୍ପାଦନ କରି ବୃଷଭାନୁଙ୍କୁ ବିକ୍ରି କରିଦେଇଥିଲେ । ୨୭.୬.୧୯୫୧ ଦିନ ଏହି ଦଲିଲଟି ସମ୍ବଲପୁରଠାରେ ପଞ୍ଜିକୃତ ହୋଇଥିଲା । ଭ୍ରମଣପ୍ରିୟ ନୃପଲାଲ ତାଙ୍କ ସମ୍ବଲପୁର ଗସ୍ତ ସମୟରେ କୋଲାବିରା ହାଉସରେ ଅବସ୍ଥାନ କରୁଥିଲେ ଓ ଅଧିକାଂଶ ସମୟରେ ସେ ତୀର୍ଥ ପାଇଁ ଆଲ୍ଲାହାବାଦ ଯାଉଥିଲେ । ମୃତ୍ୟୁର ୬-୭ ବର୍ଷ ଆଗରୁ ତାଙ୍କ ବାମ ହାତ ଏବଂ ଗୋଡ଼ ପାରାଲିସିସ୍‌ରେ ଆକ୍ରାନ୍ତ ହୋଇଥିଲେ ମଧ୍ୟ ୧୯୫୬ ପର୍ଯ୍ୟନ୍ତ ସେ ଜମିଦାରୀ କାର୍ଯ୍ୟ ବୁଝାସୁଝା କରୁଥିଲେ । ୧୯୫୮ରେ ତାଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର ଲାଲବୀର ମହେନ୍ଦ୍ର ସିଂହ ଖୁବ୍ ଅଳ୍ପ ଦିନ ପାଇଁ କୋଲାବିରାର ଜମିଦାର ହୋଇଥିଲେ । ୧୯୬୩ରେ ତାଙ୍କ ମୃତ୍ୟୁ ହୋଇଥିଲା ଏବଂ ତାଙ୍କ ପୁତ୍ର ଲାଲ ରାଜେନ୍ଦ୍ର ସିଂହ (ଜନ୍ମ ୨୯.୨.୧୯୩୬) କୋଲାବିରାର ଜମିଦାର ହୋଇଥିଲେ । ୧୯୫୧ର ଜମିଦାରୀ ଉଚ୍ଛେଦ ଆଇନ ବଳରେ କିନ୍ତୁ ନଭେମ୍ବର, ୧୯୫୨ ଠାରୁ ଓଡ଼ିଶାରେ ଜମିଦାରୀ ପ୍ରଥା ଉଚ୍ଛେଦ ହୋଇସାରିଥିଲା । ୧୯୫୮ରେ ଶ୍ରୀ ଲାଲ ରାଜେନ୍ଦ୍ର ସିଂହ ଗଣତନ୍ତ୍ର ପରିଷଦ ନାମକ ଏକ ରାଜନୈତିକ ଦଳରେ ଯୋଗ ଦେଇଥିଲେ । ପରେ ଏହି ଦଳର ବିଳୟ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ସ୍ୱତନ୍ତ୍ର ପାର୍ଟିରେ ହୋଇଥିଲା ଏବଂ ଲାଲ ରାଜେନ୍ଦ୍ର ସ୍ୱତନ୍ତ୍ର ପାର୍ଟି ଟିକେଟରେ ବର୍ତ୍ତମାନ ନିଜର ଅସ୍ତିତ୍ୱ ହରାଇଥିବା ଲାଇକେରା ସଂରକ୍ଷିତ ଆସନରୁ ଚତୁର୍ଥ ବିଧାନସଭା (୧୯୬୭ରୁ ୧୯୭୧)କୁ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ । ଓଡ଼ିଶାର ୧୪୦ଟି ବିଧାନସଭା ଆସନରୁ ହରେକୃଷ୍ଣ ମହତାବଙ୍କ ଜନକଂଗ୍ରେସ ୨୬ଟି ଆସନରେ ଏବଂ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ସ୍ୱତନ୍ତ୍ର ପାର୍ଟି ୪୯ଟି ଆସନରେ ବିଜୟୀ ହୋଇ ମିଳିତ ଭାବେ ରାଜେନ୍ଦ୍ର ନାରାୟଣଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ସରକାର ଗଢ଼ିଥିଲେ ମଧ୍ୟ ବିଧାୟକ ଲାଲ ରାଜେନ୍ଦ୍ର କିନ୍ତୁ ମନ୍ତ୍ରୀ ହୋଇପାରିନଥିଲେ ।

କେନ୍ଦ୍ରୀୟ ଶ୍ରମିକ ଶିକ୍ଷା ବୋର୍ଡ
ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ
ଭାରତ ସରକାର, ରାଉରକେଲା-୧୨

# ଗୋଁଣ୍ଡୱାନାର ଗୋଁଣ୍ଡ ରାଜା

ଶ୍ରୀ ଦୋଳ ଗୋବିନ୍ଦ ନାୟକ

ଗୋଁଣ୍ଡ ଜାତି ଏକ ପ୍ରାଚୀନ ଜାତି । ଏ ଜାତିର ସଂସ୍କୃତି, ପରମ୍ପରା, ଐତିହ୍ୟ ଅତି ମହାନ; ସେହିପରି ଏ ଜାତିର ଇତିହାସ ମଧ ଅତି ମହାନ । ଗୋଁଣ୍ଡ ଜାତି ମଧ୍ୟଭାରତର ବିଶାଳ ଅଞ୍ଚଳରେ ବିସ୍ତୀର୍ଣ୍ଣ ଭାବରେ ବସବାସ କରନ୍ତି । ବହୁ ଶତାବ୍ଦୀ ଧରି ବିଭିନ୍ନ ସ୍ଥାନରେ ରାଜା ମହାରାଜ, ଜମିଦାର ଭାବରେ ନିଜର ପଦପଦବୀ ପ୍ରତିଷ୍ଠା କରି ଅନ୍ୟାନ୍ୟ ଜାତିର ଲୋକଙ୍କୁ ପ୍ରଭାବ ବିସ୍ତାର କରିଥିଲେ । କାଳକ୍ରମେ ଏ ଜାତିର ଏକତା, ସମନ୍ୱୟ, ପରସ୍ପର ସାହାଯ୍ୟ ସହାନୁଭୂତିର ଅଭାବ ଯୋଗୁଁ ବିଭିନ୍ନ ବିଦେଶ ଶାସକ, ମୋଗଲ, ମରହଟ୍ଟା ଓ ଇଂରେଜମାନେ ଗୋଁଣ୍ଡ ରାଜ୍ୟକୁ ବାରମ୍ବାର ଆକ୍ରମଣରେ ଧ୍ୱସ୍ତବିଧ୍ୱସ୍ତ କରି ନିଜେ ଶାସନ ଗାଦି ମାଡ଼ି ବସିଲେ । ଯାହା ଫଳରେ ଗୋଁଣ୍ଡମାନେ ମଧ୍ୟଭାରତ ଛାଡ଼ି ଓଡ଼ିଶା, ଛୋଟ ନାଗପୁର ଓ ଅନ୍ୟାନ୍ୟ ସ୍ଥାନକୁ ଚାଲିଗଲେ । କେତେକ ଐତିହାସିକଙ୍କ ମତରେ ଗୋଁଣ୍ଡୱାନ ଶବ୍ଦର ନାମକରଣ ଆଫଗାନିର ଶାସକମାନେ ଏକାଦଶ ଓ ଦ୍ୱାଦଶ ଶତାବ୍ଦୀରେ ବ୍ୟବହାର କରିଥିଲେ । ଗୋଁଣ୍ଡମାନଙ୍କ ଗୁରୁ "ପାରିକୁପାରି ଲିଙ୍ଗୋ" ତାଙ୍କ ଧର୍ମତତ୍ତ୍ୱ ସିନ୍ଧୁ ସଭ୍ୟତାକୁ ପ୍ରଭାବିତ କରିଥିଲା । ସେ ତାଙ୍କ ଶିଷ୍ୟମାନଙ୍କ ସହିତ କାବୁଲ କାନ୍ଦାହାର ପରିଭ୍ରମଣ କରି ଗୋଁଣ୍ଡ ଧର୍ମତତ୍ତ୍ୱ ପ୍ରଚାର କରିଥିଲେ । ମଧ୍ୟଭାରତରୁ ବିଭିନ୍ନ ପ୍ରଦେଶକୁ ଯଥା: ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଛତିଶଗଡ଼, ଉତ୍ତରଭାରତ ଓ ଓଡ଼ିଶାକୁ ଆସି ବସତି ସ୍ଥାପନ କରିଛନ୍ତି । ଉକ୍ତ ପ୍ରଦେଶମାନଙ୍କରେ ନିଜକୁ ଗୋଁଣ୍ଡ ଜନଜାତି ଭାବରେ ପରିଚିତ ହୁଅନ୍ତି । ଗୋଁଣ୍ଡ ଗୋଟିଏ ଦ୍ରାବିଡ଼ିୟାନ ଜନଜାତି ବୋଲି ପରିଚିତ ଥିଲା । ଆର୍ଯ୍ୟମାନେ ଆସିବାର ବହୁପୂର୍ବରୁ ତାଙ୍କର ସ୍ୱତନ୍ତ୍ର ଭାଷା "ଗୋଣ୍ଡି" ଯାହାକି ବର୍ତ୍ତମାନର ତେଲୁଗୁ ଓ ତାମିଲର ମିଶ୍ରଣ ଅଟେ । ସିନ୍ଧି ଭାଷା ଦ୍ରାବିଡ଼ ଭାଷା ଏବଂ ଏହାର ଲିପି ମହେଞ୍ଜୋଦାରୋ ଦୃଷ୍ଟିଗୋଚର ହୁଏ । ମଧ୍ୟପ୍ରଦେଶର ଛିନ୍ଦୱାରା, ବେଟୁଲ, ବସ୍ତର, ଜବଲପୁର, ଦାମୋ, ଗଡ଼ାମଣ୍ଡଳ, ମହାରାଷ୍ଟ୍ରର ଚାନ୍ଦା, ନାଗପୁର, ଯବତ୍‌ମାଲ, ଗଡ଼ଚିରୋଲିରେ ବାସ କରନ୍ତି । ଗୋଁଣ୍ଡମାନଙ୍କ କିମ୍ବଦନ୍ତୀ ଇତିହାସ ଅତି ପ୍ରାଚୀନ । ଚତୁର୍ଦ୍ଦଶ ଶତାବ୍ଦୀଠାରୁ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ରାଜତ୍ୱ କରୁଥିଲେ । ତାଙ୍କ ଶାସନ କାଳରେ ବିଭିନ୍ନ ସ୍ଥାନରେ ରାଜବାଟି, ଗଡ଼ ଦୁର୍ଗ, ମନ୍ଦିର, ପୋଖରୀ ନିର୍ମାଣ କରିଥିବାର ପରିଲକ୍ଷିତ ହୁଏ ।



## ଗୋଁଡ଼ ରାଜ୍ୟ ଖେର୍ଲା :

ମହାରାଷ୍ଟ୍ରର ବିଭିନ୍ନ ସ୍ଥାନରେ ସ୍ମୃତିସ୍ତମ୍ଭ, ଧ୍ୱଂସ୍ୱାବଶେଷ ଗୋଁଣ୍ଡ ରାଜାଙ୍କ କୀର୍ତ୍ତିମାନ ଦୃଷ୍ଟିଗୋଚର ହୁଏ । କେହି କେହି ଐତିହାସିକ ଦ୍ୱାଦଶ ଶତାବ୍ଦୀ ଓ ଅନ୍ୟ ଐତିହାସିକମାନେ ତ୍ରୟୋଦଶ ଶତାବ୍ଦୀ ଗୋଁଣ୍ଡମାନେ ଶାସନ ଆରମ୍ଭ କରିଥିଲେ ବୋଲି ପ୍ରମାଣ କରନ୍ତି । ପ୍ରଥମ ରାଜା ସମ୍ଭବତଃ ଖ୍ରୀ. ୧୩୯୮ରେ ନରସିଂହ ରାୟ ଶାସନ ଆରମ୍ଭ କରିଥିଲେ । ସେ ପାହାଡ଼ ଓ ଜଙ୍ଗଲ ମଧ୍ୟରେ ବସବାସ କରୁଥିବା ଗୋଁଣ୍ଡମାନଙ୍କୁ ଏକତ୍ର କରି ଶାସନ କଲେ । ସେ ପରିଶେଷରେ ମାଲ୍ୱା ରାଜ୍ୟର ହେସାଙ୍ଗ ସାହଙ୍କୁ ଆକ୍ରମଣ ଓ ନିହତ କଲେ । ତା ପରେ ସେ ଶକ୍ତିଶାଳୀ ଗୋଁଣ୍ଡ ରାଜ୍ୟ ପ୍ରତିଷ୍ଠା କଲେ । ଖ୍ରୀ. ୧୪୮୦ରେ ସଗ୍ରାସ ସାହୀ ୪୭ତମ ରାଜା ଭାବରେ ସିଂହାସନ ଆରୋହଣ କଲେ । ଛୋଟ ଛୋଟ ଗୋଁଣ୍ଡ ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରି ବିଶାଳ ଶକ୍ତିଶାଳୀ ରାଜ୍ୟ ଗଠନ କଲେ । ଯାହାକି ସାଗର, ଦାମୋ ଓ ବିନ୍ଧ୍ୟାଞ୍ଚଳକୁ ବିସ୍ତୃତ କରିଥିଲା । ଜବଲପୁର, ନରସିଂହପୁର, ସିଓନି ଓ ସତପୁରା ଉପତ୍ୟକା ପର୍ଯ୍ୟନ୍ତ ରାଜ୍ୟ ବିସ୍ତୃତ ଲାଭ କରିଥିଲା । ସଂଗ୍ରାମସାହୀ ଖ୍ରୀ. ୧୫୩୦ରେ ମୃତ୍ୟୁ ବରଣ କଲେ । ସମ୍ରାଟ ଚନ୍ଦ୍ର ସାହ ଖ୍ରୀ. ୧୫୬୩ରୁ ଖ୍ରୀ. ୧୫୭୫ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ମୋଗଲ ସମ୍ରାଟଙ୍କ କମାଣ୍ଡର ଆଫଗାନର ସର୍ଦ୍ଦାର ମହମ୍ମଦ ଖାନ୍ ଯେ କି ମଙ୍ଗଳଗଡ଼ର ଦାୟିତ୍ୱରେ ଥିଲେ ସେ ସୁବିଧା ଓ ସୁଯୋଗ ଦେଖି ରାଜ୍ୟ ଆକ୍ରମଣ କଲେ । ମହମ୍ମଦ ଖାନ୍‌ଙ୍କ ପୁତୁରା ଗୋଁଣ୍ଡ ରାଜାଙ୍କୁ ନିହତ କଲେ ଏବଂ ତାଙ୍କ ରାଣୀଙ୍କୁ ରାଜ୍ୟ ଫେରସ୍ତ କଲେ । ଏଥିପାଇଁ ରାଣୀ ଭୋପାଳ ନିକଟରେ ଥିବା ଗ୍ରାମ ଏବଂ ପ୍ରଚୁର ଅର୍ଥ ପ୍ରଦାନ କଲେ । ରାଣୀ କମଳା ପତିଙ୍କ ମୃତ୍ୟୁପରେ ମହମ୍ମଦ ଖାନ୍ ଗୋଁଣ୍ଡ ରାଜ୍ୟ ଦଖଲ କଲେ । ଭୋପାଳ ନିକଟରେ ଜଗଦିଶ୍ୱପୁରଠାରେ ନୂତନ ଗଡ଼ ଗଠନ କଲେ । ନୂତନ ରାଜଧାନୀର ନାମ ଦେଲେ ଇସ୍‌ଲାମନଗର । ସେ ଛୋଟ ଦୁର୍ଗ ସେଠାରେ ନିର୍ମାଣ କଲେ ।

ସଂଗ୍ରାମ ସାହୁଙ୍କ ମୃତ୍ୟୁର ପ୍ରାୟ ୨୦୦ ବର୍ଷ ପରେ ଦାମୋର ଗୋଁଣ୍ଡ ସେନାପତି ବଖତ୍ ବୁଲଣ୍ଡ ନାଗପୁର ସହର ନିର୍ମାଣ କରିଥିଲେ । ସେ ଦିଲ୍ଲୀରେ ମୋଗଲ ଶାସକମାନଙ୍କ ପ୍ରଶଂସାର ପାତ୍ର ହୋଇଥିଲେ ।

## ଗଡ଼ାମଣ୍ଡଳାର ଗୋଁଣ୍ଡ ରାଜ୍ୟ :

ଗଡ଼ାମଣ୍ଡଳା ବୀର ରମଣୀ ରାଣୀ ଦୁର୍ଗାବତୀଙ୍କ ପାଇଁ ପ୍ରସିଦ୍ଧ । ଯାହାକି ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିବ । ଦିଲ୍ଲୀ ସମ୍ରାଟ ଆକବରଙ୍କ ବିରୋଧରେ ସଂଗ୍ରାମ ଚଳାଇ ନିଜେ ପ୍ରାଣତ୍ୟାଗ କରିଥିଲେ । ଏହା ଗୋଟିଏ ପ୍ରାଚୀନ ରାଜ୍ୟ ହେଲେ ମଧ୍ୟ ଏହାର ଇତିହାସ କାଳର ସ୍ରୋତରେ ବିସ୍ମୃତ ଗର୍ଭରେ ଲୀନ ହୋଇଛି । ଜବଲପୁରଠାରୁ ୯୬ କି.ମି. ଦୂରରେ ନର୍ମଦା ନଦୀ କୂଳରେ ଅବସ୍ଥିତ । ଗଡ଼ାମଣ୍ଡଳା ରାଜବଂଶର ସ୍ଥାପୟିତ୍ୱା ଯାଦବ ରାଏ, ଯେ କି ଖ୍ରୀ. ୧୫୭୦ରେ ରାଜ୍ୟ ସ୍ଥାପନ କରିଥିଲେ । ତାଙ୍କ ପରେ ୬୬ ଜଣ ରାଜା ମହାରାଜା ଖ୍ରୀ. ୧୭୭୮ ପର୍ଯ୍ୟନ୍ତ ଶାସନ ଭାର ବହନ କରିଥିଲେ । ଯାଦବ ରାଏ ଗୋଦାବରୀ ନଦୀ କୂଳରେ ବାସ କରୁଥିବା ଏକ ସଂଭ୍ରାନ୍ତ ପରିବାରର । ସେ ପ୍ରଥମେ ଲାଞ୍ଜିଗଡ଼ କଲଚୁରୀ ରାଜାଙ୍କ ଅଧିନରେ କାମ କରୁଥିଲେ, ତାଙ୍କର ଏକମାତ୍ର କନ୍ୟା ରତ୍ନାବଳୀଙ୍କୁ ବିବାହ କରି ରାଜା ହୋଇଥିଲେ । ଏହି ବଂଶର ୪୮ ତମ ରାଜା ସଂଗ୍ରାମୀ ସାହୀ । ଖ୍ରୀ.୧୫୦୦ ରେ ନରେନ୍ଦ୍ର ସାହୀଙ୍କ ପରେ ରାଜତ୍ୱ କରୁଥିଲେ । ମହାରାଜ ସଂଗ୍ରାମ ସାହୀଙ୍କ ୫୨ ଗୋଟି ଗଡ଼ ଥିଲା । ସେ "ରସ ରତ୍ନମାଳା" ପୁସ୍ତକ ରଚନା କରିଥିଲେ । ଏଥିରେ ୨୩୩ଟି ସଂସ୍କୃତ ଶ୍ଳୋକ ଅଛି । ଏହା ରାଜନୀତି ଓ ପ୍ରଶାସନ ବିଷୟରେ ଲେଖା ଯାଇଅଛି । ତାଙ୍କ ପରେ ତାଙ୍କ ପୁତ୍ର ଦଳପତି ସାହୀ ଖ୍ରୀ. ୧୫୪୨ରେ ସିଂହାସନ ଆରୋହଣ କରିଥିଲେ । ୮ ବର୍ଷ ଶାସନ କାର୍ଯ୍ୟ କରିବା ପରେ ମୃତ୍ୟୁ ହେବାରୁ ତାଙ୍କ ୩ ବର୍ଷର ନାବାଳକ ପୁତ୍ର ବୀର ନାରାୟଣ ସିଂହାସନ ଆରୋହଣ କରିଥିଲେ । ଦଳପତି ସାହୀ ରାଣୀ ଦୁର୍ଗାବତୀଙ୍କୁ ବିବାହ କରିଥିଲେ । ସେ ଚନ୍ଦେଲ ବଂଶର କାଲିଞ୍ଜର ଦୁର୍ଗର ରାଜା କୀର୍ତ୍ତିସିଂହଙ୍କ କନ୍ୟା । ଶିକାର କରିବା ସମୟରେ ପରିଚିତ ହୋଇ ପରସ୍ପରକୁ ଭଲ ପାଇ ବିବାହ କରିଥିଲେ । ଖ୍ରୀ. ୧୫୪୦ରେ ବିବାହ ଅନୁଷ୍ଠିତ ହୋଇଥିଲା । ମୋଗଲ ଶାସକ ଆକବରଙ୍କ ରାଜ୍ୟ

ଲୋଭରେ ଗୋଁଣ୍ଡ ରାଜାଙ୍କ ସହିତ ଯୁଦ୍ଧରେ ବ୍ୟାପୃତ ରହୁଥିଲେ । ତେଣୁ ଖ୍ରୀ.୧୫୬୪ ଜୁନ୍ ମାସରେ ଆସଫ ଅଲ୍ଲିଙ୍କ ସହିତ ଯୁଦ୍ଧ ହେଲା । ଉକ୍ତ ଯୁଦ୍ଧରେ ରାଣୀ ଦୁର୍ଗାବତୀଙ୍କ ଶିଶୁ ପୁତ୍ର ନିହତ ହେଲେ ନିଜେ ଜୁନ ମାସର ୨୪ ତାରିଖରେ ନିଜ ଖଣ୍ଡାରେ ଆତ୍ମହତ୍ୟା କଲେ । ନରଇ ନାଳ ପାଖରେ ଯୁଦ୍ଧ ହୋଇଥିବାରୁ ଏହି ଯୁଦ୍ଧକୁ "ନରଇ ଯୁଦ୍ଧ" ବୋଲି କୁହାଯାଏ । ଯୁଦ୍ଧ ପରେ ଚନ୍ଦ୍ରସାହା ଦଳପତି ସାହୀଙ୍କ ସାନଭାଇ ରାଜ ସିଂହାସନରେ ଅଭିଷିକ୍ତ ହେଲେ । ଏହି ଯୁଦ୍ଧରେ ଗୋଁଣ୍ଡମାନଙ୍କ ମନୋବଳ ଭାଙ୍ଗିଗଲା ଏବଂ ଆର୍ଥିକ ଅବସ୍ଥା ଅବନତି ହେଲା । ଏହାପରେ ଗୋଁଣ୍ଡୱାନରେ ନିମ୍ନ ରାଜାଗଣ ସିଂହାସନରେ ଅଭିଷିକ୍ତ ହୋଇଥିଲେ ।

ଚନ୍ଦ୍ର ସାହୀ - ଖ୍ରୀ.୧୫୬୪ - ୧୫୭୬

ମଧୁକର ସାହୀ - ଖ୍ରୀ.୧୫୭୬ - ୧୫୯୦

ପ୍ରେମ ସାହୀ - ଖ୍ରୀ. ୧୫୯୦ - ୧୬୩୪

ହୃଦୟ ସାହୀ - ଖ୍ରୀ. ୧୬୩୪ - ୧୬୭୮

ଛତ୍ର ସାହୀ - ଖ୍ରୀ. ୧୬୭୮ - ଖ୍ରୀ. ୧୬୮୫

କେଶରୀ ସାହୀ - ଖ୍ରୀ. ୧୬୮୫ - ଖ୍ରୀ. ୧୬୮୮

ନରେନ୍ଦ୍ର ସାହୀ - ଖ୍ରୀ. ୧୬୮୮ - ଖ୍ରୀ. ୧୭୩୨

ମହାରାଜ ସାହୀ - ଖ୍ରୀ. ୧୭୩୨ - ଖ୍ରୀ. ୧୭୪୨

ଶିରୋଦ ସାହୀ - ଖ୍ରୀ. ୧୭୪୨ - ଖ୍ରୀ. ୧୭୪୯

ଦୁର୍ଜନ ସାହୀ - ଖ୍ରୀ. ୧୭୪୯ - ଖ୍ରୀ. ୧୭୪୯

କିଜାଗ ସାହୀ - ଖ୍ରୀ ୧୭୪୯ - ଖ୍ରୀ. ୧୭୭୬

ମହୀପାଳ ସାହୀ - ଖ୍ରୀ. ୧୭୭୬ - ଖ୍ରୀ ୧୭୭୬

ନରହରି ସାହୀ - ଖ୍ରୀ. ୧୭୭୬ - ଖ୍ରୀ. ୧୭୭୮

ସୁମେହ ସାହୀ - ଖ୍ରୀ. ୧୭୭୮ - ଖ୍ରୀ. ୧୭୭୮

ମରହଟ୍ଟା ପେଶ୍ୱା ମଣ୍ଡଳା ରାଜ୍ୟକୁ ଆମନ୍ତ୍ରଣ କରି ଗୋଁଣ୍ଡ ରାଜାଙ୍କୁ ଯୁଦ୍ଧରେ ପରାସ୍ତ କଲେ ଏବଂ ଅଧସ୍ତନ ରାଜ୍ୟ କରି ଖଜଣା ଆଦାୟ କଲେ, ଶେଷ ରାଜାଙ୍କୁ ବନ୍ଦୀ କରି ଖୁରାଇ ଦୁର୍ଗରେ ରଖିଲେ । ଏହିଠାରୁ ମଣ୍ଡଳା ରାଜ୍ୟର ଗୋଁଣ୍ଡ ରାଜ୍ୟ ଅଧପତନ ଘଟିଲା ।

## ଚନ୍ଦ୍ରପୁରର ଗୋଁଣ୍ଡୱାନା :

ଚନ୍ଦ୍ରପୁରର ଗୋଁଣ୍ଡ ରାଜ୍ୟକୁ "ଚାନ୍ଦା" ବୋଲି କୁହାଯାଏ । ଶିର୍‌ପୁର ସ୍ଥାନଟି ଚନ୍ଦ୍ରପୁରର ଦକ୍ଷିଣକୁ ୨୦ ମାଇଲ୍ ଦୂରରେ ଅବସ୍ଥିତ । ଏହା ୱାର୍ଦ୍ଧା ନଦୀର ପଶ୍ଚିମ ପାର୍ଶ୍ୱରେ ଅବସ୍ଥିତ । ଚନ୍ଦ୍ରପୁର ରାଜ୍ୟର ପ୍ରଥମ ରାଜଧାନୀ ଶିରପୁର । ମେଜର ଲୁସି ସ୍ମିଥ୍ ତାଙ୍କ ସେଟେଲମେଣ୍ଟ ରିପୋର୍ଟ ଚନ୍ଦ୍ରପୁର ଜିଲ୍ଲା ୧୮୬୯ରେ ଉଲ୍ଲେଖ କରିଛନ୍ତି ଯେ, ଭୀମ ବଲ୍ଲାର ସିଂହ - ଖ୍ରୀ ୮୭୦ରେ ରାଜ୍ୟ ପ୍ରତିଷ୍ଠା କରିଥିଲେ । କିନ୍ତୁ ନୀଳକଣ୍ଠ ରାଓ ଯବତମାଳର ଧୁମେ ପରିବାର ଚନ୍ଦ୍ରପୁରର ଗୋଁଣ୍ଡ ରାଜାମାନେ ଖ୍ରୀ.୮୯୦-୯୧୫ ମଧ୍ୟରେ ରାଜ୍ୟ ପ୍ରତିଷ୍ଠା କରିଥିବା ଉଲ୍ଲେଖ କରନ୍ତି । କୋଲଭିଲ୍ ଗୋଁଣ୍ଡ ଲୋକଙ୍କୁ ଏକଜୁଟ କରି ଲୁହା କିପରି ଖନନ କରାଯିବ ଏବଂ ଏହାର ବ୍ୟବହାର ସମ୍ବନ୍ଧରେ ଶିକ୍ଷା ଦେଲେ । ତା ପରେ ଭିମ ବଲ୍ଲାର ସିଂହ ଗୋଁଣ୍ଡ ଗାଦି ପ୍ରତିଷ୍ଠା କଲେ । ଏହାର ପ୍ରଥମ ସ୍ଥାନ ଶିରପୁରଠାରେ ପ୍ରତିଷ୍ଠା କରାଗଲା । ଯାଦବ ବଂଶ ଲୋପରେ ଗୋଁଣ୍ଡ ରାଜା ଉତ୍‌ନୁର ଆନ୍ଧ୍ରପ୍ରଦେଶ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କଲେ । ଏହା ଖ୍ରୀ.୧୩୧୮-୧୩୨୩ ମଧ୍ୟରେ ଘଟିଥିଲା । ପ୍ରଥମ ୩ ଜଣ ଗୋଁଣ୍ଡ ରାଜା ଶିର୍‌ପୁର ଠାରେ ରହି ରାଜ୍ୟ ଶାସନ କରୁଥିଲେ, ସେମାନେ ହେଲେ ଭିମ ବଲ୍ଲାର ସିଂହ, ଖର୍ଜା ବଲ୍ଲାଲ ସିଂହ ଏବଂ ହିର ସିଂହ । ଏହାଙ୍କ ପରେ ହିର ସିଂହର ପୁତ୍ର ଆଦିତ୍ୟ ବଲ୍ଲାଲ ସିଂହ ରାଜ୍ୟ ଶାସନ କଲେ । ସେ ବର୍ଲ୍ଲାସାହ ଦୁର୍ଗ ନିର୍ମାଣ କରି ନିଜ ରାଜଧାନୀ ଶିରିପୁରଠାରୁ ବଲ୍ଲାରସାହକୁ ସ୍ଥାନାନ୍ତର କଲେ । ଏହାଙ୍କ ପରେ ତଲୱାର ସିଂହ, କେଶର ସିଂହ, ଦିନକର ସିଂହ, ରାମ ସିଂହ ଏବଂ ସୂର୍ଯ୍ୟବଲ୍ଲାର ସିଂହ ଓରଫ ସେର୍ ସାହ ରାଜ୍ୟ ଶାସନ କଲେ । ମୋଗଲ ସମ୍ରାଟ ତାଙ୍କୁ ସେରସାହ ଉପାଧି ପ୍ରଦାନ କରିଥିବାରୁ ତାଙ୍କ ସଂଜ୍ଞା ସିଂହ ପରିବର୍ତ୍ତେ "ସାହ" କରାଗଲା । ସୂର୍ଯ୍ୟ ବଲ୍ଲାର ପରେ ତାଙ୍କ ପୁତ୍ର ଖଣ୍ଡକିଆ ବଲ୍ଲାର

ରାଜଗାଦିରେ ବସିଲେ । ସେ ଚନ୍ଦ୍ରପୁର ବା ଚାନ୍ଦାଠାରେ ରାଜଧାନୀ ନିର୍ମାଣ କଲେ କିନ୍ତୁ ଉଭୟ ସ୍ଥାନରେ ରହି ରାଜ୍ୟ ଶାସନ କଲେ । ତାଙ୍କ ମୃତ୍ୟୁ ଚନ୍ଦ୍ରପୁରଠାରେ ହୋଇଥିଲା । ଚନ୍ଦ୍ରପୁରଠାରେ ରାଜଧାନୀ ନିର୍ମାଣ କରିବାର ବିଭିନ୍ନ କିମ୍ବଦନ୍ତୀ ଅଛି । ଉକ୍ତ ସ୍ଥାନର ଜଳବାୟୁ ଉତ୍ତମ ଥିବାରୁ ଖଣ୍ଡକିଆଙ୍କ ରୋଗ ଭଲ ହୋଇଥିଲା । ତାଙ୍କ ପରେ ହିର ସାହ ସିଂହାସନ ଆରୋହଣ କଲେ । ସେ କୃଷି ଉପରେ ଅଧିକ ନଜର ଦେବାରୁ ରାଜ୍ୟରେ କୃଷି ଉତ୍ପାଦନ ବଢ଼ିଲା । ସେ ୨୦ଟି ଜମିଦାର ଅଞ୍ଚଳ ସୃଷ୍ଟି କଲେ । ଯାହାକି ଶାସନ କାର୍ଯ୍ୟରେ ବହୁ ସୁବିଧା ହେଲା । ତାଙ୍କ ପିତା ଯେଉଁ ରାଜଧାନୀ ଚନ୍ଦ୍ରପୁରଠାରେ ପ୍ରତିଷ୍ଠା କରିଥିଲେ । ସେ ସେଠାରେ ଚାରିଦିଗକୁ ଚାରୋଟି ଗେଟ୍ ନିର୍ମାଣ କଲେ । ତାଙ୍କ ପିତା ରାଜ୍ୟର ଚିହ୍ନ ତିଆରି କରିଥିଲେ । ତାକୁ ଠିକ୍ ଭାବରେ ପ୍ରତ୍ୟେକ ଗେଟ୍‌ରେ ନିର୍ମାଣ କଲେ । ରାଜ୍ୟର କୁଳଚିହ୍ନ ଥିଲା, ହାତୀ ଉପରେ ଗୋଟିଏ ସିଂହ ଚଢ଼ିବା ଚିହ୍ନ ।

ହିର୍ ସାହଙ୍କ ସନ୍ତାନ ନ ଥିବାରୁ ରାଣୀ ଭୁମା ଓ ଲୁକ୍‌ବାଙ୍କୁ ପୌଷ୍ୟ ପୁତ୍ର ଗ୍ରହଣ କଲେ । ଖୋଣ୍ଡ୍ୟା ସାହ ଓରଫ କରଣ ସାହ ଚନ୍ଦ୍ରପୁର ରାଜ୍ୟର ମୁଖ୍ୟ ହେଲେ । ସେ ଜଣେ ଧାର୍ମିକ ରାଜା ଥିଲେ; ପୁରାଣ ଶାସ୍ତ୍ର ଯଥା: ରାମାୟଣ, ମହାଭାରତ ଉପରେ ଦୃଢ଼ ବିଶ୍ୱାସ ଥିଲା । ସେ ନୂତନ ଭାବରେ ଜଙ୍ଗଲ ଆଇନ ସୃଷ୍ଟି କଲେ । ଚନ୍ଦ୍ରପୁର ଗଡ଼ର ପାଚେରୀ ନିର୍ମାଣ ଆରମ୍ଭ କଲେ । ଖୋଣ୍ଡ୍ୟ ସାହଙ୍କ ପରେ ବାବାଜୀ ସାହ ସିଂହାସନ ଆରୋହଣ କଲେ । ସେ ଓ୍ୱାରାଗଡ଼ ଦୁର୍ଗ ଦଖଲ କଲେ । କିନ୍ତୁ ମୋଗଲ ସମ୍ରାଟ ଆକବରଙ୍କ ସମୟରେ ସାମନ୍ତ ରାଜା ହୋଇ ରହିଲେ । ତାଙ୍କ ପରେ ଧୁଣ୍ଡ୍ୟା ରାମ ସାହ ରାଜଗାଦିରେ ବସିଲେ । ତାଙ୍କ ସମୟରେ ଚନ୍ଦ୍ରପୁର ଗଡ଼ର ପାଚେରୀ ନିର୍ମାଣ କାର୍ଯ୍ୟ ଶେଷ ହେଲା । ପାଚେରୀର ଉଚ୍ଚତା ୧୫ରୁ ୨୦ ଫୁଟ ଏବଂ ସାଢ଼େ ସାତ ମାଇଲ ପର୍ଯ୍ୟନ୍ତ ବିସ୍ତୃତ ଅଟେ । ବୀର ସାହ, କୃଷ୍ଣ ସାହଙ୍କ ପୁତ୍ର ରାଜଗାଦିରେ ବସିଲେ । ତାଙ୍କ ଜ୍ୱାଇଁ ଦେବଗଡ଼ର ରାଜା ଦୁର୍ଗାସାହ । ସେ ଥରେ ତାଙ୍କ ଝିଅଙ୍କୁ ଅପମାନିତ କରିବାରୁ ବୀରସାହ ତାଙ୍କ ଜ୍ୱାଇଁଙ୍କ ମସ୍ତକ ଛେଦନ କରି ଚନ୍ଦ୍ରପୁରର ମହାକାଳୀଙ୍କୁ ଅର୍ପଣ କରିଥିଲେ । ତାଙ୍କ ରାଣୀ ହିରାଇ ମହାକାଳୀ ମନ୍ଦିର ନିର୍ମାଣ କରାଇଲେ । ରାଣୀ ହିରାଇଙ୍କ ସନ୍ତାନ ନ ଥିବାରୁ ରାମ ସାହଙ୍କୁ ପୋଷ୍ୟପୁତ୍ର ଭାବରେ ଗ୍ରହଣ କଲେ । ଖ୍ରୀ. ୧୬୯୧ରେ ରାଣୀ ତାଙ୍କ ପୋଷ୍ୟପୁତ୍ର ରାମ ସାହଙ୍କୁ ସିଂହାସନ ପ୍ରଦାନ କଲେ । ଭୌଁସଲା ଚନ୍ଦ୍ରପୁର ଆକ୍ରମଣ କଲେ କିନ୍ତୁ ବିଫଳ ହେଲେ । ରଘୁଜୀ ଭୌଁସଲା ଖ୍ରୀ ୧୭୩୦ରେ ଚନ୍ଦ୍ରପୁର ଗଡ଼କୁ ଆକ୍ରମଣ କଲେ, କିନ୍ତୁ ରାମ ସାହଙ୍କ ଶାସନ କାର୍ଯ୍ୟରେ ପ୍ରୀତ ହୋଇ ଫେରିଗଲେ । ରାମସାହଙ୍କ ସମୟରେ ରାଜ୍ୟର ବହୁ ଉନ୍ନତିସାଧନ ହୋଇଥିଲା । ରାସ୍ତା, ବନ୍ଧ, ମନ୍ଦିର, କୃଷି କ୍ଷେତ୍ରରେ ଉନ୍ନତି ପାଇଁ ରାମସାହ ସତତ୍ ଚେଷ୍ଟିତ ଥିଲେ । ତାଙ୍କ ପରେ ନୀଳକଣ୍ଠ ସାହ ରାଜଗାଦିରେ ବସିଲେ । ସେ ଜଣେ ଅତ୍ୟାଚାରୀ ରାଜା ଥିଲେ । ଖ୍ରୀ ୧୭୪୮ରେ ରଘୁଜୀ ଭୌଁସଲା ଚନ୍ଦ୍ରପୁର ଆକ୍ରମଣ କରି ନୀଳକଣ୍ଠ ସାହଙ୍କ ପରାଜିତ କଲେ, ତାଙ୍କୁ ବନ୍ଦୀ କରି ବଲ୍ଲାରପୁର ଦୁର୍ଗରେ ରଖିଲେ । ଏହିଠାରୁ ଚନ୍ଦ୍ରପୁରର ଗୋଁଣ୍ଡ ରାଜ୍ୟ ସବୁଦିନ ପାଇଁ ପରାଧିନ ହୋଇ ମରହଟ୍ଟା ହାତକୁ ଚାଲିଗଲା ।

## ଜମିଦାର ଆହେରୀ :

ଆହେରୀ ଜମିଦାର ପାରମ୍ପାରିକ ମୁଖ୍ୟ ବା ମହାରାଜ ଭାବରେ ଅଞ୍ଚଳର ସମସ୍ତ ଗୋଁଣ୍ଡମାନେ ସମ୍ମାନ କରନ୍ତି । ଉକ୍ତ ଜମିଦାରଟି ଖ୍ରୀ. ୧୭୦୩ରେ ସୁରଜାଗଡ଼ ଦୁର୍ଗରେ ଆରମ୍ଭ ହେଲା । ଚନ୍ଦ୍ରପୁରର ରାମ ସାହଙ୍କ ଦୁଇଜଣ ଅଧସ୍ତନ କର୍ମଚାରୀ ସାଧୋ ଓ ମୁଲା ବିଦ୍ରୋହ କରିବାରୁ ତାଙ୍କୁ ଦମନ କରିବାକୁ ନିଜ ସମ୍ପର୍କୀୟ କୋକ ସାହଙ୍କୁ ସୁରଜାଗଡ଼କୁ ପଠାଇଲେ । କୋକସାହ ଦୁଇ ବିଦ୍ରୋହୀଙ୍କୁ ନିହତ କରିବାରୁ ରାମସାହ ତାଙ୍କୁ ପୁରସ୍କାର ଭାବରେ ଉକ୍ତ ଦୁର୍ଗକୁ ଦେଲେ । କୋକସାହ ନିଜ ସ୍ଥାନ ଆହେରୀକୁ ପସନ୍ଦ କରିବାରୁ ସେ ସ୍ଥାନରେ ଦୁର୍ଗ ନିର୍ମାଣ କଲେ । ଆହେରୀର ରାଜ ପରିବାର ରାଜଗୋଁଣ୍ଡ ଛଅଦେଓ ଆତ୍ରାମ ଗୋତ୍ର ଅଟନ୍ତି । ବିଶ୍ୱଶ୍ୱରାରାଓ ମହାରାଜଙ୍କ ପୁତ୍ର ସତ୍ୟବାନ ରାଓ ମହାରାଜ ବର୍ତ୍ତମାନ ଆହେରୀ ଜମିଦାର ପାରମ୍ପାରିକ ରାଜା । ବିଶ୍ୱଶ୍ୱରାଓ ଜଣେ ଶିକ୍ଷିତ ଏବଂ ପୁନା ବିଶ୍ୱବିଦ୍ୟାଳୟର ସ୍ନାତକ । ତାଙ୍କ ପୁତ୍ର ସତ୍ୟବାନ ରାଓ

ଚନ୍ଦ୍ରପୁର ଜିଲ୍ଲାର ସାମାଜିକ ମଙ୍ଗଳ କମିଟିର ଚେୟାରମ୍ୟାନ, ଜିଲ୍ଲା ପରିଷଦ ମେମ୍ବର ଅଟନ୍ତି । ସେ ପୂର୍ବରୁ ଏମ୍.ପି. ଥିଲେ ଏବଂ ଚନ୍ଦ୍ରପୁର ଜିଲ୍ଲାର / ନିର୍ବାଚନ ମଣ୍ଡଳୀର ଏମ୍.ଏଲ୍.ଏ ଥିଲେ । ନିମ୍ନରେ ତାଙ୍କ ବଂଶାବଳୀ ପାଠକମାନଙ୍କ ଗୋଚରାର୍ଥେ ଦିଆଗଲା ।

କୋକସାୟ - ଖ୍ରୀ ୧୭୦୩-୧୭୬୯

ଭୀମରାଓ ଓରଫ ଭ୍ୟାଙ୍କ ରାଓ - ଖ୍ରୀ. ୧୭୬୯-୧୮୧୮

ଭୁଜଙ୍ଗ ରାଓ - ଖ୍ରୀ. ୧୮୧୮-୧୮୪୭

ବ୍ୟାଙ୍କଟେଶ୍ୱର ରାଓ - ଖ୍ରୀ. ୧୮୪୭-୧୮୫୧

ଲକ୍ଷ୍ମୀବାଇ - ଖ୍ରୀ. ୧୮୫୧-୧୮୬୧

ମେଙ୍ଗରାଓ - ଖ୍ରୀ. ୧୮୬୧-୧୮୬୬

ସାବିତ୍ରୀ ବାଇ - ଖ୍ରୀ. ୧୮୬୬-୧୮୭୧

ଧର୍ମାରାଓ - ଖ୍ରୀ. ୧୮୭୧-୧୮୯୩

ଭୁଜଙ୍ଗ ରାଓ - ଖ୍ରୀ. ୧୮୯୩-୧୯୨୩

ଧର୍ମାରାଓ - ଖ୍ରୀ. ୧୯୨୩-୧୯୫୧

ଭିଶ୍ୱେଶ୍ୱରାଓ - ଖ୍ରୀ. ୧୯୫୧-୧୯୯୭

ସତ୍ୟବାନ ରାଓ - ଖ୍ରୀ.୧୯୯୭ -

ଆହେରୀ ଅଞ୍ଚଳର ସମସ୍ତ ଗୋଁଣ୍ଡମାନେ ବର୍ତ୍ତମାନ ମହାରାଜ ଭାବରେ ଜମିଦାରଙ୍କୁ ସମ୍ମାନ ଦିଅନ୍ତି । ସମସ୍ତ ସାମାଜିକ କାର୍ଯ୍ୟରେ, ପର୍ବପର୍ବାଣୀରେ ମହାରାଜାଙ୍କୁ ସାକ୍ଷାତ କରିବା, ପ୍ରାଚୀନ ପରମ୍ପରା ଅନୁଯାୟୀ ଭେଟି ପ୍ରଦାନ କରନ୍ତି । ଆହେରୀ ଜମିଦାର ସମସ୍ତ ସୁଖ, ସୁବିଧା ଉପଭୋଗ କରୁଛନ୍ତି ।

ମହିଁଷାମୁଣ୍ଡି, କେନ୍ଦୁଝର



# ଜାତୀୟ ଗୀତି

**ଦଶରଥ ନାଏକ**



(ରାଗ ଚୋଖି)

ଜୟ ଜୟ ବଡ଼ଦେବ ଜୟ ଜଙ୍ଗା ଲିଙ୍ଗାଦେବ
ଜୟ ଶମ୍ଭୁଶେଖ ଜୟ ମାତା ଗଉରୀ,
ଜୟ ଜୟ ଗୋଁଡାଓ୍ୱାନା ଉର୍ଦ୍ଧ୍ୱରେ ଉଡୁଛି ବାନା
ଜୟ ଷଡ଼ବଂଶୀ ନାମେ ବଢ଼ଇ ଶିରୀ ।
ସତ୍ୟ ଶାନ୍ତି ସାହସ ଗୁଣ
ପତାକାର ତେଜ ବଳେ ବଢ଼ିଛି ମାନ ।୧ ।

ଅଗ୍ରେ ଉଡ଼େ ଆମ ଝଣ୍ଡା ହସ୍ତେ ଧରି ଢ଼ାଲ ଖଣ୍ଡା
ସାହସ ଶକ୍ତି ବଳରେ ଆମରି ବଂଶ
ଗଙ୍ଗାଠାରୁ ଗୋଦାବରୀ ବିନ୍ଧ୍ୟାଞ୍ଚଳ ଇନ୍ଦ୍ରଗିରି
କରିଥିଲେ ରାଜ୍ୟ ଜୟ ବିଶେଷ ଅଂଶ
ଆମରି ଏ ଜାତି ପୁରୁବ ।
ବଢ଼ାଇଲେ ଧନ, ମାନ, ଯଶ ଗୌରବ ।୨ ।

ପୂର୍ବଜଙ୍କ ଯଶମାନ କରୁଥିଲେ ଗୁଣଗାନ
ଯେ ଯଶ ସେ ମାନ ଆଜି ଟେକରେ ଭାଇ
ଚେଇଁଉଠ ଜାଗି ଉଠ ଷଡ଼ବଂଶୀ ବୀରଶ୍ରେଷ୍ଠ
ଆମ ଜାତି ଯଶଖ୍ୟାତି ହୃଦରେ ବୋହି ।
ବଢ଼ାଅ ଏ ଜାତି ମହିମା
ସୁପଥ ସୁକର୍ମ କରି ଉଡ଼ାଅ ବାନା ।୩ ।

ଆମ ରାଜ୍ୟ ଗୋଁଡଓ୍ୱାନା ପତାକାର ଯଶମାନ
ସତ୍ୟ ଶାନ୍ତି ଦୟା କ୍ଷମା ସାହସ ଗୁଣ
ତାହା ପାଇଁ ଷଡ଼ବଂଶ ଥିଲା ଖ୍ୟାତି ମାନ ଯଶ
ଶାସନ ଯୁଗର ନାମ ଅଟେ ସୁବର୍ଣ୍ଣ
ଜାତୀୟ ପତାକାର ମାନ
ଷଡ଼ବଂଶୀ ବନ୍ଧୁଗଣ କର ସମ୍ମାନ ।୪ ।

ରାମପୁର କୁଦୋପାଲି

# ଆମେ ଗୋଁଣ୍ଡୱାନା ଗୋଁଣ୍ଡ

ଚମରା ଧରୁଆ



ଆମେ ଷଡ଼ବଂଶୀ ଉତ୍କଳର
ଚାରି ହଜାର ପାଞ୍ଚଶ ଘର
ଏ ସାରା ସଂସାରେ ଆମ ପରିଚୟ ଆମେ ଗୋଁଣ୍ଡୱାନା ଗୋଁଣ୍ଡ
ଆମେ ଗୋଁଣ୍ଡୱାନା ଗୋଁଣ୍ଡ ॥ ୦ ॥

ଆମେ ଗୁଣି ଜ୍ଞାନୀ ସାହିତ୍ୟିକ
ଯନ୍ତ୍ରୀ, ମନ୍ତ୍ରୀ, ଏମ୍.ପି. ବିଧାୟକ
ଆମର ହାତର କାଉଁରୀ ସ୍ମରଣେ ସୁନାହୁଏ ଲୁହା ଖଣ୍ଡ
ଆମେ ଗୋଁଣ୍ଡୱାନା ଗୋଁଣ୍ଡ ॥ ୧ ॥

ଆମେ ସୌନ୍ଦର୍ଯ୍ୟ ପିପାସୁଜନ
ଆମେ ଆଦିବାସୀ ଗିରୀଜନ
ଆମେରେ ସାହସୀ ଆମେରେ ନିର୍ଭିକ, ଶତ୍ରୁ ଦର୍ପ କରୁଁ ପଣ୍ଡ
ଆମେ ଗୋଁଣ୍ଡୱାନା ଗୋଁଣ୍ଡ ॥ ୨ ॥

ଆମ କର୍ମଭୂମି ଏ ଭାରତ
ଆମ ଜୀବନ ଉତ୍ସର୍ଗୀକୃତ
ଆମର ସଂସ୍କୃତି ଆମ ପରମ୍ପରା ଜୀବନର ମାନଦଣ୍ଡ
ଆମେ ଗୋଁଣ୍ଡୱାନା ଗୋଁଣ୍ଡ ॥ ୩ ॥

ଆମେ ସମାଜର ଗଉରବ
ବନ, ପ୍ରକୃତି ଆମ ବିଭବ
ବଡ଼ ଦେଓ ଆମ ଆରାଧ୍ୟ ଦେବତା ପଦେ ନଇଁଯାଏ ମୁଣ୍ଡ
ଆମେ ଗୋଁଣ୍ଡୱାନା ଗୋଁଣ୍ଡ ॥ ୪ ॥

କେତେବେଳେ ଗୋଁଣ୍ଡ କିତର ଟେକେ
କେତେବେଳେ ଗୋଁଣ୍ଡ ପତର ବିକେ
ଆମେରେ ଶାସକ ଆମ ଆଧିପତ୍ୟ ଥିଲା ଭାରତ ଭୂଖଣ୍ଡ
ଆମେ ଗୋଁଣ୍ଡୱାନା ଗୋଁଣ୍ଡ ॥ ୫ ॥

ରାଜା, ମହାରାଜା, ଜମିଦାର
ଆମ ପୂର୍ବଜ ଯେ ବଂଶଧର
ଗୋଁଣ୍ଡୱାନା କୁଇନ୍, ରାଣୀ ଦୁର୍ଗାବାଇ, ଲୋଟାଇଲେ ଶତ୍ରୁ ମୁଣ୍ଡ
ଆମେ ଗୋଁଣ୍ଡୱାନା ଗୋଁଣ୍ଡ ॥ ୬ ॥

ଅନୁସରି ସେ ଆଦର୍ଶ ପଥ
ଆଜି ନେବାରେ ଦୃଢ଼ ଶପଥ
ଶିକ୍ଷା ଦୀକ୍ଷା ପଥେ ଅଗ୍ରଣୀ ହୋଇବା, ମଦ ନ ଛୁଇଁବ ତୁଣ୍ଡ
ଆମେ ଗୋଁଣ୍ଡୱାନା ଗୋଁଣ୍ଡ ॥ ୭ ॥

ଯେହୁ ଶିକ୍ଷାଦୀକ୍ଷାରୁ ବଞ୍ଚିତ
ଜନ ସମାଜେ ହୁଏ ଲାଞ୍ଛିତ
ପଶୁସମ ତାର ଆହାର ବିହାର, ନାଗ ନୁହେଁ ସିଏ 'ଧଣ୍ଡ'
ଆମେ ଗୋଁଣ୍ଡୱାନା ଗୋଁଣ୍ଡ ॥ ୮ ॥

ସମାଜର ଯେ ନିତି ନିୟମ
ଯିଏ କିଛି ନ ପାରେ ପାଳନ
ସମାଜର ଯିଏ ଘୃଣ୍ୟ ଅପରାଧି, ବୋଲାଏ ମୂର୍ଖ, ପାଷାଣ୍ଡ
ଆମେ ଗୋଁଣ୍ଡୱାନା ଗୋଁଣ୍ଡ ॥ ୯ ॥

ଖୁଣ୍ଟପାଲି, ବାରପୁଟୁଗିଆ
ଚୁଡ଼ାପାଲି, ବଲାଙ୍ଗିର (ଓଡ଼ିଶା)
ମୋ : ୮୦୮୧୭୪୪୫୪୩

# ବୁଢ଼ାଦେଓ ବନ୍ଦନା



**ଉମାଶଙ୍କର ମାଝୀ**

ଆସ ଆସ ବୁଢ଼ା ଦେବ ଆସ ସଧିରେ
ତବ ନାମ ଜପୁଅଛି ହୃଦ କନ୍ଦରେ ॥ ୧ ॥

ତୁମ ଆରାଧନାରେ ପାପ ହୁଏ ନାଶନ
ମହିମଣ୍ଡଳରେ ତୁମ ନାମ ତ୍ରିଲୋଚନ ॥ ୨ ॥

ଯୁଗ ଯୁଗାନ୍ତରେ ପ୍ରଭୁ ଦୁଃଖିର ଈଶ୍ୱର
କି ଦ୍ରବ୍ୟ ଦେଇ ତୋଷିବି କହହେ ଠାକୁର ॥ ୩ ॥

ତୁମ କରୁଣାରେ ସୁରୁଷ୍ଟି ଏହି ଜଗତ
ସୂର୍ଯ୍ୟ, ଚନ୍ଦ୍ର, ତାରା ସବୁ ହୁନ୍ତି ଆତଯାତ ॥ ୪ ॥

ଶ୍ରେଷ୍ଠ ଦେବ ଅଟ ତୁମେ ଗଣ୍ଡ କୂଳର
ଶରଣ ପଶୁଛି ମୁଁ ପୟରେ ତୋହର ॥ ୫ ॥

ଶିକ୍ଷକ
କିକିରୀବେଡ଼ା, ଖଡ଼ିଆଳ
ନୂଆପଡ଼ା (ଓଡ଼ିଶା)
ଫୋନ୍ : ୯୬୬୮୯୮୭୧୩୨



# एक बेहतर कल के निर्माण के लिए प्रतिबद्ध

गुणवत्ता है हमारे व्यवसाय की आत्मा

हर दिन लाखों लोगों के जीवन को खुशियों का स्पर्श देते हुए इंडियनऑयल देश के ऊर्जा उद्यम क्षेत्र में अग्रणी भूमिका निभा रहा है एवं अपने सामाजिक दायित्वों को अच्छी तरह समझता है। कॉर्पोरेट सोशल रिस्पान्सिबिलिटि के तहत असंख्य पहल के साथ, स्वास्थ्य सेवा से लेकर स्वच्छता एवं सफ़ाई तक, शिक्षा से पोषण तक, बुनियादी ढांचे के विकास से समुदायिक कल्याण तक, महिला सशक्तिकरण एवं कई अन्य सामाजिक दायित्वों का निर्वहन करते हुए इंडियनऑयल राष्ट्र के प्रति अपनी प्रतिबद्धता को सुदृढ़ करने के लिए समर्पित है।

इंडियनऑयल
IndianOil

# 11th NATIONAL CONFERENCE

**25, 26 & 27 December - 2015**

**B.T.M. Ground, Jharsuguda, Odisha**




## AKHIL BHARATIYA GONDWANA GOND MAHASABHA